# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, November 11/2025 | Page 14 | ₹ 7.00

୫୧ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 345 | ମୂଲ୍ୟ ₹୭/-




**ଭାରତୀୟ ଦଳରେ ସୁନେଲିତା**

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳରେ ସୁନେଲିତା ଟପ୍ପୋଙ୍କ ସମେତ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି।

୧୪

୦୫

**ଏକାଠି ଆସିବେ ସଲମାନ-ଅଭିଷେକ**

ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ 'ରାଜା ଶିବାଜୀ' ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।



# ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ: ୮ ମୃତ

## ▪ ୨୪ ଗୁରୁତର ▪ ହାଇଆଲର୍ଟରେ ଦିଲ୍ଲୀ ▪ ଆତଙ୍କବାଦୀ ଲିଙ୍କ୍ ନେଇ ଚାଲିଛି ଖୋଳତାଡ଼





ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ସଂଘଟିତ ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ। (ଅଧିକ ଫଟୋ, ଖବର: ପୃଷ୍ଠା-୨)

**ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୂନ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା କେତେକ ଗାଡ଼ି ଜଳିଯିବା ସହ ଝରକା କାଚ ଭାଙ୍ଗିଯାଇଛି। ସହରକୁ ହାଇଆଲର୍ଟରେ ରଖାଯିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥିତି ଅନୁଧ୍ୟାନ କରୁଛି। ଗତ ୪ ଦିନ ମଧ୍ୟରେ ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହେବା ସହ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ୩ ଡାକ୍ତରଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି। ଏଥିରୁ କେତେକ ସ୍ଥାନରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିବା ଆଶଙ୍କା ରହିଥିବାବେଳେ ଦେଶର ରାଜଧାନୀ ଦିଲ୍ଲୀରେ ଘଟିଛି ବଡ଼ ବିସ୍ଫୋରଣ। ଏହି ଘଟଣା ପଛରେ ଆତଙ୍କବାଦୀ ଲିଙ୍କ୍ ଥିବା ସନ୍ଦେହରେ ଖୋଳତାଡ଼ କରାଯାଉଛି। ଏନେଇ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଏବଂ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।**

**ନୂଆଦିଲ୍ଲୀ,୧୦।୧୧**

ଦିଲ୍ଲୀ ଅଗ୍ନିଶମ ବିଭାଗ ଅନୁଯାୟୀ, ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ସମ୍ପର୍କରେ ୬ଟା ୫୫ ମିନିଟ୍‌ରେ ଖବର ମିଳିଥିଲା। ଘଟଣାସ୍ଥଳରେ ୭ଟି ଫାୟାର ଟେଣ୍ଡର ପହଞ୍ଚିଥିଲେ। ଅଫିସରଙ୍କ କହିବା ଅନୁଯାୟୀ, ପ୍ରଥମେ ୫ ମୃତଦେହକୁ ଲୋକନାୟକ ହସ୍ପିଟାଲକୁ ନିଆଯାଇଥିଲା। ସୂଚନା ଅନୁଯାୟୀ ସନ୍ଧ୍ୟା ୬ଟା ୫୨ ମିନିଟ୍‌ରେ ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନର ୧ ନମ୍ବର ଗେଟ୍ ନିକଟରେ ଥିବା କାର୍‌ରେ ବିସ୍ଫୋରଣ ହୋଇଥିଲା। ଫଳରେ ପାଖରେ ଥିବା ୩ରୁ ୪ଟି ଗାଡ଼ିରେ ନିଆଁ ଲାଗିଯିବା ସହ କ୍ଷତିଗ୍ରସ୍ତ ହୋଇଥିଲା। ଜଳୁଥିବା କାର୍‌ରୁ ଘନ ଧୂଆଁ ଉଠୁଥିବା ଦେଖାଯାଇଥିଲା। ବିସ୍ଫୋରଣ ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିସ୍ଫୋରଣ ପରେ ଏକାଧିକ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଆଖପାଖ ଦୋକାନ ଭାଙ୍ଗିଯିବା ସହ ସାମଗ୍ରୀଗୁଡ଼ିକ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଥିଲା। ଘଟଣାସ୍ଥଳ ଆଖପାଖ ଅଞ୍ଚଳରେ କେତେଜଣ ମୃତକଙ୍କ ହାତ, ଗୋଡ଼, ଅନ୍ୟ ଅଂଶ ପଡ଼ିରହିଥିଲା। ଘଟଣା ଏତେ ଭୟଙ୍କର ଥିଲା, ଯାହାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ।

ସୂଚନାଥାଉ କି ଘଟଣାସ୍ଥଳ ହେଉଛି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ। ସେଠାରେ ପ୍ରାୟତଃ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାସହ ୧୧ଶହ ମିଟର ଦୂରରେ ରହିଛି ଜାମା ମସଜିଦ୍। ସେହିପରି କିଛି ମିଟର ଦୂରରେ ରହିଛି ଗୁରୁଦ୍ୱାରା ଶିଶ୍ ଗଞ୍ଜ ସାହିବ। ଏଭଳି ଭିଡ଼ ସ୍ଥାନରେ ବଡ଼ଧରଣର ବିସ୍ଫୋରଣ ଘଟିବା ଏକ ସୁଚିନ୍ତିତ ଆତଙ୍କବାଦୀ କାଣ୍ଡ ବୋଲି ଅନେକେ ସନ୍ଦେହ ଦୃଢ଼ୀଭୂତ ହେଉଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଘଟଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଛନ୍ତି। ☞ପୃଷ୍ଠା-୪

# ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ

## ▪ ୨୯୦୦ କେ.ଜି. ବିସ୍ଫୋରକ ଜବତ ▪ ୩ ଡାକ୍ତରଙ୍କ ସମେତ ୮ ଗିରଫ





ଗିରଫ ଡା. ମୁଜାମିଲ ଓ ଡା. ଅଦିଲ୍ ରଥର୍।



ଜବତ ମାରଣାସ୍ତ୍ର।

**ଶ୍ରୀନଗର/ ଫରିଦାବାଦ, ୧୦।୧୧(ପି.ଟି.)**

ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଚାଲିଥିବା 'ହ୍ୱାଇଟ୍ କଲାର' ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହୋଇଛି। ସୁରକ୍ଷା ବଳ ଉପରୋକ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବାବେଳେ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଫଳରେ ବେଆଇନ ଘୋଷିତ ଜୈଶ-ଇ-ମହମ୍ମଦ(ଜେଇଏମ୍) ଏବଂ ଅନ୍‌ସର ଘଜୱାତ୍-ଉଲ୍-ହିନ୍ଦ୍ (ଏଜିୟୁଏଚ୍)ର ଏକ ବଡ଼ଧରଣର ଆକ୍ରମଣ ଯୋଜନାକୁ ସଫଳତାର ସହ ପଣ୍ଡ କରାଯାଇଛି। ଉକ୍ତ ଆତଙ୍କବାଦ ମଡ୍ୟୁଲ୍‌ରେ ଜେଇଏମ୍ ଏବଂଏଜିୟୁଏଚ୍ ସାମିଲ ଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି।

କଶ୍ମୀରର ଡା. ମୁଜାମିଲ୍ ଗନିଙ୍କୁ ଫରିଦାବାଦରୁ ଗିରଫ କରାଯାଇଥିବାବେଳେ ଲକ୍ଷ୍ନୌର ମହିଳା ଡାକ୍ତର ଶାହିନଙ୍କୁ ଗିରଫ କରାଯାଇ ହାଜତ ଜେରା ପାଇଁ ଶ୍ରୀନଗର ନିଆଯାଇଛି। ମହିଳା ଡାକ୍ତରଙ୍କ କାର୍‌ରୁ ଗୋଟିଏ ଏକେ-୪୭ ରାଇଫଲ୍ ଜବତ ହୋଇଛି। ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ ଏବଂ ହରିୟାଣା ପୋଲିସ ସହ କେନ୍ଦ୍ରୀୟ ଏଜେନ୍ସିର ମିଳିତ ଅଭିଯାନକୁ ଏକ ବଡ଼ ସଫଳତା ମିଳିଛି। ଏଜିୟୁଏଚ୍ ହେଉଛି ଭାରତରେ ଆଇଏସ୍ ଆତଙ୍କବାଦୀ ସଂଗଠନର ଶାଖା। ଜବତ ବୋମା ତିଆରି ସାମଗ୍ରୀ ମଧ୍ୟରେ ଆମୋନିୟମ୍ ନାଇଟ୍ରେଟ୍, ପଟାସିୟମ୍ ନାଇଟ୍ରେଟ୍ ଏବଂ ସଲ୍‌ଫର ରହିଛି। ସେଥିରୁ ୩୬୦ କିଲୋଗ୍ରାମ ଦହନଶୀଳ ପଦାର୍ଥ, ଯାହାକୁ ଆମୋନିୟମ୍ ନାଇଟ୍ରେଟ୍ ବୋଲି ସନ୍ଦେହ କରାଯାଉଛି। ଗନିଙ୍କ ହାଇଦ୍ରାବାଦସ୍ଥିତ ଭଡ଼ାଘରୁ କେତେଗୁଡ଼ିଏ ଅସ୍ତ୍ର ଓ ଗୁଳିଗୋଳା ମିଳିଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଜବତ ଅସ୍ତ୍ର ମଧ୍ୟରେ ଚାଇନା ନିର୍ମିତ ଷ୍ଟାର୍ ପିସ୍ତଲ, ବେରେଟ୍ଟା ପିସ୍ତଲ, ଏକେ-୫୬ ରାଇଫଲ, ଏକେ କ୍ରିନ୍‌କୋଭ୍ ରାଇଫଲ ସହ ସମସ୍ତ ଆଗ୍ନେୟାସ୍ତ୍ର ପାଇଁ ଆବଶ୍ୟକ ଗୁଳି ରହିଛି। ଏହା ବ୍ୟତୀତ ବିସ୍ଫୋରକ ସାମଗ୍ରୀ, ରାସାୟନିକ ପଦାର୍ଥ, ରିଏଜେଣ୍ଟ, ଦହନଶୀଳ ପଦାର୍ଥ, ଇଲେକ୍ଟ୍ରୋନିକ୍ ସର୍କିଟ, ବ୍ୟାଟେରି, ତାର, ରିମୋଟ କଣ୍ଟ୍ରୋଲ, ଟାଇମର ☞ପୃଷ୍ଠା-୪

**ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ କ'ଣ**

ବ୍ୟବସାୟୀ ଓ ସରକାରୀ ପେସାରେ ଥିବା ବ୍ୟକ୍ତି ଆତଙ୍କବାଦୀ କାର୍ଯ୍ୟ ସହ ସମ୍ପୃକ୍ତ ହେଲେ ତାହାକୁ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ କୁହାଯାଇଥାଏ। ହ୍ୱାଇଟ୍ କଲାର ଅପରାଧ ସାଧାରଣତଃ ଆର୍ଥିକ ଫାଇଦା ପାଇଁ କରାଯାଇଥାଏ ଏବଂ ଏଥିରେ ଉଚ୍ଚ ଏବଂ ମଧ୍ୟବିତ୍ତ ବର୍ଗର ଲୋକେ ସାମିଲ ହୋଇଥାନ୍ତି। ଏଥିରେ ଶାରୀରିକ ଶକ୍ତି ପରିବର୍ତ୍ତେ ପେସାଦାରୀ ଓ କର୍ପୋରେଟ୍ ସେଟିଂକୁ ବ୍ୟବହାର କରାଯାଇଥାଏ।

## ୧୫ ଡିଗ୍ରୀ ତଳେ ଭୁବନେଶ୍ୱର ସମେତ ୧୩ ସହର

**ଶୀତ ଲହରି: ୬ ଜିଲାକୁ ୟେଲୋ ୱାର୍ନିଂ**

**ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)**

ରାଜ୍ୟରେ ଏବେ ପାରଦ ତଳମୁହାଁ ରହିଛି। ଧୀରେ ଧୀରେ ଶୀତ ବଢ଼ିବା ସହ ଘନ କୁହୁଡ଼ି କାୟା ବିସ୍ତାର କରୁଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ସହ ପ୍ରବଳ ଶୀତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ସୋମବାର ଭୁବନେଶ୍ୱରରେ ରାତିର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ସେହିପରି ଫୁଲବାଣୀରେ ୧୧ ଡିଗ୍ରୀ, ଝାରସୁଗୁଡାରେ ୧୧.୬ ଡିଗ୍ରୀ, ରାଉରକେଲାରେ ୧୨.୫ ଡିଗ୍ରୀ, ଅନୁଗୋଳରେ ୧୨.୬ ଡିଗ୍ରୀ, ଢେଙ୍କାନାଳରେ ୧୩.୫ ଡିଗ୍ରୀ, କେନ୍ଦୁଝରରେ ୧୩.୮ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ☞ପୃଷ୍ଠା-୪

## ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର



**ମୁମ୍ବାଇ,୧୦।୧୧**

ବଲିଉଡ୍‌ର ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କୁ ନିକଟରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଭେଣ୍ଟିଲେଟରରେ ରଖାଯିବା ଖବର ଏକ ଗୁଜବ ବୋଲି ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍ କହିଛି। ୮୯ ବର୍ଷୀୟ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ତାଙ୍କୁ ଅବ୍‌ଜରଭେଶନରେ ରଖାଯାଇଛି। ବର୍ତ୍ତମାନ ସମୟରେ ପ୍ରିଭେସି ଜରୁରୀ ବୋଲି ଟିମ୍ କହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶ୍ରେଣୀ ବିପଦ

# ଆଜି ନୂଆପଡ଼ା ଉପନିର୍ବାଚନ ଭୋଟ

**୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨,୫୪,୪୯୭ ଭୋଟର**

**ଭୁବନେଶ୍ୱର/ନୂଆପଡ଼ା, ୧୦।୧୧ (ସୁନିତ୍ ମିଶ୍ର/ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଭୋଟିଂ ହେବ। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ରାଜ୍ୟର ପ୍ରମୁଖ ୩ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ମୋଟ୍ ୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣର ସମୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇଟି ଏନ୍‌ଏସି ଏବଂ ୨ଟି ବ୍ଲକକୁ ନେଇ ଗଠିତ ଏହି ନୂଆପଡ଼ା ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୫୪ ହଜାର ୪୯୭ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଏଠରେ ମୋଟ୍ ୩୫୮ଟି ବୁଥ୍ ରହିଥିବାବେଳେ ସେଥିରୁ ୧୦୧ଟି ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ୧୦୧ ବୁଥ୍ ମଧ୍ୟରୁ





୪୭ଟି ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ୫୪ଟି ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳ ବୋଲି କୁହାଯାଇଛି। ତେବେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ☞ପୃଷ୍ଠା-୪

## ବିହାର : ଦ୍ୱିତୀୟ ପର୍ଯ୍ୟାୟ ମତଦାନ

**ପାଟନା,୧୦।୧୧(ପି.ଟି.)**

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ଏହି ପର୍ଯ୍ୟାୟରେ ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲ। **(ଅଧିକ ରିପୋର୍ଟ: ପୃଷ୍ଠା-୫)**

# ହାଇଆଲର୍ଟରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ

**ଭୁବନେଶ୍ୱର/କଟକ/ପୁରୀ,୧୦।୧୧ (ସତ୍ୟଜିତ ରାଉତ/ ତ୍ରିନାଥ ମହାନ୍ତି/ କାର୍ତ୍ତିକ ସାହୁ/ଅଜିତ୍ ମହାନ୍ତି)**

ଦିଲ୍ଲୀରେ ଭୟଙ୍କର ବିସ୍ଫୋରଣ ଘଟଣା ଦେଶବାସୀଙ୍କୁ ଚକିତ କରିଛି। ଆତଙ୍କବାଦୀଙ୍କ ଦ୍ୱାରା ଏଭଳି ବର୍ବର କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି। ଆତଙ୍କବାଦୀମାନେ ଅନ୍ୟ କୌଣସି ସ୍ଥାନରେ ମଧ୍ୟ ଏଭଳି ନୃଶଂସ କାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଦେଶର ସୁରକ୍ଷାକୁ ନେଇ ବଡ଼ ବିପଦ ଘନେଇଥିବାବେଳେ ସବୁ ରାଜ୍ୟକୁ ସତର୍କ କରାଯାଇଛି। ଦେଶର ବିଭିନ୍ନ ସ୍ଥାନକୁ ମଧ୍ୟ ହାଇଆଲର୍ଟ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ସୁରକ୍ଷା ଦିଗକୁ ନେଇ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ହାଇଆଲର୍ଟ ☞ପୃଷ୍ଠା-୪

## ମୁଖ୍ୟମନ୍ତ୍ରୀଙ୍କ କଡ଼ା ସୁରକ୍ଷା ନିର୍ଦ୍ଦେଶ

**ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)**

ଦିଲ୍ଲୀରେ ସୋମବାର ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣ ଏବଂ ସାଧାରଣ ଲୋକଙ୍କ ଜୀବନହାନି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଘଟଣାର କଡ଼ା ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଶ୍ଚିତ ଭାବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡବିଧାନ



ମୋହନ ଚରଣ ମାଝୀ

କରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଟେଲିଫୋନ ଯୋଗେ ☞ପୃଷ୍ଠା-୪

# ଦିଲ୍ଲୀରେ ଭୟଙ୍କର ବିସ୍ଫୋରଣ



ସୋମବାର ସନ୍ଧ୍ୟାରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ କାର୍ ବିସ୍ଫୋରଣରେ କେତେକ ଗାଡ଼ି ଜଳିଯାଇଥିବା ବେଳେ ଆହତମାନଙ୍କୁ ଉଦ୍ଧାର କରାଯାଉଛି।

## ହ୍ୟୁଣ୍ଡାଇ ଆଇ୨୦ କାର୍ ମାଲିକ ଗିରଫ

ନୂଆଦିଲ୍ଲୀ,୧୦।୧୧

ଦିଲ୍ଲୀ ଲାଲ୍‌କିଲ୍ଲାରେ ଘଟିଥିବା ବିସ୍ଫୋରଣରେ ହ୍ୟୁଣ୍ଡାଇ ଆଇ୨୦ କାର୍ ବ୍ୟବହାର କରାଯାଇଥିଲା। ସେଥିରେ ହରିୟାଣା ନମ୍ବର ପ୍ଲେଟ୍ ଥିଲା। କାର୍‌ର ମୂଳ ମାଲିକ ମହମ୍ମଦ ସଲମାନଙ୍କୁ ହରିୟାଣାର ଗୁରୁଗ୍ରାମରୁ ଗିରଫ କରାଯାଇଛି। ତେବେ ସେ କାର୍‌କୁ ଓଖଲାର ଦେବେନ୍ଦ୍ର ନାମକ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ। ପରେ କାର୍‌କୁ ଅମ୍ବାଲାର ଜଣଙ୍କୁ ବିକ୍ରି କରାଯାଇଥିବା ଜଣାପଡ଼ିଛି। ସୋମବାର ସନ୍ଧ୍ୟାରେ ହୋଇଥିବା ଏହି ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହୋଇଛନ୍ତି। ପାଖରେ ଥିବା ପ୍ରାୟ ୨୨ଟି ଗାଡ଼ି ଜଳିଯାଇଛି। ଜାତୀୟ ତଦନ୍ତକାରୀ ଟିମ୍ (ଏନ୍‌ଆଇଏ) ସମେତ ଫୋରେନ୍‌ସିକ୍ ବିଶେଷଜ୍ଞମାନେ ଘଟଣାସ୍ଥଳରେ ତଦନ୍ତ ଚଳାଇଛନ୍ତି।

## ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୦।୧୧



ବିସ୍ଫୋରଣରେ ମୃତ ୮ ଜଣଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟ ଅଧିକାରୀମାନଙ୍କ ସହ ସ୍ଥିତି ସମୀକ୍ଷା କରିଛନ୍ତି। ଘଟଣା ସମ୍ପର୍କରେ ଶାହା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଦିଲ୍ଲୀ ପୋଲିସ କମିଶନର, ଏନ୍‌ଆଇଏ ଏବଂ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ନିୟମିତ ବ୍ୟବଧାନରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସ୍ଥିତି ସମ୍ପର୍କରେ ଜଣାଉଥିବା ଏକ ସୂତ୍ରରୁ କୁହାଯାଇଛି।

## ଗୁଜବଠାରୁ ଦୂରେଇ ରହିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏନେଇ ଶୋକବ୍ୟକ୍ତ କରିଛନ୍ତି। ଜନସାଧାରଣ ଶାନ୍ତ ରହିବା ସହ ଗୁଜବଠାରୁ ଦୂରେଇ ରହିବାକୁ ସେ ନିବେଦନ କରିଛନ୍ତି। ମୃତକଙ୍କ ପରିବାରକୁ ଗୁପ୍ତା ସମବେଦନା ଜଣାଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ। ଦିଲ୍ଲୀ ପୋଲିସ, ଏନ୍‌ଏସ୍‌ଜି, ଏନ୍‌ଆଇଏ ଏବଂ ଏଫ୍‌ଏସ୍‌ଏଲ୍ ଟିମ୍ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଚଳାଇଥିବା ଗୁପ୍ତା Xରେ ପୋଷ୍ଟ କରିଛନ୍ତି। ପୋଲିସ ଓ ପ୍ରଶାସନ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ କାର୍ଯ୍ୟ କରିବାକୁ ଏବଂ ଗୁଜବଠାରୁ ଦୂରେଇ ରହିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସବୁ ଦିଗରୁ ତଦନ୍ତ କରାଯାଉଛି: ଶାହା

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ଲାଲ୍‌କିଲ୍ଲାରେ ସୋମବାର ସନ୍ଧ୍ୟାରେ ଘଟିଥିବା ଭୟାବହ ବିସ୍ଫୋରଣର ସମସ୍ତ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ସମସ୍ତ ବିକଳ୍ପକୁ ଖୋଲା ରଖିଛନ୍ତି। ଜାତୀୟ ତଦନ୍ତକରୀ ସଂସ୍ଥା (ଏନ୍‌ଆଇଏ) ସମେତ ଫୋରେନ୍‌ସିକ୍ ଟିମ୍ ଏବଂ ଏନ୍‌ଏସ୍‌ଜି ପକ୍ଷରୁ ତଦନ୍ତ କରାଯାଉଛି। ହ୍ୟୁଣ୍ଡାଇ ଆଇ୨୦ କାର୍‌ରେ ହୋଇଥିବା ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ଅନେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବାବେଳେ କେତେକ ଜଳିଯାଇଛି। ଶାହା ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଆହତମାନଙ୍କୁ ଭେଟିଛନ୍ତି। ସେ ଦିଲ୍ଲୀ ପୋଲିସ୍ କମିଶନର ସତୀଶ ଗୋଲ୍‌ଚାଙ୍କୁ ଭେଟି ତାଙ୍କଠାରୁ ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି।

ଏହା ଆତଙ୍କବାଦୀ ଆକ୍ରମଣ କି ବୋଲି ପ୍ରଶ୍ନ ହେବାରୁ ଶାହା କହିଥିଲେ, ବର୍ତ୍ତମାନ ବିସ୍ଫୋରଣର କାରଣ ସମ୍ପର୍କରେ କହିବା କଷ୍ଟକର। ବିସ୍ଫୋରଣ ସ୍ଥଳରୁ ସଂଗୃହୀତ ନମୁନାକୁ ଫୋରେନ୍‌ସିକ୍ ଏବଂ ଏନ୍‌ଏସ୍‌ଜି ଅନୁଧ୍ୟାନ ନ କରିବା ପର୍ଯ୍ୟନ୍ତ ଆମେ କିଛି କହିପାରିବା ନାହିଁ। ତେବେ ସବୁ ଦିଗରୁ ତଦନ୍ତ ହେଉଛି ଏବଂ ଆତଙ୍କବାଦ ସହ ସମ୍ପୃକ୍ତିକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସେ କହିଛନ୍ତି। ବିସ୍ଫୋରଣର ବିଶ୍ଳେଷଣ ପାଇଁ ମଙ୍ଗଳବାର ଶୀର୍ଷ ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଶାହା ଯୋଗଦେବେ।



ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା।

## ବିଭିନ୍ନ ରାଜ୍ୟରେ ହାଇ ଆଲର୍ଟ

ନୂଆଦିଲ୍ଲୀ,୧୦।୧୧

ଦିଲ୍ଲୀ ବିସ୍ଫୋରଣ ପରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଆଶଙ୍କାରେ ମହାରାଷ୍ଟ୍ର, ବିହାର, ପଞ୍ଜାବ, ଉତ୍ତରପ୍ରଦେଶ, କୋଲକାତା, ଜୟପୁର, ହରିୟାଣା, ହାଇଦ୍ରାବାଦ ଓ ଉତ୍ତରାଖଣ୍ଡରେ ହାଇଆଲର୍ଟ ଜାରି ହୋଇଛି। ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସେହିପରି ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ବିହାରରେ ମଧ୍ୟ ସୁରକ୍ଷା ବଳକୁ ଆଲର୍ଟରେ ରଖାଯାଇଛି। ସେହିପରି ଉତ୍ତରପ୍ରଦେଶର ସମସ୍ତ ଜିଲା ଏବଂ ଡେରାଡୁନ୍‌ରେ ହାଇଆଲର୍ଟ ଜାରି ହୋଇଛି। ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ଓ ଯାଞ୍ଚ କରାଯାଉଛି। ଏହା ବ୍ୟତୀତ ଭାରତ-ନେପାଳ ସୀମାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି। ସେଠାକୁ ଅଧିକ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କୁ ପଠାଯାଇଛି। ରାଜସ୍ଥାନରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।



ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ।

## ବିସ୍ଫୋରଣକୁ ବିଭିନ୍ନ ଦଳର ନିନ୍ଦା

ନୂଆଦିଲ୍ଲୀ,୧୦।୧୧

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣରେ ୮ ଜଣଙ୍କ ଜୀବନ ଯିବା ସହ ଅନେକ ଆହତ ହୋଇଥିବାବେଳେ ଦଳମତ ନିର୍ବିଶେଷରେ ଏହାକୁ ନିନ୍ଦା କରାଯାଇଛି। ଏହି ଭୟାବହ ବିସ୍ଫୋରଣର ଉପଯୁକ୍ତ ତଦନ୍ତ ପାଇଁ ସେମାନେ ନିବେଦନ କରିଛନ୍ତି। ଜାତୀୟ ରାଜଧାନୀର ସୁରକ୍ଷା ସ୍ଥିତିକୁ ନେଇ ବିରୋଧୀ ଦଳଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିବା ସହ ବିସ୍ଫୋରଣ ଘଟଣାର ଉପଯୁକ୍ତ ତଦନ୍ତ ଶୀଘ୍ର କରିବାକୁ ଦାବି କରିଛନ୍ତି। ସୁରକ୍ଷାଗତ ତ୍ରୁଟିକୁ ନେଇ କଂଗ୍ରେସ ଦିଲ୍ଲୀ ସରକାରଙ୍କ ଉପରେ ଦୋଷ ଲଦିଛି। ରାଜଧାନୀ କେତେ ସୁରକ୍ଷିତ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଛି। ତେବେ ବର୍ତ୍ତମାନର ଏହି କଠିନ ସମୟରେ ଦଳ ଦେଶ ପଛରେ ଏକ ହୋଇ ଛିଡ଼ା ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବିସ୍ଫୋରଣ ଘଟଣାରେ ଦୁଃଖପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିସ୍ଫୋରଣ ଘଟଣାକୁ ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଚିନ୍ତାଜନକ ବୋଲି କହିଛନ୍ତି। ଏହା ଜାତୀୟ ସୁରକ୍ଷା ପ୍ରସଙ୍ଗ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିବା ସହ ଆମେ ଏଭଳି ଘଟଣାରେ ସରକାରଙ୍କ ସହ ଦୃଢ଼ ଭାବେ ଛିଡ଼ାହୋଇଛୁ ବୋଲି କହିଛନ୍ତି। ଦେଶର ସୁରକ୍ଷା ଏବଂ ସାର୍ବଭୌମଠାରୁ ଅନ୍ୟ କିଛି ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ତେଜସ୍ୱୀ କହିଛନ୍ତି। ଦିଲ୍ଲୀ ବିସ୍ଫୋରଣ ଅତ୍ୟନ୍ତ ଦୁଃଖଦାୟକ ଓ ଗମ୍ଭୀର ଘଟଣା ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି।

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦୁଃଖପ୍ରକାଶ କରିବା ସହ ପୋଲିସ ଏବଂ ସରକାର ଉପଯୁକ୍ତ ତଦନ୍ତ କରି ବୃହତ୍ତର ଷଡ଼ଯନ୍ତ୍ର ପଛରେ କାହାର ହାତ ରହିଛି, ଖୋଜି ବାହାର କରିବାକୁ ଦାବି କରିଛନ୍ତି। ବିସ୍ଫୋରଣ ଅତ୍ୟନ୍ତ ଚିନ୍ତାଜନକ। ଦିଲ୍ଲୀ ସୁରକ୍ଷାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆପ୍ ଆବାହକ କହିଛନ୍ତି। ଘଟଣା ଅତ୍ୟନ୍ତ ଭୟାବହ ଏବଂ ଦୁଃଖଦାୟକ ବୋଲି ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚଦେବା କହିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିସ୍ଫୋରଣ ପଛର ସତ୍ୟତା ପଦାକୁ ଆଣିବା ଏବଂ ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ଉପଯୁକ୍ତ ତଦନ୍ତ ଜରୁରୀ ବୋଲି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ କହିଛନ୍ତି।









ଦିଲ୍ଲୀରେ ବିସ୍ଫୋରଣ ପରେ ଦେଶର ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ପାଟନା ଏବଂ ଚେନ୍ନାଇ ରେଳଷ୍ଟେଶନ ବାହାରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଗାଡ଼ି ତନଖି କରାଯାଉଥିବାବେଳେ ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜା ଟର୍ମିନସ୍‌ରେ ଯାତ୍ରୀଙ୍କ ଲଗେଜ୍‌ଗୁଡ଼ିକୁ ବମ୍ ଡିସ୍ପୋଜାଲ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଉଛି।



**ଦିଲ୍ଲୀ ବିସ୍ଫୋରଣ ପରେ...**

ପୁରୀ ଶ୍ରୀମନ୍ଦିର ବାହାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇ ଅଧିକ ସଂଖ୍ୟକ ଫୋର୍ସ ମୁତୟନ କରାଯାଇଛି।



ଡିଜିପି ୱାଇ.ବି. ଖୁରାନିଆ ସୋମବାର ରାତି ୧୦ଟା ପରେ କଟକ ବାଲିଯାତ୍ରା ପଡ଼ିଆରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

# ଉପନିର୍ବାଚନ ଆଳରେ ଧାନ ସଂଗ୍ରହ ବୈଠକ ବାତିଲ

## ତେଜିଲା ଆନ୍ଦୋଳନ, ପୋଲିସ-ଚାଷୀ ମୁହାଁମୁହିଁ

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଖରିଫ୍ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଲାଣି। ଜିଲାର ସବୁ ଅଞ୍ଚଳରେ ଚାଷୀମାନେ ନିଜ କଷ୍ଟୋପାର୍ଜିତ ଧାନ ଅମଳ କରୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ ମଣ୍ଡି ଖୋଲିବା ତ ଦୂରର କଥା, ଜିଲାର ପ୍ରାୟ ୫ହଜାର ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ସୋମବାର ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକ ଡକାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଆଳ ଦେଖାଇ ଉକ୍ତ ବୈଠକକୁ ବାତିଲ କରାଯାଇଛି। ଏ ନେଇ ଚାଷୀ ଆନ୍ଦୋଳନ ତେଜି ଉଠିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁସଂଖ୍ୟକ ଚାଷୀ ସମବେତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାପାଳ ଆଦିତ୍ୟ ଗୋୟଲ ଚାଷୀ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ। ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଅସନ୍ତୁଷ୍ଟ ଚାଷୀମାନେ ଧସେଇ ପଶିବାକୁ ଉଦ୍ୟମ କରିଥିବାବେଳେ ପୋଲିସ-ଚାଷୀ ମୁହାଁମୁହିଁ ହୋଇଥିଲେ। ଖବର ଲେଖାହେବା ସୁଦ୍ଧା(ରାତି ୯ଟା ଯାଏ) ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା ଜାରି ରହିଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା।

ଖରିଫ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନବିକ୍ରି ପଞ୍ଜୀକରଣ ନୀତି ଅଣାଯାଇଥିଲା। ଏଥିରେ ଚାଷୀଙ୍କ ବଂଶାବଳୀକୁ ବାଧ୍ୟତାମୂଳକ କରାଯାଇଥିଲା। ଫଳରେ ସେତେବେଳଠୁ ଚାଷୀଙ୍କୁ ଏହା ଅଡୁଆ ସାଜିଥିଲା ଏବଂ ଧାନବିକ୍ରି ପଞ୍ଜୀକରଣ ସରଳୀକରଣ କରିବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଚାଷୀଙ୍କ ଚାପରେ ସରକାର ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିଥିଲେ ସୁଦ୍ଧା ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଅନେକ ଚାଷୀ ସେଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଚାଷୀ ସଙ୍ଗଠନଗୁଡ଼ିକ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫେରାଦ ହୋଇଥିଲେ। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକମାନଙ୍କୁ ମଧ୍ୟ ଲେଖି ଜଣାଇଥିଲେ। ଏମ୍‌ପି ପ୍ରଦୀପ ପୁରୋହିତ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ତଥାପି ତାହା ଫଳପ୍ରଦ ହୋଇନାହିଁ।

ଅନ୍ୟପଟେ ସୋମବାର ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଡକାଯାଇଥିଲା। ବୈଠକକୁ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧିମାନେ ମଧ୍ୟ ପହଞ୍ଚିଥିଲେ। ଅପରପକ୍ଷେ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନେ ମଧ୍ୟ ସେମାନଙ୍କ ସମସ୍ୟା ଜଣାଇବାକୁ ଆସିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧି ଲାଗି ଧାନ ସଂଗ୍ରହ କମିଟି ବୈଠକକୁ ସ୍ଥଗିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ଏହି ବୈଠକ ହେବ ବୋଲି ଜିଲାପାଳ ଗୋୟଲ କହିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଆସନ୍ତା ୧୫ତାରିଖ ପରେ ସମସ୍ତ ଚାଷୀ ପଞ୍ଜୀକୃତ ହେବେ ଏବଂ କୌଣସି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ ନାହିଁ ବୋଲି ସେ କହିଥିଲେ। ନୂଆପଡ଼ାରେ ଉପନିର୍ବାଚନ ଚାଲିଥିବାବେଳେ ବରଗଡ଼ରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଧାନ ସଂଗ୍ରହ କମିଟି ବୈଠକରେ ଆଦର୍ଶ ଆଚରଣବିଧି ଉଠାଯିବାକୁ ନେଇ ଆନ୍ଦୋଳନ ତେଜି ଉଠିଥିଲା। ନୂଆପଡ଼ାରେ ଉପନିର୍ବାଚନ ହେଉଥିବାବେଳେ ବରଗଡ଼ରେ ଧାନ ସଂଗ୍ରହ କମିଟି ବୈଠକ ପାଇଁ ଆଦର୍ଶ ଆଚରଣବିଧି ଆଳ ଗ୍ରହଣୀୟ ନୁହେଁ ଏବଂ ନିର୍ବାଚନ କମିଶନରଙ୍କ ଗାଇଡଲାଇନରେ ଏହା ଉଲ୍ଲେଖ ନାହିଁ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି।

ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରାଯିବା, ଏଟିଏମ୍ ଭଳି ଚାଷୀଙ୍କୁ ଦିଆଯାଉଥିବା ଟୋକନକୁ ବ୍ୟବହାର କରାଯିବା, ମଣ୍ଡିଗୁଡ଼ିକ ଛୋଟ ଏବଂ ସବୁ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, କଟ୍‌ନୀଛଟ୍‌ନୀ ବନ୍ଦ କରାଯିବା, ମଣ୍ଡିକୁ ଧାନ ଆସିବାର ୪୮ଘଣ୍ଟା ମଧ୍ୟରେ ଗୁଣମାନ ପରୀକ୍ଷା କରି ଧାନ କିଣାଯିବା ବ୍ୟବସ୍ଥା କରାଯିବା ଏବଂ ଆବଶ୍ୟକ ଅନୁସାରେ ମିଲ୍‌କୁ ପଠାଯିବା, ପ୍ରତ୍ୟେକ ମଣ୍ଡିରେ ଏଜେଣ୍ଟ ଏବଂ ଦଲାଲରାଜ ବନ୍ଦ କରାଯିବା, ଜିଲାପାଳଙ୍କୁ ଧାନ ସଂଗ୍ରହ ନୀତିର ପୂର୍ଣ୍ଣ କ୍ଷମତା ପ୍ରଦାନ କରିବାକୁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ଏହି ଦାବି ସମୂହ ନେଇ ଚାଷୀମାନେ ଆନ୍ଦୋଳନ କରିଥିବାବେଳେ ଜିଲାପାଳ ଗୋୟଲ ୧୦ଜଣିଆ ଚାଷୀ ପ୍ରତିନିଧିଙ୍କୁ ସନ୍ଧ୍ୟା ପ୍ରାୟ ୬ଟାରେ ନିଜ କାର୍ଯ୍ୟାଳୟକୁ ଡାକିଥିଲେ। ମାତ୍ର ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀ ପଞ୍ଜୀକରଣ ନେଇ ଠୋସ୍ ପ୍ରତିଶ୍ରୁତି ନ ପାଇବାରୁ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି।

# ୨୭ରେ ବିଧାନସଭା ଆସିପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଗୃହ କାର୍ଯ୍ୟ ଆରମ୍ଭ ଦିନ ନିଜର ଅଭିଭାଷଣ ରଖିବେ ରାଷ୍ଟ୍ରପତି ମୁର୍ମୁ
- ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, କେବଳ କାର୍ଯ୍ୟସୂଚୀକୁ ଅପେକ୍ଷା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଆସନ୍ତା ୨୭ରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ହିଁ ରାଷ୍ଟ୍ରପତି ବିଧାନସଭା ଯାଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଚର୍ଚ୍ଚା ହେଉଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି, ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଆସିବା ଲାଗି ନିମନ୍ତ୍ରଣ କରାଯାଇଛି। ହେଲେ ରାଷ୍ଟ୍ରପତି ଭବନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ନେଇ ସୂଚନା ଆସିବା ପରେ ହିଁ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ପାଇଁ ସରକାର ଅପେକ୍ଷା କରିଥିବା ବେଳେ ଏହା ପୂର୍ବରୁ ବିଧାନସଭା ପରିସରକୁ ସଫାସୁତୁରାଠାରୁ ନୂଆ ରଙ୍ଗ ଲଗାଯିବା ଆରମ୍ଭ କରିଦିଆଯାଇଛି। ଅନ୍ୟପଟେ ଭାରତର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଦ୍ରୌପଦୀ ମୁର୍ମୁଙ୍କର ଏହା ପ୍ରଥମ ଥର ବିଧାନସଭାକୁ ଗସ୍ତ କାର୍ଯ୍ୟକ୍ରମ ହେବ। ତେଣୁ ଅଧିବେଶନ ଆରମ୍ଭ ଦିନ ସେ ଗୃହରେ ନିଜର ଅଭିଭାଷଣ ରଖିବେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସେପରି ନିର୍ଦ୍ଦିଷ୍ଟ ଭାବେ କୌଣସି ଖବର ଦିଆଯାଇ ନାହିଁ।

# ୨୭ରୁ ଶୀତ ଅଧିବେଶନ

ଭୁବନେଶ୍ୱର,୧୦।୧୧
(ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ୨୮ରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ପ୍ରଥମଥର ପାଇଁ ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ରହିଥିବାବେଳେ ୨୯ଟି କାର୍ଯ୍ୟଦିବସ ରହିଛି। ସେଥିମଧ୍ୟରେ ୫ଟି ପ୍ରାଇଭେଟ ମେମ୍ବର ବିଜ୍‌ନେସ୍ ରହିଥିବାବେଳେ ଅନ୍ୟସବୁ ସରକାରୀ କାର୍ଯ୍ୟ ଦିବସ ରହିଛି। ସେହିପରି ଅତିରିକ୍ତ ବଜେଟ ଲାଗି ଡିସେମ୍ବର ୮ରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବାକୁ ରହିଥିବାବେଳେ ତିନିଦିନ ଧରି ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ଏହି ଅଧିବେଶନ କାଳରେ ୬ଟି ଛୁଟି ପଡୁଛି। ଶୀତ ଅଧିବେଶନକୁ ନେଇ ବିଧାନସଭା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୃହ କିଭଳି ସୁରୁଖୁରୁରେ ଚାଲିବ ସେଥିପାଇଁ ସରକାରଙ୍କ ପକ୍ଷରୁ କସରତ ଆରମ୍ଭ ହୋଇଛି।

# ମଧ୍ୟାହ୍ନଭୋଜନରେ ମାଣ୍ଡିଆ ସାମିଲ ହେଉ: ଶିବରାଜ

## ମାଣ୍ଡିଆ ମିଶନ ମହିଳା ଚାଷୀଙ୍କୁ ସଶକ୍ତ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

ଭାରତର ମାଣ୍ଡିଆ ଆନ୍ଦୋଳନକୁ ଲୋକମୁଖୀ ଅଭିଯାନ ରୂପେ ପରିବର୍ତ୍ତନ କରିବାରେ ଓଡ଼ିଶା ଉଦାହରଣ ଭାବେ ଯୋଗଦାନ କରିଛି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ତି। ସୋମବାର ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ମାଣ୍ଡିଆ ଦିବସ ଉତ୍ସବର ଉଦ୍‌ଘାଟନ କରି ସେ କହିଛନ୍ତି, ମାଣ୍ଡିଆ ଦିବସ କେବଳ ଉତ୍ସବର ଦିନ ନୁହେଁ, ଏହା ଶ୍ରୀ ଅନ୍ନ ପ୍ରଚାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅଭିଯାନ। ସେ କହିଛନ୍ତି ଯେ, ଶ୍ରୀ ଅନ୍ନ କେବଳ ଏକ ଶସ୍ୟ ନୁହେଁ, ଏହା ପୁଷ୍ଟି, ଜଳ ସଞ୍ଚୟ, ପରିବେଶ ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ଉନ୍ନତିର ପ୍ରତୀକ। ମାଣ୍ଡିଆ ଶରୀରକୁ ଯେପରି ପୋଷଣ ଦେଇଥାଏ, ସେପରି ପୃଥିବୀକୁ ମଧ୍ୟ ସୁରକ୍ଷା କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱ ତଳେ ମାଣ୍ଡିଆ ଏବେ ବିଶ୍ୱସ୍ତରରେ ପରିଚିତ ହୋଇଛି ବୋଲି ଚୌହାନ୍ କହିଛନ୍ତି।

ଏହି ଅବସରରେ ଚୌହାନ୍ ବିଜ୍ଞାନୀମାନଙ୍କୁ ଗବେଷଣା ଓ ପ୍ରୋସେସିଂ ପ୍ରଯୁକ୍ତିବିଦ୍ୟାରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ମାଣ୍ଡିଆ ଚାଷ ଅନ୍ୟ ଫସଲ ତୁଳନାରେ ଅଧିକ ଶସ୍ତା। ଏହାକୁ ପୌଷ୍ଟିକ ଯୋଜନାଗୁଡ଼ିକରେ ସମ୍ମିଳିତ କରିବାକୁ ସେ ଉତ୍ସାହ ଦେଇଛନ୍ତି। ଶିଶୁମାନଙ୍କ ପାଇଁ ମଧ୍ୟାହ୍ନଭୋଜନରେ ମାଣ୍ଡିଆ ମିଶାଯିବା ଉଚିତ ଓ ସମସ୍ତ ଶାସନ ବିଭାଗରେ ମାଣ୍ଡିଆ ଆଉଟ୍‌ଲେଟ ଖୋଲିବା ଦରକାର ବୋଲି ମନ୍ତ୍ରୀ ଚୌହାନ୍ କହିଛନ୍ତି। ସେ ଓଡ଼ିଶାର ମହିଳା କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ପ୍ରଶଂସା କରିଥିଲେ।

ପ୍ରତିନିଧିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବିଭିନ୍ନ କୃଷି ଯୋଜନାର ସଫଳ କାର୍ଯ୍ୟାନୁଷ୍ଠାନ ହୋଇଛି ଏବଂ ଅନେକ ଲକ୍ଷ କୃଷକ ଲାଭାନ୍ୱିତ ହୋଇଛନ୍ତି। ପୌଷ୍ଟିକତାରେ ସମୃଦ୍ଧ ମାଣ୍ଡିଆ ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ହେବା ସହ ମାଣ୍ଡିଆ ମିଶନ ମାଧ୍ୟମରେ ଓଡ଼ିଶାର ଛୋଟ ଏବଂ ମହିଳା କୃଷକମାନେ ଦ୍ରୁତ ଅଗ୍ରଗତି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥାନର ମହାନିର୍ଦ୍ଦେଶକ ଡକ୍ଟର ଇଭୋନ ପିଣ୍ଟୋ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଏବଂ ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷା ଡକ୍ଟର ସୌମ୍ୟା ସ୍ୱାମୀନାଥନ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରଠାରେ ମାଣ୍ଡିଆ ଦିବସ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ୍। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷା ଡକ୍ଟର ସୌମ୍ୟା ସ୍ୱାମୀନାଥନ୍, କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ।

ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ। ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଶାବରୀ ସାଂସ୍କୃତିକ ସମାଜର ଏକବିଂଶତିତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଓ ମୀନା ବଜାର, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନତ୍ରିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ୭ମ ବାଟାଲିୟନ ସ୍ପୋର୍ଟ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଯାନ୍ତ୍ରିକ ଭବନ, ସତ୍ୟନଗର, ସମୟ: ମଧ୍ୟାହ୍ନ୧୨ଟା।
- ସ୍ୱାଭିମାନ ପକ୍ଷରୁ ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ ସଂକ୍ରାନ୍ତ ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବେଣ୍ଣୁପୁର ପୁରୁଣା ପାଟଣାସ୍ଥିତ ମା'ଜାଗୁଳାଇଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ସୃଜନୀ ଅନୁଷ୍ଠାନ ପକ୍ଷରୁ ନାରାୟଣ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଓକିଲ ସଂଘ ଓ ରାଜ୍ୟ ପୂଜ୍ୟପୂଜା ଟ୍ରଷ୍ଟ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଜ୍ୟୋତିର୍ବିଦ୍, ଲେଖକ ତଥା ଆଇନଜୀବୀ ରେବତୀକାନ୍ତ ଶାସ୍ତ୍ରୀଙ୍କ ଅଷ୍ଟଦଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଟାଇମ୍ ଟୁ ସାଇନ୍ ପକ୍ଷରୁ 'ବାପା ! ଭାରି ମନେ ପଡ଼େ ତୁମ କଥା' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ରାଷ୍ଟ୍ରୀୟ ସନାତନ ଅଧିବେଶନ, ସ୍ଥାନ: ପୌର ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ନେଇ ପୁରୀ କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ଜିଲା କଂଗ୍ରେସ ଭବନ, ଭିଆଇପି ରୋଡ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନିଆଳି ମାଧବ ପୀଠରୁ ଶ୍ରୀକ୍ଷେତ୍ରକୁ ପୋଢୁଆଁ ଭାର ଯାତ୍ରା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- 'ହୃଦୟରେ କଳାକାର', ସ୍ଥାନ: ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ସିଗ୍‌ମା ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ଖେଳପଡ଼ିଆ, ସମୟ: ସକାଳ ୮ଟା।
- କୁଷ୍ଠରୋଗ ନିରାକରଣ ଅଭିଯାନ ବୈଠକ, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ସିଆର୍‌ପି ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବ୍ଲକ ମିଶନ ଶକ୍ତି ଗୃହ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: କଳାପାହାଡ଼ ଛକ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଏମଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ତାଲିମ ବୈଠକ, ସ୍ଥାନ: ହାଟଡ଼ିହି ବ୍ଲକ, ସମୟ :ପୂର୍ବାହ୍ନ ୧୧ଟା।
- ସାଇବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଭଜନ ସମ୍ମିଳନୀ, ସ୍ଥାନ : ମଠ କପୁଣ୍ଡି, ହାଟଡ଼ିହି, ସମୟ : ସନ୍ଧ୍ୟା ୫ ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା ସାଇକେଲ ରାଲି, ସ୍ଥାନ: ବଡ଼ବିଲସ୍ଥିତ କିରିବୁରୁ ଛକ, ସମୟ : ସକାଳ ୮ ଟା ୩୦।

## ମୟୂରଭଞ୍ଜ

- ଜିଲା କଂଗ୍ରେସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଜୁନିୟର ଡ୍ୟାନ୍ସ ଗ୍ରୁପ୍‌ର ଫାଇନାଲ କାର୍ଯ୍ୟକ୍ରମ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ ଯାତ୍ରା ପଡ଼ିଆ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଦାରିଙ୍ଗବାଡ଼ି ହେଲିପ୍ୟାଡ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ : ସକାଳ ୯ ଟା ।

## ଢେଙ୍କାନାଳ

- କବି ବୁଦ୍ଧଦେବ ନାୟକଙ୍କ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଭବନ, ସମୟ: ଅପରାହ୍ନ ୩ଟା

## ଅନୁଗୋଳ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅବସରରେ ଚାଷୀ ଓ ବିଶେଷଜ୍ଞଙ୍କ ସହ ଆଲୋଚନା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ଯୁବମହୋତ୍ସବ ପାଇଁ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଘଟିକା।

## ଜଗତ୍‌ସିଂହପୁର

- ନୀଳାଚକ୍ର ୟୁଥ୍ କ୍ଲବ ପକ୍ଷରୁ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଉଡ଼ିଆ ନଦୀ ବନ୍ଧ, ଲକପଡ଼ା ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ ଟା।
- ଫାଇନାନ୍ସିଆଲ ଲିଟେରାସି କ୍ୟାମ୍ପ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜା ଉତ୍ସବ, ସ୍ଥାନ:ପିତାପଲ୍ଲୀ, ମହାକାଳପଡା, ସମୟ:ସଂଧ୍ୟା ୬ଟା ।
- ଶ୍ରୀ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ବେଲତଳ, ପଟ୍ଟାମୁଣ୍ଡାଇ, ସମୟ- ସଂଧ୍ୟା ୬ଟା ।

## ଯାଜପୁର

- ରାହାସ କୁଞ୍ଜ ଯାତ୍ରା, ସ୍ଥାନ : ରସୁଲପୁର ବ୍ଲକର ହରିପୁର ଜଗନ୍ନାଥ ମଠ ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା ।

## ରାୟଗଡ଼ା

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ହାଇସ୍କୁଲ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ପୋଲିସ ପ୍ରଶାସନ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ରାଜସ୍ୱ ବିଭାଗର ମାସିକ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧାନ କିଣା ୨୦୨୫-୨୬ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୪ଟା।

## କୋରାପୁଟ

- କିଶୋରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା ଭାଜପା ପକ୍ଷରୁ ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ମୈଥିଳୀ ମହାପାତ୍ରଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା ।

## ରାଉରକେଲା

- ୪ର୍ଥ ଜାତୀୟ ଇଏମ୍‌ଆରଏସ୍ କ୍ରୀଡ଼ା ସମାବେଶ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୮ଟା।
- ମୋ ଶିକ୍ଷା ଅଭିଯାନ, ସ୍ଥାନ: ସେକ୍ଟର-୫ ଅଭିରାମପାଲୀ, ସମୟ: ସକାଳ ୯ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠଗାର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲା ପରିଷଦ ଗ୍ରାମୀଣ ଗୃହ ନିର୍ମାଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼, ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଗୋକୁଳାଷ୍ଟମୀ ମହୋତ୍ସବର ତୃତୀୟ ଦିନ, ସ୍ଥାନ: କଂସାରୀ ପଡା, ବିନିକା, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ସାମାଜିକ ସ୍ତରରେ ଆଦରଣୀୟ ହେବେ ଓ ଲୋକସମ୍ପର୍କ ବଢ଼ିବ। ସଭାସମିତିରେ ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କର୍ମାରମ୍ଭ ସକାଶେ ଉତ୍ସାହିତ ରହିବେ। ପାରିବାରିକ କ୍ଷେତ୍ର, ପରିବହନ ଏବଂ ଯୋଗାଯୋଗରୁ ବ୍ୟତିକ୍ରମର ସାମ୍ନା କରିବେ। ଅର୍ଥ ସଙ୍କଟ ଥିଲେ ମଧ୍ୟ ସରକାରୀ ସାହାଯ୍ୟ ପାଇବେ।

**ବୃଷ** ରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ମୃଦୁମନ୍ଦ ଗତିରେ କର୍ମସମ୍ପାଦନ କରିବେ। ବିଜାତୀୟ ବ୍ୟକ୍ତିଙ୍କ ସହାୟତାରେ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟିହେବ। ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ** ଦୁଃସ୍ଥାନସ୍ଥ ବୁଧ ଓ ମଙ୍ଗଳ ବନ୍ଧୁଙ୍କ ସହ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। କୌଣସି ଦୁଃଖାନ୍ତକ ଖବର ମନକୁ ନିସ୍ତେଜ କରିଦେବ। ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପାରିବାରିକ ସ୍ତରରେ ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନାହିଁ।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସାଙ୍ଗକୁ ଆପଣଙ୍କ ଆଶା ପୂରଣ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନରେ ଆଶାତୀତ ସଫଳତା ପାଇବେ। ଆଜିର କର୍ମାରମ୍ଭ ପ୍ରୀତିପଦ ହେବ।

**ସିଂହ** ରବିଙ୍କ ଦୁର୍ବଳତା ସାଙ୍ଗକୁ ଶୁକ୍ର ସମ୍ପର୍କ ପ୍ରଭାବରୁ କୌଣସି ପଡ଼ୋଶିନୀ କିମ୍ବା ହିତୈଷୀ ମହିଳାଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କୁ ପଛକୁ ଫେରିଚାହିଁବା ପରିସ୍ଥିତି ମଧ୍ୟ ସୃଷ୍ଟି ହେବନାହିଁ। କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟିହେବା ବହୁ ସମ୍ଭାବନା ରହିଛି।

**କନ୍ୟା** ଶନିଙ୍କ ଦୃଷ୍ଟି ଆପଣଙ୍କୁ ଶାରୀରିକ ଏବଂ ମାନସିକ ଦୃଷ୍ଟିକୋଣରୁ ଶିଥିଳତା ପ୍ରଦାନ କରିପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ କାମ ହାସଲ ପାଇଁ ଖର୍ଚ୍ଚାନ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ କାମ ସମ୍ପନ୍ନ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ । ଆଜି ଯାତ୍ରା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନାହିଁ ।

**ତୁଳା** ଆଜିର ଗ୍ରହଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନଜନକ ସ୍ଥିତିରେ ରଖିବା ସାଙ୍ଗକୁ ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିବେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। କିନ୍ତୁ ମୁଖଭାବରେ ବୁଧ ଓ ମଙ୍ଗଳଜନିତ ଶାଣିତ ବ୍ୟବହାର ବନ୍ଧୁସମ୍ପର୍କକୁ କ୍ଷୁଣ୍ଣ କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଭାଗ୍ୟ ସ୍ଥାନରେ ଭାଗ୍ୟାଧିପତି ସହ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରେ ଉନ୍ନତମାନର ଯୋଜନାକୁ ବାସ୍ତବରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ପ୍ରତୀକ୍ଷିତ ଶୁଭଖବର ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି।

**ଧନୁ** ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମକ୍ଷେତ୍ରରେ ପ୍ରବୃତ୍ତ ହେବେ। ଶନିଙ୍କ ପ୍ରଭାବରୁ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ। ଆଇନ ଅଦାଲତ କ୍ଷେତ୍ରରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିପାରେ।

**ମକର** ସପ୍ତମସ୍ଥ ଗ୍ରହମାନେ ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ କରାଇପାରନ୍ତି। ଦୀର୍ଘଦିନରୁ ଦେଖି ନ ଥିବା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟିହେବ। ସାହିତ୍ୟ ସାଧନାରେ, ସାମ୍ବାଦିକତାରେ ସଫଳତା ମିଳିବ। ପରିବାର ଭିତରେ, ପରିବହନରେ ଏବଂ ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ରାହୁଙ୍କ ସଂସ୍ଥିତିରୁ ପୃଷ୍ଠ ସାହାଯ୍ୟ ବଳରେ ପ୍ରତ୍ୟେକ ସମସ୍ୟା ସମାଧାନରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ।

**ମୀନ** ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହି ନ ପାରେ। ନିକଟତର ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁଙ୍କ ସମର୍ଥନ ରହିବ।

ଆଜି ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମାର୍ଗଶିର କୃଷ୍ଣ ସପ୍ତମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୫୬ ଗତେ, ଘ.୦୬।୪୧ ମଧ୍ୟେ, ଘ.୦୮।୪୩ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୧୭ ଗତେ, ଘ.୦୩।୪୧ ମଧ୍ୟେ ରାହୁକାଳ ।

# ଲାଲ୍‌କିଲ୍ଲା ନିକଟରେ ...

ବିସ୍ଫୋରଣସ୍ଥଳକୁ ପରିଦର୍ଶନ କରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କହିଛନ୍ତି, ସବୁ ଦିଗରୁ ତଦନ୍ତ କରାଯିବ, ଦିଲ୍ଲୀ କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ମୁଖ୍ୟ ଘଟଣାସ୍ଥଳରେ ଅଛନ୍ତି। ଏନ୍‌ଏସ୍‌ଜିଓ ଏନ୍‌ଆଇଏକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସବୁ ସିସିଟିଭି ଯାଞ୍ଚ ପାଇଁ କୁହାଯାଇଛି। ଘଟଣାପଛରେ ଏକ ହ୍ୟୁଣ୍ଡାଇ ଆଇ-୨୦ କାର୍ ରହିଥିବା କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଉକ୍ତ କାର୍‌ରେ ୩ଜଣ ଥିଲେ। ତେବେ ସେମାନେ କିଏ ସେନେଇ ତଦନ୍ତ ଚାଲିଛି। ତେବେ କାର୍‌ଟି ହରିୟାଣାର। ଏହାର ନମ୍ବର ହେଉଛି ଏଚ୍‌ଆର୍‌୨୬ସିଇ ୭୬୭୪। ଏହା ମହମ୍ମଦ ସଲମାନଙ୍କ ନାମରେ ରହିଥିବା ହରିୟାଣାର ଗୁରୁଗ୍ରାମ ପୋଲିସ କହିଛି। ସଲମାନଙ୍କୁ ପଚରାଉଚରା ପରେ ସେ ଉକ୍ତ କାର୍‌କୁ ଜମ୍ମୁକଶ୍ମୀରର ପୁଲୱାମାର ତାରିକ୍ ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା କହିଛନ୍ତି। ତେବେ ତାରିକ୍ ଉକ୍ତ କାର୍‌କୁ ଆଉ କାହାକୁ ବିକ୍ରି କରିଛନ୍ତି କି ନାହିଁ ସେନେଇ ତଦନ୍ତ ଜାରି ରହିଛି।

ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଲୋକନାୟକ ହସ୍ପିଟାଲରେ ଆହତମାନଙ୍କୁ ଭେଟିବା ସହ ଡାକ୍ତରୀ ଟିମ୍ ସହିତ ଆଲୋଚନା କରିଛନ୍ତି। ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ସବୁ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ କର୍ତ୍ତୃପକ୍ଷ ହାଇଆଲର୍ଟ ହୋଇ ଜନଗହଳିପୂର୍ଣ୍ଣ ଅଞ୍ଚଳ, ସମ୍ବେଦନଶୀଳ ସ୍ଥାନ, ପର୍ଯ୍ୟଟନସ୍ଥଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଆପଣାଇଛନ୍ତି। ଦିଲ୍ଲୀ ମେଟ୍ରୋ, ଲାଲକିଲ୍ଲା, ସରକାରୀ କୋଠା ଏବଂ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ସମଗ୍ର ଦିଲ୍ଲୀ-ଏନ୍‌ସିଆର୍‌କୁ ସିଆଇଏସ୍‌ଏଫ୍ ଜଗି ରହିଛି। ଓଡ଼ିଶାରେ ମଧ୍ୟ ଭୁବନେଶ୍ୱର, କଟକ, ପୁରୀ ଶ୍ରୀମନ୍ଦିର, ବେଳାଭୂମି ସମେତ ପ୍ରମୁଖ ସହର ଓ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବାଲିଯାତ୍ରା ଚାଲିଥିବାରୁ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଘଟଣା ପରେ ଆମେରିକା ଦୂତାବାସ ପକ୍ଷରୁ ଏହାର ନାଗରିକମାନଙ୍କ ପାଇଁ ସତର୍କ ପରାମର୍ଶ ଜାରି କରାଯାଇଛି। ଲାଲକିଲ୍ଲା ଆଖପାଖ, ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ପ୍ରାୟତଃ ପର୍ଯ୍ୟଟକମାନେ ଯାଉଥିବା ସ୍ଥାନଗୁଡ଼ିକରେ ଆଲର୍ଟ ରହିବାକୁ ଦୂତାବାସ ପକ୍ଷରୁ କୁହାଯାଇଛି। ଏହାସହ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗଣମାଧ୍ୟମ ସୂଚନାକୁ ଗୁରୁତ୍ୱ ଦେବାକୁ ଆମେରିକା ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି।

# ହ୍ୱାଇଟ୍ କଲାର ଆତଙ୍କବାଦ ...

ଏବଂ ମେଟାଲ ଶିଟ୍ ଜବତ ହୋଇଛି। ଗନି ହରିୟାଣାର ଅଲ୍ ଫଲାହ ୟୁନିଭର୍ସିଟିରେ ଶିକ୍ଷକ ଥିବାବେଳେ ଶ୍ରୀନଗରରେ ଜେଇଏମ୍‌କୁ ସମର୍ଥନ କରି ପୋଷ୍ଟର ଲଗାଇବାରେ ସେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ କଶ୍ମୀର ପୋଲିସର ୱାଣ୍ଟେଡ୍ ତାଲିକାରେ ଥିଲେ। ଗିରଫ ୮ ଜଣଙ୍କ ମଧ୍ୟରୁ ୭ ଜଣ କଶ୍ମୀରର। ଅରିଫ ନିସାର ଦର ଓରଫ ସହିଲ, ୟାସିର-ଉଲ୍-ଅଶ୍ରଫ ଏବଂ ମକସୁଦ ଅହମଦ ଦର ଓରଫ ଶହିଦଙ୍କ ଘର ଶ୍ରୀନଗରର ନାଓଗାମ୍ ହୋଇଥିବାବେଳେ ମୌଲବୀ ଇର୍ଫାନ ଅହମଦଙ୍କ ଘର ଶୋପିଆନ, ଜମିର ଅହମଦ ଅହଙ୍ଗେର ଓରଫ ମୁତ୍‌ଲାଶାଙ୍କ ଘର ଗଣ୍ଡରବାଲର ୱାକୁରା। ଡ. ମୁଜାମିଲ୍ ଅହମତଦ ଗନି ଓରଫ ମୁସାଇବଙ୍କ ଘର ପୁଲ୍‌ୱାମା ଏବଂ ଡ. ଆଦିଲଙ୍କ ଘର କୁଲ୍‌ଗାମ୍‌ର ୱାନ୍‌ପୋରା ବୋଲି ଜଣାପଡ଼ିଛି। ଡା. ଶହିନଙ୍କ ଘର ଲକ୍ଷ୍ନୌରେ। ଗନି ଏବଂ ଆଦିଲଙ୍କ ଫୋନ୍‌ରୁ ବହୁ ପାକିସ୍ତାନୀ ନମ୍ବର ମିଳିଛି। ସେମାନେ ଆତଙ୍କବାଦୀ ନେଟ୍‌ୱର୍କର ପରିଚାଳକ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

ଗତ ମାସ ୧୯ରେ ଶ୍ରୀନଗରର ବୁନ୍‌ପୋରା ନାଓଗାମ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜେଇଏମ୍‌ର ଏକାଧିକ

## ପ୍ରଥମ ପୃଷ୍ଠାରୁ...

ପୋଷ୍ଟର ଲଗାଯାଇ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦିଆଯାଇଥିଲା। ଏହା ଉପରେ ତଦନ୍ତ ଚାଲୁଥିବାବେଳେ ଆନ୍ତଃରାଜ୍ୟ ଟେରର ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଉନ୍ନତ ପେସାରେ ଥିବା ବ୍ୟକ୍ତିବିଶେଷ ଏବଂ ଛାତ୍ରମାନେ ପାକିସ୍ତାନ ଓ ଅନ୍ୟାନ୍ୟ ଦେଶରୁ ପରିଚାଳିତ ବିଦେଶୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିବାରୁ ହ୍ୱାଇଟ୍ କଲାର ଟେରର ଇକୋସିଷ୍ଟମ୍ ସାମ୍ନାକୁ ଆସିଛି। ଏହି ଗ୍ରୁପ୍ ପ୍ରଶିକ୍ଷଣ, ସମନ୍ୱୟ, ପାଣ୍ଠି ଏବଂ ଲଜିଷ୍ଟିକ୍ ଯୋଗାଣ ଲାଗି ଏନ୍‌କ୍ରିପ୍ଟେଡ୍ ଚ୍ୟାନେଲ୍ ବ୍ୟବହାର କରୁଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ସାମାଜିକ ବା ଦାତବ୍ୟ କାର୍ଯ୍ୟ ନାମରେ ପେସାଦାର ଏବଂ ଶିକ୍ଷା ନେଟ୍‌ୱର୍କ ଜରିଆରେ ପାଣ୍ଠି ସଂଗ୍ରହ କରାଯାଉଛି। ଅଭିଯୁକ୍ତମାନେ ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କଠୋରପନ୍ଥୀ କରି ଆତଙ୍କବାଦୀ ର୍‍ୟାଙ୍କ୍‌ରେ ନିଯୁକ୍ତି ଦେଇଥାନ୍ତି। ଏଥିସହିତ ସେମାନେ ପାଣ୍ଠି ଉଠାଇବା, ଲଜିଷ୍ଟିକ୍ ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବୋମା ପ୍ରସ୍ତୁତି ସାମଗ୍ରୀ କ୍ରୟ କରିଥାନ୍ତି।

# ହାଇଆଲର୍ଟରେ ଓଡ଼ିଶାର ...

ଘୋଷଣା କରାଯାଇଛି। କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ସବୁ ଜିଲା ଏସ୍‌ପି, ସମସ୍ତ ପୋଲିସ ରେଞ୍ଜ୍‌ର ଆଇଜି-ଡିଆଇଜି ଏବଂ କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କ ସହ ସୁରକ୍ଷା ଦିଗକୁ ନେଇ ଆଲୋଚନା କରିଛନ୍ତି। ରାଜ୍ୟ ପୋଲିସ ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ହାଇଆଲର୍ଟରେ ରଖାଯାଇଛି। କୌଣସି ସମ୍ଭାବ୍ୟ ଅଘଟଣକୁ ଏଡ଼ାଇବାକୁ ଏବଂ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷ କରି ଗୋଇନ୍ଦା ଏବଂ ଆଇବି (ଇଣ୍ଟେଲିଜେନ୍ସ ବ୍ୟୁରୋ)କୁ ଅଧିକ ସକ୍ରିୟ ହେବାକୁ କୁହାଯାଇଛି। ଗୋଇନ୍ଦା ଅଧିକାରୀମାନେ ସାଦା ପୋଷାକରେ ମୁଖ୍ୟ ପ୍ରତିଷ୍ଠାନ ଏବଂ ଏହାର ଆଖପାଖରେ ବୁଲିବାକୁ କୁହାଯାଇଛି। ବିଶେଷ କରି ରାଜ୍ୟର ମୁଖ୍ୟ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀ, ବଡ଼ ପ୍ରତିଷ୍ଠାନ, ରାଜଧାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଭୁବନେଶ୍ୱର ଏୟାରପୋର୍ଟ, ରେଳ ଷ୍ଟେଶନ, ବସ୍ ଷ୍ଟାଣ୍ଡ ଆଦିରେ ସୁରକ୍ଷା ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶପାଇ ଏସ୍‌ପିମାନେ ସବୁ ଥାନାଧିକାରୀଙ୍କୁ କଡାକଡି ଚେକିଂ ଓ ସୁରକ୍ଷା ଦିଗକୁ ନେଇ ସଚେତନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ପୁରୀ ଶ୍ରୀମନ୍ଦିର, ରାଜ୍ୟର ବିଭିନ୍ନ ଐତିହ୍ୟ ସ୍ଥଳୀ, ସଚିବାଳୟ, ରାଜଭବନ, ସମ୍ବଲପୁରର ହୀରାକୁଦ ଡ୍ୟାମ୍, ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି, ପାରାଦୀପ ବନ୍ଦର, ଗୋପାଳପୁର ବନ୍ଦର ଆଦି ସ୍ଥାନକୁ ହାଇଆଲର୍ଟରେ ରଖାଯାଇଛି।

ଏହି କ୍ରମରେ ଡିଜିପି ଖୁରାନିଆ ସୋମବାର ରାତିରେ କଟକ ବାଲିଯାତ୍ରା ଆୟୋଜନ ସ୍ଥଳକୁ ଗସ୍ତ କରି ସେଠାରେ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ଅନୁଧ୍ୟାନ କରିଥିଲେ। ସେଠାରେ ଲକ୍ଷାଧିକ ଲୋକଙ୍କ ଜନ ଗହଳି ହେଉଛି। ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାରେ ଯେଭଳି କୌଣସି ତ୍ରୁଟି ବିଚ୍ୟୁତି ନ ହେବ ସେ ସଂକ୍ରାନ୍ତରେ ନିୟୋଜିତ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହା ସହ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସଂକ୍ରାନ୍ତରେ ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସମୁଦ୍ର ବେଳାଭୂମି ଓ ବଡ଼ଦାଣ୍ଡରେ ହାଇଆଲର୍ଟ ଜାରି କରାଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅଧିକ ଫୋର୍ସ ମୁତୟନ କରାଯାଇଛି। ପାଟ୍ରୋଲିଂ ବୃଦ୍ଧି ସହ ସମସ୍ତ ଆଇଆଇସିଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସିଂ କହିଛନ୍ତି। ଅପରପକ୍ଷରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଜିଆର୍‌ପି (ରେଲୱେ ଥାନା ପୋଲିସ) ଏବଂ ଆର୍‌ପିଏଫ୍ (ରେଲୱେ ପ୍ରୋଟେକ୍ସନ୍ ଫୋର୍ସ) ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଷ୍ଟେଶନକୁ ଆସୁଥିବା ଯାତ୍ରୀଙ୍କ ବ୍ୟାଗ୍ ଓ ଲଗେଜ ଆଦି ଯାଞ୍ଚ କରାଯାଉଛି। ଷ୍ଟେଶନ ଭିତରେ ବୁଲୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଜିଆରପି ଟିମ୍ ଅଟକ ରଖି ପଚରାଉଚରା କରୁଛି। ଷ୍ଟେଶନ ଦେଇ ଯାଉଥିବା ଏକାଧିକ ଯାତ୍ରୀଙ୍କ ବ୍ୟାଗ୍‌କୁ ସ୍କାନର ମାଧ୍ୟମରେ ଯାଞ୍ଚ କରାଯାଉଛି। ସେହିପରି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ସିଆଇଏସ୍‌ଏଫ(ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଉଛି। ଏପରି କି ସନ୍ଧାନୀ କୁକୁର ମାଧ୍ୟମରେ ବିମାନବନ୍ଦର ପାର୍କିଂରେ ଥିବା ଗାଡ଼ିଗୁଡ଼ିକୁ ପୋଲିସ ଯାଞ୍ଚ କରୁଛି। ରାଜଧାନୀର ପୋଲିସ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ ଚେକିଂ ବଢ଼ାଇ ଦିଆଯାଇଥିବା ବେଳେ ହୋଟେଲରେ ମଧ୍ୟ ତନ୍ନ ତନ୍ନ ଯାଞ୍ଚ କରାଯାଉଛି। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ଭୁବନେଶ୍ୱରର ସବୁ ଥାନା ଅଧିକାରୀଙ୍କୁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନାକା ଚେକିଂ କରି ପାଟ୍ରୋଲିଂ ଓ କନ୍‌ୱେ ପାଟ୍ରୋଲିଂ କରିବାକୁ କୁହାଯାଇଛି। ଏପରି କି ହୋଟେଲ ଚେକିଂ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ଆସିଲେ ତାଙ୍କୁ ଯଥାଶୀଘ୍ର ଯାଞ୍ଚ କରାଯିବ। ସନ୍ଦିଗ୍ଧ ସାମଗ୍ରୀକୁ ମଧ୍ୟ ତନ୍ନ ତନ୍ନ କରି ଯାଞ୍ଚ କରିବାକୁ କୁହାଯାଇଛି। ଡିସିପିଙ୍କ କହିବା ଅନୁଯାୟୀ, ହାଇଆଲର୍ଟ ନେଇ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି କରାଯାଇ ନାହିଁ। ରାଜଧାନୀରେ ଆମ ପକ୍ଷରୁ ସଜାଗ ରହି ସୁରକ୍ଷା ବଢ଼ାଇ ଦିଆଯାଇଛି। ସୁରକ୍ଷା ଦିଗକୁ ନେଇ ଆମେ ଆଲର୍ଟରେ ଅଛୁ ବୋଲି ଡିସିପି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କଡ଼ା ...

ଆଲୋଚନା କରି ଓଡ଼ିଶାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଓଡ଼ିଶାରେ ବାଲିଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ସହର ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଆଜି ନୂଆପଡ଼ା ...

ଚାଲିବ। ସେହିପରି ସାଧାରଣ ଭୋଟ୍ ଗ୍ରହଣ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ଚାଲିବ ବୋଲି ଜିଲା ନିର୍ବାଚନ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଓବାଦୀ ପ୍ରଭାବିତ ବୁଥ୍ ମଧ୍ୟରୁ ୮ଟି ଦୁର୍ଗମ ପାହାଡିଆ ଅଞ୍ଚଳରେ ରହିଛି। ସେଗୁଡ଼ିକ ହେଉଛି ୩୨୦-ସୋସେଙ୍ଗ, ୩୨୧- ସୋସେଙ୍ଗ(୨), ୩୨୨ ଦେଓସିଲ, ୩୨୪ ସୁନାବେଡ଼ା(୧), ୩୨୫ ସୁନାବେଡ଼ା ୧(କ), ୩୨୬ ଜାମଗାଁ, ୩୨୭ ଗୋଡିବେଡ଼ା ଓ ୩୨୮ ଗୋଡିବେଡା(୨) ରହିଛି। ଏହି ବୁଥ୍‌ଗୁଡ଼ିକ ଅତି ସମ୍ବେଦନଶୀଳ ହୋଇଥିବାରୁ ପୋଲିଂପାର୍ଟି ସୁରକ୍ଷିତ ଯିବା ସହିତ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରି ଫେରିବା ପାଇଁ ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯାଇଛି। ମାଓବାଦୀ ପ୍ରଭାବିତ ୮ ବୁଥ୍ ଲାଗି ୬ ଜଣ ଲେଖାଏ ମୋଟ୍ ୪୮ ଜଣ ପୋଲିଂପାର୍ଟି ନିୟୋଜିତ ହୋଇଛନ୍ତି। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଥରକରେ ୬ ଜଣ ଲେଖା ୮ଥରରେ ପୋଲିଂପାର୍ଟିକୁ ଦୁର୍ଗମ ଅଞ୍ଚଳରେ ଥିବା ବୁଥ୍‌ରେ ସୁରକ୍ଷିତ ଛଡ଼ାଯାଇଛି।

ଅନ୍ୟପଟେ ଏହି ଉପନିର୍ବାଚନ ଲାଗି ରହିଥିବା ମୋଟ୍ ୩୫୮ ବୁଥ୍ ମଧ୍ୟରୁ ୬ଟି ସଖୀ ବୁଥ୍ ରହିଛି। ସଖୀ ବୁଥ୍‌କୁ ମହିଳା ପୋଲିଂପାର୍ଟି ପରିଚାଳନା କରିବେ। ନୂଆପଡ଼ା ଓ ଖରିଆର୍ ରୋଡ୍‌ରେ ୩ଟି ଲେଖାଏ ସଖୀ ବୁଥ୍ କରାଯାଇଛି। ଏଥିଲାଗି ଜିଲା ପ୍ରଶାସନ ୩୯୬ ପୋଲିଂପାର୍ଟି ପ୍ରସ୍ତୁତ କରିଛନ୍ତି। ପୋଲିଂ ପାର୍ଟି ନୂଆପଡ଼ା ନ୍ୟାଶନାଲ୍ କଲେଜଠାରୁ ବିଭିନ୍ନ ବୁଥ୍‌କୁ ଯିବା ବ୍ୟବସ୍ଥା କରାଯାଇଛି। ନ୍ୟାଶନାଲ କଲେଜରେ ଷ୍ଟ୍ରଙ୍ଗ ରୁମ୍ ରହିଛି। ସେଠାରୁ ପୋଲିଂପାର୍ଟିକୁ ଇଭିଏମ୍ ଓ ଭିଭିପିଏଟି ସହ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଅନ୍ୟପଟେ ଅବାଧ ଓ ନିରପେକ୍ଷ ସହିତ ଶାନ୍ତିଶୃଙ୍ଖଳାରେ ଉପନିର୍ବାଚନକୁ କରିବା ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୋଲିସ ପକ୍ଷରୁ ସୀମାନ୍ତ ବା ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ଏପରିକି ଚେକ୍‌ପୋଷ୍ଟ କରି ପୋଲିସ ୨୪ ଘଣ୍ଟା ପହରା ଦେଉଛି। ଏଥିରେ ୧୪ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସହ ୨ ସେକ୍ସନ ୬ ପ୍ଲାଟୁନ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଜଣେ ଏସ୍‌ପି, ୬ ଡିଏସ୍‌ପି, ୯ ଜଣ ଇନ୍‌ସପେକ୍ଟର, ୧୫୧ ଜଣ ସବ୍-ଇନ୍‌ସପେକ୍ଟର ଓ ଅତିରିକ୍ତ ଇନ୍‌ସପେକ୍ଟର, ୧୦୩ ଜଣ ହାବିଲଦାର୍, ୪୭୭ ଜଣ କନ୍‌ଷ୍ଟେବଲ, ୧୫୯ ଜଣ ଏପିଆର୍ କନ୍‌ଷ୍ଟେବଲ, ୩୭ ଜଣ ଓଏପିଏଫ, ୨୮୭ ଜଣ ହୋମଗାର୍ଡ ନିୟୋଜିତ ଅଛନ୍ତି। ଶାନ୍ତିଶୃଙ୍ଖଳା ଲାଗି ପ୍ରତ୍ୟେକ ପୋଲିଂପାର୍ଟି ସହିତ ଜଣେ ସୁରକ୍ଷା କର୍ମୀ ନିୟୋଜିତ ରହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରବିବାର ଅପରାହ୍ନ ୪ଟାରେ ନିର୍ବାଚନୀ ପ୍ରଚାର ଶେଷ ହୋଇଛି। ବର୍ତ୍ତମାନ ବିଭିନ୍ନ ଦଳର କର୍ମୀ ଓ ସମର୍ଥକ ଶେଷ ପର୍ଯ୍ୟାୟ ଲଢ଼େଇ ପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ପ୍ରଚାର ଶେଷ ହେବାପରେ ବିଭିନ୍ନ ସ୍ଥାନରେ ଅନ୍ଧାରି ବିଜେ ଦେଖିବାକୁ ମିଳୁଛି। ବିଭିନ୍ନ ଦଳର କର୍ମୀମାନେ ଘରକୁ ଘର ବୁଲି ଚିର୍‌କୁଟି ବାଣ୍ଟିବା ଆରମ୍ଭ କରିଛନ୍ତି। ଯେଉଁ ଗାଁ ବା ପଡ଼ାରେ ଦୁର୍ବଳ ସ୍ଥିତି ଦେଖୁଛନ୍ତି ତାହା ଉପରେ ଅଧିକ ନଜର ରଖୁଛନ୍ତି। ଅନ୍ୟପଟେ ବିଭିନ୍ନ ଦଳର ବଡ଼ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭିଡିଓ ବାର୍ତ୍ତା ଜରିଆରେ ଅନୁରୋଧ କରିବା ଆରମ୍ଭ କରିଛନ୍ତି। ପ୍ରଚାର ବନ୍ଦ ହୋଇଯାଇଥିବାରୁ ସବୁ ଦଳ ପକ୍ଷରୁ ସେମାନଙ୍କ ପୁରୁଣା ଭିଡିଓ ପ୍ରଚାର ସମୟରେ ଯାହା ଉତ୍ତୋଳନ କରାଯାଇଥିଲା ସେଗୁଡ଼ିକୁ ବିଭିନ୍ନ ମାଧ୍ୟମରେ ଶେୟାର କରିବାରେ ଲାଗିଛନ୍ତି, ଯାହାଫଳରେ ଇଣ୍ଟରନେଟ୍ ଜରିଆରେ ସେମାନଙ୍କ ପ୍ରାର୍ଥୀ ପ୍ରତି ଆକୃଷ୍ଟ କରିପାରିବେ।

# ୧୫ ଡିଗ୍ରୀ ତଳେ ...

୧୪ ଡିଗ୍ରୀ, କୋରାପୁଟରେ ୧୪.୨ ଡିଗ୍ରୀ, ବଲାଙ୍ଗୀରରେ ୧୪.୫ ଡିଗ୍ରୀ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୪.୯ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ତେବେ ଶୀତ ଲହରିକୁ ନେଇ ମଙ୍ଗଳବାର ଓ ବୁଧବାର ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଦୁଇଦିନ କଟକ, ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ। ବିଶେଷକରି ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶୀତ ସହ ଅଧିକ କୁହୁଡି ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୫ଦିନରେ ୫ ଡିଗ୍ରୀ ହ୍ରାସ

ରାଜଧାନୀ ଭୁବନେଶ୍ୱରରେ ୫ ଦିନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ପାଇଛି। ହଠାତ୍ ଥଣ୍ଡା ବଢ଼ିଯିବାରୁ ରାତିରେ ସହରର ଜନଜୀବନ ପ୍ରଭାବିତ ହେଉଛି। ଗୁରୁବାର ଭୁବନେଶ୍ୱର ତାପମାତ୍ରା ୧୮.୫ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ୧୯.୮ ଡିଗ୍ରୀ, ଶନିବାର ୧୮.୯ ଡିଗ୍ରୀ, ରବିବାର ୧୭.୪ ଡିଗ୍ରୀ ଏବଂ ସୋମବାର ୧୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟାରେ ମଧ୍ୟ ଭୁବନେଶ୍ୱର ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବା ନେଇ ପୂର୍ବାନୁମାନ କରାଯାଇଛି।

# ଅଭିନେତା ଧର୍ମେନ୍ଦ୍ରଙ୍କ ...

ସୋମବାର ଧର୍ମେନ୍ଦ୍ରଙ୍କ ସ୍ତ୍ରୀ ହେମାମାଳିନୀ, ପୁଅ ସନ୍ନି ଦେଓଲ, ନାତି କରନ ଓ ରାଜବୀର ଦେଓଲ ବିଚ୍ କାଣ୍ଡି ହସ୍ପିଟାଲରେ ପହଞ୍ଚିଥିଲେ। ଧର୍ମେନ୍ଦ୍ରଙ୍କ ଆଶୁ ଆରୋଗ୍ୟ ଲାଗି ଭଗବାନ୍‌ଙ୍କୁ ପ୍ରାର୍ଥନା କରିବା ନିମନ୍ତେ ହେମାମାଳିନୀ ପ୍ରଶଂସକମାନଙ୍କୁ ସୋସିଆଲ ମିଡିଆ ଜରିଆରେ ନିବେଦନ କରିଛନ୍ତି। ଧର୍ମେନ୍ଦ୍ର ଗତ ମାସରେ ଅଣନିଃଶ୍ୱାସୀ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ହୃତ୍‌ସ୍ପନ୍ଦନ, ରକ୍ତଚାପ ଆଦି ସ୍ଥିର ରହିଥିଲା। ସେ ଆଇସିୟୁରେ ରହିଥିବା ଗତ ୧ ତାରିଖରେ ହସ୍ପିଟାଲର ଜଣେ କର୍ମଚାରୀ କହିଥିଲେ।

## ମାଲିରେ ୫ ଭାରତୀୟଙ୍କୁ ଅପହରଣ

ବମାକୋ,୧୦।୧୧(ପି.ଟି.): ମାଲିରେ ଗତ ସପ୍ତାହରୁ ୫ ଜଣ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିବା ସେଠାର ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଗତ ୬ ତାରିଖରେ ଏହି ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ରରୁ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିଲା। ସେମାନଙ୍କୁ ଯଥାଶୀଘ୍ର ସୁରକ୍ଷିତ ମୁକ୍ତ କରିବା ଲାଗି ଦୂତାବାସ ପକ୍ଷରୁ ମାଲି କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ କମ୍ପାନୀ ସହ ଯୋଗାଯୋଗ ଜାରି ରହିଥିବା ମିଶନ ପକ୍ଷରୁ କୁହାଯାଇଛି।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

### ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରଖିବା ପାଇଁ ୨୦୨୩ରେ ନାରୀ ଶକ୍ତି ବନ୍ଦନ ଆଇନ୍ ଅଣାଯାଇଥିଲା। ଏହାର କାର୍ଯ୍ୟକାରିତା ନେଇ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଦେଶରେ ସର୍ବାଧିକ ସଂଖ୍ୟାଲଘୁ ମହିଳା ହୋଇଥିବା ଅନୁଭବ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଅନୁଯାୟୀ ସମସ୍ତ ନାଗରିକଙ୍କର ସମାନ ରାଜନୈତିକ ଓ ସାମାଜିକ ଅଧିକାର ରହିଛି। ଦେଶରେ ପ୍ରାୟ ୪୮ ପ୍ରତିଶତ ମହିଳା ଥିବାବେଳେ ସେମାନଙ୍କ ରାଜନୈତିକ ସମାନତା ସମ୍ପର୍କରେ ଜଷ୍ଟିସ୍ ନାଗରତ୍ନା ପ୍ରଶ୍ନ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ପ୍ରତିନିଧିତ୍ୱ ପାଇଁ ମହିଳାମାନଙ୍କୁ କୋର୍ଟ ଯିବାକୁ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଛନ୍ତି।

# ୧୨୨ ଆସନରେ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

### ଆଜି ବିହାର ଭୋଟ

ପାଟନା,୧୦।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ମଙ୍ଗଳବାର ନେପାଳ ସୀମାବର୍ତ୍ତୀ ପଶ୍ଚିମ ଚମ୍ପାରନ୍, ପୂର୍ବ ଚମ୍ପାରନ୍, ସୀତାମାଢ଼ି, ମଧୁବନି, ସୁପୌଲ, ଅରାରିଆ ଏବଂ କିଶନଗଞ୍ଜ ଜିଲାରେ ମତଦାନ ହେବାକୁ ଯାଉଛି। ଏହି ଜିଲାଗୁଡ଼ିକ ମୁସଲମାନ ବହୁଳ ହୋଇଥିବାରୁ ଜୋର୍‌ଦାର ଲଢ଼େଇ



ବିହାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଜାହାନାବାଦ୍‌ରେ ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ନେଇ ଯାଉଛନ୍ତି।

ହେବାକୁ ଯାଉଛି। ଇଣ୍ଡିଆ ବ୍ଲକ୍ ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ଉପରେ ନିର୍ଭର କରୁଥିବାବେଳେ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ଏନ୍‌ଡିଏ ଅଭିଯୋଗ କରିଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସମଗ୍ର ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ନିର୍ବାଚନ ଡ୍ୟୁଟିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ପ୍ରାର୍ଥୀ ଅଛନ୍ତି ବରିଷ୍ଠ ଜେଡିୟୁ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ। ସେ ସୁପାଉଲ୍ ଆସନରୁ ରେକର୍ଡ ଅଷ୍ଟମ ଥର ପାଇଁ ବିଧାନସଭାକୁ ଯିବା ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଗୟା ସହରରୁ ବିହାର ମନ୍ତ୍ରୀ ତଥା ଭାଜପାର ପ୍ରେମ କୁମାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ଏହି ଆସନରୁ ୭ ଥର ବିଜୟୀ ହୋଇଛନ୍ତି। ପ୍ରାର୍ଥୀ ହୋଇଥିବା ଅନ୍ୟ ମନ୍ତ୍ରୀମାନେ ହେଲେ ଭାଜପାର ରେଣୁ ଦେବୀ (ବେତିଆହ), ନୀରଜ କୁମାର ସିଂ (ଛଟପୁର), ଜେଡିୟୁର ଲେଶି ସିଂ (ଧାମଦାହା), ଶୀଲା ମଣ୍ଡଳ(ଫୁଲପରାସ) ଏବଂ ଜାମା ଖାନ୍ (ଚୈନପୁର)। ଏହା ବ୍ୟତୀତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ତାରକିଶୋର ପ୍ରସାଦ କଟିହାର ଆସନରୁ କ୍ରମାଗତ ୫ମ ଥର ପାଇଁ ଲଢୁଛନ୍ତି। ଉକ୍ତ ଜିଲାର ବଳରାମପୁର ଏବଂ କଡୱା ଆସନରୁ ଯଥାକ୍ରମେ ସିପିଆଇ(ଏମ୍‌ଏଲ୍) ଲିବରେଶନ ଏବଂ କଂଗ୍ରେସର ବିଧାୟକ ଦଳ ନେତା ମେହବୁବ୍ ଆଲାମ ଏବଂ ଶକିଲ ଅହମଦ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମି ମୋର୍ଚ୍ଚା, ରାଜ୍ୟ ସଭା ସଦସ୍ୟ ଉପେନ୍ଦ୍ର ଖୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏ ଆସନରେ ଲଢୁଥିବାବେଳେ ଏହି ପର୍ଯ୍ୟାୟ ସେମାନଙ୍କ ପାଇଁ ଶକ୍ତି ପରୀକ୍ଷା ଭାବେ ଦେଖାଯାଉଛି। କଂଗ୍ରେସ ରାଜ୍ୟ ସଭାପତି ରାଜେଶ କୁମାର କୁଟୁମ୍ବା ଆସନକୁ କ୍ରମାଗତ ଦ୍ୱିତୀୟ ଥର ହାତେଇବା ପାଇଁ ଲଢୁଛନ୍ତି। ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲା।

# ବିବିସି ଡିଜି, ନ୍ୟୁଜ୍ ସିଇଓଙ୍କ ଇସ୍ତଫା

ଲଣ୍ଡନ,୧୦।୧୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭାଷଣକୁ ଏଡ଼ିଟିଂ କରିବାକୁ ନେଇ ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ (ବିବିସି) ସମାଲୋଚିତ ହୋଇଥିଲା। ଏହାକୁ ନେଇ ବିବିସିର ମହାନିର୍ଦ୍ଦେଶକ (ଡିଜି) ଏବଂ ନ୍ୟୁଜ୍ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରବିବାର ଇସ୍ତଫା ଦେଇଛନ୍ତି। ଫଳରେ ଉକ୍ତ ବ୍ରଡ୍‌କାଷ୍ଟର ନେତୃତ୍ୱ ସଙ୍କଟର ସମ୍ମୁଖୀନ ହୋଇଛି। ୨୦୨୧ ଜାନୁଆରୀ ୬ରେ ୱାଶିଂଟନ୍‌ର କ୍ୟାପିଟୋଲରେ ଆକ୍ରମଣ ପୂର୍ବରୁ ଟ୍ରମ୍ପ ଦେଇଥିବା ଉଦ୍‌ବୋଧନକୁ ଏଡ଼ିଟିଂ କରିଥିବାରୁ ବ୍ରିଟେନର ଏହି ଜାତୀୟ ଗଣମାଧ୍ୟମ ସମାଲୋଚିତ ହୋଇଥିଲା। ବିବିସି ଡିଜି ଟିମ୍ ଡାଭି ଏବଂ ନ୍ୟୁଜ୍ ସିଇଓ ଦେବୋରା ଟର୍ନେସ୍ ଇସ୍ତଫା ଦେଇଛନ୍ତି। ଏକ ବିବିସି ଡକ୍ୟୁମେଣ୍ଟାରି ପ୍ରସ୍ତୁତି ଲାଗି ଗତବର୍ଷ ଟ୍ରମ୍ପଙ୍କ ଭାଷଣକୁ ଯେଉଁଭଳି ଏଡ଼ିଟ କରାଯାଇଥିଲା ଓ କେତେକ ଅଂଶକୁ କାଟିଦିଆଯାଇଥିଲା, ତାହା ବିଭ୍ରାନ୍ତିକର। ସମର୍ଥକଙ୍କୁ ଟ୍ରମ୍ପ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାହାନ୍ତି ବୋଲି କହିଥିବାବେଳେ ଉକ୍ତ ଅଂଶକୁ ବାଦ୍ ଦିଆଯାଇଥିଲା।

# ବ୍ରାଜିଲରେ କପ୍‌୩୦ ଆରମ୍ଭ

ବେଲେମ୍,୧୦।୧୧

ବ୍ରାଜିଲର ବେଲେମ୍‌ଠାରେ ସୋମବାରଠାରୁ ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀର ୩୦ତମ ଅଧିବେଶନ କପ୍‌୩୦ ଆରମ୍ଭ ହୋଇଛି। ଏଥିରେ ଜଳବାୟୁ ପାଣ୍ଠି ଉପରେ ଜୋର୍ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନର ସୁଧାର ପାଇଁ ୨୦୩୫ ସୁଦ୍ଧା ବିକାଶୋନ୍ମୁଖୀ ଦେଶଗୁଡ଼ିକ ନିମନ୍ତେ ବାର୍ଷିକ ୧.୩ ଟ୍ରିଲିୟନ ଡଲାର ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୫୦ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ ଲକ୍ଷ୍ୟ ରହିଛି। ଜାତିସଂଘ ଜଳବାୟୁ ପରିବର୍ତ୍ତନକାର୍ଯ୍ୟନିର୍ବାହୀ ସଚିବ ସାଇମନ୍ ଷ୍ଟିଏଲ୍ କପ୍‌୩୦କୁ ଉଦ୍‌ଘାଟନ କରିଛନ୍ତି।

# ତିରୁପତି ମନ୍ଦିରକୁ ୨୫୦ କୋଟିର ନକଲି ଘିଅ ଯୋଗାଣ

ନୂଆଦିଲ୍ଲୀ,୧୦।୧୧

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରିଚାଳନା ସଂସ୍ଥା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)କୁ ଉତ୍ତରାଖଣ୍ଡର ଏକ ଡାଏରି ଫାର୍ମ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେ.ଜି. ନକଲି ଘିଅ ଯୋଗାଇଥିବା ଜଣାପଡ଼ିଛି, ଯାହାର ମୂଲ୍ୟ ୨୫୦ କୋଟି ଟଙ୍କା। ତିରୁପତି ଲଡୁ ତିଆରି ପାଇଁ ଅଣାଯାଇଥିବା ଏହି ଘିଅ ଭେଜାଲ ବୋଲି ସିବିଆଇ ତଦନ୍ତରୁ ଜଣାପଡ଼ିଛି। ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧଙ୍କୁ ଗିରଫ କରିବା ପରେ ଘିଅ ଭେଜାଲ ସମ୍ପର୍କିତ ବିଭିନ୍ନ



ତଥ୍ୟ ସଂଗ୍ରହ କରି ନେଲୋର କୋର୍ଟରେ ରିପୋର୍ଟ ଦାଖଲ କରିଛି। ଟିଟିଡିକୁ ଲଡୁ ପ୍ରସାଦମ୍ ପ୍ରସ୍ତୁତି ପାଇଁ ଘିଅ ଯୋଗାଉଥିବା ଭୋଲେବାବା ଅର୍ଗାନିକ ଡାଏରିକୁ ଅଜୟ ମନୋଡାଇଗ୍ଲିସେରାଇଡ୍ ଏବଂ ଏସିଟିକ୍ ଏସିଡ୍ ଇଷ୍ଟର ଭଳି ରାସାୟନିକ ଯୋଗାଉଥିଲେ। ସିବିଆଇ କହିବା ଅନୁଯାୟୀ ପୋମିଲ୍ ଜୈନ ଏବଂ ବିପିନ ଜୈନ ଏହି ନକଲି ଦେଶୀ ଘିଅ କାରଖାନା ବସାଇଥିଲେ। ସେମାନେ ଦୁଗ୍ଧ କିଣା ଓ ଚାଷୀଙ୍କୁ ଅର୍ଥ ପ୍ରଦାନ ସମ୍ପର୍କିତ ଜାଲ୍ ପେମେଣ୍ଟ ରେକର୍ଡ ରଖୁଥିଲେ। ୨୦୨୨ରେ ଉକ୍ତ କମ୍ପାନୀକୁ କଳାତାଲିକାଭୁକ୍ତ କରାଯିବା ସହ ରଦ୍ଦ କରାଯାଇଥିଲା।

# ଏକାଠି ଆସିବେ ସଲମାନ-ଅଭିଷେକ



ସଲମାନ ଖାନ

ଅଭିଷେକ ବଚ୍ଚନ

**ମୁମ୍ବାଇ:** ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ ଗୋଟିଏ ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଏହା ଅନେକ ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର ହୋଇପାରେ, କିନ୍ତୁ ଏହା ସତ। ଆସନ୍ତା ବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ରିତେଶ ଦେଶମୁଖ ତାଙ୍କ ଫିଲ୍ମର ନାଁ ଘୋଷଣା କରିଛନ୍ତି, ଯାହାର ନାମ ରାଜା ଶିବାଜୀ। ସେ ମୁଖ୍ୟ ଅଭିନେତା ଭାବରେ ଅଭିନୟ କରିବା ସହିତ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେବେ। ଅଭିନେତା ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସଲମାନ ତାଙ୍କ ଅଙ୍ଗରକ୍ଷୀ ଭୂମିକାରେ ଅଭିନୟ କରିବେ। ସେ ଜୀବଜୀଙ୍କ ଭୂମିକାରେ ଅଭିନୟ କରୁଛନ୍ତି, କିନ୍ତୁ ଫିଲ୍ମଟିର କାହାଣୀ ବହୁତ ବଡ଼।

'ରାଜା ଶିବାଜୀ'ରେ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଭାଗ୍ୟଶ୍ରୀ ଏବଂ ଫରଦୀନ ଖାନ ମଧ୍ୟ ତାଙ୍କ ଦଳର ଅଂଶ। ସଞ୍ଜୟ ଦତ୍ତ ଫିଲ୍ମରେ ଅଫଜଲ ଖାନ ଭୂମିକାରେ ଅଭିନୟ କରୁଛନ୍ତି, ତେଣୁ ଜୀବା ମହଲା (ସଲମାନ) ତାଙ୍କ ସହିତ ସିଧାସଳଖ ମୁହାଁମୁହିଁ ହେବେ। ସେ ଛତ୍ରପତି ଶିବାଜୀ ମହାରାଜଙ୍କ ଜଣେ ବିଶ୍ୱସ୍ତ ସହାୟକ ଥିଲେ, ଯିଏ ଅଫଜଲ ଖାନଙ୍କ ସାମ୍ନା କରିବା ସମୟରେ ତାଙ୍କ ଜୀବନ ମଧ୍ୟ ରକ୍ଷା କରିଥିଲେ। ଅଭିଷେକ ମଧ୍ୟ ଫିଲ୍ମରେ ଅଛନ୍ତି।

## ରାଜ୍ୟ ଖବର

# ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ ସନ୍ତାନ ଜନ୍ମ

ନାକଟିଦେଉଳ,୧୦।୧୧(ବୈକୁଣ୍ଠନାଥ ସାହୁ)

ବାଇକ୍ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ କନ୍ୟା ସନ୍ତାନ ଜନ୍ମଦେଲେ ସ୍ତ୍ରୀ। ଏପଟେ ଜନ୍ମର କେଇ ଘଣ୍ଟା ପୂର୍ବରୁ ବାପଛେଉଣ୍ଡ ହୋଇଗଲା ଶିଶୁ। ଆସନ୍ନ ପ୍ରସବା ସ୍ତ୍ରୀଙ୍କୁ ଦେଖି ଫେରିବା ବେଳେ ଘଟିଥିଲା ଦୁର୍ଘଟଣା। ଏହିପରି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ। ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖାରବେଡ଼ା ଗ୍ରାମର ଧରଣୀଧର ଦେହୁରୀଙ୍କ ଝିଅ ସଙ୍ଗୀତା ଦେହୁରୀ(୨୬)ଙ୍କର ୨୦୨୫ ଜାନୁୟାରୀରେ ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅନ୍ତର୍ଗତ ପିପିଲିକାନୀ ଗ୍ରାମର ମନୋଜ ମାଝୀ(୩୦)ଙ୍କ ସହିତ ବିବାହ ହୋଇଥିଲା। ସଙ୍ଗୀତା ଗର୍ଭବତୀ ହେବା ପରେ ଗତ ପ୍ରାୟ ୩ ମାସ ହେଲା ନିଜ ବାପଘର ଖାରବେଡ଼ା ଗ୍ରାମରେ ରହୁଥିଲେ।



ମା'କୋଳରେ ସଦ୍ୟଜାତ ଶିଶୁକନ୍ୟା।

ଗତ ୭ ତାରିଖ ରାତିରେ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ସଙ୍ଗୀତାଙ୍କୁ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ସ୍ୱାମୀ ମନୋଜ ଏବଂ ଶାଶୁ ମଞ୍ଜୁ ଶନିବାର ଅପରାହ୍ନରେ ନାକଟିଦେଉଳ ଡାକ୍ତରଖାନା ଆସିଥିଲେ। ଏପରିକି ସ୍ୱାମୀ, ଶାଶୁ ଡାକ୍ତରଖାନାରେ ସଙ୍ଗୀତାଙ୍କ ପାଖରେ ରହିଥିଲେ। ରବିବାର ସନ୍ଧ୍ୟାରେ ମା'ପୁଅ ଅର୍ଥାତ୍ ମଞ୍ଜୁ ଓ ମନୋଜ ନିଜ ଘର ପିପିଲିକାନୀକୁ ବାଇକ୍‌ରେ ଫେରୁଥିଲେ। ରେଢ଼ାଖୋଲ ଆଦର୍ଶ ବିଦ୍ୟାଳୟ ଛକରେ ସମ୍ମୁଖ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଏଥିରେ ଉଭୟଙ୍କର ମୃତ୍ୟୁ ଘଟିଥିଲା । ତେବେ ସବୁଠାରୁ ଦୁଃଖଦ ଘଟଣା ହେଉଛି ସନ୍ଧ୍ୟା ପ୍ରାୟ ୭ଟା ବେଳେ ସ୍ୱାମୀ ମନୋଜଙ୍କର ମୃତ୍ୟୁ ଘଟିଥିବାବେଳେ ନାକଟିଦେଉଳ ଡାକ୍ତରଖାନାରେ ସଙ୍ଗୀତା ରାତ୍ର ପ୍ରାୟ ସାଢ଼େ ୯ଟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମା' ଗର୍ଭରୁ ଭୂମିଷ୍ଠ ହେବାର ପ୍ରାୟ ଅଢେଇ ଘଣ୍ଟା ପୂର୍ବରୁ ଜଣେ ଶିଶୁ ବାପଛେଉଣ୍ଡ ହୋଇଯାଇଥିଲେ। ଏହି ଘଟଣା ଉଭୟ ପରିବାରକୁ ମର୍ମାହତ କରିଛି।





# ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧରେ ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,୧୦।୧୧(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ବନ ବିଭାଗ ଦ୍ୱାରା ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ (ଯାହା ପୂର୍ବରୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଥିଲା) ପକ୍ଷରୁ ହାଇକୋର୍ଟରେ ପ୍ରତିଜବାବ ଦାଖଲ କରାଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ସୋମବାର ମାମଲାର ଚୂଡ଼ାନ୍ତ ଶୁଣାଣି କରିଛନ୍ତି। ଅଦାଲତ ଏହି ମାମଲାରେ ରାୟକୁ ସଂରକ୍ଷିତ ରଖିଛନ୍ତି। ଗତ ୨୯ ତାରିଖରେ ହୋଇଥିବା ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରାଯାଇଥିଲା। ସେହି ଶୁଣାଣିରେ ଆବେଦନକାରୀ ଜିନ୍ଦଲ ଷ୍ଟିଲ୍ ହାଇକୋର୍ଟରେ ପ୍ରତିଜବାବ ଦାଖଲ କରିବା ପାଇଁ ସମୟ ନେଇଥିଲା।

ସୂଚନାନୁସାରେ, ଜିନ୍ଦଲ ଷ୍ଟିଲ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଚାଲିଥିବା ଏହି ମାମଲାରେ ସ୍ଥାନୀୟ ଭଦ୍ରସାହିର ପୂର୍ବତନ ସରପଞ୍ଚ କସ୍ତୁରି ଓରାମ ଇଣ୍ଟରଭେନର ଭାବେ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଓରାମଙ୍କ ଆଇନଜୀବୀ ଲଳିତେନ୍ଦୁ ମିଶ୍ରଙ୍କ କହିବାନୁସାରେ, ଆବେଦନରେ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ବେଆଇନ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଛି। ଅଣଓସାରିଆ ଜଙ୍ଗଲ ରାସ୍ତାରେ ପ୍ରତିଦିନ ବହୁସଂଖ୍ୟକ ଟ୍ରକ୍ ଚଳପ୍ରଚଳ ଓ ଉଭୟ ପାର୍ଶ୍ୱରେ ଅଟକି ରହିବା ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ସେହିପରି ଧୂଳି, ଧୂଆଁରେ ଜଙ୍ଗଲ ପରିବେଶ ନଷ୍ଟ ହେଉଛି। ଲୋକେ ନାନା ପ୍ରକାର ସ୍ୱାସ୍ଥ୍ୟାଗତ ସମସ୍ୟା ଭୋଗୁଛନ୍ତି। ଏଥିସହ ଆହୁରି ଅନେକ କିଛି ଅସୁବିଧାରେ ଲୋକମାନେ ପଡୁଥିବାରୁ ଜିନ୍ଦଲ ଷ୍ଟିଲ୍ କମ୍ପାନୀକୁ ସେଠାରେ ଅନୁମତି ନ ଦେବା ନିମନ୍ତେ ସେ ଆବେଦନରେ ଦର୍ଶାଇଛନ୍ତି।

### ଭଦ୍ରସାହି ପୂର୍ବତନ ସରପଞ୍ଚ ହେଲେ ଇଣ୍ଟରଭେନର



ସୂଚନା ଅନୁସାରେ, କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) କମ୍ପାନୀର ଖଣି କାର୍ଯ୍ୟାଦେଶ ବନ ବିଭାଗ ପ୍ରତ୍ୟାହାର କରିଥିଲା। ଏହାକୁ ବିରୋଧ କରି ଜିନ୍ଦଲ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ସେଥିରେ ଗତ ଅକ୍ଟୋବର ୧୯ ତାରିଖରେ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରୋଇଡ଼ା-୧ ଲୁହା ଓ ମାଙ୍ଗାନିଜ ଖଣିରେ ଜିନ୍ଦଲ ଷ୍ଟିଲ୍ କମ୍ପାନିକୁ ପୂର୍ବଭଳି କାର୍ଯ୍ୟ କରିବା ନିମନ୍ତେ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଛି। ଏଥିସହ ଖଣିଜ ପଦାର୍ଥକୁ ଜାତୀୟ ରାଜପଥ ୫୨୦ (ପୂର୍ବରୁ ୨୧୫ ଥିଲା) ପର୍ଯ୍ୟନ୍ତ ଏକମାତ୍ର ସଂଯୋଗୀ ରାସ୍ତା, ଯାହାକି ଏମ୍‌ଆଇଏସ୍‌ଏଲ୍ ଦ୍ୱାରା ବ୍ୟବହାର ହେଉଥିଲା। ସେହି ରାସ୍ତାର ବ୍ୟବହାର ନିମନ୍ତେ ପ୍ରତିପକ୍ଷ ଅନୁମତି ଦେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ଏଥିସହ ପ୍ରତିପକ୍ଷ ଜିନ୍ଦଲ ଷ୍ଟିଲ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି। ଏଥିରେ ରାଜ୍ୟ ସରକାର, ଓଡ଼ିଶା ମାଇନ୍ସ ଆଣ୍ଡ ଜିଓଲୋଜିର ନିର୍ଦ୍ଦେଶକ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, କେନ୍ଦୁଝର ଡିଏଫ୍‌ଓ, କେନ୍ଦୁଝର ଜିଲାପାଳ, ବଡ଼ବିଲ ରେଞ୍ଜ ଅଫିସରଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଛନ୍ତି।

# ୧୫ରେ ଆଦିବାସୀଙ୍କ ସହ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୦।୧୧ (ରବିନାରାୟଣ ଜେନା)

ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଦିବାସୀ ମନ୍ତ୍ରଣାଳୟ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ପ୍ରତ୍ୟେକ ଆଦିବାସୀଙ୍କ ସମସ୍ୟା ଶୁଣିବା ପାଇଁ ଦୁଇଟି ପର୍ଯ୍ୟାୟରେ ଜନଶୁଣାଣି କରାଯିବ। ସାରା ଦେଶ ସମେତ ଓଡ଼ିଶାର ୨୨ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହି ଜନଶୁଣାଣି କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଆଦିବାସୀଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱର ସମ୍ପୃକ୍ତ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସଚିବ ପରମେଶ୍ୱରନ୍ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଥର ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଯାକଜମକରେ ପାଳନ କରାଯିବାକୁ ରହିଛି।

### ଜନଜାତି ଗୌରବ ଦିବସରେ ହେବ ଜନଶୁଣାଣି

ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର ରହିଛି। ଏହି ପରିପ୍ରେକ୍ଷୀରେ ୧୫ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ଆଦିବାସୀ ବର୍ଗଙ୍କ ଜନଶୁଣାଣି କରାଯିବ। ଆଦି ସେବା କେନ୍ଦ୍ର ମାଧ୍ୟମରେ ଏହି ଜନଶୁଣାଣି କରାଯିବ। ଜିଲାରେ ଯେତେସବୁ ଆଦିବାସୀ ବର୍ଗ ରହିଛନ୍ତି ସେମାନେ ସ୍ୱତନ୍ତ୍ର ଗ୍ରାମସଭାରେ ଯୋଗଦେଇ ତାଙ୍କର ସମସ୍ୟା ରଖିବେ। ଏହି ଅବସରରେ ଆଦିବାସୀ ସଂସ୍କୃତି ବିଷୟରେ ଆଲୋଚନା ହେବା ସହିତ ଆଦିବାସୀବର୍ଗଙ୍କୁ ଠିକ୍ ଭାବେ ସରକାରୀ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାହା ଉପରେ ମତାମତ ନିଆଯିବ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଦିବାସୀ ବର୍ଗଙ୍କ ସହିତ ତାଙ୍କର ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଗୁଜରାଟରୁ ଏହି କାର୍ଯ୍ୟକ୍ରମ ଲାଇଭ୍ ଟେଲିକାଷ୍ଟ ହେବାକୁ ରହିଛି। ଏଥିରେ ଆଦିବାସୀ ବର୍ଗଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ସଚିବ ପତ୍ରରେ ଦର୍ଶାଇଛନ୍ତି।

# ମିଳୁନାହାନ୍ତି ୪ ଦିନର ନବଜାତ ଶିଶୁ, ମା'

### ବ୍ରହ୍ମପୁର ଅଞ୍ଚଳରେ ବିକ୍ରି ହୋଇଥିବା ଚର୍ଚ୍ଚା

ପାରାଦୀପ,୧୦।୧୧(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ ହସ୍ପିଟାଲରେ ନଭେମ୍ବର ୬ରେ ଜନ୍ମିତ ଶିଶୁପୁତ୍ର ଓ ତାଙ୍କ ମା'ଙ୍କ ପତ୍ତା ମିଳୁ ନ ଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ନବଜାତ ଶିଶୁପୁତ୍ରକୁ ୩୫ ହଜାର ଟଙ୍କାରେ ବ୍ରହ୍ମପୁର ଅଞ୍ଚଳରେ ବିକ୍ରି କରାଯାଇଛି ବୋଲି ଆଲୋଚନା ହେଉଛି। ଘଟଣା ପରଠାରୁ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଖୋଜୁଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ତଥ୍ୟ ମିଳିପାରିନାହିଁ। ଏନେଇ ପାରାଦୀପ ଷଣ୍ଢକୁଦ ଅଞ୍ଚଳରେ ଆଲୋଚନା ଜୋର ଧରିଛି।

ସ୍ୱାସ୍ଥ୍ୟ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ, ସ୍ୱାମୀ ପରିତ୍ୟକ୍ତା ମହିଳା ଜଣକ ଗର୍ଭବତୀ ଥିବା ସମୟରେ ଚିକିତ୍ସିତ ହେଉଥିଲେ। ନଭେମ୍ବର ୬ ସକାଳ ୬ଟା୨୦ରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଉକ୍ତଦିନ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚାଲିଯାଇଛନ୍ତି। ପରେ ମହିଳା ଦର୍ଶାଇଥିବା ଠିକଣାରେ ରହୁନାହାନ୍ତି ବୋଲି ସେହି ଅଞ୍ଚଳର ଆଶା କର୍ମୀ ରିପୋର୍ଟ ଦେଇଛନ୍ତି। ଏହି ଖବର ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯାଇ ତାଙ୍କ ପଡ଼ୋଶୀମାନଙ୍କଠାରୁ ଯେଉଁ ରିପୋର୍ଟ ସଂଗ୍ରହ କରିଛନ୍ତି ସେଥିରେ କୁହାଯାଇଛି ଶିଶୁପୁତ୍ର ବିକ୍ରି ହୋଇଯାଇଛି। ଯେଉଁ ନିଃସନ୍ତାନ ଦମ୍ପତି କିଣିଛନ୍ତି ସେ ମଧ୍ୟ ମା'ଙ୍କୁ କିଛି ଦିନ ପାଇଁ ସାଙ୍ଗରେ ନେଇଛନ୍ତି।

# ଫେରାଇ ଆଣିବାକୁ ଗୁହାରି କଲେ ସାଙ୍ଗ

### ଆମେରିକାରେ ଓଡ଼ିଆ ଯୁବତୀଙ୍କୁ ନିର୍ଯାତନା ଘଟଣା

ବାଲେଶ୍ୱର,୧୦।୧୧(ବାଞ୍ଛାନିଧି ଦେ)

ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ଜଣେ ଯୁବତୀ ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଆଳଦା ଗ୍ରାମର ସାଙ୍ଗ ଅମର ଦାସଙ୍କୁ ସେ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୋମବାର ଯୁବତୀଙ୍କ ସାଙ୍ଗ ଅମର ବାଲେଶ୍ୱର ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ଯୁବତୀଙ୍କୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଗୁହାରୀ କରିଛନ୍ତି। ଏନେଇ ସେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ନାୟକ ଘଟଣା ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ଝିଅକୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଓଡ଼ିଆ ଯୁବତୀ ପୂଜା ନାୟକ ଛୋଟ ବେଳେ ଟ୍ରେନ୍‌ରେ ମା', ବାପାଙ୍କ ଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ।

ତେବେ ଏ ସମ୍ପର୍କରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଏଯାଏ ଝିଅ ସହ ସିଧାସଳଖ କୌଣସି ଯୋଗାଯୋଗ ହୋଇପାରିନାହିଁ। ଘଟଣାଟି ଅନ୍ୟ ଦେଶରେ। ତେଣୁ ବୈଦେଶିକ ଅଧିକାରୀଙ୍କ ସାହାଯ୍ୟ ନିଆଯିବ। ଯେହେତୁ ଘଟଣା ପୋଷ୍ୟ ସନ୍ତାନ ସମ୍ବନ୍ଧୀୟ, ରାଜ୍ୟ ତଥା କେନ୍ଦ୍ରୀୟ ସଂସ୍ଥା ସହ ଯୋଗାଯୋଗ କରାଯିବ। ଇଏମ୍‌ର ସାହାଯ୍ୟ ନିଆଯିବ ବୋଲି ସେ କହିଥିଲେ।

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା' ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶାଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ଶ୍ରେଣୀ ବିପଦ

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ପୁନେର ମୁନ୍ଧୱା–କେରୋଗାଁଓ ପାର୍କ ଅଞ୍ଚଳରେ ୪୦ ଏକର ସରକାରୀ ଜମିକୁ ୩୦୦ କୋଟି ଟଙ୍କାରେ କିଣିବା ବିଷୟ ପ୍ରଘଟ ହେବା ପରେ ମହାରାଷ୍ଟ୍ର ରାଜନୀତିରେ ଉତ୍ତାପ ବୃଦ୍ଧି ପାଇଛି। ଏହି ଜମିର ମୂଲ୍ୟ ୧,୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ତାହାକୁ କାରସାଦି କରାଯାଇ କିଣାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଭାଜପା ପରିଚାଳିତ ମହାଯୁତି ସରକାର ଅଡୁଆରେ ପଡ଼ିଛନ୍ତି। ସୂଚନା ଦିଆଯାଇପାରେ ଯେ, ସେଠାରେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ଥିବା ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ରୁ ଅଜିତ ପାୱାର ଓ ଶିବ ସେନାରୁ ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ଭାଜପା ଦୁର୍ନୀତିକୁ ପ୍ରଶ୍ରୟ ଦିଏ ନାହିଁ ବୋଲି କହୁଥିବା ବେଳେ ମେଣ୍ଟ ସରକାରର ଉପମୁଖ୍ୟମନ୍ତ୍ରୀଙ୍କ ପୁଅ ଜମି ହେରଫେରରେ ଜଡ଼ିତ ରହିବା ମହାରାଷ୍ଟ୍ର ରାଜନୀତିକୁ ଗରମ ରଖିବା ସ୍ୱାଭାବିକ। ସବୁଠାରୁ କୌତୂହଳ କଥା ହେଉଛି ସ୍ୱୟଂ ଅଜିତ ପାୱାର କହିଛନ୍ତି, କିଣାଯାଇଥିବା ଜମି ସରକାରଙ୍କର ବୋଲି ତାଙ୍କ ପୁଅ ଓ ସହଯୋଗୀମାନେ ଜାଣି ନ ଥିଲେ। ବିରୋଧୀ ଦଳଗୁଡ଼ିକ ଉପମୁଖ୍ୟମନ୍ତ୍ରୀ ଅଜିତଙ୍କ ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗ ଆଣି ନୈତିକ ଦୃଷ୍ଟିକୋଣରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏ ନେଇ ସେମାନେ ନ୍ୟାୟିକ ତଦନ୍ତ ମଧ୍ୟ ଦାବି କଲେଣି।

ଏଠାରେ ଉଲ୍ଲେଖଯୋଗ୍ୟ, ଆଜିର ଭାରତରେ ତୁଳନାତ୍ମକ ଭାବରେ ଦେଖିଲେ ଅଜିତ୍ ପାୱାରଙ୍କ ପୁତ୍ର ସରକାରୀ ଜମି ପାଇଁ ଅତ୍ୟଧିକ ଅର୍ଥ ଦେଇ ଜମି ହାତେଇଛନ୍ତି। ଅନ୍ୟ ଗୋଟିଏ ଉଦାହରଣ ଦେଖାଯାଉ। ବିହାରର ଭାଗଲପୁର ଜିଲାରେ ଆଦାନୀ କମ୍ପାନୀକୁ କୋଇଲା ଚାଳିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କାରଖାନା ସ୍ଥାପନ କରିବା ପାଇଁ ୧,୦୫୦ ଏକର ଜମି ରାଜ୍ୟ ସରକାର ୩୩ ବର୍ଷ ପାଇଁ ଲିଜ୍ ଆକାରରେ ଦେଇଛନ୍ତି। ଆଦାନୀକୁ ମୂଲ୍ୟ ଭାବେ ପ୍ରତ୍ୟେକ ବର୍ଷ ଏକର ପିଛା ୧ ଟଙ୍କା ଦେବାକୁ ବାଧ୍ୟ କରାଯିବ। ଅର୍ଥାତ୍ ୧,୦୫୦ ଏକର ପାଇଁ ବାର୍ଷିକ ୧,୦୫୦ ଟଙ୍କା ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲିଜ୍ ଦିଆଗଲା। ଅନିର୍ଦ୍ଦିଷ୍ଟ କାଳ ଏଇଥିପାଇଁ କୁହାଯାଉଛି କାରଣ ସରକାରୀ ଜମିକୁ ଯେଉଁ ଉଦ୍ଦେଶ୍ୟରେ ଦିଆଯାଇଛି ସେହି ଉଦ୍ଦେଶ୍ୟରେ ଯଦି ବ୍ୟବହାର କରାଯାଏ, ତେବେ ସବୁବେଳେ ଲିଜ୍ ନବୀକରଣ ହୋଇଚାଲୁଥିବ। ଉଲ୍ଲେଖଯୋଗ୍ୟ ଯେ, ଭାଗଲପୁର ଜମି ଉପରେ ଥିବା ପ୍ରାୟ ୧୦ ଲକ୍ଷ ଗଛ କଟାଯିବା ଆରମ୍ଭ ହୋଇଛି, ଯାହାକୁ ଚାଷୀ ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ପରବର୍ତ୍ତୀ ସମୟରେ, ଉତ୍ପାଦନ ଆରମ୍ଭ ହେବା ପରେ, କମ୍ପାନୀ ତାହାର ବିଦ୍ୟୁତ୍ ୟୁନିଟ୍ ପିଛା ୬ ଟଙ୍କାରେ ରାଜ୍ୟ ସରକାରଙ୍କୁ ବିକ୍ରି କରିବ।

> ଦେଶରେ କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

ଏଭଳି ପ୍ରଚ୍ଛଦପଟରେ ଗୋଟିଏ ବିଷୟ ମନକୁ ଆସୁଛି। ସମସ୍ତେ ମନେରଖିବା ଉଚିତ ହେବ ଯେ ଦେଶ ଏବଂ ସମାଜ ପାଇଁ ଅଧିକରୁ ଅଧିକ କୋଟିପତି ସୃଷ୍ଟି ହେବା ମଙ୍ଗଳମୟ। ଚାଇନା ଭଳି କମ୍ୟୁନିଷ୍ଟ ଦେଶରେ ମଧ୍ୟ ବୁଦ୍ଧି ଖଟାଇ କୋଟିପତି ହେବାର ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି। ତେବେ ଏହି କୋଟିପତିମାନେ ସରକାରୀ କାର୍ଯ୍ୟ, ନିର୍ବାଚନ ପ୍ରକ୍ରିୟା ଏପରିକି ଗଣମାଧ୍ୟମର ମାଲିକାନା କିମ୍ବା ପରିଚାଳନାରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଚାଇନାରେ ବ୍ୟବସ୍ଥା ଅଛି। ଅନ୍ୟ ଭାଷାରେ କହିବାକୁ ଗଲେ କୋଟିପତି ହେବା ଅପରାଧ ନୁହେଁ ଏବଂ ଜଣେ ହୋଇପାରିବେ। କିନ୍ତୁ କୋଟିପତି ଶ୍ରେଣୀ ସୃଷ୍ଟି କଲେ ତାହା ଦେଶ ପାଇଁ କ୍ଷତିକାରକ ହେବ। ଏହାର କାରଣ ମୁଖ୍ୟତଃ ବୁଝାପଡ଼େ ଯେ ସେହି ଅତୁଳନୀୟ ସମ୍ପତ୍ତିର ମାଲିକମାନେ ସବୁ କ୍ଷେତ୍ରରେ ମୁଣ୍ଡ ପୂରାଇଲେ ପରବର୍ତ୍ତୀ ସମୟରେ ସେମାନେ ପଛରେ ରହି ଦେଶର ମଙ୍ଗ ଧରିବାକୁ ପ୍ରଚେଷ୍ଟା କରିବେ। ଗୋଟିଏ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଆଦାନୀ ଓ ଟାଟାଙ୍କ ଭଳି ହାତଗଣତି କେତେ କମ୍ପାନୀକୁ ଯଦି ଆକାଶଠୁ ଭୂମି ପର୍ଯ୍ୟନ୍ତ ସବୁକିଛି ଟେକି ଦିଆଯାଏ, ତେବେ ଖୁବ୍‌ଶୀଘ୍ର ଜନସାଧାରଣଙ୍କ କ୍ଷତି ଘଟିବ।

ଶେଷରେ ଅଜିତ୍ ପାୱାରଙ୍କ ପୁତ୍ର ହାତେଇ ନେଇଥିବା ସରକାରୀ ଜମିକୁ ବ୍ୟବହାର କରିବେ କି ନାହିଁ ତାହା କେହି କହିପାରିବେ ନାହିଁ। ହୁଏତ ପରବର୍ତ୍ତୀ ସମୟରେ ସେହି ଜମିକୁ କୌଣସି ଗୋଟିଏ ବଡ଼ କର୍ପୋରେଟ ହାଉସ୍‌କୁ ଆହୁରି ଅଧିକ ଅର୍ଥରେ ବିକ୍ରି କରିଦେଇପାରନ୍ତି। ତେଣୁ ମୁଖ୍ୟ ବିଷୟ ହେଲା କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

# ଦେଶ ପ୍ରଗତିରେ ସମବାୟ



ପ୍ରତାପ ଚନ୍ଦ୍ର ସାମଲ

ଭାରତରେ ସ୍ୱାଧୀନତାର ବହୁ ପୂର୍ବରୁ ସମବାୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। କିନ୍ତୁ ତାହା କୃଷିଋଣ ପ୍ରଦାନ ମଧ୍ୟରେ ଥିଲା ସୀମିତ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ତଥା ରୂପାୟନ ପରେ ଆମ ଦେଶରେ ସମବାୟ କ୍ଷେତ୍ରରେ ଅନେକ କିଛି ଯୁଗାନ୍ତକର ପଦକ୍ଷେପ ନିଆଯାଇଛି। ଦେଶର ଅର୍ଥନୈତିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ରୂପେ ସମବାୟ ପ୍ରତିପାଦିତ। ସମବାୟ ଯୋଜନା ପରିଷଦ ୧୯୪୭ ମସିହାରେ ଦୃଢ଼ ମତପୋଷଣ କରିଥିଲେ ଯେ ଅର୍ଥନୈତିକ ଯୋଜନାର ଗଣତନ୍ତ୍ରୀକରଣ ପ୍ରକ୍ରିୟାରେ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଗ୍ରାମାଞ୍ଚଳର ଲୋକଙ୍କୁ ଯୋଜନାବଦ୍ଧ ଅର୍ଥନୈତିକ ବିକାଶ ପ୍ରକ୍ରିୟା ମାଧ୍ୟମରେ ସଚେତନ କରିଥିଲା। ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଆନ୍ଦୋଳନକୁ ଦେଶରେ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ଅପରିହାର୍ଯ୍ୟ ମାଧ୍ୟମ ରୂପେ ଅଭିହିତ କରାଯାଇଥିଲା। କିନ୍ତୁ ସମବାୟ ଆନ୍ଦୋଳନର ପ୍ରଗତି ତଥା ଭୂମିକା ଅଧ୍ୟୟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ଅଲ୍ ଇଣ୍ଡିଆ ରୁରାଲ ସର୍ଭେ କମିଟି ରିପୋର୍ଟ ୧୯୫୪ ମସିହାରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ଯେ, ଭାରତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି, ଏହାକୁ ସଫଳ କରିବା ପାଇଁ ସରକାର ସମବାୟକୁ ନିର୍ଣ୍ଣାୟକ ଭୂମିକା ରୂପେ ଗ୍ରହଣ କରିଛନ୍ତି। ଯେଉଁ ସବୁ କୃଷି ପରିବାର ସାହୁକାରଙ୍କଠାରୁ ଋଣ ଗ୍ରହଣ କରୁଥିଲେ ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡ଼ିଥିବା ବେଳେ ଏବେ ଦେଶରେ ବିନିଯୋଗ ହୋଇଥିବା ମୋଟ୍ କୃଷିଋଣର ଶତକଡ଼ା ୬୭ ଭାଗ ଅର୍ଥ ସମବାୟ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଜମିର ଉନ୍ନତୀକରଣ, ଆଧୁନିକ ପଦ୍ଧତିରେ ଚାଷ, ଉନ୍ନତ ଯନ୍ତ୍ରପାତିର ବ୍ୟବହାର, ଅଧିକ ଅମଳକ୍ଷମ ବିହନ ଏବଂ ଜୈବିକ କୃଷି ତଥା ସାର ପ୍ରୟୋଗ କରି ଖାଦ୍ୟଶସ୍ୟ ଉତ୍ପାଦନର ବୃଦ୍ଧି ଏବଂ ଅର୍ଥନୈତିକ ଜୀବନର ମାନଦଣ୍ଡ ବୃଦ୍ଧି କରାଇବା ପାଇଁ ସମବାୟ ସମିତିମାନଙ୍କର ସେବା ପ୍ରଣିଧାନଯୋଗ୍ୟ।

ଜମିର ଉନ୍ନତୀକରଣ ପାଇଁ ଗଭୀର କୂପ ଓ ନଳକୂପ ଖନନ, କେନାଲ ଓ ନଦୀର ପ୍ରବାହିତ ଜଳକୁ ପମ୍ପଦ୍ୱାରା ଚାଷଜମିକୁ ପାଣି ମଡ଼ାଇବା ନିମନ୍ତେ ଆର୍ଥିକ ସହାୟତା, ବିଭିନ୍ନ ପ୍ରକାର ଫଳ ବଗିଚା ପାଇଁ ଋଣ ଯୋଗାଇ ଦିଆଯାଉଛି। ସହରାଞ୍ଚଳଗୁଡ଼ିକରେ ଅର୍ବାନ କୋ–ଅପରେଟିଭ୍ ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ପାନ ଦୋକାନୀ, ପରିବା ଓ ଫଳ ବିକାଳି, ରିକ୍ସାବାଲା, ସାଇକେଲ ଦୋକାନୀ, ଅଟୋରିକ୍ସା, ଜନସେବା କେନ୍ଦ୍ର, କ୍ଷୁଦ୍ର ବ୍ୟବସାୟୀ, ଟ୍ରାଭେଲ୍ସ, ଡି.ଟି.ପି. ପ୍ରକାଶନ, ବହି ବନ୍ଧେଇ, ମନୋହରି ଓ ତେଜରାତି ଦୋକାନ ପାଇଁ ଋଣ ପ୍ରଦାନ କରୁଛନ୍ତି। ଫଳରେ ଉକ୍ତ ବ୍ୟବସାୟରୁ କିଛି ଲାଭ ପାଇ



ଲୋକେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଛନ୍ତି। ଏହା ସହିତ ବେକାରି ସମସ୍ୟା ଦୂରୀଭୂତ ହୋଇପାରିଛି। ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ସମବାୟ ସମିତି ଦ୍ୱାରା ସାର, ବିହନ, ପୋକମରା ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଖାଉଟି ସାମଗ୍ରୀ ଯୋଗାଣ, ସଭ୍ୟମାନଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ଯୋଗାଣ, କୁଶଳୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀ ତଥା ସମବାୟର ସଭ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ତଥା ସଂଗୃହୀତ ଦ୍ରବ୍ୟର ଉପଯୁକ୍ତ ବିପଣନ ଇତ୍ୟାଦି ଅନେକ ସୁବିଧା ଓ ସେବା ସମବାୟ ଦ୍ୱାରା ପ୍ରଦାନ କରାଯାଉଛି। ଅର୍ଥନୈତିକ ଓ ଗୁଣାତ୍ମକ ପ୍ରଗତି ପ୍ରକ୍ରିୟାରେ ଋଣର ପ୍ରକୃତ ବିନିଯୋଗ, ଠିକ୍ ସମୟରେ ଋଣ ପରିଶୋଧ, ଆର୍ଥିକ ତଥା ସାମାଜିକ ଜୀବନର ଉନ୍ନତି ସାଧନ ଓ ଜନସଚେତନତା ସୃଷ୍ଟି କରାଯାଇ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳ ଏବଂ ଦୃଢ଼ ମନୋବଳର ବାତାବରଣ ସୃଷ୍ଟିକରି ସର୍ବସାଧାରଣଙ୍କର ଉନ୍ନତି ସାଧନ ପାଇଁ ସମବାୟ ଆନ୍ଦୋଳନ ଉତ୍ସର୍ଗୀକୃତ।

ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ସ୍ୱଚ୍ଛଳଭାବେ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସମବାୟ ପୁନଃ ଦୃଢ଼ୀକରଣ ଯୋଜନା ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା କାର୍ଯ୍ୟକାରୀ ହେଲେ ଅନେକ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ହୋଇପାରିବେ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଅଧିକ ଦକ୍ଷତା ହାସଲ କରିପାରିବେ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନ ହେଲା କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନର ସୁବିଧା ଅନେକ ସଭ୍ୟ ପାଇପାରିନାହାନ୍ତି। ଆଜି ମଧ୍ୟ ସମିତି କର୍ମଚାରୀଙ୍କ ଦ୍ୱାରା କିଷାନ୍ କ୍ରେଡିଟ୍ କାର୍ଡଧାରୀଙ୍କର ବ୍ଲାଙ୍କ୍ କିଷାନ୍ କ୍ରେଡିଟ୍ ଚେକ୍ ଓ ବ୍ଲାଙ୍କ ବ୍ୟାଙ୍କ ଚେକ୍ ଉପରେ ଦସ୍ତଖତ ନିଆଯାଇ କିଷାନ୍ କ୍ରେଡିଟ୍ ପାସ୍‌ବୁକ୍ ସହିତ ସମିତିରେ ମହଜୁଦ ରଖାଯାଉଛି। କାର୍ଡଧାରୀମାନଙ୍କୁ ନ ଜଣାଇ ସମୟ କ୍ରମେ ସେବା ସମବାୟ ସମିତିର ସମ୍ପାଦକମାନେ ବ୍ଲାଙ୍କ୍ ଚେକ୍‌କୁ ପୂରଣ କରି ବ୍ୟାଙ୍କ କର୍ମଚାରୀମାନଙ୍କ ସଲାସୁତରାରେ କାର୍ଡଧାରୀମାନଙ୍କ ନାମରେ ଋଣ ଉଠାଇ ନିଜ ନିକଟରେ ରଖି କେତେକ କ୍ଷେତ୍ରରେ କିଛି ପରିମାଣର ଋଣ ଦିଅନ୍ତି। ଚାଷୀଟି ସମିତି ସମ୍ପାଦକଙ୍କୁ ବିଶ୍ୱାସ କରି ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରି ଦେଉଥିଲାବେଳେ ସମିତି ସମ୍ପାଦକ ଋଣୀର ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି। କିଷାନ କ୍ରେଡିଟ୍ ପାସ୍‌ବୁକ୍‌ଗୁଡ଼ିକ ମଧ୍ୟ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ରହିଥାଏ। ଋଣୀ ସଭ୍ୟଟି କେତେ ଟଙ୍କା ଋଣ ନେଲା ତାହା ଜାଣିପାରେ ନାହିଁ। ଚାଷୀମାନଙ୍କୁ କୃଷିଋଣ ବିଷୟରେ ସଚେତନ କରାଯାଏ ନାହିଁ।

ସଭ୍ୟମାନେ ସମବାୟର କାର୍ଯ୍ୟଧାରାରେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ। ସମବାୟର କାର୍ଯ୍ୟଧାରାରେ ଅଂଶଗ୍ରହଣ କରୁଥିବା ଉଭୟ କର୍ମଚାରୀ ଓ ପରିଚାଳନା ପରିଷଦର ସଭ୍ୟମାନଙ୍କର କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସଚ୍ଚୋଟତା, ଏକାଗ୍ରତା ଏବଂ ଅଙ୍ଗୀକାରବଦ୍ଧତା ରହିବା ଅପରିହାର୍ଯ୍ୟ। ଆଧୁନିକ ଜ୍ଞାନ କୌଶଳର ପ୍ରକୃଷ୍ଟ ବିନିଯୋଗ, ଉଜ୍ଜ୍ୱଳ ମାନବସମ୍ବଳ ବିକାଶ, ସ୍ୱଚ୍ଛତା ଏବଂ କ୍ରିୟାଶୀଳତା ଏବଂ କମ୍ପ୍ୟୁଟରୀକରଣ ଦ୍ୱାରା ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ସହ କାର୍ଯ୍ୟ କରିପାରିଲେ ଦେଶ ପ୍ରଗତିର ବଳିଷ୍ଠ ମାଧ୍ୟମ ରୂପେ ଜନସାଧାରଣଙ୍କୁ ସମବାୟ ମାଧ୍ୟମରେ ସେବା ଯୋଗାଇ ଦେବାର ଅବକାଶ ରହିଛି। ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା ପ୍ରତି ପ୍ରାଥମିକ ସମବାୟ ସମିତିରେ ଋଣ ତନଖି କାର୍ଯ୍ୟ ସୁପରିଚାଳନା ପାଇଁ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ସରକାରୀ ଅଧିକାରୀଙ୍କ ଦ୍ୱାରା କମ୍ପ୍ୟୁଟରୀକରଣ ଠିକ୍ ରୂପେ ହୋଇଛି ବୋଲି ସହକାରୀ ସମବାୟ ନିବନ୍ଧକମାନଙ୍କ ଦ୍ୱାରା ସରକାରଙ୍କୁ ତଥ୍ୟ ଯୋଗାଇଲେ ଏହାର ସୁଫଳ ଜନସାଧାରଣ ପାଆନ୍ତେ। ଋଣ ଦୁର୍ନୀତର ମୂଳୋତ୍ପାଟନ ପାଇଁ ସରକାର ବିହିତ ପଦକ୍ଷେପ ନେବାପାଇଁ ତତ୍କାଳୀନ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ସେମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯିବା ଦରକାର। ସେମାନଙ୍କଠାରୁ ଧାର୍ଯ୍ୟ ଅର୍ଥ ତତ୍କାଳିକଭାବେ ଆଦାୟ କରାଗଲେ ଦେଶ ପ୍ରଗତିରେ ସମବାୟର କାର୍ଯ୍ୟ ପ୍ରଶଂସନୀୟ ହୋଇପାରିବ। ସମବାୟ ସମୀକ୍ଷା ବିଭାଗରେ ସଚ୍ଚୋଟତା ନିହାତି ଆବଶ୍ୟକ। ଏହାର ବିଲୋପ ହେବା ଆବଶ୍ୟକ। ନାବାର୍ଡ ଦ୍ୱାରା ପ୍ରାଥମିକ ସମବାୟ ସମିତିକୁ ସିଧାସଳଖ ଋଣ ଯୋଗାଇବା ପାଇଁ ସମବାୟ ସମିତି ଆଇନ୍‌ରେ ସଂଶୋଧନ ହେବା ଆବଶ୍ୟକ। ସମିତିର ପରିଚାଳନା ପରିଷଦକୁ ଉପଯୁକ୍ତ ଦକ୍ଷତା ଥିବା ଶିକ୍ଷିତ ଓ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କରିବା ସହିତ ସେମାନଙ୍କୁ ବୈଠକ ଭାର ଦିଆଯିବା ଆବଶ୍ୟକ। ନଚେତ୍ ସମବାୟ କର୍ମଚାରୀ ଓ ପରିଚାଳନା ପରିଷଦ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇ ଦୂରତ୍ୱ ବୃଦ୍ଧିପାଉଛି। ଏ ସବୁକୁ ବିଚାରକୁ ନେଇ ସମବାୟରେ ଯେତେ ଶୀଘ୍ର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇପାରିବ ସେତେ ଶୀଘ୍ର ଏହାର ସୁଫଳ ଜନସାଧାରଣ ପାଇପାରିବେ। ନଚେତ୍ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନୀତିରେ ସମବାୟରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହେବ।

ମୋ: ୯୦୯୦୩୨୫୮୦୨

# ମୋତେ କ୍ଷମା କର



ଡ. ସତ୍ୟ ନାରାୟଣ ମିଶ୍ର

ଜୀବନର ଗତିପଥରେ ମଣିଷର ଭୁଲ୍ ହୋଇଗଲେ ତାହାର ସଂଶୋଧନ ପାଇଁ ତାକୁ କିଛି ଦେବାକୁ ପଡ଼ିଥାଏ। ତାହା ଅର୍ଥର ରାଶି, କିଛି ସାମଗ୍ରୀ ବା ପାରିଶ୍ରମିକ ଇତ୍ୟାଦି ହୋଇପାରେ। କିନ୍ତୁ ଏତଦ୍ ଭିନ୍ନ ଅନ୍ୟ ଗୋଟିଏ ସଂଶୋଧନ ପାଇଁ ପନ୍ଥା ରହିଥାଏ ଯାହା ଥାଏ କ୍ଷମା। ଅନେକ ସମୟରେ ମଣିଷ ଭୁଲ୍ କଲେ ନିଜର ଆତ୍ମସଂଶୋଧନ ଓ ଆତ୍ମଜାଗରଣ ପାଇଁ କ୍ଷମା ଯାଚନା କରିଥାଏ। ମାତ୍ର ପ୍ରଶ୍ନ ଉଠେ ବ୍ୟକ୍ତି କ୍ଷମା ମାଗିବାବେଳେ ତା'ପ୍ରତି କେତେ ଅନୁରାଗ ଓ ସମ୍ବେଦନଶୀଳତା ଥାଏ ? କାରଣ ଭୁଲ୍ ପାଇଁ କ୍ଷମା ମାଗିବାବେଳେ ଭୁଲ୍‌ର ପୁନରାବୃତ୍ତି ନ ହେବା ପାଇଁ ବ୍ୟକ୍ତି ସଙ୍କଳ୍ପବଦ୍ଧ ହେବା ସହ ସେଥିପ୍ରତି ସଚେତନ ହୋଇଥାଏ। ମାତ୍ର ଯଦି ମଣିଷ ବାରମ୍ବାର ଭୁଲ୍ କରେ ଓ ବାରମ୍ବାର କ୍ଷମା ମାଗେ, ତେବେ ସେ କ୍ଷେତ୍ରରେ କ୍ଷମା ଏକ ପ୍ରହସନ ହୋଇଯାଏ। ବ୍ୟକ୍ତି ପାଲଟିଯାଏ ଏକ ନୀତିହୀନ ମଣିଷ। ଅତଏବ ଜ୍ଞାତସାରରେ ଭୁଲ୍ ନ କରିବା, ବାରମ୍ବାର କ୍ଷମା ଯାଚନା ନ କରିବା ହେଉଛି ବିବେକବାନ୍ ମଣିଷର ଅନ୍ତର୍ଦୃଷ୍ଟି।

ତେବେ କ୍ଷମା ମାଗିବା ଓ କ୍ଷମା ପ୍ରଦାନ କରିବା ମଧ୍ୟରେ ଥାଏ ଏକ ସେତୁ, ଯାହାକୁ ଅତିକ୍ରମ କରିବା ହେଉଛି ଏକ ସଂଘର୍ଷର ପୃଷ୍ଠଭୂମି। କଥୋପକଥନରେ ଭୁଲ୍ କରି ବାରମ୍ବାର ମୋତେ କ୍ଷମାକର କହିବା ହେଉଛି ଏକ ଅପରିଣାମଦର୍ଶୀ ଭିକ୍ଷା ବୃତ୍ତି। କ୍ଷମା ମାଗିବା ମୂଳତଃ କୌଣସି କାର୍ଯ୍ୟ ବା ନିଜର ନିଷ୍କ୍ରିୟତାକୁ ଯଥାର୍ଥ କରି ରକ୍ଷାକରିବା ପାଇଁ ବ୍ୟବହୃତ ଏକ ସୁପରିକଳ୍ପିତ ବ୍ୟାଖ୍ୟା, ଯାହା ପ୍ରାୟତଃ ଦାୟିତ୍ୱ ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ ଅନେକେ ବ୍ୟବହାର କରିଥାନ୍ତି। କ୍ଷମା ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ୟକ୍ତିଗତ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିପାରେ ଓ ଅନେକ ସମୟରେ ଏଥିରେ ସମ୍ପର୍କ ନଷ୍ଟ ହୋଇଥାଏ। କ୍ଷମା ପ୍ରାୟତଃ ଦୋଷ ବଦଳାଇବା, ଦୋଷକୁ କମ୍ କରିବା ବା ଦୋଷ ହ୍ରାସକାରୀ ପରିସ୍ଥିତିକୁ ଅଧିକ ଉଜ୍ଜୀବିତ କରେ। କ୍ଷମା ମାଗି ବ୍ୟକ୍ତିମାନେ ଏକ ସକାରାତ୍ମକ ଆତ୍ମ–ପ୍ରତିଛବି ବଜାୟ ରଖିବାକୁ ଚେଷ୍ଟା କରିପାରନ୍ତି ଓ ଦୋଷ କିମ୍ବା ବିଫଳତାକୁ ସ୍ୱୀକାର କରିବାର ଅସୁବିଧାକୁ ଏଡ଼ାଇ ପାରନ୍ତି, ମାତ୍ର ସ୍ଥିତି ଓ ପରିସ୍ଥିତିର ସମନ୍ୱୟରେ ଅନେକ ସମୟରେ ମଣିଷ କ୍ଷମା ନିକଟରେ ପରାସ୍ତ ହୋଇ ନିଜକୁ ଧିକ୍କାର କରିଥାଏ।

କ୍ଷମା ମଣିଷକୁ ଅସ୍ଥାୟୀ ଆନନ୍ଦ ଦେଇପାରେ ମାତ୍ର ତାହା ଥାଏ ବ୍ୟକ୍ତିର ଦୀର୍ଘକାଳୀନ ନକାରାତ୍ମକ ପରିଣାମ, କାରଣ ମଣିଷ ଭୁଲ୍‌ରୁ ଶିକ୍ଷାଲାଭ କରିଥାଏ। ଯଦି ଭୁଲ୍ ନ କରିବା ପାଇଁ ମଣିଷ ସଚେତନ ହୁଅନ୍ତା ତେବେ କ୍ଷମାର ନଜରବନ୍ଦୀରୁ ମୁକ୍ତି ପାଇପାରନ୍ତା। ମାତ୍ର ବାରମ୍ବାର କ୍ଷମା ଭିକ୍ଷା ବିଶ୍ୱାସ ଓ ସମ୍ପର୍କକୁ କ୍ଷତି ପହଞ୍ଚାଇଥାଏ। କାରଣ ସେତେବେଳେ ବ୍ୟକ୍ତି ପ୍ରାୟତଃ ପ୍ରତାରଣା ବା ଉତ୍ତରଦାୟିତ୍ୱର ଅଭାବ ସହ ଜଡ଼ିତ ହୋଇଥାଏ। ଅସ୍ୱାଭାବିକତା ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ କ୍ଷମା ଏକ ସରଳ ଉପାୟ।



ଅତଏବ ଅନେକ ସମୟରେ କ୍ଷମା ଭିକ୍ଷା ବା କ୍ଷମାକୁ ଏକ ତ୍ରାହିର ଆଧାର କରିବା ଅପେକ୍ଷା ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଅଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ। କ୍ଷମା କରିବାର ଅର୍ଥ କ୍ଷମା ମାଗିବାକୁ ପ୍ରଥମେ ବୁଝାଇଥାଏ, ଯାହା ଥାଏ ଅନ୍ୟର ଦୟା ଓ ଅନୁକମ୍ପା ତଥା ବଦାନ୍ୟତା। ମାତ୍ର ବ୍ୟକ୍ତି ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାକୁ ଆଧାରକରି ଯଥେଷ୍ଟ ଯତ୍ନବାନ୍ ହୋଇ କ୍ଷମାର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କ୍ଷମା ଓ ବାସ୍ତବତା ପରିସ୍ଥିତି ପ୍ରତି ଭିନ୍ନ ଆଭିମୁଖ୍ୟକୁ ପ୍ରତିପାଦିତ କରେ, ବିଶେଷତଃ ଯେତେବେଳେ ଘଟଣା ଯୋଜନା ଅନୁଯାୟୀ ହୁଏ ନାହିଁ। ଅନେକ ସମୟରେ ବ୍ୟକ୍ତି କ୍ରୋଧ ଓ ଅନ୍ୟ ଉପରେ ଆକ୍ରୋଶ ରଖି କିଛି ଭୁଲ୍ କରିଥାଏ ଏବଂ ଫଳ ସ୍ୱରୂପ ପୁଣି ନିଜକୁ ରକ୍ଷାକରିବା ବା ଦୋଷମୁକ୍ତ କରିବା ପାଇଁ କ୍ଷମା ପ୍ରାର୍ଥୀ ହୋଇଥାଏ। ଆଜିକାଲି ସମାଜରେ ମଣିଷ ହିତାହିତ ଜ୍ଞାନ ନ ରଖି ସମାଜରେ ପରିବାରରେ ତଥା ସର୍ବଜନରେ ଅକରଣୀୟ କାର୍ଯ୍ୟ କରୁଛି। ପରିସ୍ଥିତିକୁ ସନ୍ତୁଳିତ କରିବା ପାଇଁ ଓ ନିଜକୁ ବଞ୍ଚାଇବା ପାଇଁ କ୍ଷମା ପ୍ରାର୍ଥୀ ହେଉଛି। ପ୍ରତ୍ୟେକ କଥାରେ ମୋତେ କ୍ଷମାକର କହି ନିଜକୁ ଗୌଣ କରୁଛି।

କ୍ଷମା ଏକ ମହତ୍ ଗୁଣ, ମାତ୍ର ଏହାର ଶ୍ରେୟଃ ତାହା ପାଇଁ, ଯିଏ କ୍ଷମା ପ୍ରଦାନ କରେ। ଯିଏ କ୍ଷମା ପ୍ରାର୍ଥୀ ହୁଏ ସେ ନିଜକୁ କେତେ ନିମ୍ନ ମନେକରେ ତାହା ସ୍ୱାଭିମାନୀ ବ୍ୟକ୍ତି ଅନୁଭବ କରିଥାଏ। ଭାରତୀୟ ସମ୍ବିଧାନରେ ବ୍ୟକ୍ତିର ଗର୍ହିତ ଭୁଲ୍ ବା ତ୍ରୁଟି ପାଇଁ ଦୋଷୀର ଦଣ୍ଡ କୋହଳକରି ଜେଲରୁ ମୁକ୍ତି ଦିଆଯାଏ। ଅତିରିକ୍ତ ଭାବରେ ରାଷ୍ଟ୍ରପତି ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିକୁ ମଧ୍ୟ କ୍ଷମାକରି କୋହଳ କରିଥାନ୍ତି ଯାହା ନିର୍ଭର କରିଥାଏ ବ୍ୟକ୍ତିର ଚରିତ୍ର, ବ୍ୟବହାର ଓ ଦୋଷର ଗଭୀରତା ଉପରେ। ରାମାୟଣ, ମହାଭାରତ, ଭାଗବଦ୍ ଗୀତା ଆଦି ଗ୍ରନ୍ଥରେ ଏପରିକି ବାଇବେଲ, କୋରାନ ଆଦିରେ ଭଗବାନ୍ ମଣିଷକୁ ଅନେକ କ୍ଷେତ୍ରରେ କ୍ଷମାଦେଇ ତାକୁ ସଂଶୋଧିତ ହେବା ପାଇଁ ସୁଯୋଗ ଦେଇଛନ୍ତି। ମାତ୍ର ମଣିଷ ସେ ସଂଶୋଧନକୁ କମ୍ ବ୍ୟବହାର କରି ଭୁଲ୍‌ର ପୁନରାବୃତ୍ତି କରିଚାଲିଛି ଏବଂ ଆତ୍ମ ସ୍ୱାର୍ଥ ପାଇଁ କ୍ଷମା ମାଗୁଛି।

ମହାଭାରତରେ, ବିଭିନ୍ନ ଚରିତ୍ରମାନେ ସେମାନଙ୍କର କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ଯଥାର୍ଥ କିମ୍ବା ଦୋଷକୁ ଦୂରେଇରଖିବା ପାଇଁ କ୍ଷମାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଇଥିଲା। ରାମାୟଣରେ ମଧ୍ୟ କାର୍ଯ୍ୟ କିମ୍ବା ନିଷ୍ପତ୍ତିକୁ ଯଥାର୍ଥ କରିବା ପାଇଁ କ୍ଷମା ପ୍ରାୟତଃ ବ୍ୟବହୃତ ହୋଇଛି। ବିଶେଷତଃ ଯେଉଁ ପରିସ୍ଥିତିରେ ଚରିତ୍ରମାନେ ଧାର୍ମିକ ଆଚରଣରୁ ବିଚ୍ୟୁତ ହୋଇଛନ୍ତି ବା ନୈତିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି। ଆଧୁନିକ ସମାଜରେ ସମ୍ପ୍ରତି ନିଜର ଆକ୍ରୋଶ, ଈର୍ଷା ବା ପ୍ରତିଶୋଧକୁ ଶାନ୍ତିକରିବା ପାଇଁ ଅନେକ କ୍ଷେତ୍ରରେ କେତେଜଣ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ନିର୍ଦ୍ଦୋଷରେ ଘଟଣାଚକ୍ରରେ ଦୋଷୀ ସାବ୍ୟସ୍ତ କରି ଭୁଲ୍ ନ ଥାଇ ଭୁଲ୍‌କୁ ସ୍ୱୀକାରକରାଇ କ୍ଷମା ପ୍ରାର୍ଥୀ କରି ନିଜେ ଆନନ୍ଦିତ ହୋଇଥାନ୍ତି। ଅତଏବ କ୍ଷମାର ମହନୀୟ ଚିନ୍ତାଧାରାରେ ମଣିଷ ମାର୍ଜିତ ଓ ପରିମାର୍ଜିତ ହୋଇ ଭୁଲ୍‌ର ବାରମ୍ବାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ୍ ହେବା ଉଚିତ, ଯେଉଁଠି ନ ଥିବ ବାରମ୍ବାର ଅନୁରୋଧର ଅନିଚ୍ଛାକୃତ ଶବ୍ଦ ପ୍ରବାହ 'ମୋତେ କ୍ଷମା' କର।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
ମୋ: ୯୯୩୭୩୪୫୯୦୦

## ଏଇ ଭାରତରେ

ବେଙ୍ଗାଲୁରୁ ସହରର ବିଭିନ୍ନ ସ୍ଥାନରେ ରହୁଥିବା ଅବହେଳିତ ବର୍ଗର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି ଏମ୍. ନାଗାରାଜେୟା। ସେ ପ୍ରଗତି ଚାରିଟେବଲ୍ ଟ୍ରଷ୍ଟ ଗଠନ କରି ଏହି କାର୍ଯ୍ୟ କରୁଛନ୍ତି। ୨୦୦୫ ବେଙ୍ଗାଲୁରୁ ବନ୍ୟା ସମୟରେ ବସ୍ତିରେ ରହୁଥିବା ଗରିବ ପରିବାର ଓ ସେମାନଙ୍କ ପିଲାଙ୍କ ସ୍ଥିତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ବିଶେଷକରି ପିଲାମାନେ ସ୍କୁଲ ପଢ଼ା ଛାଡ଼ି ଶିଶୁଶ୍ରମିକ ଭାବେ କାମ କରୁଥିଲେ କିମ୍ବା ଅନେକେ ଆଦୌ ସ୍କୁଲ ନ ଯାଇ ଘରେ ରହୁଥିଲେ। ଏହି ପିଲାମାନଙ୍କୁ ନାଗାରାଜେୟା ସହରର କେମ୍ପାପୁରା, ସୁମନହାଲି ଓ ଅମୃତାଲିରେ ତିନୋଟି ଶିକ୍ଷାକେନ୍ଦ୍ର ଖୋଲି ଦୀର୍ଘ ୨୦ ବର୍ଷ ହେଲା ପଢ଼ାଉଛନ୍ତି। ପିଲାମାନଙ୍କୁ ଗଣିତ, ଇଂଲିଶ ପଢ଼ାଯିବା ସହ ନାଚ, ଗୀତ ଓ ଖେଳ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସ୍ୱେଚ୍ଛାସେବୀ ଶିକ୍ଷକ ଅଛନ୍ତି। ଗୋଟିଏ ଶିକ୍ଷା କେନ୍ଦ୍ର ପରିଚାଳନା ପାଇଁ ମାସକୁ ପାଖାପାଖି ୨୭,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସମସ୍ତ ଖର୍ଚ୍ଚ ଲୋକଙ୍କ ଦାନ ଅର୍ଥରେ ଚାଲୁଛି। ଶିକ୍ଷା କେନ୍ଦ୍ରରେ ପ୍ରଥମେ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରାଯାଇ ପରେ ସରକରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ନଭେମ୍ବର ୧୯୭୬

- ଭାରତ ଓ ଇଟାଲୀ ମଧ୍ୟରେ ବୃତ୍ତି ବିନିମୟ ଏବଂ ସିନେମା ସଙ୍ଗୀତ, ଥିଏଟର ଓ କଳାର ସମ୍ପ୍ରସାରଣ ନିମନ୍ତେ ପ୍ରଥମ ଥର ଲାଗି ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।
- ଆନ୍ତର୍ଜାତିକ କ୍ଷେତ୍ରରେ ଶକ୍ତି ପ୍ରୟୋଗ ପରିହାର ଲାଗି ରୁଷର ପ୍ରସ୍ତାବକୁ ଜାତିସଂଘ ସାଧାରଣ ପରିଷଦ ଅନୁମୋଦନ କରିଛି।

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ ।

–(ସୁଦୂର ଗାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 9 | 3 | | 8 | 4 |
| | | | | | 7 | 1 | | 9 |
| | | 6 | | | | | 5 | |
| | 3 | | | | | | 1 | |
| | | | | | 5 | 7 | | |
| | 8 | 2 | | | | | | |
| | | | | 6 | | 8 | | |
| | | | 2 | | 9 | | | |
| 8 | | | | | | | 9 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 9 | 2 | 3 | 7 | 6 | 5 | 4 |
| 4 | 6 | 7 | 9 | 5 | 8 | 2 | 1 | 3 |
| 5 | 2 | 3 | 4 | 1 | 6 | 7 | 8 | 9 |
| 2 | 5 | 6 | 1 | 8 | 4 | 3 | 9 | 7 |
| 3 | 4 | 8 | 7 | 9 | 2 | 5 | 6 | 1 |
| 7 | 9 | 1 | 5 | 6 | 3 | 4 | 2 | 8 |
| 8 | 7 | 5 | 6 | 4 | 1 | 9 | 3 | 2 |
| 9 | 3 | 2 | 8 | 7 | 5 | 1 | 4 | 6 |
| 6 | 1 | 4 | 3 | 2 | 9 | 8 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ପ୍ରେସ୍କ୍ରିପ୍‌ଶନରେ କଫ ସିରପ୍ ବିକ୍ରି

ମହାଶୟ,

ଭାରତରେ ବିଭିନ୍ନ ସମୟରେ କଫ ସିରପ୍ ଖାଇ ଶିଶୁ ଓ ବୟସ୍କମାନେ ମୃତ୍ୟୁମୁଖରେ ପଡୁଥିବା ଖବର ପ୍ରକାଶ ପାଇ ଆସୁଛି। ଓଡ଼ିଶାରେ ମଧ୍ୟ ଏଭଳି କଫ ସିରଫ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଦେଖାଯାଏ ରଥଯାତ୍ରା ଓ ଦୁର୍ଗାପୂଜା ସମୟରେ ସରକାରଙ୍କର ଅବକାରୀ ବିଭାଗ ମଦଦୋକାନଗୁଡିକୁ ବନ୍ଦ କରିଥାନ୍ତି । ସେହି ସମୟରେ ମଦ୍ୟପମାନେ ଔଷଧ ଦୋକାନରୁ କୋରେକ୍ସ, ଟସେକ୍ସ, ଫେନ୍‌ସିଡିଲ ଜିଞ୍ଜର ଇତ୍ୟାଦି କିଣିନେଇ ପିଇ ନିଶାଗ୍ରସ୍ତ ହୋଇଯାନ୍ତି । ଏହି ଔଷଧଗୁଡିକ ଥଣ୍ଡା, ଶ୍ୱାସ, କାଶ ପାଇଁ ଉଦ୍ଦିଷ୍ଟ । ଔଷଧ ଦୋକାନୀ ବିନା ପ୍ରେସ୍କ୍ରିପ୍‌ଶନରେ ଚଢ଼ା ଦାମ୍‌ରେ ଏଗୁଡ଼ିକୁ ବିକ୍ରି କରିଥାନ୍ତି । ସବୁଠୁ ବଡ଼ କଥା ହେଉଛି , ବାରମ୍ବାର କଫ୍ ସିରପ ଜନିତ ମୃତ୍ୟୁ ଘଟୁଥିଲେ ମଧ୍ୟ ତାହାକୁ ଏଯାବତ ନିୟନ୍ତ୍ରଣ କରାଯାଇପାରୁନାହିଁ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଶୀ ବରଷରେ ହେତୁ ନାଶ ଯାଏ**
**କଷି ନାଶ ଯାଏ କୁହୁଡ଼ି ପାତେ**
**ବସି ଖାଇଲେ ଯେ ଧନ ନାଶ ଯାଏ**
**ଅସ୍ତ୍ର ନାଶ ଯାଏ ହାତୁ ଦି'ହାତେ ।**

ବୟସ ଅତ୍ୟଧିକ ହୋଇଗଲେ ମଣିଷର ସ୍ମୃତିଶକ୍ତି ଲୋପ ପାଇଯାଏ। ଅତ୍ୟଧିକ କୁହୁଡ଼ି ପଡ଼ିଲେ ଆମକଷି ଝଡ଼ି ଯାଇଥାଏ। ଉପାର୍ଜନ ନ କରି ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରି ଚାଲିଲେ ତାହା ଅତିରେ ଶେଷ ହୋଇଯାଇଥାଏ। ସେହିପରି ହାତ ହତିଆର ହାତରୁ ବି ହାତ ହେଲେ ଗୁଣ ହରାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଧା ଭୋଜନ,**
**ବୁଢ଼ୀ ଗାଈ ଦାନ।**

ଅଧା ଭୋଜନରେ ପେଟ ପୁରି ନ ଥାଏ କି ଆତ୍ମତୃପ୍ତି ମିଳି ନ ଥାଏ। ସେହିପରି ଦାନ ସୂତ୍ରରେ ମିଳିଥିବା ବୁଢ଼ୀ ଗାଈ କୌଣସି ପ୍ରକାର ଆବଶ୍ୟକତାକୁ ମେଣ୍ଟାଇପାରି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ନିରର୍ଥକ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନୂଆପଡ଼ାରେ ବ୍ୟାପକ ଭାବେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହେଉଛି

**ସାମାଜିକ ଗଣମାଧ୍ୟମ ଜରିଆରେ ନବୀନଙ୍କ ଅଭିଯୋଗ**

ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)

ଅବାଧ ଓ ନିରପେକ୍ଷ ନିର୍ବାଚନ ହେଉଛି ଗଣତନ୍ତ୍ରର ହଲ୍‌ମାର୍କ। ହେଲେ ନୂଆପଡ଼ା ଉପନିର୍ବାଚନ ପୂର୍ବର ୪୮ ଘଣ୍ଟାରେ ବ୍ୟାପକ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରାଯିବାର ବହୁ ଘଟଣା ନଜରକୁ ଆସୁଛି। ଭାରତର ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଭୋଟିଂର ୪୮ ଘଣ୍ଟା ପୂର୍ବରୁ ଜିଲା ବାହାରୁ ଯାଇଥିବା ନେତା ଓ କାର୍ଯ୍ୟକର୍ତ୍ତାମାନେ ସେହି ସ୍ଥାନ ଛାଡି ଚାଲିଯିବା କଥା। ହେଲେ ଭାଜପାର ବହୁ ଜିଲା ବାହାର ନେତାମାନେ ନିର୍ବାଚନମଣ୍ଡଳୀ ଭିତରେ ବୁଲିବା ସହିତ ଭୋଟରଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଛି ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନବୀନ କହିଛନ୍ତି, ଯେତେବେଳେ ଉପରୋକ୍ତ କିଛି ଘଟଣାକୁ ସ୍ଥାନୀୟ ବିଜେଡି ନେତା ବିରୋଧ କଲେ ସେମାନଙ୍କୁ ପୋଲିସ ଅଟକ ରଖିଲା। ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ନିରପେକ୍ଷତା ନ ରଖି ଶାସକ ଦଳ ଲାଗି ଅଧିକ ଅଗ୍ରହ ଦେଖାଉଛନ୍ତି। ଏଭଳି ଆଚରଣ ଅତ୍ୟନ୍ତ ସମ୍ବେଦନଶୀଳ। ଭାରତୀୟ ନିର୍ବାଚନ ଆୟୋଗ ଏହି ଘଟଣାରେ ନିହାତି ହସ୍ତକ୍ଷେପ କରନ୍ତୁ। ଭୋଟିଂ ପୂର୍ବ ୪୮ ଘଣ୍ଟାର ନିୟମ କଡ଼ାକଡ଼ି ପାଳନ ହେବା ଦରକାର।

# ଇଭିଏମ୍ ସ୍ଥାନାନ୍ତର ନେଇ ପୁଣିଥରେ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ଗୋଟିଏ ଟ୍ରକରେ ଇଭିଏମ୍ ମେସିନ ନୂଆପଡ଼ାକୁ ଆଣିଯାଉଛି ବୋଲି ବିଜେଡି ତରଫରୁ କରାଯାଇଥିବା ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି। ଏହାପରେ ନୂଆପଡ଼ାରେ ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରି ଇଭିଏମ୍‌ଗୁଡ଼ିକୁ ସ୍ଥାନିତ କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ଆଉଥରେ ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପ୍ରଶାସନିକ କଳର ଅପବ୍ୟବହାର କରି ଭାଜପା ଏହି ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି।

# ନୂଆପଡ଼ାକୁ ବାହାରୁ ଯାଇନାହିଁ ଗୋଟିଏ ବି ଇଭିଏମ୍: ସିଇଓ

**ବିଜେଡିର ଅଭିଯୋଗକୁ ଖଣ୍ଡନ**

ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଲାଗି ଆବଶ୍ୟକ ସଂଖ୍ୟକ ଇଭିଏମ୍ ଜିଲା ଷ୍ଟ୍ରଙ୍ଗରୁମ୍ ଭିତରେ ମହଜୁଦ ରହିଛି। କୌଣସି ଜିଲାରୁ ଏବେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଅଣାଯାଇନାହିଁ। ମାତ୍ର ଗଞ୍ଜାମରୁ ଏକ ଟ୍ରକ ଭର୍ତ୍ତି ଇଭିଏମ୍ ନୂଆପଡ଼ା ଅଣାଯାଇଛି ବୋଲି ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମରେ ଯେଉଁ ଖବର ପ୍ରସାର ହୋଇଛି ଏବଂ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଯେଉଁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ତ ଗୋପାଳନ କହିଛନ୍ତି।

ସୋମବାର ପୂର୍ବାହ୍ଣରେ ସିଇଓ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଛନ୍ତି, ୩୦ଜିଲାରେ ଇଭିଏମ୍ ପାଇଁ ଷ୍ଟ୍ରଙ୍ଗରୁମ୍ ରହିଛି। ତାହା ପୁଣି ପୋଲିସ ସୁରକ୍ଷା ବଳୟରେ ତଥା ୨୪ଘଣ୍ଟା ସିସିଟିଭି ନଜରରେ ରଖାଯାଇଛି। ବିଜେଡିର ଅଭିଯୋଗ ପାଇବା ପରେ ଏନେଇ ନିଜେ ଗଞ୍ଜାମସ୍ଥିତ ଷ୍ଟ୍ରଙ୍ଗରୁମ୍ ଅନୁସନ୍ଧାନ କରିବା ସହିତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ହେଲେ ମାସକ ମଧ୍ୟରେ କୌଣସି ଇଭିଏମ୍ ସ୍ଥାନାନ୍ତର ହୋଇନାହିଁ ବୋଲି ସିଇଓ କହିଛନ୍ତି।

ଏଥିସହ ସେ କହିଛନ୍ତି, ଏ ସଂକ୍ରାନ୍ତରେ ବିଜେଡିକୁ ତଥ୍ୟ ଦେବାକୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନେ ତଥ୍ୟ ପ୍ରମାଣ ପ୍ରଦାନ କରିନାହାନ୍ତି। ତେବେ ସେଠାରେ କେତେକ ସ୍ଥାନରେ ପଇସା ବଣ୍ଟନର ଭିଡିଓ ବୁଲୁଥିବା ଅଭିଯୋଗ ଆସିଛି, ତାହାକୁ ଯାଞ୍ଚ କରାଯାଉଛି। ଅକ୍ଟୋବର ୯ରେ ନୂଆପଡ଼ା ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ କମ୍ପ୍ୟୁଟର ଦ୍ୱାରା ବଛା ଯାଇଥିବା ୧୬୦% ଇଭିଏମ୍ ଓ ୧୭୦% ଭିଭିପିଏଟିର ତାଲିକା ରାଜନୈତିକ ଦଳଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଛି ବୋଲି ସିଇଓ କହିଛନ୍ତି।


**ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ଣ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ବାଲିଗୁଡ଼ା ଶାଖା, ବାଳକ ଉଚ୍ଚ ବିଦ୍ୟାଳୟ ସାମ୍ନା, ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ଓଡ଼ିଶା-୭୬୨୧୦୩, ମୋ.: ୮୮୯୫୧୪୮୮୮୨** | | |
| ୧. | **ଅମରେଶ ଆଚାର୍ଯ୍ୟ,** ଏଚ୍‌ଓ: ଦୁଆର ମଳିକ, ସା: ବାଲାକିଆ, ପୋ: ରେବିଙ୍ଗିଆ, ଜିଲ୍ଲା: କନ୍ଧମାଳ / ୨୮୨୮୧୬୬୩୦୦୦୦୨୬୯ | ୩୬.୦୦ | ୩୮.୯୭ |
| | **ମୁଣ୍ଡମରାଇ ଶାଖା, ସା/ପୋ: ମୁଣ୍ଡମରାଇ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୪, ମୋ.: ୯୯୩୭୪୬୧୫୬୬** | | |
| ୧. | **ମିଥୁନ ସେଠୀ,** ପିତା: ରାଜେନ୍ଦ୍ର ସେଠୀ, ୩୪, ଉଲମା, ରୁଗୁମୁ, ଗଞ୍ଜାମ, ଓଡ଼ିଶା-୭୬୧୧୦୭ / ୦୮୫୨୧୬୫୪୦୦୦୦୮୭୦ | ୧୦.୫୦ | ୧୩.୫୦ |
| | **ପୋଲସରା ଶାଖା, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | |
| ୧. | **ଗୌରହରି ସେଠୀ,** ପିତା: ବିଶ୍ୱନାଥ ସେଠୀ, ବି. ମଧୁସୂଦନପୁର, ଓଡିଆ ସାହି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୫୩୧୦ | ୧୦.୦୦ | ୧୮.୭୦ |
| ୨. | **ପଞ୍ଚୁ ପାତ୍ର,** ୧, ମଧୁପଲ୍ଲି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୯୦୭୦ | ୧୭.୦୦ | ୧୮.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ : ବ୍ରହ୍ମପୁର, ତାରିଖ : ୧୦.୧୧.୨୦୨୫** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**ଦ.ପୂ. ରେଳପଥ – ଟେଣ୍ଡର**

<u>ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୯, ତାରିଖ: ୦୭।୧୧।୨୦୨୫</u> । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ଟାଟାନଗରଠାରେ ପ୍ରାଇମେରୀ ଟ୍ରେନ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ, ଜଳଯୋଗାଣ, ପ୍ୟାଡ୍‌ଲକିଂ/ଅନ୍‌ଲକିଂ, ପ୍ଲାଟ୍‌ଫର୍ମ ଫେରନ୍ତା/ଷ୍ଟେବଲ୍ଡ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ ତଥା ପ୍ରାଇମେରୀ ଟ୍ରେନ୍‌ଗୁଡ଼ିକର ବାୟୋଲୋଜିକାଲ ଟଏଲେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ:** ₹୧୫,୩୭,୪୦,୩୧୪.୦୫ । **ବିଡ୍ ଅମାନତ:** ₹୯,୧୮,୭୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦/- । **ଟେଣ୍ଡର ଖୋଲାଯିବା ସ୍ଥାନ:** ବରିଷ୍ଠ ମଣ୍ଡଳ ମେକାନିକାଲ୍ ଯନ୍ତ୍ରୀ/ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦ.ପୂ. ରେଳପଥ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୧୨।୨୦୨୫ରିଖ ୧୫.୦୦ ଘଟିକାରେ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **(PR-820)**

<u>ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ପ୍ୟାନେଲ୍-୩୩, ତାରିଖ: ୦୮।୧୧।୨୦୨୫,</u> ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (କି)/ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ **www.ireps.gov.in** ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ । **କାର୍ଯ୍ୟର ନାମ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (କି)/ସାନ୍ତ୍ରାଗାଛିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ଷ୍ଟେଶନରେ ପୁରୁଣା ପ୍ୟାନେଲ୍ସ ତଥା ଜରୁରୀ ଆସେସୋରିଗୁଡ଼ିକୁ ବଦଳାଇବା । **ଟେଣ୍ଡର ମୂଲ୍ୟ:** ₹୨,୬୬,୪୧,୬୬୦.୮୭ । **ଇଏମ୍‌ଡି/ବିଡ୍ ଅମାନତ:** ₹୨,୮୩,୨୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୧୨।୨୦୨୫ରିଖ ୧୦.୩୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ **www.ireps.gov.in** ରେ ଦିଆଯାଇଛି । **(PR-821)**


# ସ୍କୁଲ ସମସ୍ୟା ଜିଲାପାଳଙ୍କୁ ଜଣାଇବାକୁ ୬ କି.ମି. ଚାଲିଲେ ଛାତ୍ରୀଛାତ୍ର

କୋରାପୁଟ,୧୦।୧୧(ଅମିତାଭ ବେହେରା)

କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ଜବାହର ବିଦ୍ୟାଳୟରେ ପାଠ ପଢ଼ାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୋମବାର ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ଇତିହାସ ଶିକ୍ଷୟିତ୍ରୀ ଭଲ ପଢ଼ାଉ ନ ଥିବା ଓ ତାଙ୍କ ପାଠ ବୁଝିପାରୁ ନ ଥିବା କହି ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ସମାଧାନ ନ ହେବାରୁ ସୋମବାର ଜାତୀୟ ରାଜପଥ ଉପରେ ୬ କି.ମି. ରାସ୍ତା ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରକାଶ ଯେ, ଗତ ଅଗଷ୍ଟରୁ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଇବା ନିଷ୍ପତ୍ତି ନେଇଥିଲେ। ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରିନ୍ସିପାଲଙ୍କ ସହ ଆଲୋଚନା ପରେ ପ୍ରାୟ ୬ କି.ମି. ୨୬ ନଂ ଜାତୀୟ ରାଜପଥ ଉପରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉପଜିଲାପାଳ ପ୍ରେମଲାଲ ହିଆଲ ଓ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳଙ୍କ ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ବୁଝାଶୁଝା କରିଥିବା ବେଳେ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅଭିଯୋଗ କରିଲେ ସମସ୍ୟା ସମାଧାନ ହେବ ବୋଲି ଜିଦ୍ ଧରି ବସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଲେଇଙ୍କ ସହ ଛାତ୍ରୀଛାତ୍ର ଆଲୋଚନା କରିଥିଲେ। ଇତିହାସ ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଶୈଳୀ ଓ ଦୁର୍ବ୍ୟବହାର ନେଇ ଦୃଷ୍ଟି ଆକର୍ଷଣ କରିବା ସହ ବିଦ୍ୟାଳୟର ଅନ୍ୟ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବାହାର କରିଥିବା ସୂଚନା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 48/ET/SBP/ENGG/2025-26, ତା.04.11.2025ରିଖ

(1) ଇ-ଟେଣ୍ଡର ସଂ.50-eT-SDENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର 105 ସଂଖ୍ୟକ ଷ୍ଟେସନ / ଗୁମଟିରେ ରିଙ୍ଗ ଆର୍ଥ (Ring Earth)ର ବାଡ଼ ଲଗାଇବା କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,28,35,186.94, ବିଡ୍ ସିକ୍ୟୁରିଟୀ : ₹ 3,64,200/-

(2) ଇ-ଟେଣ୍ଡର ସଂ.09-eT-SDENW-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ପଶ୍ଚିମ ପରିସୀମା ଅଧିନସ୍ଥ (1) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR-63.630 TKM, (2) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR(TO)-150 ସେଟ୍, (3) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TTR(FS+TWS+WCMSC)-07 ସେଟ୍, (4) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TBR-1.513 TKM ଏବଂ (5) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TWSEJ-208 ସେଟ୍‌ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,81,68,547.67, ବିଡ୍ ସିକ୍ୟୁରିଟୀ : ₹ 2,40,900/-

(3) ଇ-ଟେଣ୍ଡର ସଂ.04-eT-BRIDGE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର / ବ୍ରିଜ୍ / ଟିଟିଲାଗଡ଼ ପରିସୀମା ଅଧିନରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଥେରୁବାଲି-ସିଙ୍ଗାପୁର ରୋଡ୍ ମଧ୍ୟରେ ବ୍ରିଜ୍ ନଂ. 588UP (2X76.2M TOWG + 1X18.3M PG) ଏବଂ ବେଲସୋଣ୍ଡା-ଆରଙ୍ଗ ମହାନଦୀ ମଧ୍ୟରେ ବ୍ରିଜ୍ ନଂ. 77DN (1X12.2M PSC + 1X24.4M PSC + 11X30.5M TOWG + 14X24.4M PSC + 1X12.2M PSC)ରେ ମାନବବିହୀନ ବାୟବୀୟ ପ୍ରଣାଳୀ ଡ୍ରୋନ ସର୍ଭେ (ଯଥାରୀତି)ର ପରିଚାଳନା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,03,750.00, ବିଡ୍ ସିକ୍ୟୁରିଟୀ : ₹ 18,100/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 2 ନିମନ୍ତେ) ଏବଂ 04 (ଚାରି) ମାସ (କ୍ରମ ସଂ. 3 ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 28.11.2025, 1500 ଘଟିକା** (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ)/ ସମ୍ବଲପୁର
PR-781/Q/25-26



# TENDER NOTICE

Sealed Tenders are invited from reputed suppliers for supply & installation of the following items at Taj Puri Resort & Spa, Odisha by 20th November, 2025 (08:30 A.M.) to 22nd November, 2025 (09:30 P.M.).

| Sl. No. | Description/Details of Item | Quantity |
|---|---|---|
| 1. | 10'x10' Bamboo/Steel/Wooden Stall | 01 pc |
| 2. | Rectangular Table with White Cloth Cover | 03 pcs. |
| 3. | Chair with White Cloth Cover | 15 pcs. |
| 4. | 6' x 4' Flex Board including installation* | 05 pcs. |
| 5. | 6' x 4' Electronic Display Board including installation * | 03 pcs. |
| 6. | Colour Booklets with Spiral Binding * | 25 pcs. |
| 7. | 300ml. Distilled Water Bottle | 300 pcs. |
| 8. | Flower Bouquets | 25 pcs. |
| 9. | Pen | 30 pcs. (Red-15 pcs, Blue-15 pcs.) |
| 10. | Pencil | 30 pcs. |
| 11. | A4 Paper (75 GSM) | 02 packets |
| 12. | Paper Weight | 15 pcs. |
| 13. | File Folder | 25 pcs. |
| 14. | Highlighter | 05 pcs. |
| 15. | Paper Flag | 05 packets |
| 16. | Stapler (Small size) with Pin | 05 pcs. |
| 17. | Stapler (Big size) with Pin | 03 pcs. |
| 18. | Quotes (to be colour printed 18" x 12") * | 10 pcs. |
| 19. | File Clip - Big | 05 packets |
| 20. | File Clip - Small | 05 packets |
| 21. | Jems Clip | 05 packets |
| 22. | Notepad | 30 pcs. |
| 23. | Towels (Small) | 25 pcs. |
| 24 | Napkin | 15 packets |
| 25. | Snacks (Kachuri 02 pcs, Dry Fruit 50 gms., Sweets 02 pcs , 01 Juice Tetra pack | 25 packets per day for 03 days (20.11.25 to 22.11.25) |
| 26. | Tea/ Coffee with 4 pc cookie each time (20 x 02 times per day) | 40 nos. for 03 days (20.11.25 to 22.11.25) |
| 27. | Standard Lunch | 25 packets per day for 03 days (20.11.25 to 22.11.25) |
| 28. | Name Plates (10"x 6")* | 10 pcs |
| 29. | Name Plates (10" x 12")* | 04 pcs |
| 30. | Sambalpuri Shawl/Stole | 25 pcs. |
| 31. | Handcrafted Memento | 25 pcs. |
| 32. | Jute Bags (1.5' x 2') | 25 pcs. |

* Content will be supplied by office and all items should be of the best quality. Additional items be supplied as & when required. Rates be given as per MRP/Market price.
Interested suppliers may submit their rates including all kind of taxes and charges for the afore-mentioned items on or before 16.11.2025 in the following address '.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur,**
**Bhubaneswar, Odisha-751016, Tele : 0674-2747631,345,**
**E-mail: deobhub-stats@nic.in**



**HDFC BANK** We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 18-Nov-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75257338 | ALIZA DEHURY | 1305100 | **HDFC BANK LTD,** GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 2 | 76072684 | SAKTI PATNAIK | 1188500 | **HDFC BANK LTD,** 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 76073953 | SAKTI PATNAIK | 518000 | |
| 4 | 4000696314 | BULU GOCHAYAT | 308400 | |
| 5 | 75505950 | PRITAM BAIDHANK | 60700 | |
| 6 | 50200078558960 | BIDU LATA JENA | 750300 | |
| 7 | 75668606 | PRAKASH SAHU | 728900 | **HDFC BANK LTD,** AT-KANDASARA, PO-NALCO NAGAR, ANGUL-759145 |
| 8 | 75863703 | SUNIL KUMAR LENKA | 225000 | |
| 9 | 75730784 | PRINCE KUMAR SINGH | 166800 | |
| 10 | 75572813 | SUNIL KUMAR LENKA | 155900 | |
| 11 | 75818834 | ABHAYA NAIK | 28400 | |
| 12 | 75888452 | TAPAS KUMAR SASMAL | 108500 | **HDFC BANK LTD,** AT-PANDUA, PO-KOTAGARA, AANLABARENI, DHENKANAL-759026 |
| 13 | 4000015534 | N K TAPAN | 220700 | **HDFC BANK LTD,** BAJRAKABATI ROAD, CUTTACK-753001 |
| 14 | 75281173 | RISHAB OJHA | 65700 | **HDFC BANK LTD,** BARBIL JODA HIGHWAY, KEONJHAR, BARBIL-758035 |
| 15 | 75617736 | SASMITA MOHAPATRA | 1038900 | **HDFC BANK LTD,** BIBISARAM MARKET CHAK, JAJPUR TOWN, JAJPUR-755001 |
| 16 | 76030084 | SEKH ARASAD | 174000 | |
| 17 | 75754853 | KISHORE KUMAR NAYAK | 496000 | **HDFC BANK LTD,** BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18 | 75869280 | P RAJESH SUBUDHI | 160200 | |
| 19 | 75498875 | RITIK KUMAR DAS | 322800 | **HDFC BANK LTD,** DHIPASAHI, STATION ROAD, BARIPADA-757001 |
| 20 | 75798940 | RAHUL NAIK | 241800 | |
| 21 | 75414355 | SIBA SAHOO | 308200 | **HDFC BANK LTD,** DURGA BAZAR, JAGATSINGHAPUR, ORISSA-754103 |
| 22 | 75670443 | CHANDAN KUMAR SAHOO | 170100 | |
| 23 | 75723936 | CHANDAN KUMAR SAHOO | 153400 | |
| 24 | 75347916 | SUJIT MOHNTY | 75800 | |
| 25 | 75602437 | SABAHAT AFRIN | 14700 | |
| 26 | 75731668 | SANJEEB KUMAR PATRO | 65000 | **HDFC BANK LTD,** GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 27 | 75509309 | DEBARAJ SAHU | 13000 | |
| 28 | 75394945 | BHUPENDRA RANA | 38000 | **HDFC BANK LTD,** GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 29 | 75482240 | BHUPENDRA RANA | 26000 | |
| 30 | 75184883 | SANJUKTA PRADHANI | 87,100 | |
| 31 | 75329977 | SIBA RAM SABAT | 300000 | **HDFC BANK LTD,** GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 32 | 75720187 | MANAS RANJAN PRADHAN | 220500 | **HDFC BANK LTD,** GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 33 | 75365724 | MOHAMMED ULFAT HUSSAIN | 24100 | **HDFC BANK LTD,** GROUND FLOOR, OPP. BHARAT PETROL PUMP, DHANUPALI, SAMBALPUR-768005 |
| 34 | 4000652022 | UTKALRAM JENA | 130900 | **HDFC BANK LTD,** HATATOTA, TALCHER, ANGUL-759100 |
| 35 | 4000567560 | SANGRAM JENA | 294000 | **HDFC BANK LTD,** JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 36 | 75947915 | KAILAS CHANDRA PANDA | 190000 | |
| 37 | 74155434 | KRUSHNA CHANDRA NAYAK | 184000 | |
| 38 | 4000556702 | PRIYANKA TAKRI | 86000 | |
| 39 | 4000613086 | SANGRAM JENA | 60000 | |
| 40 | 75986513 | BASANTI CHAUDHURY | 602000 | **HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 41 | 75476223 | PRAKASHCHANDRA PATNAYAK | 200000 | |
| 42 | 75232366 | RAJALAXMI DAKUA | 179000 | |
| 43 | 75710807 | MAHESWAR POLAI | 72000 | |
| 44 | 75735824 | BABITA BISHOYI | 670800 | |
| 45 | 74219128 | JITENDRA KUMAR ROUT | 71400 | **HDFC BANK LTD,** MAHIPAL, KENDRAPARA-754211 |
| 46 | 75318348 | PATITA RAUTA | 200000 | **HDFC BANK LTD,** MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 47 | 75231907 | MAHESWAR PRADHAN | 83400 | |
| 48 | 75289025 | BIPIN NAYAK | 281500 | **HDFC BANK LTD,** MAIN ROAD, BHANJANAGAR, GANJAM-761126 |
| 49 | 75273800 | PUSHPALATA SAHU | 86300 | |
| 50 | 75272266 | SANDHYA SWAIN | 80400 | |
| 51 | 75959972 | SUDHANSU PANIGRAHY | 641000 | **HDFC BANK LTD,** MAIN ROAD, GOSANINUAGAON, BERHAMPUR-760003 |
| 52 | 75879454 | PRASANTA PRADHAN | 257500 | |
| 53 | 75830683 | JITENDRA RAULA | 125000 | |
| 54 | 75539824 | BALAJI SAHU | 52000 | |
| 55 | 75596784 | SUSANT KUMAR BEHERA | 153000 | **HDFC BANK LTD,** MAIN ROAD, NEAR RELIANCE TRENDS, BALUGAON-752030 |
| 56 | 4000085963 | SATYABRAT MANGARAJ | 40800 | |
| 57 | 75206808 | SANJUKTA PRADHANI | 168000 | **HDFC BANK LTD,** MANIKESWARI CHOWK, BHAWANIPATNA, KALAHANDI-766001 |
| 58 | 75939471 | ANITA SIKHAPUCHA | 215000 | **HDFC BANK LTD,** MARKET SQUARE, PARLAKHEMUNDI, GAJAPATI-761200 |
| 59 | 75823990 | MEELA SANKAR | 55000 | |
| 60 | 75212924 | MEELA SANKAR | 39000 | |
| 61 | 74527808 | S HARISH | 35000 | |
| 62 | 74879513 | AJESH PALA | 31000 | |
| 63 | 75460242 | MADHU SUDAN MALI | 275900 | **HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 64 | 75460571 | MADHU SUDAN MALI | 223100 | |
| 65 | 74842839 | DEBANANDA SAHU | 59300 | |
| 66 | 75283347 | BARUN BISWAKARMA | 57400 | **HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 67 | 75238682 | GUPTA ADAKATIA | 47100 | |
| 68 | 75666014 | ABINASH MAHAPATRA | 451500 | **HDFC BANK LTD,** NEAR R.T.O OFFICE, NH-26, KORAPUT-764020 |
| 69 | 73978125 | ASWINI KUMAR LENKA | 201000 | **HDFC BANK LTD,** OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 70 | 75853054 | SABITA MOHAPATRA | 129000 | |
| 71 | 75439867 | PRATAP CHANDRA GHADEI | 49000 | |
| 72 | 4000134689 | SHANKAR NAYAK | 138800 | **HDFC BANK LTD,** PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 73 | 75934126 | BABLU YADAV | 430000 | **HDFC BANK LTD,** PATRAPADA, BHUBANESWAR, KHURDA-751019 |
| 74 | 75822562 | BISWABANDITA SAHOO | 277000 | |
| 75 | 75525700 | SUBRAT KUMAR JENA | 255000 | **HDFC BANK LTD,** PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 76 | 75358637 | E ANAND | 170800 | |
| 77 | 75333902 | SANJAY MOHANTY | 791100 | **HDFC BANK LTD,** PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 78 | 75937347 | RAJAT KUMAR SAHOO | 186800 | |
| 79 | 75856930 | SAMIR BEHERA | 87000 | |
| 80 | 75964169 | KROMTON SAHOO | 72200 | |
| 81 | 75863378 | SABYASACHI LENKA | 52000 | |
| 82 | 76035771 | SUKUMAR NAYAK | 636500 | **HDFC BANK LTD,** PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 83 | 74652740 | RANJIT KUMAR JENA | 379000 | |
| 84 | 75767879 | NIRANJAN ROUT | 98000 | |
| 85 | 4000535410 | NIRANJAN ROUT | 75000 | |
| 86 | 4000714722 | NIRANJAN ROUT | 54000 | |
| 87 | 75311060 | AKSHAYA KUMAR SAHU | 109829.5 | **HDFC BANK LTD,** PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 88 | 75602558 | SANTOSH KUMAR PALAI | 1837000 | **HDFC BANK LTD,** PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 89 | 75210142 | SANJAY KUMAR SAMAL | 41100 | **HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 90 | 74213276 | HARISHCHANDRA KHATUA | 34500 | |
| 91 | 75839033 | KAMALAKANTA SAHU | 83800 | **HDFC BANK LTD,** R K TOWERS, DAILY MARKET, BOLANGIR-767001 |
| 92 | 75862210 | KHIROD SUNA | 38000 | |
| 93 | 75843714 | SMRUTIMAYEE SAHU | 968000 | **HDFC BANK LTD,** SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 94 | 75897728 | RANJIT KUMAR SAHOO | 73100 | |
| 95 | 4000435668 | ANUP KUMAR BEHRA | 55800 | |
| 96 | 75416921 | JITENDRA KUMAR JENA | 40000 | |
| 97 | 75433851 | TILOTTAMA GOUDA | 1130000 | **HDFC BANK LTD,** SARGUNA STREET, ASKA ROAD, BRAHMAPUR-760006 |
| 98 | 75583530 | AMITA KHADIRATNA | 79000 | **HDFC BANK LTD,** VIP PLAZA, VIP ROAD, PURI-752001 |
| 99 | 75531294 | JAGADISH BARIK | 382900 | **HDFC BANK LTD,** 1ST FLOOR, DALA CHHAK,JAJPUR ROAD,755019 |
| 100 | 75282637 | IMRAN ALI KHAN | 181900 | |
| 101 | 4000635608 | FIROJ EKKA | 157000 | |
| 102 | 76002840 | AKSHYA KUMAR PANDA | 1920000 | **HDFC BANK LTD,** BHABA NAGAR SQUARE,BRAHMAPUR,760004 |
| 103 | 75651101 | MONIKA JENA | 542000 | |
| 104 | 75039872 | MONIKA JENA | 415000 | |
| 105 | 75927001 | MONIKA JENA | 242000 | |
| 106 | 4000481285 | MOHAMMED ULFAT HUSSAIN | 39200 | **HDFC BANK LTD,** C/O PRITI AUTO COMBINE, GOL BAZAR,SAMBHALPUR,768001 |
| 107 | 75645275 | JITU KUMAR NAIK | 175600 | **HDFC BANK LTD,** DWIBEDI BHAWAN,BISRA ROAD,ROURKELA,769001 |
| 108 | 75572237 | RAJESH KUMAR DAS | 167000 | |
| 109 | 4000670512 | DIBYAPRAKASH PANIGRAHI | 209800 | **HDFC BANK LTD,** F M CIRCLE,BALASORE,756001 |
| 110 | 75137490 | JYOTIPRAKASH DASH | 104000 | |
| 111 | 75854444 | TRUPTILATA JENA | 63000 | |
| 112 | 75712530 | SAROJ PRADHAN | 164200 | **HDFC BANK LTD,** GROUND FLOOR, SHANTILATA MANDAP,CHANDIKHOL,JAJPUR,754296 |
| 113 | 75967580 | BIJULI SITAKANTA BAL | 359900 | **HDFC BANK LTD,** GROUND FLOOR, POKHARIAPADA,PATTAMUNDAI,754215 |
| 114 | 4000601403 | SUDESHNA BEHERA | 181900 | |
| 115 | 75881156 | EMDI PHIROJ | 32000 | **HDFC BANK LTD,** NEAR NEW BUS STAND,BIRAMITRAPUR,770033 |
| 116 | 75759710 | SUNITA BEHERA | 83000 | **HDFC BANK LTD,** PANCHGACHIA,BARAIPALI,SAMBALPUR,768006 |
| 117 | 76060542 | SASMITA PRADHAN | 268500 | **HDFC BANK LTD,** PLOT NO - 239/2048/2323, GROUND FLOOR,BALIABADI,KHORDHA,752056 |
| 118 | 75337048 | NASIM AKTAR | 204000 | |
| 119 | 75409431 | RAJ KISHOR JAGDEV | 63000 | |
| 120 | 4000492000 | KANHU RANA | 49300 | **HDFC BANK LTD,** PLOT NO 2528,RATHA SAHI,RAIRAKHOL,768106. |
| 121 | 50200029556381 | PRADEEP KUMAR SUTAR | 683407.14 | **HDFC BANK LTD,** PLOT NO -484/1908, MADHUSUDAN NAGAR,BHUBANESWAR,751012 |
| 122 | 75868101 | SNEHAMAYEE BHATTACHARYA | 25900 | **HDFC BANK LTD,** PLOT NO 6, SANTOSHI BHAWAN,MAHANADI VIHAR,753004 |
| 123 | 75305583 | MEERA KAR | 218700 | **HDFC BANK LTD,** PLOT NO E/11, KOEL NAGAR,ROURKELA,769014 |
| 124 | 75512790 | KUMUDINI BISWAL | 177400 | |
| 125 | 75306976 | MEERA KAR | 172600 | |

| S No | Loan No | Nominee Name | Loan Amount | Place of Auction (Branch Address) |
|---|---|---|---|---|
| 1 | 75206808 | SANJUKTA PRADHANI WIFE OFRABIN PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 2 | 75184883 | SANJUKTA PRADHANI WIFE OFRABIN PRADHANI | 87100 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 11/11/2025, Place : ODISHA** — **Sd/- Authorized Officer, HDFC BANK LTD.**

## ସଂକ୍ଷେପରେ

### ଟ୍ରକ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଲିଅନ୍ତା,୧୦।୧୧(ନୀଳମାଧବ ସାହୁ)

ଭୁବନେଶ୍ୱର-କଟକ ଜାତୀୟ ରାଜପଥର ପାହାଳ ଥାନା ଅଧୀନ ପାହାଳ ଫ୍ଲାଏ ଓଭର ବ୍ରିଜ ଉପରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତ ମହିଳାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ଜଣଙ୍କ ହେଲେ ସତ୍ୟବାଦୀ ଥାନା ଅଧିନ ପଖିମୁଣ୍ଡା ଗ୍ରାମର ନେତ ବେହେରା (୪୫) ଗୁରୁତର ଜଣଙ୍କ ହେଲେ ସୁରେନ୍ଦ୍ର ବେହେରା। ଘଟଣାସ୍ଥଳରୁ ପୋଲିସ ନେତଙ୍କ ମୃତଦହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସ୍ୱାମୀ ଓ ସ୍ତ୍ରୀ ଏକ ସ୍କୁଟିରେ ଜଗତ୍‌ସିଂହପୁରରୁ ନିଜ ଗାଁକୁ ଫେରୁଥିବା ବେଳେ ପଛପଟରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚକା ତଳେ ମହିଳା ଜଣଙ୍କ ରହିଯାଇଥିଲେ। ଟ୍ରକଟି ମହିଳାଙ୍କୁ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ଗାଡ଼ିର ଡ୍ରାଇଭରଙ୍କୁ ଅଟକ ରଖିଛି।

### ଶିଶୁଅନନ୍ତ ସମ୍ମାନ ପାଇବେ ଡ.ପ୍ରତିଭା ମହାରଥୀ

ବାଲିପାଟଣା,୧୦।୧୧(ଅଭିମନ୍ୟୁ ନାୟକ)

ଆସନ୍ତା ଡିସେମ୍ବର ୩ରେ ରାଜ୍ୟସ୍ତରୀୟ ପଞ୍ଚସଖା ଶିଶୁଅନନ୍ତ ଜୟନ୍ତୀ ପାଳିତ ହେବ। ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ପୂର୍ବାହ୍ନ ୧୧ଟାରେ ପାଳନ କରାଯିବ ବୋଲି ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସାହିତ୍ୟ ଏକାଡେମୀ ଏବଂ ଶିଶୁଅନନ୍ତ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଜୟନ୍ତୀ ଉତ୍ସବରେ ସାହିତ୍ୟ, ସମାଜସେବା, ଆଧ୍ୟାତ୍ମିକ ଓ ଖବର ପ୍ରସାରଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସଂସ୍କୃତି ଗବେଷିକା ଡ.ପ୍ରତିଭା ମହାରଥୀଙ୍କୁ ଶିଶୁଅନନ୍ତ ସମ୍ମାନ, କଣ୍ଠଶିଳ୍ପୀ ଗୀତାରାଣୀ ଦାସଙ୍କୁ ବାବା ମଧୁସୂଦନ ସମ୍ମାନ, ବସନ୍ତ କୁମାର ଦାସଙ୍କୁ ସାମ୍ବାଦିକ ଗୌରବ, ଅବସରପ୍ରାପ୍ତ ରାଜସ୍ୱ ବିଭାଗୀୟ ଆୟୁକ୍ତ ଅଖିଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ କବି ଅବଦୁଲ ଓସିଦ ସ୍ମୃତି ସମ୍ମାନ ଏବଂ ବଡ଼ଭାଇ ନଦିଆ ବିହାରୀ ସ୍ମୃତି ସମ୍ମାନ କୁନିକଥା ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ ଏବଂ ଶ୍ରେଷ୍ଠ ସମୀକ୍ଷକ ଦିଲ୍ଲୀପ ହାଲି ପାଇବେ ବୋଲି ଜଣାପଡ଼ିଛି। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ସାଧୁସନ୍ଥ, ଶିଶୁଅନନ୍ତ ଭକ୍ତ ଏବଂ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଦୃଷ୍ଟିବାଧିତଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆହ୍ୱାନ

ଭୁବନେଶ୍ୱର,୧୦।୧୧ (ସୌମ୍ୟରଞ୍ଜନ ରାଉତ)



ଉତ୍ସବରେ ଅତିଥିଙ୍କ ଗହଣରେ ସଂଘ କର୍ମକର୍ତ୍ତାଙ୍କ ସହ ଦୃଷ୍ଟିହୀନ ମହିଳାମାନେ।

ଓଡିଶା ଦୃଷ୍ଟିହୀନ ମହିଳା ସଂଘର ୨୪ତମ ପ୍ରତିଷ୍ଠା ଦିବସ ସୋମବାର ବୁଦ୍ଧମନ୍ଦିରଠାରେ ପାଳିତ ହୋଇଯାଇଛି। ସଂଘର ଅଧକ୍ଷା ସ୍ନେହାଞ୍ଜଳି ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ, ଦୃଷ୍ଟିବାଧିତ ବ୍ୟକ୍ତି ଈଶ୍ୱରଙ୍କ କୃପାରୁ ଏକ ଦିବ୍ୟ ଦୃଷ୍ଟି ପାଇଥାନ୍ତି। ତେଣୁ ତାଙ୍କୁ ଦୁର୍ବଳ ଭାବିବା ଉଚିତ ନୁହେଁ, କିନ୍ତୁ ତାଙ୍କୁ ମୁଖ୍ୟସ୍ରୋତରେ ସାମିଲ କଲେ ଏକ ପୂର୍ଣ୍ଣାଙ୍ଗ ବିକଶିତ ସମାଜ ଗଠନ ସମ୍ଭବ ହୋଇପାରିବ। ମୁଖ୍ୟବକ୍ତା ଭାବେ ମାନବାଧିକାର ପ୍ରବକ୍ତା ମନୋଜ ଜେନା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ପ୍ରତି ସରକାର ସମ୍ବେଦନ ରହିବା ଆବଶ୍ୟକ ବୋଲି ଜୋର୍ ଦେଇଥିଲେ। ଓଡିଶା ଭିନ୍ନକ୍ଷମ ଆୟୋଗର ପୂର୍ବତନ ଅଧକ୍ଷା କସ୍ତୁରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘ

## ଓଡ଼ିଶା ଦୃଷ୍ଟିହୀନ ମହିଳା ସଂଘର ୨୪ତମ ପ୍ରତିଷ୍ଠା ଦିବସ

କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅଧିକରୁ ଅଧିକ ଦୃଷ୍ଟିହୀନ ମହିଳାଙ୍କୁ ଯୋଡିବା ଓ ସେମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ, ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ରାଉତ, ସଙ୍ଗୀତ ଶିକ୍ଷକ ଯୁଧିଷ୍ଠିର ସାହୁ, ସଂଘର ଉପସଭାପତି ସୁଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ବର୍ଷ ସଂଗଠନର ରୌପ୍ୟ ଜୟନ୍ତୀ ପାଳନ ପାଇଁ ବିଭିନ୍ନ ପରାମର୍ଶ ଗ୍ରହଣ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତ ଦୃଷ୍ଟିହୀନ ମହିଳାଙ୍କୁ ଅତିଥିଙ୍କ ଦ୍ୱାରା ଶାଢି ବଣ୍ଟନ କରାଯାଇଥିଲା। ସଂଘର ସଭ୍ୟା ମୀରାବତୀ ମହାରଣା ବାର୍ଷିକ ବିବରଣୀ ପାଠ, ସମ୍ପାଦିକା ମମତା ମିଶ୍ର ସ୍ୱାଗତ ଭାଷଣ ଓ ସଭ୍ୟା କବିତା ମହାରଣା ଧନ୍ୟବାଦ ଦେଇଥିଲେ।

# ଦିବ୍ୟଦିଗନ୍ତ ପକ୍ଷରୁ 'ଔଷଧୀୟ ବୃକ୍ଷ ପ୍ରଦର୍ଶନୀ'



ଔଷଧୀୟ ବୃକ୍ଷ ପ୍ରଦର୍ଶନୀକୁ ଅତିଥି ଓ ବୃକ୍ଷପ୍ରେମୀମାନେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୧୦।୧୧(ସୌମ୍ୟରଞ୍ଜନ ରାଉତ)

ଦିବ୍ୟଦିଗନ୍ତ ପକ୍ଷରୁ 'ଔଷଧୀୟ ବୃକ୍ଷ ପ୍ରଦର୍ଶନୀ' ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକ୍ ଭି ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତା ଉପରେ କହିବା ସହ ଦେଶୀୟ ଚିକିତ୍ସା ପଦ୍ଧତିରେ ସୁସ୍ଥ ରହିବାର ବାର୍ତ୍ତା ପ୍ରଦାନ କରିଥିଲେ।

## ଦେଶୀୟ ଚିକିତ୍ସା ପଦ୍ଧତିରେ ସୁସ୍ଥ ରହିବାର ବାର୍ତ୍ତା

ସମ୍ମାନିତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବନ ଉପ ସଂରକ୍ଷକ ଦେବପ୍ରିୟ କାମ୍ପା, କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ପେଟିକାମ୍ ଶ୍ରୀନିବାସ, ରୋଟାରୀ ଜିଲା-୩୨୬୨ର ପ୍ରାନ୍ତପାଳ ରୋଟାରିଆନ୍ ମନୋଜ ତ୍ରିପାଠୀ, ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳ ଏବଂ ସଭାପତି ଜୟ ପ୍ରକାଶ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ପ୍ରଦର୍ଶିତ ଔଷଧୀୟ ବୃକ୍ଷ ଓ ଏହାର ଘରୋଇ ଉପଚାର ସମ୍ପର୍କରେ ବୁଝିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ମମତା ଦୈନନ୍ଦିନ ଜୀବନରେ ଔଷଧୀୟ ଗୁଳ୍ମର ଉପକାରିତା ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ଣ୍ଣକ୍ଷମ ଷ୍ଟେଶନ ହେବ ବୋଲଗଡ଼ ଟାଉନ ପାସେଞ୍ଜର ହଲ୍ଟ

ବୋଲଗଡ଼,୧୦।୧୧(ଦେବବ୍ରତ ହୋତା)

ପୂର୍ବତଟ ରେଳପଥ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ରାଜସୁନାଖଳା ଓ ମାଣିକାଗୋଡ଼ା ଷ୍ଟେଶନ ମଧ୍ୟରେ ଅବସ୍ଥିତ ବୋଲଗଡ଼ ଟାଉନ ପାସେଞ୍ଜର ହଲ୍ଟ ପୂର୍ଣ୍ଣକ୍ଷମ ଷ୍ଟେଶନ ହେବ। ଏଥିପାଇଁ ସବୁଜ ସଙ୍କେତ ମିଳିଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗତ ଜୁନ ୧୯ରେ ପତ୍ରସଂଖ୍ୟା ୪୮୭୨ମାଧ୍ୟମରେ ପସେଞ୍ଜର ହଲ୍ଟକୁ ଶୀଘ୍ର ନିୟମିତ ରେଳ ଷ୍ଟେଶନରେ ପରିଣତ କରିବା ପଦକ୍ଷେପ ନେବାକୁ ଚିଠି ପ୍ରଦାନ କରିଥିଲେ। ଏନେଇ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର (ମହାପ୍ରବନ୍ଧକ)ପରମେଶ୍ୱର ଫଙ୍କୱାଲ ଏମ୍‌ପିଙ୍କ ଚିଠିର ଉତ୍ତର ପ୍ରଦାନ କରିଛନ୍ତି। ବିଭାଗୀୟ ପତ୍ର ସଂଖ୍ୟା ୫୩୮/୩.୧୧.୨୫ରେ ସେ ଅନୁମତିପ୍ରାପ୍ତ ପୂର୍ଣ୍ଣକ୍ଷମ ଷ୍ଟେଶନ ରୂପାନ୍ତରଣ ପାଇଁ (ଇଏସପି) ଇଞ୍ଜିନିୟରିଂ ସ୍କେଲ ପ୍ଲାନ ଅନୁମୋଦନ ପରେ ଷ୍ଟେଶନରେ ଗୋଟିଏ ଅତିରିକ୍ତ ରେଳ ଲାଇନ ଏବଂ ଅତିରିକ୍ତ ଉଚ୍ଚସ୍ତରର ପ୍ଲାଟଫର୍ମ ନିର୍ମାଣ ପାଇଁ ସ୍ଥିର ହୋଇଥିବା ନେଇ ଏମ୍‌ପି ଷଡ଼ଙ୍ଗୀ ତାଙ୍କ ସୋସିଆଲ ହାଣ୍ଡେଲରେ ଏହି ବିଭାଗୀୟ ପତ୍ରକୁ ସାର୍ବଜନୀନ କରିଛନ୍ତି। ଏହା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି।

# ଯୁବତୀଙ୍କୁ ବଳାତ୍କାର, ଜଣେ ଗିରଫ

ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ)

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଯୁବକ ଜଣଙ୍କ ହେଲେ ଖୁଣ୍ଟୁଣିର ଅବିନାଶ ଜେନା(୩୦)।

ପ୍ରକାଶ ଯେ, ଅବିନାଶ ନନ୍ଦନକାନନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ରହିଥିଲା। ଏହି ଆଧାରରେ ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ଓ ପରେ ଯୁବତୀଙ୍କୁ ଏକପାଖିଆ ଭଲପାଇବା ଆରମ୍ଭ କରିଥିଲେ। ଯୁବତୀଙ୍କୁ ଫୋନ୍ କରି ତାଙ୍କ ସହ ପଳାଇବା ଲାଗି ଏକାଧିକ ବାର କହିଥିଲେ। ସେ ରାଜି ନ ହେବାରୁ ତାଙ୍କ ପାଖରେ ଥିବା ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇ ଯୁବତୀଙ୍କ ନିକଟରୁ ୮ ଲକ୍ଷ ଟଙ୍କା ନେଇସାରିଥିଲେ। ଏହାକୁ କେନ୍ଦ୍ରକରି ପୂର୍ବରୁ ସମ୍ପୃକ୍ତ ନନ୍ଦନକାନନ ଥାନାରେ ଏକ ମାମଲା ପଞ୍ଜୀକୃତ ହୋଇ ଅବିନାଶ ଗିରଫ ହୋଇଥିଲେ। କିନ୍ତୁ ବେଲ୍‌ରେ ଆସିବା ପରେ ରବିବାର ଅବିନାଶ ଯୁବତୀଙ୍କ ଘର ଭିତରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀଙ୍କ ପାଟିଶୁଣି ତାଙ୍କ ଭାଇ ଘଟଣାସ୍ଥଳକୁ ଆସି ଅବିନାଶଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ୪୧୫/୨୫ରେ ଏକ ମାମଲା ରୁଜୁ କରି ଅବିନାଶ ଜେନାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ଖୁଣ୍ଟ ପୋତିବାକୁ ନେଇ ସଂଘର୍ଷ, ୪ ଗିରଫ

ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନସ୍ଥ ଚନ୍ଦକା ଗ୍ରାମର ଏକ ଜମିରେ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ମରଣାନ୍ତକ ଆକ୍ରମଣ ଓ ପରେ ଏହା ଏକ ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଏହି ଗୋଷ୍ଠୀସଂଘର୍ଷ ଘଟଣାରେ ପୋଲିସ ସୋମବାର ଉଭୟ ପକ୍ଷରୁ ୪ଜଣଙ୍କୁ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଚନ୍ଦକା ଗ୍ରାମର ମିହିର ଚନ୍ଦ୍ର ସାମନ୍ତରାୟଙ୍କ ପ୍ଲଟ୍‌ରେ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ସୋମବାର ବିବାଦ ଦେଖାଦେଇଥିଲା। ରଞ୍ଜନ କୁମାର ବଳିଆରସିଂ ଓ ତାଙ୍କର ସହଯୋଗୀ ଜବରଦସ୍ତ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ବିବାଦର ସୂତ୍ରପାତ୍ର ଆରମ୍ଭ ହୋଇଥିଲା। ଉଭୟ ଗୋଷ୍ଠୀର ଯୁବକମାନେ ଚନ୍ଦକା ବାଜରରେ ଲୁହରଡ୍, ଠେଙ୍ଗା ଆଦି ଧରି ମାରଧର ଆରମ୍ଭ କରିଥିଲେ। ଏହାକୁ ନେଇ ସୋନୁ ଓରଫ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ଅଭିଯୋଗ ଆଧାରରେ ୫୦୪/୨୫ ଓ ସିଉଳିକ ବଡ଼ଜେନାଙ୍କ ଅଭିଯୋଗ ଆଧାରରେ ୫୦୩/୨୫ ଆଉ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଆଇଆଇସି ସମୀତା ମିଶ୍ର ତଦନ୍ତ କରି ସିସିଟିଭି ଆଧାର ଓ ଉଭୟପକ୍ଷଙ୍କ ଠାରୁ ପଚାରି ବୁଝିବାପରେ ଗୋଟିଏ ପକ୍ଷରୁ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଅନ୍ୟ ଏକ ପକ୍ଷରୁ ରାଜେଶ ମହାପାତ୍ର, ରାଜେଶ ମହାପାତ୍ର, ଅନନ୍ତ ବେହେରାଙ୍କୁ ନେଇ ସମୁଦାୟ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଭୁବନେଶ୍ୱର ଆଞ୍ଚଳିକ କମିଟି ତରଫରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧରେ ଋଣ ଯୋଗାଇ ଦେବା, ଗୋଷ୍ଠୀର ମହିଳାମାନଙ୍କୁ ଋଣ ପାଇଁ ଅଗ୍ରାଧିକାର ଦେବା ସହିତ ପ୍ରତି ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସିବିଲ୍ ସ୍କୋର୍‌କୁ ବାଧ୍ୟତାମୂଳକ କରା ନ ଯିବା, କୋଭିଡ୍ ସମୟରେ ନିଆଯାଇଥିବା କିସ୍ତି ଓ ଜରିମାନା ଫେରସ୍ତ କରିବା, ମାଇକ୍ରୋଫାଇନାନ୍ସ ସମେତ ବେସରକାରୀ ଆର୍ଥିକ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ୧୨%ରେ ସୀମିତ ରଖିବା, ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରିବା ଆଦି ୮ଦଫା ଦାବି ସହିତ ୧୪୦୦ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଡିସେମ୍ବର ୧୯ରେ ଭୁବନେଶ୍ୱରସ୍ଥିତ ରିଜର୍ଭବ୍ୟାଙ୍କ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ରାଜ୍ୟ କମିଟି ସଭ୍ୟା ବିମଳୀ ନାୟକ, ଆଞ୍ଚଳିକ କମିଟି ସଭାନେତ୍ରୀ ଚିନ୍ମୟୀ ରାଉତ, ସମ୍ପାଦିକା ଗୀତାଞ୍ଜଳି ରାଉତରାୟ, ଜୟନ୍ତୀ ସ୍ୱାଇଁ, ରଶ୍ମିପ୍ରଭା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସିର ସମସ୍ତ ସମ୍ପତ୍ତି ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୧୧(ବନ୍ଦନା ସେଠୀ)

ସହରର ରାଜସ୍ୱ ଆଦାୟ ବୃଦ୍ଧି କରିବା ସହ ଏଥିରେ ଦୃଢ଼ତା ଆଣିବା ଦିଗରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ବିଭିନ୍ନ ପଦକ୍ଷେପ ନେଉଛି। ଚଳିତବର୍ଷ କିପରି ଗତବର୍ଷଠାରୁ ଅଧିକ ରାଜସ୍ୱ ଆଦାୟ କରାଯିବ ସେନେଇ ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସ ଏଥିରେ ଅଧକ୍ଷତା କରି ବିଏମ୍‌ସିର ସମସ୍ତ ସମ୍ପତ୍ତି ତାଲିକା ପ୍ରସ୍ତୁତ କରିବା ସହିତ ସେଥିରୁ କିପରି ଅଧିକ ରାଜସ୍ୱ ଆସିପାରିବ

## ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ବୈଠକ

ସେ ସମ୍ପର୍କରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ୟକ୍ତିଗତ ପାର୍କିଂ ଏବଂ ଆନୁଷ୍ଠାନିକ ପାର୍କିଂସ୍ଥାନଗୁଡ଼ିକ ଉପରେ ତର୍ଜମା କରି ସେଠାରୁ କିପରି ରାଜସ୍ୱ ଆଦାୟ କରାଯିବ ସେ ସମ୍ପର୍କରେ କାର୍ଯ୍ୟ କରିବା ପାଇଁ କୁହାଯାଇଛି। ବିଏମ୍‌ସିର ସମସ୍ତ ୱାର୍ଡରେ ରାଜସ୍ୱ ଆଦାୟ ଶିବିର ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ ଲୋକେ, ଆବାସିକ ସଂଗଠନ, ଗୋଷ୍ଠୀ, ବ୍ୟବସାୟୀ ସଂଗଠନ କିଭଳି ଅବଗତ ହୋଇପାରିବେ ସେ ନେଇ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହ ଯେଉଁ ୱାର୍ଡଗୁଡିକରେ ଅଧିକ ରାଜସ୍ୱ ଆଦାୟ ହେବାକୁ ଅଛି ସେଠାରେ ଅଧିକ କର୍ମଚାରୀ ନିୟୋଜିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଏମ୍‌ସି ଅଞ୍ଚଳରେ ଥିବା କଲ୍ୟାଣମଣ୍ଡପ ଓ କମ୍ୟୁନିଟି ସେଣ୍ଟରଗୁଡିକୁ ମରାମତି କରି ସେଗୁଡ଼ିକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରାଗଲେ ସେଠାରୁ ମଧ୍ୟ ରାଜସ୍ୱ ଆଦାୟ ହୋଇପାରିବ। ସେହିପରି ଗୃହ ନିର୍ମାଣ ପାଇଁ ଅନୁମୋଦନ ଦେଲାବେଳେ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଅନୁଷ୍ଠାନଗୁଡ଼ିକ ନିଜର ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ଲାନିଂ ଉପବିଭାଗକୁ କୁହାଯାଇଛି। ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ସହକାରୀ କମିଶନର ସତ୍ୟଜିତ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୁଣା ଭୁବନେଶ୍ୱର ପରକରଣ ସାହି ନିକଟରେ ସାଇ କଳା ସଂସଦ ପକ୍ଷରୁ ଚାରିଦିନ ଧରି ଚାଲିଥିବା ତୃତୀୟ କାର୍ତ୍ତିକ ପୂର୍ଣ୍ଣିମା ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୩୧ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)

## ମହିଳାଙ୍କ ସମେତ ୨ ଗିରଫ

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଜରିପୋଖରୀ ନିକଟରେ ଚଢ଼ାଉ କରି ୩୧ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଚନ୍ଦ୍ରମାପାଟପୁର ଅଞ୍ଚଳର ଆଲୋକ କୁମାର ସାହୁ(୩୬) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ଠେଙ୍ଗାହାଟର ସୁନୀତା ବେହେରା(୩୭)। ଏମାନଙ୍କଠାରୁ ଗୋଟିଏ ବାଇକ୍ ଏବଂ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ଜରିପୋଖରୀ ଅଞ୍ଚଳରେ କେତେଜଣ ବେପାରୀ ନିଶାଦ୍ରବ୍ୟ ବିକ୍ରି କରୁଥିବା ଖବରପାଇ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତ ଆଲୋକଙ୍କଠାରୁ ୩୧ ଗ୍ରାମ ବ୍ରାଉନ୍‌ସୁଗାର, ଗୋଟିଏ ବାଇକ୍ ( ଓଡି ୦୨ଏଭି ୪୭୧୯) ଏବଂ ମୋବାଇଲ ଫୋନ ଜବତ ହୋଇଥିଲା। ସେହିପରି ସୁନୀତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ବଳୟ ବିଶୋଇ, କନ୍‌ଷ୍ଟେବଲ ଗୋପୀନାଥ ମଙ୍ଗରାଜ, ମାନସ ରଞ୍ଜନ ପରଧାନ, ପି.କେ. ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

# ଶିକ୍ଷାକ୍ଷେତ୍ରରେ ଏଆଇ ପ୍ରଚଳନ ପୂର୍ବରୁ ଭିତ୍ତିଭୂମି ସୁଦୃଢ଼ କରାଯାଉ

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)

ପ୍ରତ୍ୟେକ ମନୁଷ୍ୟର ମୌଳିକ ଅଧିକାର ହେଉଛି ଶିକ୍ଷା। ଶିକ୍ଷା ମାଧ୍ୟମରେ ଏକ ସଶକ୍ତ ତଥା ସଚେତନ ସମାଜ ଗଢ଼ିହୁଏ। ଏହା ଆମକୁ ଆମର ପରିବେଶ, ଜୀବନଜୀବିକା ଓ ସମାଜ ସମ୍ପର୍କରେ ସଜାଗ କରାଇଥାଏ। ଏଥିସହ ଆମକୁ ସଫଳତାର ମାର୍ଗରେ ଆଗେଇ ନେବାଲାଗି ଜ୍ଞାନ ଅର୍ଜନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଜଣେ ଶିକ୍ଷିତ ଓ ସଚେତନ ମଣିଷ ହିଁ ଦେଶରେ ଜଣେ ଆଦର୍ଶ ନାଗରିକ ହୋଇଥାଏ। ଜଣେ ଆଦର୍ଶ ନାଗରିକ ହିଁ ଦେଶ ଓ ବିଶ୍ୱର ଉନ୍ନତି ପାଇଁ ଚିନ୍ତା କରିଥାଏ। ଏହାକୁ ହୃଦୟଙ୍ଗମ କରିବା ପାଇଁ ୨୦୦୮ ମସିହାରୁ ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଚଳିତ



ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଏଆଇ ଏବଂ ଶିକ୍ଷା : ସ୍ୱୟଂଚାଳିତ ଜଗତରେ ମାନବ ଏଜେନ୍ସି ସଂରକ୍ଷଣ'। ବ୍ୟକ୍ତି ଓ ସମ୍ପ୍ରଦାୟଙ୍କୁ ପ୍ରଯୁକ୍ତି ବିଦ୍ୟା ପ୍ରଗତିକୁ ବୁଝେଇବା ସହିତ ଶିକ୍ଷାର ଶକ୍ତି ଉପରେ ପ୍ରତିଫଳନକୁ ଉତ୍ସାହିତ କରିଥାଏ।

ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ସେକ୍ଟର-୬ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ଦାସ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ପୂର୍ବ ଅପେକ୍ଷା ବହୁ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ପିଲାଙ୍କ ପାଇଁ ପାଠପଢ଼ା ସରଳ, ସହଜ କରାଯାଇଛି ସତ ହେଲେ ଘରୋଇ ସ୍କୁଲ ଭଳି ପିଲାଙ୍କୁ ପଢ଼ା ଯାଇପାରୁନାହିଁ।

## ଆଜି ଜାତୀୟ ଶିକ୍ଷା ଦିବସ

ଶିକ୍ଷକମାନଙ୍କୁ ଶିକ୍ଷା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ପିଲାଙ୍କୁ ଭଲ ମଣିଷ କରି ଗଢ଼ିତୋଳିବାକୁ ଶିକ୍ଷକଙ୍କ ମନୋବଳ ଭାଙ୍ଗିଯାଉଛି। ପିଲାଙ୍କ ଅନୁପାତ ଅନୁସାରେ ବିଦ୍ୟାଳୟଗୁଡିକରେ ଶିକ୍ଷକ ନାହାନ୍ତି। ଅନ୍ୟ ଦେଶମାନଙ୍କ ଭଳି ଆମ ଦେଶରେ ମଧ୍ୟ ପିଲାଙ୍କୁ ଗୋଟିଏ ଢାଞ୍ଚାରେ ପାଠ ପଢ଼ାଯାଉ। ବିଦ୍ୟାଳୟଗୁଡିକରେ ଏଆଇର ପ୍ରଚଳନ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପିଲାଙ୍କ ପାଠପଢ଼ା ଆହୁରି ବ୍ୟାପକ ହେବା ସହ ଉନ୍ନତ ଶିକ୍ଷାଦାନ ପାଇପାରିବେ। ହେଲେ ଏହା ପୂର୍ବରୁ ଶିକ୍ଷାକ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ। ସମସ୍ତ ବିଦ୍ୟାଳୟରେ ବିଦ୍ୟୁତ୍, କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ଶିକ୍ଷକ ରହିବା ଜରୁରୀ ବୋଲି ରତ୍ନମଞ୍ଜରୀ କହିଛନ୍ତି।

ଦେଶର ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିବାରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁ ଦେଶରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଓ ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି) ପରି ଆଧୁନିକ ଶିକ୍ଷା ସଂସ୍ଥା ସ୍ଥାପିତ ହୋଇପାରିଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପଗୁଡ଼ିକ ଖୁବ୍ ପ୍ରଶଂସନୀୟ ଥିଲା। ୧୮୮୮ ନଭେମ୍ବର ୧୧ରେ ଜନ୍ମିତ ମୌଲାନା ଆଜାଦଙ୍କୁ ମନେପକାଇବା ପାଇଁ ତାଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଲିଅନ୍ତା,୧୦।୧୧(ନୀଳମାଧବ ସାହୁ) ଭୁବନେଶ୍ୱର-କଟକ ଜାତୀୟ ରାଜପଥର ପାହାଳ ଥାନା ଅଧୀନ ପାହାଳ ଫ୍ଲାଏ ଓଭର ବ୍ରିଜ ଉପରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତ ମହିଳାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ଜଣଙ୍କ ହେଲେ ସତ୍ୟବାଦୀ ଥାନା ଅଧିନ ପଖିମୁଣ୍ଡା ଗ୍ରାମର ନେତ ବେହେରା (୪୫) ଗୁରୁତର ଜଣଙ୍କ ହେଲେ ସୁରେନ୍ଦ୍ର ବେହେରା। ଘଟଣାସ୍ଥଳରୁ ପୋଲିସ ନେତଙ୍କ ମୃତଦହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସ୍ୱାମୀ ଓ ସ୍ତ୍ରୀ ଏକ ସ୍କୁଟିରେ ଜଗତ୍‌ସିଂହପୁରରୁ ନିଜ ଗାଁକୁ ଫେରୁଥିବା ବେଳେ ପଛପଟରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚକା ତଳେ ମହିଳା ଜଣଙ୍କ ରହିଯାଇଥିଲେ। ଟ୍ରକଟି ମହିଳାଙ୍କୁ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ଗାଡ଼ିର ଡ୍ରାଇଭରଙ୍କୁ ଅଟକ ରଖିଛି।

### ଜିଲାପାଳ, କଟକ ଡିସିପିଙ୍କ ନିକଟକୁ ରିମାଇଣ୍ଡର ପଠାଇଲେ ଜାତୀୟ କମିଶନ

କଟକ ସଦର,୧୦।୧୧(ସୁଶାନ୍ତ କୁମାର ଜେନା) କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଭୁରୀ ଗ୍ରାମର ସସ୍ମିତା ଭୋଇ ନାମ୍ନୀ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଘଟଣାକୁ ଠିକ ଭାବେ ବୁଝି ମାମଲା ରୁଜୁ କରି ନ ଥିବାରୁ ଜାତୀୟ ତଫସିଲଭୁକ୍ତ ଜାତିକମିଶନ ରାଜ୍ୟର ୨ଜଣ ବରିଷ୍ଠ ଅଧିକାରୀଙ୍କ ନିକଟକୁ ରିମାଇଣ୍ଡର ପଠାଇଛନ୍ତି। ଏହି ଦୁଇ ଅଧିକାରୀ ହେଲେ କଟକ ଜିଲାପାଳ ଓ ଡିସିପି ପତ୍ରସଂଖ୍ୟା ୩୦୭୯୫୨/୨୯।୧୦।୨୦୨୫ରେ କମିଶନଙ୍କ ନିର୍ଦ୍ଦେଶକ ଏହି ରିମାଇଣ୍ଡର ଆସିଛି। କି ପ୍ରକାରର କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାର ରିପୋର୍ଟ ଦେବା ପାଇଁ କୁହାଯାଇଛି।

### ବାଲି ଘାଟରେ ଚଢ଼ାଉ: ୩ ମେଶିନ ଜବତ

ବାଙ୍କୀ, ୧୦।୧୧ (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ତହସିଲ ଅନ୍ତର୍ଗତ ଓଡ଼ିଆ ବାଲି ଘାଟର ଲିଜ୍‌ଧାରୀ ବେଆଇନ ଭାବେ ସୁବର୍ଣ୍ଣପୁରଠାରେ ବାଲି ଉତ୍ତୋଳନ ମେଶିନ ଲଗାଇ ବାଲି ଚାଲାଣ କରୁଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ଚଢ଼ାଉ କରାଯାଇ ୩ଟି ମେଶିନ ଜବତ କରାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମତି ନ ନେଇ ମହାନଦୀ ବନ୍ଧ କାଟି ହାଇୱା ଯୋଗେ ବାଲିଚାଲାଣ କରାଯାଉଥିଲା। ଏନେଇ ଡମପଡ଼ା ବ୍ଲକରେ ଚାଲିଥିବା ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବାଙ୍କୀ ତହସିଲଦାର ଓ କଟକ ଖଣି ବିଭାଗର ୨ ସହକାରୀ ଅଧିକାରୀ ପହଞ୍ଚି ମେଶିନ ଜବତ କରିଛନ୍ତି।

# ଚାଷୀଙ୍କ ସମସ୍ୟା ବୁଝିଲେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜସିଂହ ଚୌହାନ

**କଟକ ସଦର,୧୦।୧୧ (ସୁଶାନ୍ତ କୁମାର ଜେନା):**

କଟକସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର ଗସ୍ତରେ ଆସି ସୋମବାର କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଚାଷୀମାନଙ୍କ ସମସ୍ୟା ବୁଝିବା ପାଇଁ କ୍ଷେତ୍ର ସ୍ଥଳକୁ ଯାଇଥିଲେ। କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ଗ୍ରାମକୁ ଆସି ଚାଷ ଜମିରେ ବସି ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀଙ୍କୁ ପଚାରିଥିଲେ। ପୂର୍ବ ଭାରତରେ କି ପ୍ରକାର ସମସ୍ୟା ଚାଷୀମାନେ ସମ୍ମୁଖୀନ ହେଉଛନ୍ତି ସେକଥା ପଚାରିବା ବେଳେ ନିଆଳି ବ୍ଲକ ପହଙ୍ଗା ପଞ୍ଚାୟତ ସୁନ୍ଦରଦା ଗ୍ରାମର ଅଗ୍ରଣୀ ଚାଷୀ ଧରଣୀଧର ନାୟକ ଧାନ ଅପେକ୍ଷା ଡାଲି ଜାତୀୟ ଫସଲରୁ ଚାଷୀମାନେ ଅଧିକ ଲାଭବାନ ହେଉଛନ୍ତି ବୋଲି କହିଥିଲେ। ଜଳସେଚିତ ଅଞ୍ଚଳରେ ଧାନ ବ୍ୟତୀତ ଅନ୍ୟ ଫସଲ କରିବା ପାଇଁ ଜଳସେଚନର ସୁବିଧା କରିବାକୁ ସୌରଶକ୍ତି ପମ୍ପ ବସାଇବା ପାଇଁ ରାଜହଂସ ଚାଷୀ ନିରଞ୍ଜନ ମୁଦୁଲି, ଗୋବିନ୍ଦ ଚନ୍ଦ୍ର ବେହେରା, ବାବନ ବେହେରା ଓ ରାମଚନ୍ଦ୍ର ମୁଦୁଲି ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଏହାଛଡା ଏହି ଅଞ୍ଚଳରେ ଅଧିକାଂଶ ଲୋକେ ପରିବା ଚାଷ କରୁଥିବାରୁ କୃଷକ ବଜାର ଖୋଲିବା, ଷଣ୍ଢ ଓ ମାଙ୍କଡ ଦାଉରୁ ଫସଲ ରକ୍ଷା କରିବା ପାଇଁ ପ୍ରମୁଖ ଦାବି ଉଠିଥିଲା। ଧାନ ବିକ୍ରି ପାଇଁ ସୁବିଧା କରିବାକୁ ପରମହଂସ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ଦାବି କରିଥିଲେ। କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ ରାଜ୍ୟ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୌର ବାଡ଼ର ବ୍ୟବସ୍ଥା ପାଇଁ ସ୍ଥାନୀୟ ଚାଷୀମାନେ ସହାୟତା ଲୋଡିଲେ, ସରକାର ବିଚାର କରିବେ ବୋଲି କହିଥିଲେ। ଜାତୀୟ ଧାନ ଗବେଷଣା କେନ୍ଦ୍ର ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଉପକୃଷି ମହାନିର୍ଦ୍ଦେଶକ ଡ. ଡି.କେ. ଯାଦବ, ଡ. ଏ.କେ. ନାୟକ, ଧାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ଜି ଏ.କେ. କୁମାର, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ସଦର ବ୍ଲକ କୃଷି ଅଧିକାରୀ ଯାଫନା ରାୟ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା, କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଆତ୍ମାର ସଭାପତି ରମା ପ୍ରସାଦ ବିଶ୍ୱାଳ, କୃଷକ ସାଥୀ ଲକ୍ଷ୍ମୀଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଯୁବବର୍ଗ ନିଜ ଭିତରେ ରାଷ୍ଟ୍ରଭକ୍ତି ଜାଗ୍ରତ କରନ୍ତୁ



ଆରଏସ୍ଏସ୍‌ର ଯୁବ ସମ୍ମିଳନୀରେ ଯୋଗଦେଇଥିବା ସଂଘର ନେତୃମଣ୍ଡଳୀ।

## ଆରଏସ୍ଏସ୍ ପକ୍ଷରୁ ଯୁବ ସମ୍ମିଳନୀ

**ସାଲେପୁର,୧୦।୧୧(ଅରବିନ୍ଦ ଭୂୟାଁ):**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସଂଘଚାଳକ ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କଟକ ବିଭାଗ ସଂଘଚାଳକ ଡ. ଗୌତମ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

କଟକ ବିଭାଗ ପ୍ରଚାର ପ୍ରମୁଖ ଅକ୍ଷୟ ପ୍ରସାଦ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର ଗୌରବମୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ପୂର୍ବପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବବର୍ଗ ନିଜ ଭିତରେ ରାଷ୍ଟ୍ରଭକ୍ତି ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜାତୀୟ ପୁରସ୍କାର ବିଜେତା ଯୁବ ଲାକ୍ରାସ ଖେଳାଳି ଜିତେନ୍ଦ୍ର ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇଥିଲେ। କୃତୀ ଯୁବକମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସରୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରତ୍ୟୁଷ ଦାସ ଓ ପ୍ରତୀକ ନାୟକଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ ପରେ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

# ବଙ୍ଗଳା ଅନୁଦିତ ଗ୍ରନ୍ଥ 'ନିଜ ଝର୍କାରୁ ଆକାଶ' ଉନ୍ମୋଚିତ


ଅତିଥିଙ୍କ ଦ୍ୱାରା 'ନିଜ ଝର୍କାରୁ ଆକାଶ' ଉନ୍ମୋଚନ କରାଯାଉଛି।

**କଟକ,୧୦।୧୧(କାର୍ତ୍ତିକ ସାହୁ):**

ଓଡ଼ିଶା-ବଙ୍ଗଳା ଫୋରମ୍‌ର ବାର୍ଷିକ ଉତ୍ସବ ଅବସରରେ କବି ଡ. ରଞ୍ଜିତା ନାୟକଙ୍କ ରଚିତ କାବ୍ୟ 'ନିଜ ଝର୍କାରୁ ଆକାଶ'ର ବଙ୍ଗଳା ଅନୁଦିତ ଗ୍ରନ୍ଥ 'ନିଜେ ଜାନେଲା ଥେକେ ଆକାଶ' ରବିବାର ସାରଳା ଭବନରେ ଉନ୍ମୋଚିତ ହୋଇଯାଇଛି। ବଙ୍ଗଳା ଭାଷାର ପ୍ରଫେସର ଦୀପାସ୍ୟ କୁଣ୍ଡୁ ଗ୍ରନ୍ଥକୁ ଉନ୍ମୋଚନ କରି କହିଲେ, ଏହି ଗ୍ରନ୍ଥରେ ସ୍ତ୍ରୀ ଯଶୋଧାରାଙ୍କ ଦୃଷ୍ଟିରେ ଗୌତମ ବୁଦ୍ଧଙ୍କ ବର୍ଣ୍ଣନା ଅତୀବ ମନୋରମ ଓ ଶିକ୍ଷଣୀୟ ହୋଇପାରିଛି। କାବ୍ୟର ଭାଷା, ରୂପକ, ଉପମା ଆଦି ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ସେ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଶୈଳବାଳା ମହିଳା ମହାବିଦ୍ୟାଳୟର ଇଂଲିଶ ପ୍ରଫେସର ଡ. ଋତୁପର୍ଣ୍ଣା ସେନ୍ ଡ. ନାୟକଙ୍କ ଲେଖକୀୟ ଜୀବନୀ ଉପରେ ଆଲୋକପାତ କରି କହିଲେ, କବି ରଞ୍ଜିତା ୧୯୯୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତି ସମେତ ୪୦ରୁ ଅଧିକ ପୁରସ୍କାର ଲାଭ କରିଛନ୍ତି। ସୁଧାଶ୍ରୀ ରଥ ଓ ମାନବେଶ ରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗ୍ରନ୍ଥର ଅନୁବାଦିକା ଭାରତୀ ନନ୍ଦି।

## ପୁଷ୍ପାଞ୍ଜଳି ଜେନା ପାଇବେ ରାଧାନାଥ ରଥ ସେବା ସମ୍ମାନ

**କଟକ,୧୦।୧୧(କାର୍ତ୍ତିକ ସାହୁ)**

ଅସହାୟ ମହିଳା ଓ ଶିଶୁଙ୍କ କଲ୍ୟାଣ ପାଇଁ ଦୀର୍ଘ ୪୦ ବର୍ଷ ଧରି ସେବା କରି ଆସୁଥିବା ଢେଙ୍କାନାଳ ଜିଲାର ସୁଶ୍ରୀ ପୁଷ୍ପାଞ୍ଜଳି ଜେନା ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ 'ରାଧାନାଥ ରଥ ସେବା ରତ୍ନ ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ସେ ହେଉଛନ୍ତି ଇନ୍ଦିରା ସମାଜ ମଙ୍ଗଳ ଅନୁଷ୍ଠାନ ଓ ଶିଶୁ ଗୃହର ପ୍ରତିଷ୍ଠାତା। ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ବୈଠକରେ ରବିବାର ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବର ୬ରେ ହେବାକୁ ଥିବା ମହାନ ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ସାମ୍ବାଦିକ ତଥା ସମାଜସେବୀ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଟ୍ରଷ୍ଟର ସଭାପତି ଜଷ୍ଟିସ ଏ. ଏସ୍. ନାଇଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଡ. ସତ୍ୟ ରାୟ, ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାପାତ୍ର, ସଙ୍ଗଠନ ସମ୍ପାଦକ ଡ. ଦୀପାୟନ ପଟ୍ଟନାୟକ, ଡ. ପ୍ରମୋଦ ମହାପାତ୍ର, କିଶୋର ଜେନା, ଅରବିନ୍ଦ ରାଉତରାୟ, ମୀରା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକୃତି ସାହିତ୍ୟର ଜନକ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲରେ ସାହିତ୍ୟ ସମ୍ମିଳନୀ

**ମଙ୍ଗୁଳି-ଜଗତପୁର,୧୦।୧୧ (ମାନସ ସାମଲ):**

ଟାଙ୍ଗୀ ଥାନା ମଣିଆସ୍ଥିତ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲ ଭାଷା ସାହିତ୍ୟ ବିଭାଗ ପକ୍ଷରୁ 'ସାହିତ୍ୟ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ତଥା ଲେଖକ ଡ. ଦାଶ ବେନହୁର, ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ହିମାଂଶୁ ଶେଖର ମହାପାତ୍ର, କଟକସ୍ଥିତ ହିନ୍ଦୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ସାହିତ୍ୟର ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକୃତି ସାହିତ୍ୟର ଜନକ ଅଟେ, ସମ୍ପ୍ରତି ସାହିତ୍ୟ କିପରି ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ସମାଜ ସମସ୍ତ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିପାରିବ ବୋଲି ସେ ସମ୍ପର୍କରେ ଅତିଥିବୃନ୍ଦ କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ବିନୋଦିନୀ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ସଂସ୍କୃତିର ବିଶେଷତ୍ୱ ଦର୍ଶାଇବା ନିମନ୍ତେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ଭାର୍ଗବ ନାଥଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ଜନଶୁଣାଣିରେ ୫୫ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

**ବାଙ୍କୀ,୧୦।୧୧ ( ଶୁଭେନ୍ଦୁ ମହାପାତ୍ର/ ସୁବ୍ରତ କୁମାର ନାୟକ/ଜ୍ଞାନେନ୍ଦ୍ର ମୋହନ ମିଶ୍ର ) :**

ଡମପଡ଼ା ବ୍ଲକରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡମପଡ଼ା ବ୍ଲକର ଜନସାଧାରଣ ଯୋଗଦେଇ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିରରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, କୃଷି, ରାଜସ୍ୱ, ଫୌଜଦାରି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ଶିନ୍ଦେ ଅଭିଯୋଗଗୁଡ଼ିକର ଶୁଣାଣିକରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ କଟକ ଗ୍ରାମାଞ୍ଚଳ ଏସ୍‌ପି ବିନିତ୍ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଶାନ୍ତ କୁମାର ହୋତା, ଉପଜିଲାପାଳ ପ୍ରଣବ କୁମାର ବେହେରା, ଉପଖଣ୍ଡ ଏସ୍‌ଡିପିଓ ବାଳକୃଷ୍ଣ କହଁର, ଡମପଡ଼ା ବିଡିଓ ଅଂଶୁମାନ ଦାଶ, ତହସିଲଦାର ଅଶେଷ କୁମାର ନାୟକ, ଡମପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଓ ମିନତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଆମ ବସ୍ ପଛକୁ ଧକ୍କା ଦେଲା ବସ୍

**ତ୍ରିଶୂଳିଆ,୧୦।୧୧ (ତୁଷାର କାନ୍ତ ବେହେରା):**

ବାରଙ୍ଗ ଥାନା ଗୋଡ଼ିସାହି ନିକଟରେ ସୋମବାର ପୂର୍ବାହ୍ନରେ ଆମ ବସ୍ ପଛକୁ ଆଉ ଏକ ବସ୍ ଧକ୍କା ଦେଇଛି। ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, ଆମ ବସ୍ ଓ ଏକ ଘରୋଇ ବସ୍ ଆଗ ପଛ ହୋଇ ବାଙ୍କୀ ଅଭିମୁଖେ ଯାଉଥିଲେ। ଘରୋଇ ବସ୍‌ଟି ଦ୍ରୁତ ଗତିରେ ଯାଇ ଆମ ବସ୍ ପଛକୁ ଧକ୍କା ଦେଇଥିଲା। ଏହାକୁ ନେଇ ଦୁଇ ଗାଡ଼ି ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଥିଲା। ଏନେଇ ଗୋଡ଼ିସାହି ଫାଣ୍ଡିରେ ଉଭୟ ବସ୍‌ର ଡ୍ରାଇଭର ଅଭିଯୋଗ କରିଛନ୍ତି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ:ଜଣେ ଗିରଫ

**ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ)**

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଯୁବକ ଜଣଙ୍କ ହେଲେ ଖୁଣ୍ଟୁଣିର ଅବିନାଶ ଜେନା(୩୦)।

ପ୍ରକାଶ ଯେ, ଅବିନାଶ ନନ୍ଦନକାନନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ରହିଥିଲା। ଏହି ଆଧାରରେ ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ଓ ପରେ ଯୁବତୀଙ୍କୁ ଏକପାଖିଆ ଭଲପାଇବା ଆରମ୍ଭ କରିଥିଲେ। ଯୁବତୀଙ୍କୁ ଫୋନ୍ କରି ତାଙ୍କ ସହ ପଳାଇବା ଲାଗି ଏକାଧିକ ବାର କହିଥିଲେ। ସେ ରାଜି ନ ହେବାରୁ ତାଙ୍କ ପାଖରେ ଥିବା ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇ ଯୁବତୀଙ୍କ ନିକଟରୁ ୮ ଲକ୍ଷ ଟଙ୍କା ନେଇସାରିଥିଲେ। ଏହାକୁ କେନ୍ଦ୍ରକରି ପୂର୍ବରୁ ସମ୍ପୃକ୍ତ ନନ୍ଦନକାନନ ଥାନାରେ ଏକ ମାମଲା ପଞ୍ଜୀକୃତ ହୋଇ ଅବିନାଶ ଗିରଫ ହୋଇଥିଲେ। କିନ୍ତୁ ବେଲ୍‌ରେ ଆସିବା ପରେ ରବିବାର ଅବିନାଶ ଯୁବତୀଙ୍କ ଘର ଭିତରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀଙ୍କ ପାଟିଶୁଣି ତାଙ୍କ ଭାଇ ଘଟଣାସ୍ଥଳକୁ ଆସି ଅବିନାଶଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ୪୧୫/୨୫ରେ ଏକ ମାମଲା ରୁଜୁ କରି ଅବିନାଶ ଜେନାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ଖୁଣ୍ଟ ପୋତିବାକୁ ନେଇ ସଂଘର୍ଷ, ୪ ଗିରଫ

**ବାରଙ୍ଗ,୧୦।୧୧ (ଲିଙ୍ଗରାଜ ରାଉତ):**

ଚନ୍ଦକା ଥାନା ଅଧୀନସ୍ଥ ଚନ୍ଦକା ଗ୍ରାମର ଏକ ଜମିରେ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ମରଣାନ୍ତକ ଆକ୍ରମଣ ଓ ପରେ ଏହା ଏକ ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଏହି ଗୋଷ୍ଠୀସଂଘର୍ଷ ଘଟଣାରେ ପୋଲିସ ସୋମବାର ଉଭୟ ପକ୍ଷରୁ ୪ଜଣଙ୍କୁ କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ଚନ୍ଦକା ଗ୍ରାମର ମିହିର ଚନ୍ଦ୍ର ସାମନ୍ତରାୟଙ୍କ ପ୍ଲଟ୍‌ରେ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ସୋମବାର ବିବାଦ ଦେଖାଦେଇଥିଲା। ରଞ୍ଜନ କୁମାର ବଳିଆରସିଂ ଓ ତାଙ୍କର ସହଯୋଗୀ ଜବରଦସ୍ତ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ବିବାଦର ସୂତ୍ରପାତ୍ର ଆରମ୍ଭ ହୋଇଥିଲା। ଉଭୟ ଗୋଷ୍ଠୀର ଯୁବକମାନେ ଚନ୍ଦକା ବାଜରରେ ଲୁହରଡ୍, ଠେଙ୍ଗା ଆଦି ଧରି ମାରଧର ଆରମ୍ଭ କରିଥିଲେ। ଏହାକୁ ନେଇ ସୋନୁ ଓରଫ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ଅଭିଯୋଗ ଆଧାରରେ ୫୦୪/୨୫ ଓ ସିଉଲିକ ବଡ଼ଜେନାଙ୍କ ଅଭିଯୋଗ ଆଧାରରେ ୫୦୩/୨୫ ଆଉ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଆଇଆଇସି ସମୀତା ମିଶ୍ର ତଦନ୍ତ କରି ସିସିଟିଭି ଆଧାର ଓ ଉଭୟପକ୍ଷଙ୍କ ଠାରୁ ପଚାରି ବୁଝିବାପରେ ଗୋଟିଏ ପକ୍ଷରୁ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଅନ୍ୟ ଏକ ପକ୍ଷରୁ ରାଜେଶ ମହାପାତ୍ର, ରାଜେଶ ମହାପାତ୍ର, ଅନନ୍ତ ବେହେରାଙ୍କୁ ନେଇ ସମୁଦାୟ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ଭାବ, ଭକ୍ତି ଈଶ୍ୱରସତ୍ତା ଲାଭ କରିବାର ପ୍ରକୃଷ୍ଟ ମାର୍ଗ

## ୨ୟ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଘାଟିତ

**ସାଲେପୁର,୧୦।୧୧(ଅରବିନ୍ଦ ଭୂୟାଁ):**


ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ହରିଡ଼ା ପଡ଼ିଆଠାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭକ୍ତ ସମାଜ ଗୋପୀନାଥପୁର ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବକୁ ପୁରୀ ଶ୍ରୀମନ୍ଦିରର ପୁରୋହିତ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର ଉଦ୍‌ଘାଟନ କରି ଭାବ, ଭକ୍ତି, ନିଷ୍ଠା, ପ୍ରଚେଷ୍ଟା, ସକାରାତ୍ମକ ଚିନ୍ତା ଈଶ୍ୱରସତ୍ତା ଲାଭ କରିବାର ପ୍ରକୃଷ୍ଟ ମାର୍ଗ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ମହିମା ରାଷ୍ଟ୍ରୀୟ ପ୍ରଚାରକ ତଥା ଧାରାବାହିକ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ଯୋଗଦେଇ ଶ୍ରୀଜଗନ୍ନାଥ ବିଶ୍ୱର ଠାକୁର, ତାଙ୍କ ମହିମା ଅପାର ବୋଲି କହିଥିଲେ। ଶ୍ରୀଜଗନ୍ନାଥ ଭକ୍ତ ସମାଜ, ଗୋପୀନାଥପୁରର ସଭାପତି ବିକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ ଦାଶ ଯୋଗଦେଇଥିଲେ। ପୂର୍ବାହ୍ନରେ ପୁଣ୍ୟତୋୟା ବିରୂପା ନଦୀରୁ ୧୦୮ ଜଳପୂର୍ଣ୍ଣ କୁମ୍ଭକୁ ମହିଳାମାନେ ଏକ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ।

ପୁରୀ ଶ୍ରୀମନ୍ଦିରରୁ ଆସିଥିବା ଆଜ୍ଞାମାଳକୁ ଶୋଭାଯାତ୍ରାରେ ଶତାଧିକ ପୁରୁଷ, ମହିଳା ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହୁଳହୁଳି ଓ ଶ୍ରୀଜଗନ୍ନାଥଙ୍କ ଜୟ ଜୟ ଧ୍ୱନିରେ ପ୍ରବଚନ ମଣ୍ଡପକୁ ପ୍ରଦକ୍ଷିଣ କରାଯାଇ ଯଜ୍ଞମଣ୍ଡପରେ ଆସୀନ କରାଯାଇଥିଲା। ପଣ୍ଡିତ ବିଜୟ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନିରଞ୍ଜନ ଶତପଥୀ, ପଣ୍ଡିତ ବିକ୍ରମ ଶତପଥୀ, ଜୟରାମ ପାଢ଼ୀ, ନିତେଶ୍ କୁମାର ତ୍ରିପାଠୀ, ବ୍ରହ୍ମପ୍ରକାଶ ଶତପଥୀ, ପବିତ୍ର ପଣ୍ଡା ବିଧିବିଧାନରେ ଯଜ୍ଞ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପଣ୍ଡିତ ବିଷ୍ଣୁଚରଣ ପାଢ଼ୀ ଶ୍ରୀଜଗନ୍ନାଥଙ୍କ ୨୪ ବେଶ ଓ ପ୍ରବଚନ ମଣ୍ଡପରେ ଆସୀନ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରୁଥିବାବେଳେ ପାରାୟଣ କାର୍ଯ୍ୟକ୍ରମକୁ ପଣ୍ଡିତ ସୁଧୀର ପ୍ରସାଦ ନନ୍ଦ, ପଣ୍ଡିତ ହୃଷୀକେଶ ପଣ୍ଡା, ସତିଶ୍ କୁମାର ପଣ୍ଡା ପରିଚାଳନା କରିଥିଲେ। ସେହିପରି ୨ୟ ଦିବସରେ ମହୋତ୍ସବର ମୁଖପତ୍ର 'ସମନ୍ୱୟର ଦେବତା' ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମରେ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ସହ ପଣ୍ଡିତ ବିଜୟ କୁମାର ଶତପଥୀ, ଡ. ତ୍ରିଦେବ ବେହେରା, ମହୋତ୍ସବ କମିଟି ଉପଦେଷ୍ଟା ପ୍ରଫୁଲ୍ଲ ମିଶ୍ର, ଡା. ପି.କେ. ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ୬ ଦଫା ଦାବିରେ ଚାଷୀ ମୂଲିଆ ସଂଘର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଣପୁର,୧୦।୧୧(ଦିଲୀପ କୁମାର ସ୍ୱାଇଁ)

ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ୍ ସଭା (ଏଆଇକେଏମ୍‌କେଏସ୍), ଚାଷୀ ମୂଲିଆ ସଂଘ ଓଡ଼ିଶା ସହ ଅନୁବନ୍ଧିତ ବାଣପୁରର ଆଦିବାସୀ ଅଧ୍ୟୁଷିତ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ଆଞ୍ଚଳିକ କମିଟି ପକ୍ଷରୁ ୬ଦଫା ଦାବିରେ ସୋମବାର ବାଣପୁର ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଟି.ପଦ୍ମନାଭ ଦୋରାଙ୍କୁ ପ୍ରଦାନ କରାଯାଇଛି।

ଏଆଇକେଏମ୍‌କେଏସ୍ ରାଜ୍ୟ ସମ୍ପାଦକ ନିରାକାର ନାୟକ, ଚାଷୀ ମୂଲିଆ ସଂଘର ରଶ୍ମିତା ଶବର, ଜିଲା ସଂଯୋଜକ ରଞ୍ଜନ ଶବର ପ୍ରମୁଖଙ୍କ ନେତୃତ୍ୱରେ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ଆଞ୍ଚଳିକ କମିଟିର କର୍ମକର୍ତ୍ତାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ୬ଦଫା ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ଅଞ୍ଚଳର ଆଦିବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଶୁଦ୍ଧ ପାନୀୟଜଳ, ଗମନାଗମନ ଓ ସ୍ୱାସ୍ଥ୍ୟସେବା ସେମାନଙ୍କ ପାଖରେ ଅପହଞ୍ଚ। ଆଦିବାସୀମାନେ ଏଠାରେ ତିନି ଚାରି ପୁରୁଷ ଧରି ବସବାସ କରିବା ସହ ଜଙ୍ଗଲ ଜମିରେ ଚାଷ କରି ଆସୁଛନ୍ତି। ସରକାରୀ ନିୟମ ଅନୁଯାୟୀ ସେମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ଯୋଗାଇଦେବାକୁ ଦୀର୍ଘ ବର୍ଷ ଧରି ସେମାନେ ଆବେଦନ କରିଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ହୋଇ ସୁପାରିସ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନାହିଁ।



ବାଣପୁର ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜଙ୍ଗଲ ଜମିପଟ୍ଟା ଦେବା, ବାସଗୃହ ପଟ୍ଟା ଦେବା, ହାତୀ ଓ ବନ୍ୟଜନ୍ତୁ ଦ୍ୱାରା ଫସଲ ନଷ୍ଟକୁ ରୋକିବା ତଥା ଫସଲ ନଷ୍ଟର କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଦାବିପତ୍ରର ନକଲ ଜିଲାପାଳଙ୍କ ସମେତ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ, ବାଲୁଗାଁ ବନାଞ୍ଚଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଞ୍ଚଳିକ କମିଟିର କର୍ମକର୍ତ୍ତାମାନେ କହିଛନ୍ତି।

# ଶିଶୁପାଳଗଡ଼ ଐତିହ୍ୟସ୍ଥଳୀର ସୁରକ୍ଷା, ସଂରକ୍ଷଣ ଦାବି



ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ପୁରୁଣା ଭୁବନେଶ୍ୱର,୧୦।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଶିଶୁପାଳଗଡ଼ ଐତିହ୍ୟସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ପ୍ରୟାସ ହେବା ଆବଶ୍ୟକ। ତେବେ ଏହି ଐତିହ୍ୟସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ଜିଲା ପ୍ରଶାସନ, ଥାନା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଏକାମ୍ର ଜନ ଜାଗରଣ ମଞ୍ଚ ଲୋଡ଼ିଆସୁଛି। ହେଲେ ଶିଶୁପାଳଗଡ଼ ଐତିହ୍ୟର ପୂର୍ବ ପାର୍ଶ୍ୱରେ ଖୋଳାଯାଇ ରାସ୍ତା ନିର୍ମାଣ ଏବଂ ଐତିହ୍ୟସ୍ଥଳୀ ଗୁଡ଼ିକୁ ବିକ୍ରି ସହିତ ଗୃହ ନିର୍ମାଣ ଚାଲିଛି। ଫଳରେ ଐତିହ୍ୟ କ୍ଷେତ୍ର ନଷ୍ଟ ହେବାକୁ ବସିଛି। ତୁରନ୍ତ ଏହାର ସୁରକ୍ଷା ଏବଂ ସରଂକ୍ଷଣ ପାଇଁ ସୋମବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳ ଡ. ମନୋରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଅଣଓଡ଼ିଆମାନେ ରହୁଥିବା ଏକ ବେଆଇନ ବସ୍ତି ମଧ୍ୟ ଗଢ଼ି ଉଠିଛି। ୨୦୨୩ ମସିହାରେ ଶିଶୁପାଳଗଡ଼ ଐତିହ୍ୟ କ୍ଷେତ୍ରରେ ସମସ୍ତ ସରକାରୀ ଜମିକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ନ୍ୟାୟାଳୟଙ୍କ ଆଦେଶକୁ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜବରଦଖଲକାରୀଙ୍କୁ ହଟାଯାଇ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ବେଆଇନ ଭାବେ ଜବରଦଖଲ କରି ଜମି ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଗଣେଶ ଚନ୍ଦ୍ର ପାଲ, ସୁଲତା ସାହାଣୀ, ଭୂପେସ ନାୟକ, ସୌମ୍ୟ ରଞ୍ଜନ ପଣ୍ଡା, ରାଜେଶ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲାପାଳଙ୍କୁ ଦାବିପତ୍ର

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଭୁବନେଶ୍ୱର ଆଞ୍ଚଳିକ କମିଟି ତରଫରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧରେ ଋଣ ଯୋଗାଇ ଦେବା, ଗୋଷ୍ଠୀର ମହିଳାମାନଙ୍କୁ ଋଣ ପାଇଁ ଅଗ୍ରାଧିକାର ଦେବା ସହିତ ପ୍ରତି ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସିବିଲ୍ ସ୍କୋରକୁ ବାଧ୍ୟତାମୂଳକ କରା ନ ଯିବା, କୋଭିଡ୍ ସମୟରେ ନିଆଯାଇଥିବା କିସ୍ତି ଓ ଜରିମାନା ଫେରସ୍ତ କରିବା, ମାଇକ୍ରୋଫାଇନାନ୍ସ ସମେତ ବେସରକାରୀ ଆର୍ଥିକ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ୧୨%ରେ ସୀମିତ ରଖିବା, ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରିବା ଆଦି ୮ଦଫା ଦାବି ସହିତ ୧୪୦୦ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଡିସେମ୍ବର ୧୯ରେ ଭୁବନେଶ୍ୱରସ୍ଥିତ ରିଜର୍ଭବ୍ୟାଙ୍କ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ରାଜ୍ୟ କମିଟି ସଭ୍ୟା ବିମଳା ନାୟକ, ଆଞ୍ଚଳିକ କମିଟି ସଭାନେତ୍ରୀ ଚିନ୍ମୟୀ ରାଉତ, ସମ୍ପାଦିକା ଗୀତାଞ୍ଜଳି ରାଉତରାୟ, ଜୟନ୍ତୀ ସ୍ୱାଇଁ, ରଶ୍ମିପ୍ରଭା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୬୦୩ ଅଭିଯୋଗ ଶୁଣିଲେ ଅଧିକାରୀ

ନିରାକାରପୁର,୧୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅଧୀନ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୁମାନା ଜାସ୍ମିନ୍, ଅତିରିକ୍ତ ବିଡିଓ ରଞ୍ଜନ କୁମାର ସାହୁ, ସରପଞ୍ଚ କାଦମ୍ବିନୀ ବେହେରା, ସମିତିସଭ୍ୟା ପ୍ରତିନିଧି ଶୁଭମ ଦାଶ, ନିରାକାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୀବ ପାହାଡ଼ସିଂହ, ଲେଲୋ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକ୍ରମ ପାହାଡ଼ସିଂହ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଅନୁରୂପଭାବେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ମୋଟ୍ ୬୦୩ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ୩୮୦ଟି ଅଭିଯୋଗର ସମାଧାନ ହୋଇଥିବା ବେଳେ୨୨୩ଟି ଅଭିଯୋଗର ବିଚାର କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ନାରାୟଣ ଜେନା କହିଛନ୍ତି। ଯୋଗାଣ ବିଭାଗ ଅଧିକାରୀ ଶିବରାମ ବିଶ୍ୱାଳ, ଯୋଗାଣ ସହାୟକ ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, କୃଷି ନିରୀକ୍ଷକ ପ୍ରତାପ କୁମାର ସାହୁ, ଜଳ ଯୋଗାଣ ଯନ୍ତ୍ରୀ ନିର୍ଲିପ୍ତା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମୋଟ୍ ୨୦ଟି ଷ୍ଟଲ୍ ଖୋଲାଯାଇଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ କେହି ଅଧିକାରୀ ଯୋଗଦେଇ ନ ଥିବା ଦେଖିବାକୁ ମିଳିଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ ପରେ ବିଳମ୍ବରେ ଭୁଷଣ୍ଡପୁର କ୍ଲଷ୍ଟରର ଜଣେ ପ୍ରଧାନ ଶିକ୍ଷକ ବିଭାଗୀୟ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ପ୍ରମୋଦ ମହାପାତ୍ର ପାଇବେ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

## ୩୫ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ, ୮ ଜଣଙ୍କୁ ସ୍ମାରକୀ ସମ୍ମାନ ମିଳିବ

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ 'ସମାଜ'ର ପୂର୍ବତନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ରଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ପ୍ରଦାନ କରାଯିବ। ସେହିପରି କୋଲକାତା, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣାଟକ, ଦିଲ୍ଲୀ ଓ ମୁମ୍ବାଇରୁ ପ୍ରକାଶିତ ବିଭିନ୍ନ ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ ପାଇଁ ମନୋନୀତ କରାଯାଇଥିବାବେଳେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ସମ୍ବିତ୍ କୁମାର ସେଠୀଙ୍କୁ 'କର୍ପୋରେଟ କମ୍ୟୁନିକେଶନ ଆଣ୍ଡ୍ ପବ୍ଲିକ ରିଲେସନ୍ସ ସମ୍ମାନ' ମିଳିବ। ଏଥିସହ ରାଜ୍ୟର ୩୫ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ଓ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଏହି ସମ୍ମାନ ଦିଆଯିବ ବୋଲି ସୋମବାର ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଆଦିବାସୀଙ୍କ ପରମ୍ପରା ଭାରତର ଇତିହାସ ସହ ଜଡ଼ିତ




ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

## ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପରମ୍ପରାକୁ କେହି ଭୁଲିବା ଉଚିତ ନୁହେଁ। ଆଦିବାସୀଙ୍କ ପରମ୍ପରା ଭାରତର ଇତିହାସ ଓ ସଂସ୍କୃତି ସହ ଜଡ଼ିତ। ରାଷ୍ଟ୍ରର ବିକାଶ ଲାଗି ଯୁବପିଢ଼ି ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତର ଖୋର୍ଦ୍ଧା ଶାଖା ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ୭ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ, ସମ୍ମାନିତ ଅତିଥି ଭାବେ ମାଇଁଭାରତର ପୂର୍ବକ୍ଷେତ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ଜିଲା ଯୁବ ଅଧିକାରୀ ନିଖିଲ କୋକୁଲା, ପ୍ରସନ୍ନ ମେହେର, ରମେଶ ଭୁଲିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଦେଶର ୫ଟି ରାଜ୍ୟରୁ ୨୦୦ ଯୁବ ପ୍ରତିନିଧି ଯୋଗ ଦେଇଥିଲେ। ମାଇଁ ଭାରତର ଅଧିକାରୀ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ସୁପ୍ରିମ୍ ଲେଙ୍କା, ଦେବସ୍ମିତା ସାହୁ, ସୌମ୍ୟକାନ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ନିରନ୍ତର ଅଭ୍ୟାସ ଦ୍ୱାରା ପାରମ୍ପରିକ କଳା ବିକଶିତ ହୋଇଥାଏ'

ପୁରୁଣା ଭୁବନେଶ୍ୱର,୧୦।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

ଶାନ୍ତିସ୍ତୁପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଚାଲିଥିବା ୭ଦିନିଆ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଶିବିର ଗତ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଅବସରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଏବଂ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଯୋଗଦେଇଥିଲେ। ନିରନ୍ତର ଅଭ୍ୟାସ ଦ୍ୱାରା ପାରମ୍ପରିକ କଳା ବିକଶିତ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଳ୍ପୀମାନେ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ପରମ୍ପରାକୁ ତୂଳୀରେ ନିଖୁଣ ଭାବେ ଅଙ୍କନ କରିଥିଲେ। ମହାବିଦ୍ୟାଳୟର ୩୬ଜଣ ଛାତ୍ରୀଛାତ୍ରମାନେ ଛଅ ଋତୁ, କୃଷ୍ଣ ଲୀଳା, ଶ୍ରୀଜଗନ୍ନାଥ, ବୋଇତ ବନ୍ଦାଣ, ରାମାୟଣ କଥା, ରାଧାକୃଷ୍ଣ, ରାସଲୀଳା, ଚନ୍ଦନ ଯାତ୍ରା ଏବଂ ସାମାଜିକ କଥାବସ୍ତୁକୁ ନେଇ ଚିତ୍ର ଅଙ୍କନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଶିଳ୍ପୀ ବିଜୟ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁଅନନ୍ତ ସମ୍ମାନ ପାଇବେ ଡ.ପ୍ରତିଭା ମହାରଥୀ

ବାଲିପାଟଣା,୧୦।୧୧(ଅଭିମନ୍ୟୁ ନାୟକ)

ଆସନ୍ତା ଡିସେମ୍ବର ୩ରେ ରାଜ୍ୟସ୍ତରୀୟ ପଞ୍ଚସଖା ଶିଶୁଅନନ୍ତ ଜୟନ୍ତୀ ପାଳିତ ହେବ। ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ପୂର୍ବାହ୍ନ ୧୧ଟାରେ ପାଳନ କରାଯିବ ବୋଲି ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ସାହିତ୍ୟ ଏକାଡେମୀ ଏବଂ ଶିଶୁଅନନ୍ତ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଜୟନ୍ତୀ ଉତ୍ସବରେ ସାହିତ୍ୟ, ସମାଜସେବା, ଆଧାତ୍ମିକ ଓ ଖବର ପ୍ରସାରଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସଂସ୍କୃତି ଗବେଷିକା ଡ.ପ୍ରତିଭା ମହାରଥୀଙ୍କୁ ଶିଶୁଅନନ୍ତ ସମ୍ମାନ, କଣ୍ଠଶିଳ୍ପୀ ଗୀତାରାଣୀ ଦାସଙ୍କୁ ବାବା ମଧୁସୂଦନ ସମ୍ମାନ, ବସନ୍ତ କୁମାର ଦାସଙ୍କୁ ସାମ୍ବାଦିକ ଗୌରବ, ଅବସରପ୍ରାପ୍ତ ରାଜସ୍ୱ ବିଭାଗୀୟ ଆୟୁକ୍ତ ଅଖିଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ କବି ଅବଦୁଲ ଓସିଦ ସ୍ମୃତି ସମ୍ମାନ ଏବଂ ବଡ଼ଭାଇ ନଦିଆ ବିହାରୀ ସ୍ମୃତି ସମ୍ମାନ କୁନିକଥା ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ ଏବଂ ଶ୍ରେଷ୍ଠ ସମୀକ୍ଷକ ଦିଲ୍ଲୀପ ହାଲ ପାଇବେ ବୋଲି ଜଣାପଡ଼ିଛି। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ସାଧୁସନ୍ଥ, ଶିଶୁଅନନ୍ତ ଭକ୍ତ ଏବଂ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଲିଅନ୍ତା,୧୦।୧୧(ନୀଳମାଧବ ସାହୁ)

ଭୁବନେଶ୍ୱର-କଟକ ଜାତୀୟ ରାଜପଥର ପାହାଳ ଥାନା ଅଧୀନ ପାହାଳ ଫ୍ଲାଏ ଓଭର ବ୍ରିଜ ଉପରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତ ମହିଳାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ଜଣଙ୍କ ହେଲେ ସତ୍ୟବାଦୀ ଥାନା ଅଧିନ ପଖିମୁଣ୍ଡା ଗ୍ରାମର ନେତ ବେହେରା (୪୫) ଗୁରୁତର ଜଣଙ୍କ ହେଲେ ସୁରେନ୍ଦ୍ର ବେହେରା। ଘଟଣାସ୍ଥଳରୁ ପୋଲିସ ନେତଙ୍କ ମୃତଦହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସ୍ୱାମୀ ଓ ସ୍ତ୍ରୀ ଏକ ସ୍କୁଟିରେ ଜଗତ୍‌ସିଂହପୁରରୁ ନିଜ ଗାଁକୁ ଫେରୁଥିବା ବେଳେ ପଛପଟରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚକା ତଳେ ମହିଳା ଜଣଙ୍କ ରହିଯାଇଥିଲେ। ଟ୍ରକଟି ମହିଳାଙ୍କୁ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ଗାଡ଼ିର ଡ୍ରାଇଭର୍‌ଙ୍କୁ ଅଟକ ରଖିଛି।

# ପଞ୍ଚୁପଲ୍ଲୀ 'ପଲ୍ଲୀରେ ପ୍ରଶାସନ'



ଯାଁଳା,୧୦।୧୧(ବୁଲା ବାରିକ)

ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବନଜା ଜେନାଙ୍କ ସଂଯୋଜନାରେ ବିଡିଓ ବସନ୍ତ କୁମାର ହାତୀ, ଏବିଡିଓ ସଲୀଳ କୁମାର ଦାସ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସସ୍ମିତା ଜେନା,ଏଡିଇଓ ନିରଞ୍ଜନ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପାନୀୟ ଜଳ ବିଭାଗ, ସାମାଜିକ ସୁରକ୍ଷା, ଶକ୍ତିବିଭାଗ, ପରିମଳ ଯୋଜନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମତ୍ସ୍ୟ ବିଭାଗ, ସୁଭଦ୍ରା ଯୋଜନା, ଉଦ୍ୟାନ ଓ କୃଷି ବିଭାଗ, ମିଶନ ଶକ୍ତି ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସିଡିପିଓ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶରତ ଭୁଜବଳ, ଶୁଭକାନ୍ତ ଜେନା, ଛବିନ୍ଦ୍ର ଜୟସିଂହ, ସୁମନ୍ତ ଭାରିମଲ, ସତ୍ୟରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ)

ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣିର ଅବିନାଶ ଜେନା(୩୦)।ପ୍ରକାଶ ଯେ, ଅବିନାଶ ନନ୍ଦନକାନନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ରହିଥିଲା। ଏହି ଆଧାରରେ ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ଓ ପରେ ଯୁବତୀଙ୍କୁ ଏକପାଖିଆ ଭଲପାଇବା ଆରମ୍ଭ କରିଥିଲେ। ଯୁବତୀଙ୍କୁ ଫୋନ୍ କରି ତାଙ୍କ ସହ ପଳାଇବା ଲାଗି ଏକାଧିକ ବାର କହିଥିଲେ। ସେ ରାଜି ନ ହେବାରୁ ତାଙ୍କ ପାଖରେ ଥିବା ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇ ଯୁବତୀଙ୍କ ନିକଟରୁ ୮ ଲକ୍ଷ ଟଙ୍କା ନେଇସାରିଥିଲେ। ରବିବାର ଅବିନାଶ ଯୁବତୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ସଚେତନ ହେଲେ ସାଇବର ଅପରାଧ ରୋକିହେବ

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଟାଙ୍ଗୀ ଥାନା ଆନୁକୂଲ୍ୟରେ ରତ୍ନମାଳୀ କଲ୍ୟାଣ ମଣ୍ଡପଠାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ସେଲ ଇନ୍ସପେକ୍ଟର ସୁଚିତ୍ରା ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ସତର୍କ ଓ ସଚେତନ ହେଲେ ସାଇବର ଅପରାଧ ରୋକାଯାଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଓ ସତର୍କତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ପରିବେଶବିତ୍ ଧନେଶ୍ୱର ବିଧାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦାସକାଠିଆ, ଚକୁଳିଆପଣ୍ଡା ଗୀତ ମାଧ୍ୟମରେ କଳାକାରମାନେ ସାଇବର ସୁରକ୍ଷା ସଚେତନତା କରିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଭୁଷଣ୍ଡପୁର ଫାଣ୍ଡି ଅଧିକାରୀ ବିନୋଦ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ, ଉମେଶ ପ୍ରସାଦ ଧଳ, ତାରା ପ୍ରସାଦ ପଟ୍ଟନାୟକ, ସାରଙ୍ଗଧର ପାଲଟାସିଂ, ବିଚ୍ଛେଦ ଜୟସିଂ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ବିନୋଦ କୁମାର ସାହୁ, ଅବସରପ୍ରାପ୍ତ ସେନା କର୍ମଚାରୀ ଅଧିକାରୀ ସୁବୁଦ୍ଧି, ଲକ୍ଷ୍ମୀଧର ପାଇକରାୟ, ଦିଲୀପ କୁମାର ନାଥ, ଶରତ ଚନ୍ଦ୍ର ପଟ୍ଟନାୟକ, ଦୁର୍ଗା ଚରଣ ପାତ୍ର, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲାଇ, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାଶ ମହାପାତ୍ର, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାରଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଟାଙ୍ଗୀ ଥାନାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧୧।୨୦୨୫

| | |
|---|---|
| ୬,୨୯,୮୬୯ ଟଙ୍କା | |
| ସୁନା | ୨୨.୫୦୦ ଗ୍ରାମ୍ |
| ରୁପା | ୧୯୭.୫୦୦ ଗ୍ରାମ୍ |

# ଶ୍ରୀକ୍ଷେତ୍ର ପରିକ୍ରମା କଲେ ସାଧୁ, ଶ୍ରଦ୍ଧାଳୁ

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସୋମବାର ଶ୍ରୀକ୍ଷେତ୍ର ପରିକ୍ରମା ବା ପଞ୍ଚତୀର୍ଥ ଅନୁଷ୍ଠିତ ହୋଇଯାଇଛି। ପଞ୍ଚ ତୀର୍ଥ ପରିକ୍ରମା ଅନୁଷ୍ଠିତ ହୋଇଛି। ମହାକାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି। ହରିନାମ ସଂକୀର୍ତ୍ତନ ସହ ସାଧୁ ସନ୍ଥ, ବୈଷ୍ଣବ ଓ ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ ହୋଇ ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି। ବଡ଼ି ଭୋରୁ ଭକ୍ତମାନେ ପଞ୍ଚତୀର୍ଥରେ ସ୍ନାନ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀ ମନ୍ଦିର ଓ ତୀର୍ଥସ୍ଥଳ ବୁଲି ପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ ପଦଯାତ୍ରୀ। ଶ୍ରୀକ୍ଷେତ୍ରର ବିଭିନ୍ନ ରାମାନନ୍ଦୀ ଓ ଗୌଡୀୟ ମଠରୁ ପରିକ୍ରମା ବାହାରିଥିଲା। ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସି ଶ୍ରୀକ୍ଷେତ୍ର ପରିକ୍ରମାରେ ସାମିଲ ହୋଇଥିଲେ। ଚୈତନ୍ୟ ଯେଉଁ ରାସ୍ତା ଦେଇ ଶ୍ରୀକ୍ଷେତ୍ରକୁ ପରିକ୍ରମା କରିଥିଲେ, ସେହି ରାସ୍ତା ଦେଇ ଶ୍ରଦ୍ଧାଳୁ ପରିକ୍ରମା କରିଥିଲେ। ସେହିପରି ଏହି ତିଥିରେ ମହାବୀରଙ୍କୁ ବୀର ନାଗା ବେଶରେ ସଜାଯାଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପରିକ୍ରମା ଅବସରରେ ମହାବୀରଙ୍କୁ ନାଗା ବେଶରେ ଦର୍ଶନ କରି ରସଗୋଲା ଭୋଗ କରିଥିଲେ। ସିଦ୍ଧମହାବୀରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସିଦ୍ଧମହାବୀର ମନ୍ଦିରରେ ରାତିରୁ ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ବାଳଭୋଗ ଓ ଦ୍ୱିପ୍ରହର ଧୂପ ସରିବା ପରେ ପ୍ରଭୁ ସିଦ୍ଧମହାବୀରଙ୍କୁ ନାଗା ବେଶରେ ସଜ୍ଜିତ କରାଯାଇଥିଲା। ପରମ୍ପରା ଅନୁସାରେ ରସଗୋଲା, ଚୁଡ଼ାଘଷା ଓ ଖିରି ଭୋଗ କରାଯାଉଥିବା ବେଳେ ଭକ୍ତମାନେ ଏହି ଭୋଗ ସମର୍ପଣକରି ପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ଓ ମନ୍ଦିର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ ମନ୍ଦିର ନିକଟରେ ଥିବା ପୁଷ୍କରଣୀର ଅବହେଳିତ ଅବସ୍ଥାକୁ ଦେଖି ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।



ବୈଷ୍ଣବ ଭକ୍ତମାନେ ଶ୍ରୀକ୍ଷେତ୍ର ପରିକ୍ରମା ଅବସରରେ ମହୋଦଧି ଦର୍ଶନ କରୁଛନ୍ତି ।

## ଖେଳିବାକୁ ଆସି ନିରାଶ ହୋଇ ଫେରିଲେ

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ ପରିସରରେ ସୋମବାର ସାଂସଦ ଖେଳ ମହୋତ୍ସବ-୨୦୨୫ ଆୟୋଜିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ପୁରୀ ସଂସଦୀୟ ଅଞ୍ଚଳର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତେବେ ପ୍ରତିଯୋଗିତାରେ ଭାଗନେବାକୁ ଆସିଥିବା ଅନେକ ପ୍ରତିଯୋଗୀ ଖେଳିବାରୁ ବଞ୍ଚିତ ହୋଇ ମନଦୁଃଖରେ ଫେରିଯାଇଥିବା ଅଭିଯୋଗ ହୋଇଛି। ବିଶେଷକରି ନିମାପଡ଼ା ଓ ଗୋପ ଅଞ୍ଚଳରୁ ଆସିଥିବା ଖେଳାଳିମାନେ ପ୍ରତିଯୋଗିତାରୁ ବଞ୍ଚିତ ହୋଇ ନିରାଶରେ ଫେରିଯାଇଥିଲେ। ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ରରେ ନିମାପଡ଼ା ଓ ଗୋପ ରହିଛି। ତେଣୁ ପୁରୀରେ ଆୟୋଜିତ ହୋଇଥିବା ସାଂସଦ ଖେଳ ମହୋତ୍ସବରେ ଭାଗ ନେବା ପାଇଁ ସେମାନଙ୍କୁ ବାରଣ କରାଯାଇଥିଲା। ତେବେ ପ୍ରତିଯୋଗୀମାନଙ୍କ ଅଭିଭାବକ ଓ କୋଚ୍ ଅଭିଯୋଗ ଆଣିଛନ୍ତି ଯେ, ଯେଉଁମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରେଜିଷ୍ଟ୍ରେଶନ କରିଥିଲେ, ସେମାନଙ୍କ ନିକଟକୁ ସାଂସଦଙ୍କ କାର୍ଯ୍ୟାଳୟରୁ ଫୋନ ଯାଇଥିଲା। ସୋମବାର ପୁରୀ ଜିଲା ସ୍କୁଲରେ ପୂର୍ବାହ୍ନରେ ପହଞ୍ଚିବା ପାଇଁ ଜଣେ କେହି ବ୍ୟକ୍ତି ଫୋନ୍ କରି କହିଥିଲେ। ତେବେ ସେମାନଙ୍କ ସଂସଦୀୟ କ୍ଷେତ୍ର ଜଗତ୍‌ସିଂହପୁର ହୋଇଥିବାରୁ ସେମାନେ ପୁରୀ କାହିଁକି ଯିବେ ବୋଲି ପ୍ରଶ୍ନ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ପୁରୀ ଆସିବାକୁ କୁହାଯାଇଥିଲା। ଏପରିକି ନିଜ ଖର୍ଚ୍ଚରେ ପୁରୀ ଆସିବାକୁ ସମ୍ପୃକ୍ତ ବ୍ୟକ୍ତି ଫୋନରେ କହିଥିଲେ। ଫଳରେ ପିଲାମାନେ ଉତ୍ସାହର ସହ ଖେଳିବାକୁ ଆସିଥିଲେ। ହେଲେ ଏଠାରେ ସେମାନଙ୍କୁ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରବିାକୁ ମନା କରିଦିଆଯାଇଥିଲା। ଏହା ଜାଣିବା ପରେ ପ୍ରତିଯୋଗୀ, ଅଭିଭାବକ ଓ କୋଚ୍‌ମାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗଯୋଗ ପାଇଁ ଉକ୍ତ ନମ୍ବରକୁ କଲ୍ କରିଥିଲେ ମଧ୍ୟ ଫୋନ ସୁଇଚ୍ ଅଫ୍ ରହିଥିଲା। ଏହାକୁ ନେଇ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ପୁରୀ ସାଂସଦଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ପ୍ରାଧିକରଣ ତରଫରୁ ସଚେତନତା କାର୍ଯ୍ୟକ୍ରମ, ଶୋଭାଯାତ୍ରା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ସେଠୀ ଆଇନ ସହାୟତା ବ୍ୟବସ୍ଥା, ଆଇନସେବା ପ୍ରାଧିକରଣ ଅଧିନିୟମ-୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ୧୫୧୦୦ ଓ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନସେବା କ'ଣ ଏବଂ ସେବା ପାଇବା ପାଇଁ କେଉଁମାନେ ଯୋଗ୍ୟ, ସେନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଫ୍ୟାମିଲି କୋର୍ଟ ଜଜ୍, ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍, ବରିଷ୍ଠ ଦେୱାନି ବିଚାରପତି ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ବାଇକ୍ ଚୋରି ଅଭିଯୋଗ

ଯୋଗେଶ୍ୱରପୁର,୧୦।୧୧ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ହରିଜନ ସାହିର ନିରଞ୍ଜନ କାଣ୍ଡିଙ୍କ ବାଇକ୍ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ, ନିରଞ୍ଜନ ତାଙ୍କ ବାଇକ୍ ଘରେ ରଖି ଶୋଇଥିଲେ। ସକାଳୁ ଉଠି ଦେଖନ୍ତି କି ଯେଉଁ ଜାଗାରେ ତାଙ୍କ ବାଇକ୍ ଥିଲା ସେଠାରେ ନାହିଁ। ଏନେଇ ନିରଞ୍ଜନ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି।



ଖଡ଼ିପଦାସ୍ଥିତ ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପୁରୀ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରାଯାଉଛି ।

## ଆଲୋଚନାଚକ୍ର, କବିତା ପାଠୋତ୍ସବ

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ, ପୁରୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱରର ମିଳିତ ସହଯୋଗରେ 'ଶ୍ରୀକ୍ଷେତ୍ର ପରିକ୍ରମା ଓ ନାଗା ଉପାସନା' ସଂକ୍ରାନ୍ତ ଆଲୋଚନାଚକ୍ର ସହ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁରଜମଲ୍ଲ ଶାହା କଲେଜର ଅଧ୍ୟକ୍ଷା ମୀନତି ହୋତା ଏବଂ ମୁଖ୍ୟ ବକ୍ତା ଭାବେ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ହରିଶଙ୍କର ମିଶ୍ର ଏବଂ ତପୋବନ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପାଣି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କବି ଦାମୋଦର ପରିଡ଼ା ସଭାପତିତ୍ୱ କରିଥିଲେ। ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟର ସଭାପତି ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହରିଶଙ୍କର ମିଶ୍ର, ବିଭୂଦତ୍ତ ମିଶ୍ର, ଡା. ନାରାୟଣ ପତି, ବିପିନ ଦଳାଇ, ସୁରେଶ ପଟ୍ଟନାୟକ, ଦୋଳଗୋବିନ୍ଦ ପଣ୍ଡା, ରାଧାକାନ୍ତ ବାରିକ, ଅଶୋକ କୁମାର ମିଶ୍ର, ଡ. ସସ୍ମିତା ମିଶ୍ର, ଶୈଳବାଳା ମହାପାତ୍ର ଏବଂ ଆଶାଲତା ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଧାତ୍ମିକ କବିତା ଆସର ଅନୁଷ୍ଠିତ ହୋଇଥିଲା। ସନ୍ତୋଷ କୁମାର ଖୁଣ୍ଟିଆ ଓ ଭଗବାନ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳା ଚରଣ, ଭଜନ ପରିବେଷଣ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'ମାଣ୍ଡିଆରେ ଭରପୂର ରହିଛି ପୋଷକ ତତ୍ତ୍ୱ'

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରୁଛି। ୭ଟି ଜିଲାରୁ ଆରମ୍ଭ ହୋଇଥିବା ମିଲେଟ ମିଶନ ଏବେ ୩୦ ଜିଲାର ୧୭୭ ବ୍ଲକରେ କାର୍ଯ୍ୟକାରୀ ହେଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଖଡ଼ିପଦାସ୍ଥିତ ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପୁରୀ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟାମାନେ ମାଣ୍ଡିଆରେ ପକୁଡ଼ି, ଆରିସା, କାକରା, ମଣ୍ଡା, ଇଡ୍‌ଲି, ଜୁସ୍, ମାଣ୍ଡିଆ ଚକୁଳି, ପୋଡ଼ପିଠା, ଚିତଉ, ନିମିକି, ମାଣ୍ଡିଆ କେକ ପ୍ରସ୍ତୁତି କରି ଆଣିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକକର୍ମୀ ରବୀନ୍ଦ୍ରନାଥ ପଣ୍ଡା, ସୁଶ୍ରୀ ରସା ସୁଷମା ସାହୁ, ଡାକ୍ତର ହିତବ୍ରତ ବାହିନୀପତି, ବୁଦ୍ଧିଆ ମୁଦୁଲି ଏବଂ ସନ୍ଧ୍ୟାରାଣୀ ପଣ୍ଡା ଯୋଗଦେଇ ମାଣ୍ଡିଆରେ ପୋଷକ ତତ୍ତ୍ୱ ଭରପୁର ରହିଛି ବୋଲି କହିବା ସହ ସଦସ୍ୟାମାନଙ୍କୁ ସାର୍ଟିଫିକେଟ ଓ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ନାଥ ସାହୁ, ମମତା ପଣ୍ଡା, ପୂର୍ଣ୍ଣିମା ରଥ, ହରଷ ରାଉତ, ନମିତା ନାୟକ, ପୂର୍ଣ୍ଣିମା ଦାସ, ବାସନ୍ତୀ ସାହୁ, ସୁଷମା ବେହେରା, ଅଞ୍ଜଳି ପ୍ରଧାନ, ରୀନା ପ୍ରଧାନ, ବିନି ପାଢ଼ୀ, ସତ୍ୟଭାମା ସାମଲ, ସୁମିତ୍ରା ସାହୁ, ସୁନେଲି ପଲେଇ, ଜୟନ୍ତୀ ବାରିକ, ସ୍ୱର୍ଣ୍ଣ ଦାସ ସହଯୋଗ କରିଥିଲେ। ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଜରାଶ୍ରମର ଅନ୍ତେବାସୀମାନେ ମାଣ୍ଡିଆ ପ୍ରସ୍ତୁତି ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ।

## ଆକ୍ରମଣ କରି ଟଙ୍କା ଲୁଟ୍, ବୃଦ୍ଧ ଗୁରୁତର

ଯୋଗେଶ୍ୱରପୁର,୧୦।୧୧(ରଶ୍ମିରଞ୍ଜନ ସାହୁ)

ଜଣେ ବୃଦ୍ଧ ଘରକୁ ଫେରିବା ବାଟରେ ଜଣେ ଜଣାଶୁଣା ଅପରାଧୀ ଶେଖ୍ ରାଜନ ନାମକ ଦୁର୍ବୃତ୍ତ ଅଣ୍ଡା ବୋତଲରେ ଆକ୍ରମଣ କରି ୪ ହଜାର ଟଙ୍କା ଲୁଟିନେବା ନୟାହାଟ ଫାଣ୍ଡିରେ ରବିବାର ଅଭିଯୋଗ ହୋଇଥିଲା। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ପଞ୍ଚାୟତ ଚଢ଼େଇଖିଆ ବସ୍ତିର ଶେଖ ତାହିର ଖାନ୍ ନୟାହାଟ ବଜାରରୁ ଘରକୁ ଫେରୁଥିବା ବେଳେ ଚଢ଼େଇଖିଆ ବସ୍ତି ନିକଟରେ ଶେଖ୍ ରାଜନ ନାମକ ଯୁବକ ତାଙ୍କୁ ଅଟକାଇ ଅଣ୍ଡା ବୋତଲରେ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ମୁଣ୍ଡ ଫାଟି ରକ୍ତସ୍ରାବ ହେବାରୁ ତାହିର୍‌ଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାହିର୍‌ଙ୍କ ପତ୍ନୀ ଦେମୁନ ବିବିଙ୍କ ଅଭିଯୋଗ ପରେ ଗୋପ ଥାନା କେସ୍ ନଂ. ୩୮୬/୨୫ରେ ଏକ ମାମଲା ରୁଜୁ ହୋଇଛି। ଶେଖ୍ ରାଜନଙ୍କ ନାମରେ ଗୋପ ଥାନାରେ ଏକାଧିକ ମାମଲା ରହିଛି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପ୍ରକାଶ କରିଛନ୍ତି।

## ଲୋକଙ୍କୁ ଅତିଷ୍ଠ କଲାଣି ଚାନ୍ଦା ଆଦାୟ

ସାକ୍ଷୀଗୋପାଳ,୧୦।୧୧(ଭରତ ରାଉତ)

ଦିନକୁ ଦିନ ସମାଜ ଯେତିକି ଯେତିକି ଆଧୁନିକତା ଆଡ଼କୁ ଗତି କରୁଛି ଜନସାଧାରଣଙ୍କ ସଚେତନତା ଅଭାବରୁ ଆମ ବିଶ୍ୱାସର ଠାକୁରଙ୍କ ନାଁରେ ବଜାର ଦୋକାନୀ ଏବଂ ଗାଁ ଲୋକଙ୍କଠାରୁ ଚାନ୍ଦା ଆଦାୟ ବୃଦ୍ଧି ପାଇବାରେ ଲାଗିଛି। କୌଣସି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ, ମନ୍ଦିର ପ୍ରତିଷ୍ଠା କରାଯାଉଛି, ସେହି ଗ୍ରାମର ୫/୧୦ଜଣ ବ୍ୟକ୍ତି, ଛୋଟପିଲା ମହିଳାଙ୍କୁ ସାଙ୍ଗରେ ଧରି ଚାରିଚକିଆ ଯାନ ଓ ଅଟୋରେ ମାଇକ ଲଗାଇ ଭଜନ ବଜାଇ ବ୍ୟାନର ମାରି ଜଣେ ହନୁମାନ ରୂପ ଧରି ନାଚି ନାଚି ଗାଡ଼ି ଆଗରେ ବଜାର ଓ ଗ୍ରାମରେ ବୁଲି ବୁଲି ଦୁଆରକୁ ଦୁଆର ଉଠି ମାସ ମାସ ଧରି ଟଙ୍କା ପଇସା ମାଗୁଛନ୍ତି। ଦିନକୁ ଗୋଟିଏ ନୁହେଁ, ଏପରି କି ୪ରୁ ୫ଟି ଲେଖାଏ ଗାଡ଼ି ବଜାର ଓ ଗ୍ରାମରେ ବୁଲୁଥିବାରୁ ଦୋକାନୀ ଏବଂ ଗ୍ରାମବାସୀ ଚାନ୍ଦା ଦେଇ ଦେଇ ଅତିଷ୍ଠ ହୋଇଗଲେଣି। ଆଉ ମଧ୍ୟ ଦେଖିବାକୁ ମିଳୁଛି ଯେଉଁ ଗାଡ଼ିରେ ଯେତିକି ଜଣ ଆସିଛନ୍ତି ସେମାନେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଜଳଖିଆ ଓ ହୋଟେଲରେ ଖାଇବା ସହିତ ଗାଡିଭଡ଼ା ଚାନ୍ଦା ଆଦାୟରୁ ଦେଉଛନ୍ତି। ଏହା ଏକ ନିତିଦିନିଆ ଫେଶନ ହୋଇଗଲାଣି।

## ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଅନେକ ମାଇକ୍ରୋଫାଇନାନ୍ସ ସଂସ୍ଥା ଶୋଷଣ କରୁଛନ୍ତି। ସଂପୃକ୍ତ ସଂସ୍ଥାଗୁଡ଼ିକ ପକ୍ଷରୁ ଅଧିକ ସୁଧ ଆଦାୟ କରାଯାଉଛି। ଋଣ ଦେବା ପାଇଁ ଲାଞ୍ଚ କାରବାର ହେଉଛି। ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଋଣ ଭାରରେ ମହିଳା ଆତ୍ମ ହତ୍ୟା କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧରେ ଋଣ ପ୍ରଦାନ, କୋଭିଡ ବେଳରେ ଥିବା କିସ୍ତି ଓ ଜରିମାନା ଫେରସ୍ତ କରିବା, ଅଭିଯୋଗର ସମାଧାନ ନିମନ୍ତେ ବ୍ଲକରେ ସ୍ୱତନ୍ତ୍ର ପ୍ରକୋଷ୍ଠ ସ୍ଥାପନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମହିଳାଙ୍କୁ ୨୦୦ଦିନର କାମ ଦେବାକୁ ଦାବି କରାଯାଇଛି। ବିକ୍ଷୋଭରେ ଜିଲା ସଭାନେତ୍ରୀ ଶୈଳବାଳା ତ୍ରିପାଠୀ, ଉପସଭାନେତ୍ରୀ ହାରାମଣି ମହାପାତ୍ର, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧି, ସଭ୍ୟା ସୁଷମା ସାହୁ, ବିଷ୍ଣୁ ମିଶ୍ର, ତରୁଲତା ମିଶ୍ର, କୋକିଳ ବେହେରା ଏବଂ ଝୁନାମଣି ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଲିଅନ୍ତା,୧୦।୧୧(ନୀଳମାଧବ ସାହୁ)

ଭୁବନେଶ୍ୱର-କଟକ ଜାତୀୟ ରାଜପଥର ପାହାଳ ଥାନା ଅଧୀନ ପାହାଳ ଫ୍ଲାଏ ଓଭର ବ୍ରିଜ ଉପରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତ ମହିଳାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ଜଣଙ୍କ ହେଲେ ସତ୍ୟବାଦୀ ଥାନା ଅଧିନ ପଖିମୁଣ୍ଡା ଗ୍ରାମର ନେତ ବେହେରା (୪୫) ଗୁରୁତର ଜଣଙ୍କ ହେଲେ ସୁରେନ୍ଦ୍ର ବେହେରା। ଘଟଣାସ୍ଥଳରୁ ପୋଲିସ ନେତଙ୍କ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

## ରାସ୍ତା ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୧୦।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସିକୁ ଏକ ସରସ, ସୁନ୍ଦର, ନିର୍ମଳ, ସମୃଦ୍ଧ, ବିକଶିତ ଓ ରାଜ୍ୟରେ ଏକ ଅଗ୍ରଣୀ ଏନ୍‌ଏସିରେ ପରିଣତ କରିବା ମୋର ପରିକଳ୍ପନା। ଏ ଦିଗରେ ମୁଁ ସଦାଚେଷ୍ଟିତ ଓ ତତ୍ପର। ନିମାପଡ଼ା ସହରକୁ ଏକ ସୁନ୍ଦର, ସମୃଦ୍ଧ, ଆକର୍ଷଣୀୟ ସହର ଭାବେ ଗଢ଼ିତୋଳିବା ପାଇଁ ମୁଁ ଓ ଆମ ସରକାର, ଆମ ପ୍ରଶାସନ ଦୃଢ଼ ସଂକଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ନିମାପଡ଼ାଠାରେ ଆୟୋଜିତ ଏକ ଭିତ୍ତିପ୍ରସ୍ତର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ନିମାପଡ଼ା ଅମଲାପଡ଼ା କେନାଲ୍ ବ୍ରିଜ ନିକଟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ା ଶାଖା କେନାଲ ବନ୍ଧ ରାସ୍ତାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଉପମୁଖ୍ୟମନ୍ତ୍ରୀ ପରିଡ଼ା। ସମାରୋହରେ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ଜି.ଏମ୍. ଧର୍ମେନ୍ଦ୍ର ମଲ୍ଲିକ, ଅଧୀକ୍ଷଣ ଯନ୍ତ୍ରୀ (ଏସ.ଇ.) ସୁନୀଲ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଜେନା, ସହକାରୀ ଯନ୍ତ୍ରୀ ରାକେଶ ଧର, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, କାଉନ୍‌ସିଲର ଅନସୂୟା ପାଣି ପ୍ରମୁଖ ଯୋଗଦେଇଥିଲେ। ଏହି ସୌନ୍ଦର୍ଯ୍ୟକରଣ ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳବାସୀ ଓ ସାଧାରଣଜନତା ବହୁଳ ଭାବେ ଉପକୃତ ହୋଇପାରିବେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୌନ୍ଦର୍ଯ୍ୟକରଣ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଐତିହ୍ୟସ୍ଥଳୀ, ସ୍ଥାପତ୍ୟ କଳା ଦେଖି ଇତିହାସ ଜାଣିଲେ

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଐତିହ୍ୟ ଯାତ୍ରାର ୧୫ତମ ସଂସ୍କରଣରେ ପଦଯାତ୍ରୀମାନେ ପୁରୀ ସଦର ବ୍ଲକ ଅଧୀନ ବିଭିନ୍ନ ଐତିହ୍ୟସ୍ଥଳୀର ଇତିହାସ ଓ ସ୍ଥାପତ୍ୟ କଳା ଇତ୍ୟାଦିର ଅନୁଧ୍ୟାନ କରିଛନ୍ତି। ପଦଯାତ୍ରୀମାନେ ରବିବାର ସକାଳେ ଅଠରନଳାଠାରୁ ବାହାରି ପ୍ରଥମେ ଜଗନ୍ନାଥବଲ୍ଲଭ ଗ୍ରାମ ଦେଇ ମାଳିବାଲିଆରେ ପହଞ୍ଚି ନୀଳକଣ୍ଠେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ଏହି ମନ୍ଦିର ଗଙ୍ଗବଂଶ ସମୟରେ ନିର୍ମିତ ହୋଇଥିବାବେଳେ ଏଠାରେ ଅନେକ ପ୍ରାଚୀନ ମୂର୍ତ୍ତି ଦେଖିବାକୁ ମିଳିଥିଲା। ଶିବ-ଶକ୍ତି ଏକତ୍ର ଗୋଟିଏ ଗର୍ଭଗୃହରେ ପୂଜା ପାଉଥିବାର ବିରଳ ସ୍ଥାନ। ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ପୁରୀରୁ ସେ ମା' ମଙ୍ଗଳାଙ୍କୁ ଆଣି ଏଠାରେ ସ୍ଥାପନା କରିଥିବା ନେଇ କିମ୍ବଦନ୍ତୀ ରହିଛି। ପୁରୀ ଶ୍ରୀମନ୍ଦିରର ନୀତି ଅନୁଯାୟୀ ଏଠାରେ ସମସ୍ତ ନୀତି ହେଉଥିବା ଜାଣିବାକୁ ମିଳିଥିଲା। ପରେ ପଦଯାତ୍ରୀମାନେ ଚାଳିଶବାଟିଆ ପଞ୍ଚାୟତର ବୁଢ଼ାନୃସିଂହ ମନ୍ଦିର ପରିଦର୍ଶନ କରିଥିଲେ। ଏଠାରେ ଶ୍ରୀନୃସିଂହଙ୍କ ୫ ଫୁଟ ଉଚ୍ଚତାର ପ୍ରାଚୀନ ମୂର୍ତ୍ତି ବିରାଜମାନ ଅଛନ୍ତି। ପରେ ପଦଯାତ୍ରୀମାନେ ବାଲିପଡ଼ା ପଞ୍ଚାୟତର ବାଙ୍ଗୁରବା ଗ୍ରାମସ୍ଥିତ ପଞ୍ଚଦଶ ଶତାବ୍ଦୀର ଶୈବପୀଠ ରୁଦ୍ରେଶ୍ୱର ମହାଦେବଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ଏହି ମନ୍ଦିରର ମୁଖଶାଳା, ଗର୍ଭଗୃହ ଓ ଖମ୍ବଗୁଡ଼ିକ ପୁରାତନ ଶୈଳୀରେ ନିର୍ମିତ। ଏଠାରୁ ଅନତି ଦୂରରେ ଥିବା ମା' ଖୁରୁଖୁରୀଙ୍କ ମନ୍ଦିରକୁ ପଦଯାତ୍ରୀମାନେ ଯାଇ ଠାକୁରାଣୀଙ୍କ ଦର୍ଶନ କରିସାରି ବିରଞ୍ଚିଦାସପୁର ଗ୍ରାମସ୍ଥିତ ରାଧାମାଧବ ମନ୍ଦିରକୁ ଯାଇଥିଲେ। ପ୍ରତିଷ୍ଠାତା ରବି ଦାସଠାରୁ ମନ୍ଦିରର ଇତିହାସ ସମ୍ପର୍କରେ ପଚାରି ବୁଝିଥିଲେ। ୧୯୯୯ ମହାବାତ୍ୟା ସମୟରେ ଶ୍ରୀପତିତପାବନ ନଦୀରେ ଭାସି ଆସି ଏଠାରେ ପୂଜା ପାଉଛନ୍ତି। ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ କରାଯାଇଥିବା ପୂଜକ କହିଥିଲେ। ପଦଯାତ୍ରୀ ଦଳ ଗଡ଼ମୃଗଶିରା ଗ୍ରାମରେ ସୋମବଂଶ ଶାସନ କାଳରେ ନିର୍ମିତ ପ୍ରାଚୀନ ଶୈବପୀଠ ବଟେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ପ୍ରାଚୀନ ଉତ୍କଳୀୟ ଶିଳ୍ପ ଶାସ୍ତ୍ର ମାନ୍ୟତା ଅନୁଯାୟୀ, ଦଶମ ଶତାବ୍ଦୀରେ ମେରୁ କୈଳାସ ଢଙ୍ଗରେ ନିର୍ମିତ ଏହି ପଞ୍ଚରଥ ଶୈଳୀ ମନ୍ଦିର ଲିଙ୍ଗରାଜ ମନ୍ଦିର ତଥା ପୁରୀର ମାର୍କଣ୍ଡେଶ୍ୱର ଓ ଯମେଶ୍ୱର ମନ୍ଦିର ସହ ସାମଞ୍ଜସ୍ୟ ରଖେ। ମନ୍ଦିର ପ୍ରବେଶ ଦ୍ୱାରବନ୍ଧରେ ତୋରଣ ଲକ୍ଷ୍ମୀଙ୍କ ସହ ଗଣେଶଙ୍କ ମୂର୍ତ୍ତି ରହିଛି। ଦ୍ୱାରପାଳ ରୂପେ ମହାକାଳ ଏବଂ ବୀରଭଦ୍ରଙ୍କ ସହ ଯଥାକ୍ରମେ ଗଙ୍ଗା ଓ ଯମୁନା ରହିଛନ୍ତି। ଜଗମୋହନ ଛାତରେ ନାଗ ବନ୍ଧନୀଯୁକ୍ତ ଓଲଟ ପଦ୍ମ କନକମୁଣ୍ଡି ଆକାରରେ ରହିଛି ଏବଂ ଏଠାରେ ଶୈବ ସାଧୁଙ୍କ ଜୀବନଶୈଳୀ ଅତି ନିଖୁଣ ଭାବେ ଖୋଦିତ। ଗର୍ଭଗୃହ ପ୍ରବେଶ ଦ୍ୱାରରେ ସମାନ ତୋରଣ ଲକ୍ଷ୍ମୀଙ୍କ ସହ ଗଣେଶ, ନବଗ୍ରହଙ୍କ ମୂର୍ତ୍ତି ରହିଛି। ଗର୍ଭଗୃହରେ ଉତ୍ତରକୁ ଶକ୍ତିଧାର ଥାଇ ବଟେଶ୍ୱରଙ୍କ ଲିଙ୍ଗ ରହିଛି। ଏଠାରେ ଲିଙ୍ଗ ଦୃଶ୍ୟମାନ ହେଉଛନ୍ତି। ଲିଙ୍ଗ ପଶ୍ଚାତ ଭାଗରେ ଥିବା ଶିବଙ୍କର ତିନୋଟି ମୁଣ୍ଡ ଦେଖିବାକୁ ମିଳେ। ଅଘୋର, ସଦାଶିବ ତଥା ବାମଦେବଙ୍କ ମୁଖ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗର୍ଭଗୃହ କାନ୍ଥରେ ରାଜା ଓ ଦୁଇ ରାଣୀଙ୍କ ପୁଷ୍ପ ନିବେଦନ ମୂର୍ତ୍ତି ଖୋଦିତ ହୋଇଛି। ମନ୍ଦିର ବାହାର କାନ୍ଥ ଗବାକ୍ଷଗୁଡ଼ିକରେ ଶାଳଭଞ୍ଜିକା, ଦର୍ପଣ ସୁନ୍ଦରୀ ତଥା ଅନେକ ସୁନ୍ଦରୀ ଅଭିସାରିକାଙ୍କ ମୂର୍ତ୍ତି, ନାଗ ନାଗୁଣୀଙ୍କ ମୂର୍ତ୍ତି ରହିଛି। ଏହି ମନ୍ଦିରରେ ମର୍କଟ ମୁଖ ନନ୍ଦୀ ତଥା ମହାକାଳଙ୍କ ମୃତଦେହ ଉପରେ ଉଦ୍ଦିଷ୍ଟ ଥିବା ମୂର୍ତ୍ତି ଶିଳ୍ପକଳାର ଚରମ ନିଦର୍ଶନ। ପାର୍ଶ୍ୱ ଦେବତା ରୂପେ ଗଣେଶ, କାର୍ତ୍ତିକ ତଥା ଦେବୀ ଉମାଙ୍କ ମୂର୍ତ୍ତି ରହିଛି। ଏଠାରେ ଥିବା ଏକାଦଶ ଶତାବ୍ଦୀର ଅନ୍ୟ ପାର୍ଶ୍ୱଦେବତା ସମୂହ ତଥା ଆସ୍ତିକ ଜରାତ୍କାରୁଙ୍କ ଛ' ଫୁଟ ଉଚ୍ଚ ବିଗ୍ରହ ଏହି ଶୈବ ପୀଠର ଗୁରୁତ୍ୱ ବଢାଇଥାଏ। ଐତିହ୍ୟାନ୍ୱେଷୀ ଦେବୀପ୍ରସନ୍ନ ନନ୍ଦଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଡ. କୁମାର ଅରୋଜ୍ୟୋତି ଏବଂ ସହସଂଯୋଜକ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ଅଶୋକା ମଞ୍ଜରୀ ନାୟକ ପଦଯାତ୍ରା ପରିଚାଳନା କରିଥିଲେ। ସୁବ୍ରତ ବଳ, ରିତୁ ପଟ୍ଟନାୟକ, ଜ୍ୟୋତ୍ସ୍ନା ମହାପାତ୍ର, ପ୍ରିୟଙ୍କର ମହାରଣା, ସିଦ୍ଧାର୍ଥ ମହାପାତ୍ର, ଅମ୍ବିକା ପ୍ରସାଦ ମିଶ୍ର, ତନ୍ମୟ ଚାଟାର୍ଜୀ, ସତ୍ୟପ୍ରକାଶ ନାୟକ, ରାଜେଶ୍ୱର ମହାନ୍ତି, ଭବାନୀ ପ୍ରସାଦ ଦାଶ ପ୍ରମୁଖ ସଦସ୍ୟମାନେ ଯାତ୍ରା ପରିଚାଳନା କରିଥିଲେ।




ପୁରୀ ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ।

# ଗ୍ରାମବାସୀଙ୍କ ପ୍ରତିବାଦ, ଆନ୍ଦୋଳନ ଚେତାବନୀ

## ଇଡ୍‌କୋକୁ ଗୋଚର ଜମି ହସ୍ତାନ୍ତର ପ୍ରସଙ୍ଗ

ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)

ଗୋଚର ଜମି ଇଡ୍‌କୋ ହାତକୁ ଟେକିଦେବା ପ୍ରତିବାଦରେ ଟାଙ୍ଗୀ ବ୍ଲକ୍ ଛଣଗିରି ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ଗୟାବନ୍ଧ ଗ୍ରାମବାସୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଅନୁପସ୍ଥିତିରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଲୋକଙ୍କ ଜୀବନଜୀବିକା, ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ବାଦ୍ ଦେବାକୁ ଦାବି କରିଛନ୍ତି।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଗତ ଅକ୍ଟୋବର ୪ ଓ ୧୦ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଗୟାବନ୍ଧ ଏବଂ ନୟାକୋଟ ମୌଜାରେ ୪ଟି ନୋଟିସ ଦିଆଯାଇଥିଲା। ଗୟାବନ୍ଧ ମୌଜା ପ୍ଲଟ ନଂ. ୫୮୧, ୫୮୪, ୫୯୩, ୬୦୨, ୫୯.୫୮୯, ୧୯୩.୫୪୨, ୫୭.୫୭୪, ୧୪୪.୫୦, ୬୮, ୬୧, ୧୭୬, ୫୮.୮୫୩, ୬୦୫ରେ ଥିବା ମୋଟ ଏରିଆ ୧୩୦ ଏକରରୁ ଉର୍ଦ୍ଧ୍ୱ ଏବଂ ନୟାକୋଟ ମୌଜାରେ ଥିବା ୨୮୪, ୦୩, ୦୧, ୭୯.୫୮୭, ୯୧୩.୯୧, ୪୨୪, ୪୪.୪୩୫ରେ ମୋଟ ଏରିଆ ୨୦୧ ଏକର ୬୯୫ ଡିସିମିଲରୁ ଉର୍ଦ୍ଧ୍ୱ ଜାଗାରେ ଥିବା କିସମ ଗୋଚରକୁ ପରିବର୍ତ୍ତନ କରି ଇଡ୍‌କୋକୁ ହସ୍ତାନ୍ତର କରିବାକୁ ନୋଟିସ୍ ମାଧ୍ୟମରେ ଜଣାଇଥିଲେ। ଏହି ବିଷୟରେ ଆଲୋଚନା ପାଇଁ ଗତ ଅକ୍ଟୋବର ୧୩ରେ ଗ୍ରାମସଭା ବସିଥିଲା। ଏହାପରେ ଗ୍ରାମର ଏକ କମିଟି ପ୍ରଶାସନର ନୋଟିସ ଅନୁଯାୟୀ ଏହାର ଯାଞ୍ଚ କରିଥିଲା। ନୟାକୋଟ ମୌଜାରେ ଥିବା ପ୍ଲଟଗୁଡ଼ିକରେ ଗ୍ରାମର କୌଣସି ଅଭିଯୋଗ ନ ଥିବା ବେଳେ ଗୟାବନ୍ଧ ମୌଜାରେ ଥିବା ପ୍ଲଟଗୁଡ଼ିକ ଉପରେ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏହି ମୌଜାରେ ଥିବା ଜମିରେ ଉକ୍ତ ଗ୍ରାମର ଗ୍ରାମବାସୀ ଜୀବନଜୀବିକା ନିର୍ବାହ ସହିତ ଘରଦ୍ୱାର, ମନ୍ଦିର, ଖେଳପଡ଼ିଆ ଆଦି କରି ରହିଆସୁଛନ୍ତି। ଗ୍ରାମରେ ଥିବା ୪୦୦ ପରିବାରରୁ ଉର୍ଦ୍ଧ୍ୱ ଲୋକଙ୍କ ଗୋରୁ ଏବଂ ଗୃହପାଳିତ ପ୍ରାଣୀ ଏହି ଜାଗାରେ ଚରାବୁଲା କରିଆସୁଛନ୍ତି । ପ୍ଲଟ ନଂ. ୬୦୨ରେ ଗ୍ରାମର ଖେଳପଡ଼ିଆ ରହିଛି। ଯେଉଁ ପଡ଼ିଆରେ ପ୍ରତିବର୍ଷ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଏବଂ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳ ଆୟୋଜନ କରାଯାଉଛି। ଦୈନିକ ସକାଳ ସନ୍ଧ୍ୟାରେ ଗ୍ରାମର ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଶରୀର ସୁସ୍ଥତା ପାଇଁ ଚଲାବୁଲା ଏବଂ ଯୋଗ ଅଭ୍ୟାସ କରୁଛନ୍ତି। ଅପରାହ୍ନରେ ଗ୍ରାମର ପିଲାମାନେ ବିଭିନ୍ନ ଖେଳକୁଦ କରୁଛନ୍ତି। ଏଥିସହିତ ସରକାରୀ ବିଦ୍ୟାଳୟର ସମସ୍ତ ଖେଳକୁଦ ଏହି ପଡ଼ିଆରେ ହୋଇଥାଏ। ସରକାରଙ୍କ ପକ୍ଷରୁ ୬୦୨ ପ୍ଲଟରୁ ଇଥାଥାଗ୍ରିଟି ଯୋଜନାରେ ଗ୍ରାମର ଗରିବ ଲୋକଙ୍କୁ ଜୀବନଜୀବିକା ନିର୍ବାହ ପାଇଁ କାଜୁ ବୃକ୍ଷ ରୋପଣ କରାଯାଇ ସେହି ପ୍ଲଟକୁ ବଣ୍ଟନ କରାଯାଇଛି। ପ୍ଲଟ ନଂ. ୫୮୧ରେ ଗ୍ରାମର ସର୍ବପୁରାତନ ହନୁମାନ ମନ୍ଦିର ରହିଛି। ବର୍ଷର ବିଭିନ୍ନ ପର୍ବପର୍ବାଣିରେ ଗ୍ରାମବାସୀ ଏହି ମନ୍ଦିରଠାରେ ଆନନ୍ଦ ଉଲ୍ଲାସରେ ସମସ୍ତ ପର୍ବ ପାଳନ କରୁଛନ୍ତି। ପ୍ଲଟ ନଂ.୫୮୪, ୫୩୨, ୫୭୪ ଗ୍ରାମର ୭୦ରୁ ଉର୍ଦ୍ଧ୍ୱ ଗରିବ ପରିବାର ପୁରୁଷ ପୁରୁଷ ଧରି ଘର କରି ରହି ଆସୁଛନ୍ତି। ଏହି ଜାଗାରେ ବହୁ ସଂଖ୍ୟାରେ ବନ୍ୟଜନ୍ତୁ ମୟୂର, ବାରହା, ହରିଣ, କୁକୁଡ଼ା, ହାତୀ ଆଦି ରହୁଛନ୍ତି। ସରକାର ଏହି ଜମିକୁ ଇଡ୍‌କୋ ହାତକୁ ଟେକିଦେଲେ ଗ୍ରାମବାସୀ ଏବଂ ବନ୍ୟଜନ୍ତୁ ପ୍ରଭାବିତ ହେବେ। ଗ୍ରାମର ସୁରକ୍ଷା ଏବଂ ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ଏହି ମୌଜାକୁ ଇଡ୍‌କୋକୁ ହସ୍ତାନ୍ତର ପ୍ରକ୍ରିୟାରୁ ବାଦ୍ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଜବରଦସ୍ତ କରାଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗୟାବନ୍ଧ ଗ୍ରାମବାସୀ।

# ୩୧ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ



## ମହିଳାଙ୍କ ସମେତ ୨ ଗିରଫ

ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଜରିପୋଖରୀ ନିକଟରେ ଚଢ଼ାଉ କରି ୩୧ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଣ୍ଡିଶାଗୋଦା ଥାନା ଚନ୍ଦ୍ରମାପାଟପୁର ଅଞ୍ଚଳର ଆଲୋକ କୁମାର ସାହୁ(୩୬) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ଟେଙ୍ଗାହାଟର ସୁନୀତା ବେହେରା(୩୭)। ଏମାନଙ୍କଠାରୁ ଗୋଟିଏ ବାଇକ୍ ଏବଂ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ଜରିପୋଖରୀ ଅଞ୍ଚଳରେ କେତେଜଣ ବେପାରୀ ନିଶାଦ୍ରବ୍ୟ ବିକ୍ରି କରୁଥିବା ଖବରପାଇ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଇନ୍‌ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତ ଆଲୋକଙ୍କଠାରୁ ୩୧ ଗ୍ରାମ ବ୍ରାଉନ୍‌ସୁଗାର, ଗୋଟିଏ ବାଇକ୍ ( ଓଡି ୦୨ଏଇ ୪୭୧୯) ଏବଂ ମୋବାଇଲ ଫୋନ ଜବତ ହୋଇଥିଲା। ସେହିପରି ସୁନୀତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ବଳୟ ବିଶୋଇ, କନ୍‌ଷ୍ଟେବଲ ଗୋପୀନାଥ ମଙ୍ଗରାଜ, ମାନସ ରଞ୍ଜନ ପରଧାନ, ପି.କେ. ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

# ସୁରଭି ରାଜ୍ୟସ୍ତରକୁ ଉନ୍ନୀତ ଛାତ୍ରୀ ଶୁଭସ୍ମିତା ସମ୍ବର୍ଦ୍ଧିତ

ବୋଲଗଡ଼,୧୦।୧୧(ଦେବବ୍ରତ ହୋତା):

ଖୋର୍ଦ୍ଧା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରି ବୋଲଗଡ଼ ବ୍ଲକ ସାନପଦର ଭକ୍ତଚରଣ ସରକାରୀ ଉଚ୍ଚବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଶୁଭସ୍ମିତା ସାହୁ ଚଳିତବର୍ଷ କନିଷ୍ଠ ବର୍ଗ ସୃଜନଶୀଳ ଲେଖନ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦାରାଣୀ ବେହେରା ଓ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟନ କରିବା ପାଇଁ ଆସିଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ସ୍ୱାଇଁ ଛାତ୍ରୀ ଶୁଭସ୍ମିତାଙ୍କୁ ବିଜୟ ମୁକୁଟ ପରିଧାନ କରାଇ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ଓ ଶୁଭସ୍ମିତାଙ୍କ ମାତାପିତା ଉପସ୍ଥିତ ଥିଲେ। ପରେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ବେହେରା, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ଶିବପ୍ରସାଦ ମିଶ୍ର ପ୍ରମୁଖ ବିଜ୍ଞାନମେଳାରେ ପ୍ରଦର୍ଶିତ ୪୦ଟି ପ୍ରକଳ୍ପ ବୁଲି ଦେଖିଥିଲେ। ଶିକ୍ଷକ ଦୁର୍ଗାପ୍ରସାଦ ଜୁଗୁଳି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# 'ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତୁ ଅଧିକାରୀ'


୩ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ ଅବସରରେ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଅନ୍ୟ ଅଧିକାରୀ।

ବାଘମାରୀ,୧୦।୧୧(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଗୁହାରି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ କହିଥିଲେ ଯେ, ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ହେବା ଦ୍ୱାରା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀଙ୍କୁ ଉପଲବ୍ଧ ହେଉଛି। ତେଣୁ ଜିଲାର ପ୍ରତ୍ୟେକ ବ୍ଲକରେ ଏବଂ ପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଅଧିକାରୀମାନେ ତ୍ୱରାନ୍ୱିତ କରି ନିଷ୍ପତ୍ତି କରି ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲା ବିକାଶ ପଥରେ ଆଗେଇଯିବ ବୋଲି କହିଥିଲେ। ଶିବିରରେ ମୋଟ ୧୬୨ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା।

**୧୬୨ ଅଭିଯୋଗରୁ ୧୦ ଗ୍ରାମୀଣ ସମସ୍ୟା**

ସେଥିରୁ ବ୍ୟକ୍ତିଗତ ୧୫୨ଟି ଏବଂ ଗ୍ରାମୀଣ ସମସ୍ୟାଜନିତ ୧୦ଟି ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୧୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜିଲା ରେଡ଼କ୍ରସ ପାଣ୍ଠିରୁ ହରିଶ୍ଚନ୍ଦ୍ର ଯୋଜନାରେ ଭଗବାନ ସେଠୀଙ୍କୁ ୫ହଜାର ଟଙ୍କା ଏବଂ ଝୁନି ସେଠୀଙ୍କୁ ୪ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲା ପରିଷଦ ତରଫରୁ ୩ଜଣ ଦିବ୍ୟାଙ୍ଗ ଯଥା- ମାଧବ ସେଠୀ, ଶରତ ଚନ୍ଦ୍ର ବେହେରା ଏବଂ ଆଲୋକ ପ୍ରଧାନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜେନା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ସରୋଜ ଜେନା, ତହସିଲଦାର ତପସ କୁମାର ବିଶି, ଜିଲା ସମାଜ କଲ୍ୟାଣ ଅଧିକାରୀ କୁମୁମ ପ୍ରହରାଜ, ଜିଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସିମୋର ସରପଞ୍ଚ ହାପୁବନ୍ଧୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିସଭ୍ୟା ନଳିନୀ ପଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ ପ୍ରଧାନ, ନାଏବ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ଼ମେମ୍ବର ସହଯୋଗ କରିଥିଲେ।

# ଚାନ୍ଦପୁର ପାଟରା ସମିତିର ସାଧାରଣ ଅଧିବେଶନ

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

ଚାନ୍ଦପୁର ପାଟରା ସମିତିର ସାଧାରଣ ଅଧିବେଶନ ରାସବିହାରୀ ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୂଜିତ ସାହୁ ଠାକୁରଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ପରେ ଗତ ବୈଠକର ବିବରଣୀ ପାଠ କରାଯାଇଥିଲା। ଧଁଙ୍କା ନବମୀରେ ହବିଷିଆଳି ଏବଂ ପଞ୍ଚକ କରିଥିବା ମହିଳାଙ୍କୁ ଅନ୍ନ ପ୍ରସାଦ ବ୍ୟବସ୍ଥାକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି ଅବସରରେ ଚାନ୍ଦପୁର ନିଖିଳ ଉତ୍କଳ ପାଟରା ସମିତିର ସୁପରିଚାଳନା ପାଇଁ ଏବଂ ସଙ୍ଗଠନ ବୃଦ୍ଧି ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଉପଦେଷ୍ଟା ଭାବେ ଭାଗୀରଥି ଦାସ, ଦୁଃଖୀଶ୍ୟାମ ସାହୁ, ଅଶୋକ ସାହୁ, ସୁରେଶ ପାତ୍ର, ସଭାପତି ରବୀନ୍ଦ୍ର ନାୟକ, ସମ୍ପାଦକ ଶିବପ୍ରସାଦ ସାହୁ, ସହ ସମ୍ପାଦକ ମହେଶ ସାହୁ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସାହୁ, ପ୍ରଚାର ସମ୍ପାଦକ ପ୍ରଶାନ୍ତ ଭାରତୀ, ଉପସଭାପତି ରୀତା ପ୍ରଧାନ ମଦନ ସୁନ୍ଦର ସାହୁ, ଅଧିପତି ବଦ୍ରି ନାରାୟଣ ଚୌଧୁରୀ, ଅଖିଳ ସାହୁ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଧର୍ମେନ୍ଦ୍ର ପାତ୍ର, ପ୍ରହ୍ଲାଦ ସାହୁ, ବିଜୟ ସାହୁ, ମଧୁସୂଦନ ମହାପାତ୍ର, ଅରବିନ୍ଦ ସାହୁ, ସୁଧୀର ପାତ୍ର, ସୁରେଶ ପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଜଳଧର ମହାପାତ୍ର, ନରେଶ ସାହୁ, ସୀତାରାମ ଦାସ, ହାଡ଼ିବନ୍ଧୁ ନାୟକ, ଚନ୍ଦନ ସାହୁ ପ୍ରମୁଖ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ଶିବପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ବାଣପୁର,୧୦।୧୧(ଦିଲୀପ କୁମାର ସ୍ୱାଇଁ)

## ସ୍କୁଲ ପିଲାମାନେ ଚେୟାର ବୋହିବାରୁ ଅସନ୍ତୋଷ

ବାଣପୁର ବ୍ଲକ ଅନ୍ତର୍ଗତ ଗୁମୁରାପୁଟ ଶାସନ ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଶାଳିଆ ବିଦ୍ୟା ନିକେତନ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୨୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସ୍ୱାସ୍ଥ୍ୟ, ଭତ୍ତା, ରାଶନ କାର୍ଡ, ଆଧାର, ପାନୀୟଜଳ, ହରିଶ୍ଚନ୍ଦ୍ର ଯୋଜନା ସହାୟତା, ବିଦ୍ୟୁତ୍, ଗୃହ ଆଦି ସମସ୍ୟାଭିତ୍ତିକ ଅଭିଯୋଗ ଆସିଥିଲା। ବିଡିଓ ବିକାଶ ମହାନ୍ତି, ତହସିଲଦାର ଟି.ପଦ୍ମନାଭ ଦୋରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ଅଧିକାରୀ ଏବଂ ଅଭିଯୋଗୀକାରୀଙ୍କ ନିମନ୍ତେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚେୟାର ବୋହି ନେଉଥିବା ଦେଖିବାକୁ ମିଳିଥିଲା। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

# ସେମିରେ ଶବର କ୍ରୀଡ଼ା ସଂଘ



ଝାଁଳା,୧୦।୧୧(ବୁଲା ବାରିକ)

## ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ୨୭ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଭଦ୍ରକ-୧୧ ଏବଂ ଆୟୋଜକ ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଶବର କ୍ରୀଡ଼ା ସଂଘର ୧୦ ନମ୍ବର ଖେଳାଳି ଯାନଙ୍କ ବଲ୍ ପାସରେ ୯ ନମ୍ବର ଖେଳାଳି ଏରିଅଲ ସୁନ୍ଦର ଗୋଲ ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଭଦ୍ରକ-୧୧ଟିମ୍ ୧-୦ଗୋଲରେ ପରାଜିତ ହୋଇଥିଲା। ଶବର କ୍ରୀଡ଼ା ସଂଘ ମ୍ୟାଚ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ବିବେକୀ ନାୟକ, ସେଖାବତ ଖାନ ଏବଂ ସୁଶାନ୍ତ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଛଡ଼ାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଦେଙ୍ଗ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ପଦ୍ମୁଲାର କ୍ଲବ ଡେଙ୍କାନାଳ ଏବଂ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର କଟକ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ପୂର୍ଣ୍ଣକ୍ଷମ ଷ୍ଟେଶନ ହେବ ବୋଲଗଡ଼ ଟାଉନ ପାସେଞ୍ଜର ହଲ୍ଟ

ବୋଲଗଡ଼,୧୦।୧୧(ଦେବବ୍ରତ ହୋତା)

ପୂର୍ବତଟ ରେଳପଥ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନର ରାଜସୁନାଖଳା ଓ ମାଣିକାଗୋଡ଼ା ଷ୍ଟେଶନ ମଧ୍ୟରେ ଅବସ୍ଥିତ ବୋଲଗଡ଼ ଟାଉନ ପାସେଞ୍ଜର ହଲ୍ଟକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୨ ଜୁଲାଇ ୧ରେ ନିୟମିତ ରେଳ ଷ୍ଟେଶନରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେବେଠାରୁ ଏହି ଷ୍ଟେଶନ ଦେଇ ଯାଉଥିବା ସମସ୍ତ ଟ୍ରେନ୍ ଏଠାରେ ରହଣି କରୁଥିଲା। ତେବେ ପୂର୍ଣ୍ଣକ୍ଷମ ଷ୍ଟେଶନ ପାଇଁ ଆବଶ୍ୟକ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ସମ୍ପାଦନାରେ ହେଉଥିବା ବିଳମ୍ବକୁ ନେଇ ରେଳ ଷ୍ଟେଶନ କ୍ରିୟାନୁଷ୍ଠାନ କମିଟି, ବୋଲଗଡ଼ ଉନ୍ନୟନ ପରିଷଦ, ସ୍ଥାନୀୟ ରାଜନେତା, ଅଞ୍ଚଳବାସୀ ବିଭିନ୍ନ ସମୟରେ ସାଂସଦ ଏବଂ ଅନ୍ୟାନ୍ୟ ମାଧ୍ୟମରେ ରେଳ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗତ ଜୁନ ୧୯ରେ ପତ୍ରସଂଖ୍ୟା ୪୮୭୨ମାଧ୍ୟମରେ ପସେଞ୍ଜର ହଲ୍ଟକୁ ଶୀଘ୍ର ନିୟମିତ ରେଳ ଷ୍ଟେଶନରେ ପରିଣତ କରିବା ପଦକ୍ଷେପ ନେବାକୁ ଚିଠି ପ୍ରଦାନ କରିଥିବା ବେଳେ ଏନେଇ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର (ମହାପ୍ରବନ୍ଧକ)ଙ୍କ ପ୍ରମୁଖ ଫଙ୍କୱାଲ ଏମ୍‌ପିଙ୍କ ଚିଠିର ଉତ୍ତର ପ୍ରଦାନ କରିଛନ୍ତି। ବିଭାଗୀୟ ପତ୍ର ସଂଖ୍ୟା ୫୩୮/୩.୧୧.୨୫ରେ ସେ ଅନୁମୋଦିତ ପୂର୍ଣ୍ଣକ୍ଷମ ଷ୍ଟେଶନ ରୂପାନ୍ତରଣ ପାଇଁ(ଇଏସ୍‌ପି) ଇଞ୍ଜିନିୟରିଂ ସ୍କେଲ ପ୍ଲାନ ଅନୁମୋଦନ ପରେ ଷ୍ଟେଶନରେ ଗୋଟିଏ ଅତିରିକ୍ତ ରେଳ ଲାଇନ ଏବଂ ଅତିରିକ୍ତ ଉଚ୍ଚସ୍ତର ପ୍ଲାଟଫର୍ମ ନିର୍ମାଣ ପାଇଁ ସ୍ଥିର ହୋଇଥିବା ନେଇ ଏମ୍‌ପି ଷଡ଼ଙ୍ଗୀ ତାଙ୍କ ସୋସିଆଲ ହାଣ୍ଡେଲରେ ଏହି ବିଭାଗୀୟ ପତ୍ରକୁ ସାର୍ବଜନୀନ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି।




# ଖବରଦାତାଙ୍କ ପିତୃ ବିୟୋଗ



ବେଗୁନିଆ,୧୦।୧୧(ସନ୍ଧ୍ୟାରାଣୀ ମିଶ୍ର):

ବେଗୁନିଆ ବ୍ଲକ 'ଧରିତ୍ରୀ'ର ଖବରଦାତା ସନ୍ଧ୍ୟାରାଣୀ ମିଶ୍ରଙ୍କ ବାପା ସଚ୍ଚିଦାନନ୍ଦ ତ୍ରିପାଠୀଙ୍କ ସୋମବାର ଭୋରରୁ ଚମ୍ପାଖର ଗ୍ରାମସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ହୋଇଥିଲା। ସଚ୍ଚିଦାନନ୍ଦ ଭୋରରୁ ଠାକୁରଙ୍କ ପୂଜା କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ତିନିପୁଅ, ଦୁଇ ବୋହୂ, ତିନି ଝିଅ, ଜ୍ୱାଇଁ, ନାତି ନାତୁଣୀ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ସେ ଜଣେ ଶାନ୍ତ, ସରଳ, ଦରଦୀ ଏବଂ ନିଷ୍ପଟ ମଣିଷ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ନୃସିଂହ ଚରଣ, ପୂର୍ଣ୍ଣେନ୍ଦୁ ଏବଂ ସୁରେଶ ମୁଖାଗ୍ନି ଦେଇଥିଲେ।

# ଶିକ୍ଷକସମାଜ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର

ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)

## ଡିଇଏଟିରେ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ



ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଇଏଟି)ରେ ଡିଏଲ୍‌ଇଡି ପାଠ୍ୟକ୍ରମରେ ନୂତନଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ଏବଂ ସେମାନଙ୍କୁ ପାଠ୍ୟକ୍ରମର ସ୍ୱରୂପ ସମ୍ପର୍କରେ ଜଣାଇବା ପାଇଁ ଏକ ସପ୍ତାହବ୍ୟାପୀ ପ୍ରେରଣ ଓ ଅଭିମୁଖୀକରଣ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ ତାପସ କୁମାର ନାୟକ ଉଦ୍‌ଘାଟନ କରି ସମସ୍ତ ନବାଗତଙ୍କୁ ଫୁଲ ଓ ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ। ଅଧ୍ୟାପିକା ବୀଣାପାଣି ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧକ୍ଷ ନାୟକ କହିଥିଲେ ଯେ, ପ୍ରାଚୀନ ଗୁରୁକୁଳ ସମୟରୁ ଦୀକ୍ଷାରୁ ଗୁରୁତ୍ୱ ଓ ଅନୁଷ୍ଠାନର ଉନ୍ନତି, ବିକାଶରେ ଗୁରୁ-ଶିଷ୍ୟଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ। ଉତ୍ତମ ଶିକ୍ଷାର୍ଥୀଙ୍କ ଲକ୍ଷଣ, ବ୍ୟବହାର, ସଂସ୍କୃତି ସମ୍ପର୍କରେ ଅବଗାରଣ କରିବା ସହିତ ଅନୁଷ୍ଠାନର ଗରିମା ବୃଦ୍ଧି କରିବାରେ ନବାଗତ ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ଭଲ ମଣିଷ ହେବା ସହ ଉତ୍ତମ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଶିକ୍ଷକ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ ଯୋଗଦେଇ ଭାରତୀୟ ପ୍ରାଚୀନ ବୈଦିକ ସଂସ୍କୃତି, ପରମ୍ପରା ଓ ଏଥିରେ ଗୁରୁମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଗୁରୁ ଓ ଛାତ୍ର ସୁସମ୍ପର୍କ ଦ୍ୱାରା ଏକ ନୂଆ ଭାରତ ଗଢ଼ାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା ଜ୍ଞାନଲୋକ ପ୍ରଦାନ କରିଥାଏ। ଯେଉଁ ଦେଶର ଶିକ୍ଷା ଯେତିକି ସମୃଦ୍ଧ ସେହି ଦେଶ ସେତିକି ପ୍ରଗତିଶୀଳ। ଶିକ୍ଷା ସାମାଜିକ ଅର୍ଥନୈତିକ ଦୃଷ୍ଟିରୁ ଅପରିହାର୍ଯ୍ୟ। ଶିକ୍ଷକ ସମାଜ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର। ଏକ ଆଦର୍ଶ ସମାଜ, ରାଷ୍ଟ୍ରଗଠନରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏହା ପରେ ଅଧ୍ୟକ୍ଷ ନାୟକ ସମସ୍ତ ନବାଗତ ବିଦ୍ୟାର୍ଥୀଙ୍କୁ ନିଜକୁ ଯୋଗ୍ୟଭାବେ ପ୍ରତିପାଦନ କରିବାକୁ ଶପଥ ପାଠ କରାଇଥିଲେ। ବିଦ୍ୟାର୍ଥୀମାନେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଆଗାମୀ ଦିନରେ ଶିକ୍ଷାର ପ୍ରଦୀପକୁ ଉଜ୍ଜୀବିତ କରିବାକୁ ସଂକଳ୍ପ ନେଇଥିଲେ। ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକା ସୌମ୍ୟ ଦାସ, ରଶ୍ମିରେଖା ସ୍ୱାଇଁ, ମୌସୁମୀ ମହାନ୍ତି, ଶିଖା ଖୁଣ୍ଟିଆ, ମୋନାଲିସା ପଣ୍ଡା, ମଞ୍ଜୁଲତା ହାଜରା, ଅକ୍ଷୟ ମହାନ୍ତି, ଆୟେଶା ଚକବାନ, ଦୀପ୍ତିମୟୀ ଦାସ ଏହି ଉତ୍ସବକୁ ପରିଚାଳନା କରିଥିଲେ। ମହେଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

HI-TECH MEDICAL COLLEGE & HOSPITAL

**NOTICE**

In pursuance of OJEE Notice No. OJEE/670 dated 09.11.2025, all the allotted candidates for MBBS/BDS Courses after the 3rd Round of Web-based counselling by OJEE for admission and reporting at Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar are hereby directed to report physically latest by 12.11.2025 (up to 5.00 PM) positively along with all their original documents at the respective institution, failing which this will be reported to the OJEE.

PRINCIPAL
Hi-Tech Medical College & Hospital, Bhubaneswar
Hi-Tech Medical College & Hospital, Rourkela
Hi-tech dental college and hospital, Bhubaneswar

# ଜମୁଛି ଭୁବନେଶ୍ୱର ଉତ୍ତର ମହୋତ୍ସବ

## କୁମାର, ପ୍ରଜ୍ଞାଙ୍କ ଗୀତରେ ତାଳଦେଇ ନାଚିଲେ ଦର୍ଶକ

ଭୁବନେଶ୍ୱର,୧୦।୧୧
(ସୌମ୍ୟରଞ୍ଜନ ରାଉତ)

ଜମୁଛି ଭୁବନେଶ୍ୱର ଉତ୍ତର ମହୋତ୍ସବ। ପ୍ରତିଦିନ ସାଂସ୍କୃତିକ ସନ୍ଧ୍ୟାରେ ଓଡିଶାର ନାମୀଦାମୀ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି। ସମସ୍ତେ ନିଜ ଟିମ୍ ମାଧ୍ୟମରେ ଜଲୱା ଦେଖାଉଛନ୍ତି। ନାଚ ଗୀତରେ କମ୍ପୁଛି ଚନ୍ଦ୍ରଶେଖପୁର କ୍ଲବ ଟାଉନ ପଡିଆ। ମହୋତ୍ସବର କୋଳାହଳ ଭିତରେ ରାମ ଦୋଳିର ମଜା, ମୀନା ବଜାରରେ ୨୦ରେ ଗୋଟିଏ, ୧୦୦ ଓ ୨ ଶହରେ ଗୋଟିଏ ଡାକ ସାଙ୍ଗକୁ ଫାଷ୍ଟ ଫୁଡ୍ ଷ୍ଟଲରେ କଡ଼େଇର ଖଡ଼ ଖଡ଼ ଶବ୍ଦ ଓ ସୁସ୍ୱାଦୁ ଖାଦ୍ୟର ବାସ୍ନା ଲୋକଙ୍କୁ ନିଆରା ଅନୁଭବ ଦେଉଛି। ହାଲ୍‌କା ଶୀତରେ ବି ସବୁଦିନେ ଭିଡ ରହୁଛି। ସୋମବାର ଷଷ୍ଠ ଦିନରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ କୁମାର ବାପି ଓ ପ୍ରଜ୍ଞା ହୋତାଙ୍କ କଣ୍ଠର ଯାଦୁରେ ମନ୍ତ୍ରମୁଗ୍ଧ ହୋଇଥିଲେ ଦର୍ଶକ। କୁମାର ବାପି ଓ ତାଙ୍କ ଟିମ୍‌ର ରଙ୍ଗାରଙ୍ଗ



ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ କଣ୍ଠଶିଳ୍ପୀ କୁମାର ବାପି ଓ ପ୍ରଜ୍ଞା ହୋତା ସଙ୍ଗୀତ ପରିବେଷଣ କରୁଛନ୍ତି।

ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ପ୍ରେମୀଙ୍କୁ ବେଶ ମତୁଆଲା କରିଥିଲା। ସେମାନେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ରର ହିଟ୍ ଗାଇ ଚାଲିଥିଲେ। ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିବା ସହ ମହୋତ୍ସବକୁ ଶୀତୁଆ ସନ୍ଧ୍ୟାରେ ଉପଭୋଗ କରିଥିଲେ। କମିଟିର ମୁଖ୍ୟ ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ପ୍ରଶାସକ ଡ. ପାର୍ଥ ସାରଥୀ ମିଶ୍ର, ଓଡିଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ମଧୁକୁଞ୍ଜ ଗ୍ରୁପ୍‌ର ଅଧ୍ୟକ୍ଷ ରାମ ବିଳାସ ଅଗ୍ରୱାଲ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ମହେଶ ପ୍ରସାଦ ମହାନ୍ତି, ଭୁବନେଶ୍ୱର ସାଂଗଠନିକ ଜିଲା ସଭାପତି ନିରଞ୍ଜନ ମିଶ୍ର, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାନେତ୍ରୀ ଡ. ରୋଜାଲିନ୍ ପାଟଶାଣୀ ମିଶ୍ର, କର୍ପୋରେଟର ଯଶୋଧାରା ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ତର ମହୋତ୍ସବ ଉତ୍ତରର ଭାଇଚାରାକୁ ଦୃଢ଼ୀଭୂତ କରିବ ବୋଲି କହିଥିଲେ। ଏହି ଅବସରରେ ସଭାପତି କୁନାଲ ରାଉତ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାକ୍ଷର ରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିଲାବେଳେ ସଂଯୋଜକ ସରୋଜକାନ୍ତ ମଲ୍ଲିକ ସହଯୋଗ କରିଥିଲେ।

# ପାହାଳ ରସଗୋଲା ଟେଷ୍ଟି ଆଣ୍ଡ ସଫ୍ଟ: କେନ୍ଦ୍ର କୃଷି ମନ୍ତ୍ରୀ



ପାହାଳରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରସଗୋଲା ଖାଉଛନ୍ତି।

ବାଲିଅନ୍ତା ୧୦।୧୧ (ନୀଳମାଧବ ସାହୁ)

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋମବାର ଓଡ଼ିଶା ବିଖ୍ୟାତ ପାହାଳ ରସଗୋଲାର ସ୍ୱାଦ ଚାଖିଛନ୍ତି। କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ବାଟରେ କେନ୍ଦ୍ରମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କାର ପାହାଳ ମିଠା ବଜାରରେ ଅଟକିଥିଲା। ଉଭୟ କାରରୁ ଓହ୍ଲାଇ ସିଧା ମା’ ତାରିଣୀ ମିଷ୍ଟାନ୍ନ ଭଣ୍ଡାରକୁ ଯାଇଥିଲେ। ମିଠା ଦୋକାନରେ ଥିବା ପ୍ଲାଷ୍ଟିକ ଚେୟାରରେ ଉଭୟ ସି ମାଲିକଙ୍କୁ ପାଖକୁ ଡାକିଥିଲେ। ମାଲିକ ଆଲୋକ ଓ ତାଙ୍କ ଭଣଜା ଦେବୀ ପ୍ରସାଦ ପ୍ଲେଟ୍‌ରେ ଗୋଟିଏ ଲେଖାଏଁ ଗରମ ରସଗୋଲା ଖାଇବାକୁ ଦେଇଥିଲେ। ରସଗୋଲା ସହିତ କିଛି ଛେନା ଖାଇଥିଲେ ଉଭୟ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ। ଖାଇସାରିବା ପରେ ରସଗୋଲାର ପ୍ରଶଂସା କରିବା ସହ ଭଲ ଟେଷ୍ଟି ଓ ସଫ୍ଟ ଅଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। କେନ୍ଦ୍ରମନ୍ତ୍ରୀ ଚୌହାନ। ପ୍ରାୟ ୧ ହଜାର ଟଙ୍କାର ରସଗୋଲା ଓ ଛେନାଗଜା ପାର୍ସଲ ଆକାରରେ ନେଇଥିଲେ।

# ସଡ଼କ ଭିତ୍ତିଭୂମି ମଜଭୁତ କରିବାକୁ ଯନ୍ତ୍ରୀ, ବିଶେଷଜ୍ଞଙ୍କ ମାନସ ମନ୍ଥନ

## ଇଣ୍ଡିଆନ୍ ରୋଡ୍‌ସ କଂଗ୍ରେସ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ଜନତା ମଇଦାନଠାରେ ଚାଲିଥିବା ଇଣ୍ଡିଆନ ରୋଡ୍‌ସ କଂଗ୍ରେସ(ଆଇଆର୍‌ସି)ର ୮୪ତମ ବାର୍ଷିକ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ୪ଦିନିଆ ସମ୍ମିଳନୀରେ ଦେଶ ଓ ବିଦେଶରୁ ୨,୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଷ୍ଠାନର ଇଞ୍ଜିନିୟର, ସରକାରୀ ପଦାଧିକାରୀ ତଥା ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନର ରିସର୍ଚ୍ଚ ସ୍କଲାରମାନେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ବ୍ୟବସ୍ଥା ଓ ଏହାର ପରିଚାଳନା ପ୍ରସଙ୍ଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମୋଟ୍ ୧୯ଟି ବୈଷୟିକ ଅଧିବେଶନ ହୋଇଥିଲା। ଏଥିରେ ଭାରତର ସଡ଼କ ଭିତ୍ତିଭୂମିକୁ ମଜଭୁତ ଓ ଉନ୍ନତ କରିବାକୁ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ମାନସମନ୍ଥନ ହୋଇଥିଲା। ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀ ଯୋଗଦେଇ ସଡ଼କ ଭିତ୍ତିଭୂମି, ଉନ୍ନତୀକରଣ ଓ ନୂଆ ଜ୍ଞାନକୌଶଳ ସମ୍ପର୍କିତ ଜ୍ଞାନର ଆଦାନପ୍ରଦାନ କରିଥିଲେ। ସଡ଼କ ନିର୍ମାଣ ସମ୍ବନ୍ଧରେ ପ୍ରୟୋଗ ହେଉଥିବା ବିଭିନ୍ନ ଜ୍ଞାନକୌଶଳକୁ ନେଇ ପ୍ରତିଭାଗୀମାନେ ଆଲୋଚନା କରିଥିଲେ। ଶେଷଦିନରେ ଅନୁଷ୍ଠିତ ୨୩୬ତମ ପରିଷଦ ବୈଠକରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ। ୮୪ତମ ବ୍ୟବସାୟିକ ବୈଠକରେ ଅନ୍ୟତମ ଆକର୍ଷଣ ସାଜିଥିଲା ‘ଓପନ୍ ଟୁ ସ୍କାଏ ଷ୍ଟଲ୍’। ଏଥିରେ ଥିବା ୨୦ଟି ଷ୍ଟଲ୍‌ରେ ସଡ଼କ ଭିତ୍ତିଭୂମି ମଡେଲ ସହ ବିଭିନ୍ନ ଜ୍ଞାନକୌଶଳର ପ୍ରୟୋଗ ପ୍ରଦର୍ଶିତ ହୋଇଥିଲା। ଏହାବ୍ୟତୀତ ୩୫୦ଟି ବୈଷୟିକ ପ୍ରଦର୍ଶନୀ ଷ୍ଟଲ୍ ନିର୍ମାଣ କରାଯାଇ ସଂପ୍ରତି ଅଧିକାଂଶ ସଡ଼କ ନିର୍ମାଣ ସମୟ ଉପଯୋଗୀ ସାବ୍ୟସ୍ତ ହୋଇଥିବା ମେକାନାଇଜ୍‌ଡ ଷ୍ଟିକର ଡେମୋ ପ୍ରଦର୍ଶିତ ହୋଇଥିଲା।

# ଦୀପ୍ତିରେଖାଙ୍କ ରୋମାଣ୍ଟିକ ସଙ୍ଗୀତରେ ଝୁମିଲେ ଦର୍ଶକ

## ଭୁବନେଶ୍ୱର ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା

ତ୍ରିଶୂଳିଆ,୧୦।୧୧(ତୁଷାର କାନ୍ତ ବେହେରା)

ଉତ୍ତର ଭୁବନେଶ୍ୱର ବାଲି ଯାତ୍ରା ମହୋତ୍ସବର ସୋମବାର ଷଷ୍ଠ ସନ୍ଧ୍ୟାରେ ଦର୍ଶକଙ୍କର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, ସମ୍ମାନିତ ଅତିଥି ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସୂର୍ଯ୍ୟକାନ୍ତ ରଥ, ବରିଷ୍ଠ ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର, ଜୀବନ କୁମାର ବକ୍ସ, ଅଭୟ କୁମାର ବଡ଼ଜେନା, ଅନ୍ନପୂର୍ଣ୍ଣା ମିଶ୍ର, ଅଶୋକ ପାତ୍ର, ନିରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ। ବାଲିଯାତ୍ରା କମିଟିର କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କମିଟିର ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାଲିଯାତ୍ରା ପଡ଼ିଆର ପ୍ରଥମ ମଞ୍ଚରେ ଓଡ଼ିଶୀ ଲୋକ କଳା ନୃତ୍ୟର ଝଲକ୍ ଦେଖିବାକୁ ମିଳିଥିଲା। ଯମୁନା ଯିବାକୁ ମନା, ଝୁଲରେ କହ୍ନେଇ ଦେଖି ମଜିଥିଲେ ଦର୍ଶକ। ଦ୍ୱିତୀୟ ମଞ୍ଚ ନିକଟରେ ବାଲୁକା ଶିଳ୍ପୀ ଯଶୋବନ୍ତ ବେହେରାଙ୍କ ‘କାନ୍ଦୁଛି ଜନନୀ’ ବାଲୁକା କଳା ଦର୍ଶକଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରାଇଥିଲା। ଦ୍ୱିତୀୟ ମଞ୍ଚରେ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ରୋମାଣ୍ଟିକ ସଙ୍ଗୀତ ଅଭିମାନିନୀ ଅମାନିଆ ଢେଉ..., ହାଏ ତୋ ପ୍ରେମ..., ସୁନ୍ ବେଲିଆ ଲଭ ୟୁ..., ହାଏ ତୋ ପ୍ରେମର ରଙ୍ଗୋଲି..., ତୁ ଥରେ ମତେ କହିଦେ କହିଦେ ଆଇ ଲଭ... ଆଦି ସଙ୍ଗୀତ ଦର୍ଶକଙ୍କ ମନ କିଣିଛି। ସେହିପରି ଯାତ୍ରା ପଡ଼ିଆରେ ଖୋଲିଥିବା ଫାଷ୍ଟ ଫୁଡ୍, ଚାଟ୍, ଗୁପଚୁପ, ଦହିବରା ଆଳୁଦମ, ଆମିଷ, ଖେଳଣା, ସୌଖୀନ ସାମଗ୍ରୀ ଆଦି ଦୋକାନରେ ପିଲାଙ୍କଠାରୁ ବୟସ୍କଙ୍କ ଭିଡ଼ ଲାଗିଥିଲା। ବାଲିଯାତ୍ରାରେ ନୌବାଣିଜ୍ୟ ବୋଇତ ସେଲ୍‌ଫି ପଏଣ୍ଟରେ ପିଲାଠାରୁ ବଡ଼ ସମସ୍ତେ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା।

# ଶିଶୁପାଳଗଡ଼ ଐତିହ୍ୟସ୍ଥଳୀର ସୁରକ୍ଷା, ସଂରକ୍ଷଣ ଦାବି


ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଉପଜିଲାପାଳ ଡ. ମନୋରଞ୍ଜନ ସାହୁଙ୍କୁ ଦାବିପତ୍ର ଦିଆଯାଉଛି।

ପୁରୁଣା ଭୁବନେଶ୍ୱର,୧୦।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

ଶିଶୁପାଳଗଡ଼ ଐତିହ୍ୟସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ପ୍ରୟାସ ହେବା ଆବଶ୍ୟକ। ତେବେ ଏହି ଐତିହ୍ୟସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ଜିଲା ପ୍ରଶାସନ, ଥାନା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଏକାମ୍ର ଜନ ଜାଗରଣ ମଞ୍ଚ ଲୋଡ଼ିଆସୁଛି। ହେଲେ ଶିଶୁପାଳଗଡ଼ ଐତିହ୍ୟର ପୂର୍ବ ପାର୍ଶ୍ୱରେ ଖୋଳାଯାଇ ରାସ୍ତା ନିର୍ମାଣ ଏବଂ ଐତିହ୍ୟସ୍ଥଳୀଗୁଡ଼ିକୁ ବିକ୍ରି ସହିତ ଗୃହ ନିର୍ମାଣ ଚାଲିଛି। ଫଳରେ ଐତିହ୍ୟ କ୍ଷେତ୍ର ନଷ୍ଟ ହେବାକୁ ବସିଛି। ତୁରନ୍ତ ଏହାର ସୁରକ୍ଷା ଏବଂ ସରଂକ୍ଷଣ ପାଇଁ ସୋମବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳ ଡ. ମନୋରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଅଣଓଡ଼ିଆମାନେ ରହୁଥିବା ଏକ ବେଆଇନ ବସ୍ତି ମଧ୍ୟ ଗଢ଼ିଉଠିଛି। ୨୦୨୩ ମସିହାରେ ଶିଶୁପାଳଗଡ଼ ଐତିହ୍ୟ କ୍ଷେତ୍ରରେ ସମସ୍ତ ସରକାରୀ ଜମିକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ନ୍ୟାୟାଳୟଙ୍କ ଆଦେଶକୁ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜବରଦଖଲକାରୀଙ୍କୁ ହଟାଯାଇ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ବେଆଇନ ଭାବେ ଜବରଦଖଲ କରି ଜମି ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଗଣେଶ ଚନ୍ଦ୍ର ପାଲ, ସୁଲତା ସାହାଣୀ, ଭୂପେଶ ନାୟକ, ସୌମ୍ୟ ରଞ୍ଜନ ପଣ୍ଡା, ରାଜେଶ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସିବିଏସ୍‌ଇ ଢାଞ୍ଚାରେ ଓଏଭିରେ ଗ୍ରନ୍ଥାଗାରିକ ନିଯୁକ୍ତି କରାଯାଉ



ଓଏଭି କାର୍ଯ୍ୟାଳୟ ସମ୍ମୁଖରେ ଲାଇବ୍ରେରୀ ମୁଭମେଣ୍ଟ ପକ୍ଷରୁ ଧାରଣା ଦିଆଯାଇଛି।

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)

ରାଜ୍ୟରେ ଶହଶହ ଗ୍ରନ୍ଥାଗାର ପଦବୀ ଖାଲି ପଡିଛି। ଓଡିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟ ଏହି ପଦବୀ ପୂରଣ ହେଉନାହିଁ। ରାଜ୍ୟ ସରକାର ସିବିଏସ୍‌ଇ ଢାଞ୍ଚାରେ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଖୋଲିଥିଲେ ମଧ୍ୟ ଅଧିକାଂଶ ବିଦ୍ୟାଳୟରେ ଗ୍ରନ୍ଥାଗାର ନାହିଁ। ଯେଉଁସବୁ ବିଦ୍ୟାଳୟରେ ଗ୍ରନ୍ଥାଗାର ରହିଛି ସେଥିରେ ଗ୍ରନ୍ଥାଗାରିକ ନାହାନ୍ତି। ଫଳରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ପାଠପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସିବିଏସ୍‌ଇ ଓ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଏଭି ଗ୍ରନ୍ଥାଗାରଗୁଡିକରେ ତୁରନ୍ତ ଗ୍ରନ୍ଥାଗାରିକ ନିଯୁକ୍ତି ପାଇଁ ଦାବି କରିଛି ଲାଇବ୍ରେରୀ ମୁଭ୍‌ମେଣ୍ଟ। ସଙ୍ଗଠନ ପକ୍ଷରୁ ସୋମବାର ଓଏଭି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯାଇଥିଲା। ସିବିଏସ୍‌ଇ ନିୟମାନୁସାରେ ପ୍ରତ୍ୟେକ ସଂଲଗ୍ନ ବିଦ୍ୟାଳୟରେ ପ୍ରଶିକ୍ଷିତ ଗ୍ରନ୍ଥାଗାରିକ ନିଯୁକ୍ତି ଅନିବାର୍ଯ୍ୟ। କିନ୍ତୁ ବର୍ତ୍ତମାନ ଅନେକ ଓଏଭିରେ ଗ୍ରନ୍ଥାଗାର ସୁବିଧା ଅପୂର୍ଣ୍ଣ ରହିଥିବାବେଳେ ଗ୍ରନ୍ଥାଗାରିକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଗବେଷଣାରେ ଅସୁବିଧା ହେଉଛି। ରାଜ୍ୟରେ ୧୦ ବର୍ଷ ଧରି ଓଏଭିରେ ଗ୍ରନ୍ଥାଗାରିକ ପଦ ପାଇଁ ନିୟମିତ ନିଯୁକ୍ତି କରାଯାଇନାହିଁ। ୨୦୨୩ ମସିହାରେ ୩୨୦ ଖାଲି ପଦ ମଧ୍ୟରୁ କେବଳ ଗୋଟିଏ ଗ୍ରନ୍ଥାଗାରିକ ନିଯୁକ୍ତି କରାଯାଇଛି। ପଦବୀଗୁଡିକ ପୂରଣ ପରେ ଶିକ୍ଷା ଓ ଗବେଷଣାରେ ଛାତ୍ରୀଛାତ୍ରଙ୍କୁ ସୁବିଧା ହେବା ସହିତ ଶିକ୍ଷକମାନେ ପାଠ୍ୟ ସମଗ୍ରୀ ସଂଗ୍ରହ ଓ ବିତରଣରେ ସୁବିଧା ହେବ ବୋଲି ଲାଇବ୍ରେରୀ ମୁଭ୍‌ମେଣ୍ଟର ସଦସ୍ୟ ସୁନିଲ କୁମାର ମିଶ୍ର, ଡା.ବେଦରତା ଦାଶ, ପ୍ରଦୀପ କୁମାର ଚିନାରା, ଦୀପକ ସାହୁ ଓ ରମାକାନ୍ତ ଭୁୟାଁ ରାଜ୍ୟ ସରକାର ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନକୁ ଅନୁରୋଧ କରିଛନ୍ତି।

# ପ୍ରମୋଦ ମହାପାତ୍ର ପାଇବେ ‘ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ’

## ୩୫ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ, ୮ଜଣଙ୍କୁ ସ୍ମାରକୀ ସମ୍ମାନ ମିଳିବ

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ‘ସମାଜ’ର ପୂର୍ବତନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ରଙ୍କୁ ‘ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ’ ପ୍ରଦାନ କରାଯିବ। ସେହିପରି କୋଲକାତା, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣାଟକ, ଦିଲ୍ଲୀ ଓ ମୁମ୍ବାଇରୁ ପ୍ରକାଶିତ ବିଭିନ୍ନ ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ ‘ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ’ ପ୍ରଦାନ ପାଇଁ ମନୋନୀତ କରାଯାଇଥିବାବେଳେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ସମ୍ବିତ୍ କୁମାର ସେଠୀଙ୍କୁ ‘କର୍ପୋରେଟ କମ୍ୟୁନିକେଶନ ଆଣ୍ଡ୍ ପବ୍ଲିକ ରିଲେସନ୍ସ ସମ୍ମାନ’ ମିଳିବ। ଏଥିସହ ରାଜ୍ୟର ୩୫ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ଓ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଏହି ସମ୍ମାନ ଦିଆଯିବ ବୋଲି ସୋମବାର ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଆମ ବସ୍ ପଛକୁ ଧକ୍କା ଦେଲା ବସ୍

ତ୍ରିଶୂଳିଆ,୧୦।୧୧(ତୁଷାର କାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ନିକଟରେ ସୋମବାର ପୂର୍ବାହ୍ନରେ ଆମ ବସ୍ ପଛକୁ ଆଉ ଏକ ବସ୍ ଧକ୍କା ଦେଇଛି। ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, ଆମ ବସ୍ ଓ ଏକ ଘରୋଇ ବସ୍ ଆଗ ପଛ ହୋଇ ବାଙ୍କୀ ଅଭିମୁଖେ ଯାଉଥିଲେ। ଘରୋଇ ବସ୍‌ଟି ଦ୍ରୁତ ଗତିରେ ଯାଇ ଆମ ବସ୍ ପଛକୁ ଧକ୍କା ଦେଇଥିଲା। ଏହାକୁ ନେଇ ଦୁଇ ଗାଡ଼ି ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଥିଲା। ଏନେଇ ଗୋଡ଼ିସାହି ଫାଣ୍ଡିରେ ଉଭୟ ବସ୍‌ର ଡ୍ରାଇଭର ଅଭିଯୋଗ କରିଛନ୍ତି।

# ‘ନିରନ୍ତର ଅଭ୍ୟାସ ଦ୍ୱାରା ପାରମ୍ପରିକ କଳା ବିକଶିତ ହୋଇଥାଏ’

ପୁରୁଣା ଭୁବନେଶ୍ୱର,୧୦।୧୧(ସୁବାସ ଚନ୍ଦ୍ର ପ୍ରଧାନ): ଶାନ୍ତିସ୍ତୂପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଚାଲିଥିବା ୭ଦିନିଆ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଶିବିର ଗତ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଏବଂ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଯୋଗଦେଇଥିଲେ। ନିରନ୍ତର ଅଭ୍ୟାସ ଦ୍ୱାରା ପାରମ୍ପରିକ କଳା ବିକଶିତ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଳ୍ପୀମାନେ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ପରମ୍ପରାକୁ ତୂଳୀରେ ନିଖୁଣ ଭାବେ ଅଙ୍କନ କରିଥିଲେ। ମହାବିଦ୍ୟାଳୟର ୩୬ଜଣ ଛାତ୍ରୀଛାତ୍ରମାନେ ଛଅ ଋତୁ, କୃଷ୍ଣ ଲୀଳା, ଶ୍ରୀଜଗନ୍ନାଥ, ବୋଇତ ବନ୍ଦାଣ, ସାମାଜିକ କଥାବସ୍ତୁ ଆଦିକୁ ନେଇ ଚିତ୍ର ଅଙ୍କନ କରିଥିଲେ।ଏହିଅବସରରେମହାବିଦ୍ୟାଳୟ ପକ୍ଷରୁ ଶିଳ୍ପୀ ବିଜୟ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିବାସୀଙ୍କ ପରମ୍ପରା ଭାରତର ଇତିହାସ ସହ ଜଡ଼ିତ

## ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ପରମ୍ପରାକୁ କେହି ଭୁଲିବା ଉଚିତ ନୁହେଁ। ଆଦିବାସୀଙ୍କ ପରମ୍ପରା ଭାରତର ଇତିହାସ ଓ ସଂସ୍କୃତି ସହ ଜଡ଼ିତ। ରାଷ୍ଟ୍ରର ବିକାଶ ଲାଗି ଯୁବପିଢ଼ି ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତର ଖୋର୍ଦ୍ଧା ଶାଖା ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ୭ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ, ସମ୍ମାନିତ ଅତିଥି ଭାବେ ମାଇଁ ଭାରତର ପୂର୍ବ କ୍ଷେତ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ଜିଲା ଯୁବ ଅଧିକାରୀ ନିଖିଲ କୋକୁଲା, ପ୍ରସନ୍ନ ମେହେର, ରମେଶ ଭୁଲିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଦେଶର ୫ଟି ରାଜ୍ୟରୁ ୨୦୦ ଯୁବ ପ୍ରତିନିଧି ଯୋଗଦେଇଥିଲେ। ମାଇଁ ଭାରତର ଅଧିକାରୀ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ସୁପ୍ରିମ୍ ଲେଙ୍କା, ଦେବସ୍ମିତା ସାହୁ, ସୌମ୍ୟକାନ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀ ସୋନାଲି ଚାନ୍ଦଙ୍କ ସହ ଅନ୍ୟ ଅତିଥିମାନେ।

HI-TECH MEDICAL COLLEGE & HOSPITAL

NOTICE

In pursuance of OJEE Notice No. OJEE/670 dated 09.11.2025, all the allotted candidates for MBBS/BDS Courses after the 3rd Round of Web-based counselling by OJEE for admission and reporting at Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar are hereby directed to report physically latest by 12.11.2025 (up to 5.00 PM) positively along with all their original documents at the respective institution, failing which this will be reported to the OJEE.

PRINCIPAL
Hi-Tech Medical College & Hospital, Bhubaneswar
Hi-Tech Medical College & Hospital, Rourkela
Hi-tech dental college and hospital, Bhubaneswar



**ବାଲିଯାତ୍ରାର ୬ଷ୍ଠ ଦିନ**



ଦୋଳି ନିକଟରେ ଲୋକଙ୍କ ଭିଡ଼।



ପଲ୍ଲିଶ୍ରୀ ମେଳା ପରିସରରେ ଲୋକେ ଖାଦ୍ୟର ମଜା ନେଉଛନ୍ତି।

# ମନମୋହିଲା କୋଲକାତା ଲୋକନୃତ୍ୟ





ଗଣକବି ବୈଷ୍ଣବ ପାଣିଙ୍କ ମଞ୍ଚରେ ପରିବେଷିତ ନୃତ୍ୟ।

କଟକ,୧୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**■ ରୋମାଞ୍ଚକର ଗୀତରେ ମଞ୍ଚ ଦୁଲୁକାଇଲେ ଇରା**

**■ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତରେ ଝୁମିଲେ**

ବାଲିଯାତ୍ରାର ସୋମବାର ଷଷ୍ଠ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ଓଲିଉଡ କଣ୍ଠଶିଳ୍ପୀ ଇରା ମହାନ୍ତି ଷଷ୍ଠ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲେ । ଇରା ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଓ ପରେ ଭାଇ ତତେ ମୋର ରହିଲା ରାଣ ଗୀତରୁ ସଙ୍ଗୀତ ଆରମ୍ଭ କରିଥିଲେ। ରାମାରେ ରାମାରେ, ହୁନୁ ହୁନୁ ଆଦି ଗୀତ ପରିବେଷଣ କରିଥିଲେ। ଏଥିସହ କଟକର ଆଇଆରସିସି ସହାୟ ପକ୍ଷରୁ ଲୋକ ନୃତ୍ୟ, କଟକ ସୁଧାକର ମିଶ୍ର ଭଜନ ସନ୍ଧ୍ୟା ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ କଟକ ଜାଗୃତି ନୃତ୍ୟ କଳାମନ୍ଦିର ପକ୍ଷରୁ ମାହାରି ନୃତ୍ୟ, କଟକର ରୂପାୟନ ସୋସାଇଟି ପକ୍ଷରୁ ସଙ୍ଗୀତ, କଟକର ଆଙ୍ଗିକ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକର ମ୍ୟାଜିସିଆନ ପି ଭାସ୍କର ୱେଲଫେୟାର ସୋସାଇଟି ମ୍ୟାଜିକ ଶୋ, କୋଲକାତା ନୂପୁର ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ, ବାରବାଟୀ ଯୋଗ ଆସୋସିଏଶନ ପକ୍ଷରୁ ଯୋଗ ପରିବେଷଣ କରାଯାଇଥିଲା। ଅନ୍ୟପଟେ ଅକ୍ଷୟ ମହାନ୍ତି ମଞ୍ଚରେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ଅକ୍ଷୟ ମହାନ୍ତି ନାଇଟ ଅନୁଷ୍ଠିତ ହୋଇଥିବାବେଳେ କଳାକାରମାନେ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ କଟକର ଅର୍କେଷ୍ଟ୍ରା ଗୀତ ସାଗର ପକ୍ଷରୁ ମେଲୋଡି, କଟକର ନବକଳିକା ପକ୍ଷରୁ ବାଲିଯାତ୍ରା ସମ୍ପର୍କିତ ନୃତ୍ୟ, ପୁରୀ ଦଶଭୁଜା ଗୋଟିପୁଅ, ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଆହେ ନୀଲ ଶୈଳ, ପଞ୍ଜାବର ଭାଙ୍ଗ କଳାକାରଙ୍କ ପକ୍ଷରୁ ପରିବେଷଣ କରାଯାଇଥିଲା। ପରେ କଟକର ନୃତ୍ୟଉତ୍ସା ପକ୍ଷରୁ ଲୋକ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।

## ଲେଜର ଶୋ’ ବଖାଣିଲା ଐତିହ୍ୟ ଗାଥା

ଜିଲା ପ୍ରଶାସନ ପକ୍ଷରୁ ଲେଜର ଲାଇଟ ଶୋ’ ବାଲିଯାତ୍ରାର ଷଷ୍ଠଦିନରେ ଆୟୋଜନ କରାଯାଇଥିଲା। ଲେଜର ଲାଇଟ ମହାନଦୀର ଜଳରାଶିରେ ପ୍ରାୟ ୨୦ ମିନିଟ ଧରି କରାଯାଇଥିଲା। ଲେଜର ଲାଇଟ ଶୋ’ରେ ମହାନଦୀର ଜଳରେ ଫୁଆଁର ସୃଷ୍ଟି କରାଯାଇ ସେଥିରେ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ପ୍ରଦର୍ଶିତ କରାଯାଇଥିଲା। ଜାତୀୟ ଫୁଲ, ପତାକା, ନୌବାଣିଜ୍ୟ ଗାଥା ସହ ତଅପୋଇ ଗୀତଠାରୁ ଆରମ୍ଭ କରି ମହାନଦୀରେ ବୋଇତ ବନ୍ଦାଣ ଆଦି ବିଭିନ୍ନ କଳାକୃତି ପ୍ରଦର୍ଶିତ କରାଯାଇଥିଲା। ଲେଜର ଲାଇଟ ଶୋ’କୁ ଦେଖିବାକୁ ମହାନଦୀ କୂଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା।



## ଗାଈ ଗୋବରରୁ ପ୍ରସ୍ତୁତ ସାମଗ୍ରୀ



ବାଲିଯାତ୍ରା ପଡିଆରେ ଏବେ ମିଳୁଛି ଗାଈ ଗୋବରରେ ତିଆରି ବିଭିନ୍ନ ସାମଗ୍ରୀ। ଏହାକୁ କଟକ କଲ୍ୟାଣନଗର ଅଞ୍ଚଳର ରୁଦ୍ରାଣୀ ଏସ୍ଏଚ୍ଜି ପକ୍ଷରୁ ୧୦ଜଣ ସଦସ୍ୟ ତିଆରି କରିଛନ୍ତି। ଗାଈ ଗୋବରରେ ତିଆରି ଚପଲ, କଠଉ, ମଧୁମେହ ଓ ରକ୍ତଚାପ ରୋଗୀଙ୍କ ପାଇଁ ଆକ୍ୟୁପ୍ରେସର, ଦୀପ, ଡୋର ୱାଲ, ଘଣ୍ଟା, ମୋବାଇଲ ଷ୍ଟାଣ୍ଡ, ଓମ୍, ସ୍ୱସ୍ତିକ ଭଳି ବିଭିନ୍ନ ଭେରାଇଟିର ଶୋ’ ପିସ ଆଦି ରହିଛି। ଏହି ସବୁର ଦର ୫୦ ଟଙ୍କାରୁ ୧୫୦୦ ଟଙ୍କା ଯାଏ ରହିଛି। ତେବେ ବାଲିଯାତ୍ରାକୁ କିଛିବର୍ଷ ହେବ ବେପାର ପାଇଁ ଆସୁଥିବାବେଳେ ଚଳିତବର୍ଷ ଏହି ସାମଗ୍ରୀର ଡିମାଣ୍ଡ ରହିଛି ଏବଂ ଖୁବ୍ଭଲ ବେପାର ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି।



କଟକ ଇନ୍ କଟକ ପରିସରେ ଲୋକଙ୍କ ଗହଳି।

## ଘରକରଣା ଜିନିଷ କିଣିବାକୁ ବଢୁଛି ଆଗ୍ରହ

ଐତିହାସିକ ବାଲିଯାତ୍ରା କଟକର ସୋମବାର ଷଷ୍ଠ ଦିନ ମଧ୍ୟାହ୍ନରୁ ଲୋକଙ୍କ ଭିଡ଼ ବେଶ୍ ଜମିଥିଲା। ଏପରିକି ଘର କରଣା ଓ ହସ୍ତତନ୍ତ ସାମଗ୍ରୀ କିମିବାକୁ ଲୋକ ଆଗ୍ରହ ଥିବାବେଳେ ଓର୍ମାସ ପରିସର ଲୋକାରଣ୍ୟ ହୋଇ ଉଠିଥିଲା। ଏହାସହ ସନ୍ଧ୍ୟା ବେଳକୁ ମଧ୍ୟ ଭିଡ଼ ବଢ଼ିଯାଇଥିଲା। ଓର୍ମାସରେ ହାତବୁଣା ଶାଢ଼ି, ଡ୍ରେସ କପଡା, ଘର କରଣା ଜିନିଷର ଅଧିକ ଡିମାଣ୍ଡ ରହିଛି। ସେହିପରି ସୋମବାର ଥିବାରୁ ଆମିଷ ଖାଦ୍ୟର ଡିମାଣ୍ଡ ଯେତିକି ନ ଥିଲା, ସେତିକି ଦହିବରା ଆଳୁଦମ, ଚାଟ୍, ଗୁପ୍ଚୁପ୍ ଓ ରାଜସ୍ଥାନୀ ଖାଦ୍ୟର ମଜା ଉଠାଇଥିଲେ ଲୋକ।

## ଧାନ, ଦଉଡ଼ିରେ ନିର୍ମିତ କଣ୍ଢେଇର ଚାହିଦା



ବାଙ୍କୀ ଚକାପଦା ଅଞ୍ଚଳର ରଘୁନାଥ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବାଲିଯାତ୍ରାର ଓର୍ମାସକୁ ନେଇ ଆସିଛନ୍ତି ଘରସଜ୍ଜା ସାମଗ୍ରୀ। ଏଥିରେ ଦଉଡ଼ିରେ ତିଆରି କଣ୍ଢେଇ, ଧାନରେ ତିଆରି ଫଟୋ ଫ୍ରେମ୍, ନଡ଼ିଆରୁ ତିଆରି ଫିଟ ଫ୍ରେମ ରହିଛି। ଏହି ଗୋଷ୍ଠୀରେ ପ୍ରାୟ ୧୦ଜଣ ମହିଳା ଏହି ସବୁ ସାମଗ୍ରୀ ତିଆରି କରିଛନ୍ତି। ଏଥିରେ ଚଳିତବର୍ଷ ପ୍ରଥମକରି ଦଉଡ଼ିରେ ତିଆରି ସୁତୁଲି ରହିଛି। ଏହି ସବୁ ସାମଗ୍ରୀ ଦର ୨୦ ଟଙ୍କାରୁ ଆରମ୍ଭ ହୋଇ ୪୦୦ ଟଙ୍କା ଯାଏ ରହିଛି। ପ୍ରତ୍ୟେକ ବର୍ଷ ମହିଳାମାନେ ବାଲିଯାତ୍ରାକୁ ଆସୁଥିବାବେଳେ ଚଳିତବର୍ଷ ଏହିସବୁ ଜିନିଷ ଭଲ ଡିମାଣ୍ଡ ଥିବା ମହିଳାମାନେ କହିଛନ୍ତି।

## ପୋଥିଚିତ୍ର ଦାମ୍ ୩୦ ହଜାର

ପୁରୀ ନାୟକପାଟଣା ଅଞ୍ଚଳର ସତ୍ୟନାରାୟଣ ପୃଷ୍ଟି ବାଲିଯାତ୍ରାକୁ ନେଇ ଆସିଛନ୍ତି ତାଳପତ୍ରରେ ତିଆରି ପୋଥିଚିତ୍ର। ଏହି ପୋଥିଗୁଡିକ ତାଳପତ୍ରରେ ତିଆରି କରାଯାଇଥିବା ବେଳେ ଏଥିରେ ପଟଚିତ୍ର କାର୍ଯ୍ୟ ହୋଇଛି। ସତ୍ୟନାରାୟଣ ନିଜେ ଏହି ଚିତ୍ର ତିଆରି କରିଛନ୍ତି ଏବଂ ବାଲିଯାତ୍ରାକୁ ଚଳିତଥର ନୂଆକରି ପୋଥିଚିତ୍ର ଆଣିଛନ୍ତି। ଏହାର ଦର ୬୦୦ ଟଙ୍କାରୁ ଆରମ୍ଭ ହୋଇ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଲୋକେ ଏବେ ପଟ୍ଟଚିତ୍ରକୁ ଅଧିକ ପସନ୍ଦ କରୁଥିବାବେଳେ ଏହି ପୋଥିଚିତ୍ରର ଚାହିଦା ଅଧିକ ରହିଥିବା ସେ କହିଛନ୍ତି।

## କାଦୁଅ, ଆବର୍ଜନାରେ ଭର୍ତ୍ତି

ବାଲିଯାତ୍ରା ପଡ଼ିଆକୁ ଠିକ ଭାବେ ସଫେଇ କରାଯାଉନାହିଁ। ଫଳରେ ପଡ଼ିଆରେ ଏଣେତେଣେ ଆବର୍ଜନା ଜମିରହିଛି। ଦୁର୍ଗନ୍ଧରେ ସମଗ୍ର ଅଞ୍ଚଳ ଫାଟିପଡୁଛି। ଅନ୍ୟପଟେ ପଡ଼ିଆରେ ଧୂଳି ନିୟନ୍ତ୍ରଣ ପାଇଁ କେମିକାଲ ସ୍ପ୍ରେ କରାଯାଉଛି, ହେଲେ ପ୍ରଥମ ଦିନରୁ କାଦୁଅ ଅଧିକାଂଶ ଜାଗାରେ ଜମି ରହିଛି। ସଫେଇ ଓ କାର୍ଯ୍ୟ ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ପଡ଼ିଆରେ ଏଭଳି ଅବ୍ୟବସ୍ଥା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା

କଟକ ମହାନଗର ନିଗମ ପକ୍ଷରୁ ଚଳିତବର୍ଷ ବାଲିଯାତ୍ରାରେ ସମଗ୍ର ପରିବେଶକୁ ସଫା ସୁତୁରା ଓ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ସଫେଇ ସହ ପରିମଳ ବ୍ୟବସ୍ଥା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ବ୍ୟବସାୟୀମାନଙ୍କ ମଧ୍ୟରେ ପରିମଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଐତିହାସିକ ବାଲିଯାତ୍ରା ହେଉଛି ପ୍ରକୃଷ୍ଟ ସମୟ। ଏହି ସମୟରେ ମନିଟରିଂ ଏବଂ ମୂଲ୍ୟାଙ୍କନ ପଦ୍ଧତି ବ୍ୟବହାର ମଧ୍ୟ କରାଯାଇଛି ବୋଲି ସୋମବାର ମହାନଗର ନିଗମର କମିଶନର କିରନଦୀପ କୌର ସହୋତା ସୂଚନା ଦେଇଛନ୍ତି। ଏଥିସହ ଏକ ବାରକୋଡ ଦ୍ୱାରା ପ୍ରତ୍ୟେକ ଷ୍ଟଲର ବିସ୍ତୃତ ସୂଚନା ଯଥା ଦୋକାନର ନାମ/ସଂଖ୍ୟା, ମାଲିକଙ୍କ ସୂଚନା, ଖାଦ୍ୟ/ଅଣ-ଖାଦ୍ୟ ଇତ୍ୟାଦି ପ୍ରଦାନ କରାଯାଉଥିବା ଏଂ ଏଥି ନିମନ୍ତେ ଗଠନ କରାଯାଇଥିବା ଏକ ସ୍ୱତନ୍ତ୍ର ଦଳ ବ୍ୟବସାୟ ସମୟରେ ବାରକୋଡ୍ ସାହାଯ୍ୟରେ ପରିମଳ ସ୍ଥିତି ଯାଞ୍ଚ କରାଯାଇଛି। ଉକ୍ତ ଦଳଙ୍କୁ ମୂଲ୍ୟାଙ୍କନ ଉପରେ ଆଧାର କରି ଏକ ସ୍ୱଚ୍ଛ ଚାମ୍ପିୟନ ଷ୍ଟଲକୁ ମନୋନୀତ କରାଯାଇ ସମ୍ମାନିତ କରାଯିବା ସହ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଏହାବ୍ୟତୀତ କଟକ ମହାନଗର ନିଗମ ଏବଂ କୋକାକୋଲା କମ୍ପାନୀର ମିଳିତ ଉଦ୍ୟମରେ ବାଲିଯାତ୍ରା ପଡିଆକୁ ପ୍ଲାଷ୍ଟିକ ମୁକ୍ତ କରିବା ନିମନ୍ତେ ‘ପ୍ଲାଷ୍ଟିକ ଦିଅନ୍ତୁ, ବ୍ୟାଗ ନିଅନ୍ତୁ’ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ମେଳା ପରିସରରେ ଅଯଥା ପ୍ଲାଷ୍ଟିକର ବ୍ୟବହାରକୁ ରୋକିବା ପାଇଁ ପ୍ରବର୍ତ୍ତନ ଦଳ ଗଠନ କରାଯାଇଛି ଏବଂ ସେମାନଙ୍କ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରାଯାଉଛି। ମହାନଗର ନିଗମ ପକ୍ଷରୁ ଅସ୍ଥାୟୀ କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ଷ୍ଟଲ ଖୋଲାଯାଇଛି। ଏହି ଅବସରରେ ମହାନଗର ନିଗମର ଡେପୁଟି କମଶନର ଜୁବୁଲି ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

HI-TECH MEDICAL COLLEGE & HOSPITAL ®

**NOTICE**

**In pursuance of OJEE Notice No. OJEE/670 dated 09.11.2025,** all the allotted candidates for **MBBS/BDS Courses** after the 3rd Round of Web-based counselling by OJEE for admission and reporting at **Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar** are hereby directed to report physically **latest by 12.11.2025 (up to 5.00 PM)** positively along with all their original documents at the respective institution, failing which this will be reported to the OJEE.

**PRINCIPAL**
**Hi-Tech Medical College & Hospital, Bhubaneswar**
**Hi-Tech Medical College & Hospital, Rourkela**
**Hi-tech dental college and hospital, Bhubanewar**

**ସଂକ୍ଷେପରେ**

## ଶିଶୁଅନନ୍ତ ସମ୍ମାନ ପାଇବେ ଡ.ପ୍ରତିଭା ମହାରଥୀ

ବାଲିପାଟଣା,୧୦।୧୧(ଅଭିମନ୍ୟୁ ନାୟକ)

ଆସନ୍ତା ଡିସେମ୍ବର ୩ରେ ରାଜ୍ୟସ୍ତରୀୟ ପଞ୍ଚସଖା ଶିଶୁଅନନ୍ତ ଜୟନ୍ତୀ ପାଳିତ ହେବ। ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ପୂର୍ବାହ୍ନ ୧୧ଟାରେ ପାଳନ କରାଯିବ ବୋଲି ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସାହିତ୍ୟ ଏକାଡେମୀ ଏବଂ ଶିଶୁଅନନ୍ତ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଜୟନ୍ତୀ ଉତ୍ସବରେ ସାହିତ୍ୟ, ସମାଜସେବା, ଆଧ୍ୟାତ୍ମିକ ଓ ଖବର ପ୍ରସାରଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସଂସ୍କୃତି ଗବେଷିକା ଡ.ପ୍ରତିଭା ମହାରଥୀଙ୍କୁ ଶିଶୁଅନନ୍ତ ସମ୍ମାନ, କଣ୍ଠଶିଳ୍ପୀ ଗୀତାରାଣୀ ଦାସଙ୍କୁ ବାବା ମଧୁସୂଦନ ସମ୍ମାନ, ବସନ୍ତ କୁମାର ଦାସଙ୍କୁ ସାମ୍ବାଦିକ ଗୌରବ, ଅବସରପ୍ରାପ୍ତ ରାଜସ୍ୱ ବିଭାଗୀୟ ଆୟୁକ୍ତ ଅଖିଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ କବି ଅବଦୁଲ ଓସିଦ ସ୍ମୃତି ସମ୍ମାନ ଏବଂ ବଡ଼ଭାଇ ନଦିଆ ବିହାରୀ ସ୍ମୃତି ସମ୍ମାନ କୁନିକଥା ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ ଏବଂ ଶ୍ରେଷ୍ଠ ସମୀକ୍ଷକ ଦିଲ୍ଲୀପ ହାଲ ପାଇବେ ବୋଲି ଜଣାପଡ଼ିଛି। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସାଧୁସନ୍ଥ, ଶିଶୁଅନନ୍ତ ଭକ୍ତ ଏବଂ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପ୍ରମୋଦ ମହାପାତ୍ର ପାଇବେ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

**୩୫ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍, ୮ ଜଣଙ୍କୁ ସ୍ମାରକୀ ସମ୍ମାନ ମିଳିବ**

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ 'ସମାଜ'ର ପୂର୍ବତନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ରଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ପ୍ରଦାନ କରାଯିବ। ସେହିପରି କୋଲକାତା, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣ୍ଣାଟକ, ଦିଲ୍ଲୀ ଓ ମୁମ୍ବାଇରୁ ପ୍ରକାଶିତ ବିଭିନ୍ନ ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ ପାଇଁ ମନୋନୀତ କରାଯାଇଥିବାବେଳେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ସମ୍ବିତ୍ କୁମାର ସେଠୀଙ୍କୁ 'କର୍ପୋରେଟ କମ୍ୟୁନିକେଶନ ଆଣ୍ଡ ପବ୍ଲିକ ରିଲେସନ୍ସ ସମ୍ମାନ' ମିଳିବ। ଏଥିସହ ରାଜ୍ୟର ୩୫ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ଓ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଏହି ସମ୍ମାନ ଦିଆଯିବ ବୋଲି ସୋମବାର ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# 'ନିମାପଡ଼ା ହେବ ଆତ୍ମନିର୍ଭରଶୀଳ'

**ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ**

ନିମାପଡ଼ା,୧୦।୧୧(ବିଚିତ୍ରାନନ୍ଦ ସାହୁ)



ବ୍ଲକ୍‌ସ୍ତରୀୟ ମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ ମଞ୍ଚାସୀନ ଅତିଥି।

ନିମାପଡ଼ା ବ୍ଲକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଓ ପ୍ରଦର୍ଶନୀ ସୋମବାର ସ୍ଥାନୀୟ ଟାଉନ୍ ହଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ମାଛ ଚାଷ, ଗୋପାଳନ, ପଶୁପାଳନ କ୍ଷେତ୍ରରେ ନିମାପଡ଼ା ଆଗୁଆ ଅଞ୍ଚଳ ଭାବେ ବେଶ୍ ଜଣାଶୁଣା। ଆତ୍ମନିର୍ଭର ଭାରତରେ ଆମ ନିମାପଡ଼ା ଆତ୍ମନିର୍ଭରଶୀଳ ହେବ। ସମାଜରେ ୪ଟି ଜାତିର ବିକାଶ ହେଲେ ଦେଶର ବିକାଶ ହେବ। ଚାରି ଜାତି ଅର୍ଥାତ୍ ଗରିବ, ଯୁବକ, ଅନ୍ନଦାତା, ନାରୀଶକ୍ତିର ବିକାଶ ହେଲେ ହିଁ ଦେଶ ଓ ରାଜ୍ୟ ବିକାଶ ହେବ। ବିକଶିତ ଓଡ଼ିଶା ବିକଶିତ ଭାରତ ଗଠନ ହୋଇପାରିବ ବୋଲି ଆୟୋଜିତ ମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ।

ମେଳାରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ଡ. ବିଭୂପ୍ରସାଦ ତରାଇ, ପୁରୀ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାଜେଶ ପାଣିଗ୍ରାହୀ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ସଂଘମିତ୍ରା ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଆତ୍ମାର ଅଧ୍ୟକ୍ଷ ଦିଲୀପ କୁମାର ପରିଡ଼ା, ପୁମୁଲର ସଭାପତି ଦିଲୀପ ଦାସ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରାଣୀପାଳନ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନା, ଗୋସମ୍ପଦ ବୀମା ଯୋଜନା, ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିବା ବେଳେ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀ ଓ ହିତାଧିକାରୀଙ୍କୁ ଅବଗତ କରିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନାରେ ୬୫ ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ଓ ୪ ଜଣ ମତ୍ସ୍ୟ ଚାଷୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ନିମାପଡ଼ା ବ୍ଲକ ମତ୍ସ୍ୟ ଅଧିକାରୀ ଆଶିଷ କୁମାର ସାହୁ, ବ୍ଲକ ଭେଟେରିନାରୀ ଅଫିସର୍ (ବି. ଭି. ଓ.) ଡ. ପ୍ରଦୀପ ଜେନା, ବ୍ଲକ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର ପ୍ରମୁଖ ଏହି ମେଳା ଓ ଉତ୍ସବର ସଂଯୋଜନା ଏବଂ ପରିଚାଳନା କରିଥିଲେ। ମେଳା ସ୍ଥଳରେ ମତ୍ସ୍ୟ, ପ୍ରାଣୀସମ୍ପଦ ବିଭାଗ ସମେତ ବିଭିନ୍ନ ବିଭାଗର ୧୪ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ମେଳାରେ ଶହ ଶହ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ। ଅତିଥିମାନେ ଷ୍ଟଲ ବୁଲି ବେଶ୍ ଖୁସିବ୍ୟକ୍ତ କରିଥିଲେ।

# ୯ବର୍ଷ ପରେ ସାମୁଦ୍ରିକ ମତ୍ସ୍ୟଜୀବୀ ଗଣନା

ଅସ୍ତରଙ୍ଗ,୧୦।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ତାଲିକାରୁ ବାଦ୍‌ପଡିବେ ନକଲି**

ପଞ୍ଚମ ରାଷ୍ଟ୍ରୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ନଭେମ୍ବର ୩ତାରିଖରୁ ଆରମ୍ଭ ହୋଇଛି। କରୋନା ଯୋଗୁ ୨୦୨୧ରେ ଏହିସର୍ଭେହୋଇପାରିନଥିଲା। ଦୀର୍ଘ ୯ବର୍ଷ ପରେ ପୁରୀ ଜିଲା ସମେତ ଅନ୍ୟ ଜିଲାର ସମୁଦ୍ର ତଟରେ ବାସ କରୁଥିବା ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସର୍ବେକ୍ଷଣ କରାଯାଉଛି।

ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅନେକ ମତ୍ସ୍ୟଜୀବୀ ଆନ୍ଧ୍ର ଓ ପୁରୀରେ ୨ଟି ଜାଗାରେ ରହିଥିବାରୁ ସେମାନଙ୍କ ନାଁ ଏଥର ଗୋଟିଏ ଜାଗାରୁ କଟାଯିବ। ଏଭଳି ତ୍ରୁଟିମୁକ୍ତ କରିବା ପାଇଁ ବ୍ୟାସ (ଭିଓ୍ୱାଇଏଏସ୍) ଭାରତ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ଆଧାରକାର୍ଡ ଆଦି ତର୍ଜମା କରି ଅନେକ ନାଁ ଜନଗଣନାରୁ କଟିବ ବୋଲି ସ୍ପଷ୍ଟ କରିଛନ୍ତି ସିଏମ୍‌ଏଫ୍‌ଆର୍‌ଆଇ କୋଚିର ବୈଜ୍ଞାନିକ ଡ. ଆଶ୍ୱଥି। ଏଭଳି ନକଲି ମତ୍ସ୍ୟଜୀବୀଙ୍କୁ କାଟିବା ସହ ସେମାନଙ୍କର ଶିକ୍ଷା, ବୃତ୍ତି ଓ ଉପଲବ୍ଧ ଭିତ୍ତିଭୂମି ବାବଦରେ ଅନୁଧ୍ୟାନ କରାଯିବ ବୋଲି ଜଣାପଡ଼ିଛି। ୨୦୨୧ରେ ଏହି ସର୍ଭେ ଅଟକି ରହିଥିଲା। ପୁରୀ ଜିଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଗ୍ରାମରେ ମତ୍ସ୍ୟଜୀବୀ ବାସ କରୁଛନ୍ତି। ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଗଣନା ଡିସେମ୍ବର ୧୮ତାରିଖ ପର୍ଯ୍ୟନ୍ତ ସର୍ବେକ୍ଷଣ ଚାଲିବ। ଇଂଆଇସିଏଆର (ଭାରତୀୟ କୃଷି ଗବେଷଣା ପରିଷଦ) ଓ ସିଏମ୍‌ଏଫ୍‌ଆର୍‌ଆଇ (ସେଣ୍ଟ୍ରାଲ ମେରାଇନ୍ ଫିଶରିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍) ପକ୍ଷରୁ ୩ଦିନିଆ ତାଲିମ୍ ନେବା ପରେ ଜନଗଣନାରେ ସାମିଲ ହୋଇଛନ୍ତି। ୭ଜଣରୁ ଉର୍ଦ୍ଧ୍ୱ ଏହି ଗଣନା କାର୍ଯ୍ୟରେ ସାମିଲ ଅଛନ୍ତି ବୋଲି ବ୍ରଜବନ୍ଧୁ ବେହେରା ସୂଚନା ଦେଇଛନ୍ତି। ୨୦୧୬ରେ ଏହି ମତ୍ସ୍ୟଜୀବୀ ଗଣନା ହୋଇଥିଲା। ୫ବର୍ଷରେ ଥରେ ଏହି ଗଣନା ହେବା କଥା। କରୋନା ମହାମାରୀ ଯୋଗୁ ଏହା ୨୦୨୧ରେ ହୋଇପାରି ନ ଥିଲା। ଏହି ସର୍ବେକ୍ଷଣରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ପରିବାରର ଆର୍ଥିକ ସ୍ଥିତି, ସଦସ୍ୟ ସଂଖ୍ୟା, ଉପଲବ୍ଧ ଡଙ୍ଗା ଓ ଅନ୍ୟାନ୍ୟ ଯାନବାହନ ଆଦିର ତଥ୍ୟ ସଂଗ୍ରହ କରାଯିବ। ମତ୍ସ୍ୟଜୀବୀଙ୍କର ଏକ ସ୍ୱଚ୍ଛ ତାଲିକା ପ୍ରକାଶ ପାଇବ।




ପୁରୀ ଜିଲା ସ୍କୁଲ ପରିସରରେ ସୋମବାର ଆୟୋଜିତ ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟନ ଅବସରରେ ଏମ୍‌ପି ଡା. ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ଅନ୍ୟ ଅତିଥିଙ୍କ ସହ ପ୍ରତିଯୋଗୀମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ତଦନ୍ତର ପୁନର୍ବିଚାର ସହ କାର୍ଯ୍ୟାନୁଷ୍ଠାନ ଦାବି

### ରଥଯାତ୍ରା ଦଳାଚକଟା ଘଟଣା

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷମହାପ୍ରଭୁଙ୍କରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳଚକଟା ଘଟଣା ଘଟିଥିଲା। ଦଳାଚକଟାରେ ୩ ଭକ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନରଙ୍କୁ ଦେବା ସହ ଏକ ମାସ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟ ଆଧାରରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଚିଠି ଲେଖାଯାଇ ୭ଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱରେ ଅବହେଳା କାରଣରୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଅନ୍ୟପକ୍ଷରେ ଦଳଚକଟା ରିପୋର୍ଟ ସଂକ୍ରାନ୍ତରେ ପୁନର୍ବିଚାର କରିବା ପାଇଁ ଏଏପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ଦିଆଯିବା ସହ ଖବରଦାତା ସମ୍ମିଳନୀ କରାଯାଇଛି। ଏଏପି ପକ୍ଷରୁ କୁହାଯାଇଛି ଯେ, ରଥଯାତ୍ରାରେ ଦଳଚକଟା ଘଟଣାରେ ୩ଜଣଙ୍କ ମୃତ୍ୟୁ ସକାଶେ ସରକାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କହିଥିଲେ। ମାତ୍ର ସରକାର ତାହାକୁ ସାର୍ବଜନୀନ କରିବା ପୂର୍ବରୁ ଗଣମାଧ୍ୟମରେ ପ୍ରକାଶିତ ହେଇଗଲା। ଏହି ରିପୋର୍ଟରେ ୭ ଜଣଙ୍କ ନାମ ଉଲ୍ଲେଖ ରହିଛି। ତେବେ ବଡ଼ ପ୍ରଶ୍ନ ହେଲା, ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନେ କେମିତି ଦୋଷୀ ହେଲେ ନାହିଁ। କେନ୍ଦ୍ର ମନ୍ତ୍ରୀ, ସାଂସଦ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ମଧ୍ୟ କ୍ୟାମେରା ଚାଲୁ ନ ଥିଲା। କ୍ୟାମେରା ଲଗେଇଥିବା ବ୍ୟକ୍ତି କାହିଁକି ତଦନ୍ତ ପରିସରଭୁକ୍ତ ହେଲେନି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହିଘଟଣାର ପୁନଃ ତଦନ୍ତ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏଏପି ଦାବି କରିଛି। ଖବରଦାତା ସମ୍ମିଳନୀରେ ଏଏପି ସଭାପତି ସଂଜୀବ ମହାନ୍ତି, ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ନଗର ସଭାପତି ରମାକାନ୍ତ ସ୍ୱାଇଁ, ନାରୀନେତ୍ରୀ ସନ୍ଧ୍ୟାରାଣୀ ଦାସ ଓ ସମିନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଉନ୍ ଭେଣ୍ଡିଂ ଜୋନ୍‌ରେ ସାମିଲ ହେବାକୁ ଧାରଣା

କୋଣାର୍କ,୧୦।୧୧(ଜ୍ୟୋତିରାଜ ମହାନ୍ତି)

**କୋଣାର୍କ ରାସ୍ତାପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ**

କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ କୋଣାର୍କ ରାସ୍ତାପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ଓ ସିଦ୍ଧି ବିନାୟକ କ୍ଷୁଦ୍ର ବ୍ୟବସାୟୀ ସଂଘ ମିଳିତ ଆନୁକୂଲ୍ୟରେ କୋଣାର୍କ ଟାଉନ୍ ଭେଣ୍ଡିଂ ଜୋନ୍ କମିଟିରେ ସାମିଲ ସମେତ ୫ଦଫା ଦାବି ନେଇ ସୋମବାର ପୂର୍ବାହ୍ନରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି।

ପ୍ରକାଶ ଯେ, କୋଣାର୍କ ରାସ୍ତାପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘର ସଭାପତି ଲକ୍ଷ୍ମୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗଣଧାରଣାରେ ବରିଷ୍ଠ ଶ୍ରମିକ ନେତା ତଥା ସଂଗଠନର ଉପଦେଷ୍ଟା ମନୋରଞ୍ଜନ ପରିଡ଼ା, ବରିଷ୍ଠ ଶ୍ରମିକ ନେତା ପ୍ରଦୀପ୍ତ କୁମାର ମହାନ୍ତି, ପ୍ରସନ୍ନ ଦାସ ଓ ଶରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତାପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ଓ ସିଦ୍ଧି ବିନାୟକ କ୍ଷୁଦ୍ର ବ୍ୟବସାୟୀ ସଂଘର ଦୋକାନୀଙ୍କୁ କୋଣାର୍କ ଏନ୍‌ଏସି ପକ୍ଷରୁ କୋଣାର୍କ ଟାଉନ୍ ଭେଣ୍ଡିଂ ଜୋନ୍‌ରେ ସାମିଲ୍, ବ୍ୟବସାୟୀଙ୍କ ନିମନ୍ତେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ୍ କରିବା, ନିରପେକ୍ଷ ଭାବେ ଭେଣ୍ଡିଂ କମିଟି ଗଠନ କରିବା ସହ ୫ଦଫା ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ କୋଣାର୍କ ଏନ୍‌ଏସି ପ୍ରଶାସନର ଆନ୍ତରିକତା ଅଭାବ ଓ ବ୍ୟବସାୟୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ନୀତିକୁ ସମାଲୋଚନା କରିଥିଲେ। ଏହି ଗଣଧାରଣାରେ ୧୦୦ରୁ ଉର୍ଦ୍ଧ୍ୱ ଉଭୟ ବ୍ୟବସାୟୀ ସଂଘ ଓ ଏଆଇଟିୟୁସିର ବରିଷ୍ଠ ଶ୍ରମିକ ନେତାମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନର ୫ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।



କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ କୋଣାର୍କ ରାସ୍ତାପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ଓ ସିଦ୍ଧି ବିନାୟକ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଧାରଣାସ୍ଥଳରେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି ।

## ପ୍ରାଚୀଗୁରୁ ଧର୍ମ ପୀଠର କ୍ଷେତ୍ର ପରିକ୍ରମା



ଯୋଗେଶ୍ୱରପୁର,୧୦।୧୧(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ବେଢ଼ା ପରିକ୍ରମା ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସମସ୍ତ ଭାଇ, ମାଆମାନେ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶ୍ରୀଗୁରୁଦେବଙ୍କ ଆସନ୍ନ ମନ୍ଦିରରେ ଗୁରୁଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥ ସଂସ୍କୃତି ରୀତିନୀତି ଅନୁସାରେ ବେଢ଼ା ପରିକ୍ରମା ଉତ୍ସବ ଆରମ୍ଭ ହୋଇଥିଲା। ଦିନ ୧୨ଟାରେ ଆଶ୍ରମରୁ ଏହି ପରିକ୍ରମା ଦଳ ବାହାରି ହୁଳହୁଳି, ହରିବୋଲ, ଶଙ୍ଖ ଧ୍ୱନି, ମହାମନ୍ତ୍ର ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମରେ, ନୟାହାଟ, ବାସୁଦେବ ମନ୍ଦିର, ମା'ଚର୍ଚ୍ଚିକା, ନରସିଂହପୁର, ଗୋପୀ ଦାସ ମଠ, ନରସିଂହପୁର ଗଡ଼ ପ୍ରଭୃତି ପରିକ୍ରମା କରିଥିଲେ। ଏହି ପରିକ୍ରମା ଦଳରେ ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ଆତ୍ମାନନ୍ଦ ଦାସ ଓ ସର୍ବଶ୍ରୀ ଡାକ୍ତର ରତ୍ନାକର ମହାନ୍ତି, ନୀଳମଣି ସାହୁ, ରମେଶ ବିଟି, ମହେଶ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ସାମିଲ ହୋଇଥିଲେ। ନାମ ସଂକୀର୍ତ୍ତନରେ ଅଞ୍ଚଳରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ହୋଇଥିଲା ବୋଲି ସେବକ ପ୍ରୀତିରଞ୍ଜନ ଦାସ ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପିପିଲି,୧୦।୧୧(ଦୁର୍ଗା ମାଧବ ମିଶ୍ର)

ପିପିଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜବାହର ବିଦ୍ୟାପୀଠ ପରିସରରେ ପ୍ରତିଭା ପ୍ରଦର୍ଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ପୌରାଞ୍ଚଳର ୧୦ଟି ସ୍କୁଲର ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖବରଦାତା ରାଜକିଶୋର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାଶ, ଅର୍ଜୁନ ଘଡ଼େଇ, ଲେଖକ ରଘୁନାଥ ଜେନା ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଚଳିତ ମାସ ୨୮ ତାରିଖରେ ସଂଘର ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଶେଷରେ ସମ୍ପାଦକ ଅଜୟ କୁମାର ରାୟ ଧନ୍ୟବାଦ ଦେଇଥିଲେ।

# 'ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଉ'

ପୁରୀ,୧୦।୧୧(ଅଜିତ୍ କୁମାର ମହାନ୍ତି)

**ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର**

ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ପୁରୀ ପୌରାଞ୍ଚଳବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ଗତ କିଛିବର୍ଷ ହେବ ପୁରୀ ପୌରାଞ୍ଚଳବାସୀ ଶ୍ରୀମନ୍ଦିରକୁ ସହଜରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରୁନାହାନ୍ତି କି ପର୍ବପର୍ବାଣି ସମୟରେ ଆନନ୍ଦବଜାରରୁ ମହାପ୍ରସାଦ ଆଣିପାରୁନାହାନ୍ତି। ଏହା ଉଦ୍‌ବେଗର କାରଣ ପାଲଟିଛି। ବହୁ ପୁରାତନ ସମୟରୁ ଶ୍ରୀକ୍ଷେତ୍ରର ବିଭିନ୍ନ ସାହିରେ ସ୍ଥାୟୀ ଭାବେ ବାସ କରୁଥିବା ଲୋକେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହ ଓତଃପ୍ରୋତଃ ଭାବେ ଜଡ଼ିତ। ସକାଳ ମଙ୍ଗଳ ଆଳତି ଠାରୁ ପହୁଡ଼ ସମୟରେ ପାରମ୍ପରିକ ଭକ୍ତିସଙ୍ଗୀତ ଗାନ ସମୟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶ୍ରୀମନ୍ଦିରକୁ ଯାଇଥାନ୍ତି। ସେହିପରି ଶୁଖିଲା ମହାପ୍ରସାଦ, ଅନ୍ନମହାପ୍ରସାଦ କ୍ରୟ କରିବା ଇତ୍ୟାଦି ଅନେକ ପାରମ୍ପରିକ ଧାର୍ମିକ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦାମାନେ ଶ୍ରୀମନ୍ଦିରକୁ ଯାଇଥାନ୍ତି। ଏହି ବ୍ୟବସ୍ଥା ଦୀର୍ଘ ୮୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ପ୍ରଚଳିତ ରହିଆସିଥିଲା। ପୂର୍ବରୁ କିଛି ସମୟ ପାଇଁ କେବଳ ପଶ୍ଚିମଦ୍ୱାର ମାର୍ଗରେ ସ୍ଥାନୀୟ ଅଧିବାସୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଶ୍ରୀମନ୍ଦିରକୁ ପ୍ରବେଶ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମ୍ପ୍ରତି କଟକଣା ଯୋଗୁ ସ୍ଥାନୀୟ ଅଧିବାସୀମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଭାରତର ବିଭିନ୍ନ ମୁଖ୍ୟ ମନ୍ଦିରରେ ସେଠାକାର ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତେଣୁ ଶ୍ରୀମନ୍ଦିର ପରମ୍ପରା ଓ ଶ୍ରୀକ୍ଷେତ୍ର ସଂସ୍କୃତି ସହ ଜଡ଼ିତ ପୁରୀରେ ସ୍ଥାୟୀ ଅଧିବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଦ୍ୱାରରେ ପ୍ରବେଶ ପତ୍ର ଦେଖାଇ ପ୍ରବେଶ ସହ ପ୍ରସ୍ଥାନ ବ୍ୟବସ୍ଥା କରାଯାଉ ବୋଲି ସେବାୟତମାନେ ଅନୁରୋଧ କରିଛନ୍ତି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମହାପାତ୍ର କହିଛନ୍ତି, ଉକ୍ତ ଦାବିପତ୍ର ଉପରେ ତର୍ଜମା କରାଯିବ। ପୁରୀବାସୀ ସୁବିଧା ପାଇବା ଆବଶ୍ୟକ ରହିଛି। ତେଣୁ ଏ ଦିଗରେ ପୋଲିସ ପ୍ରଶାସନ, ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ, ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ।




HI-TECH MEDICAL COLLEGE & HOSPITAL

**NOTICE**

In pursuance of OJEE Notice No. OJEE/670 dated 09.11.2025, all the allotted candidates for MBBS/BDS Courses after the 3rd Round of Web-based counselling by OJEE for admission and reporting at **Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar** are hereby directed to report physically latest by **12.11.2025 (up to 5.00 PM)** positively along with all their original documents at the respective institution, failing which this will be reported to the OJEE.

**PRINCIPAL**
Hi-Tech Medical College & Hospital, Bhubaneswar
Hi-Tech Medical College & Hospital, Rourkela
Hi-tech dental college and hospital, Bhubanewar

# ପ୍ରାକୃତିକ, ସମନ୍ୱିତ କୃଷି ମାଧ୍ୟମରେ ଚାଷୀ ସଶକ୍ତ ହୋଇପାରିବେ

## ଏନ୍‌ଆର୍‌ଆର୍‌ଆଇରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ

କଟକ,୧୦।୧୧(କାର୍ତ୍ତିକ ସାହୁ)

ପ୍ରାକୃତିକ, ସମନ୍ୱିତ କୃଷି ମାଧ୍ୟମରେ ଚାଷୀ ସଶକ୍ତ ହୋଇପାରିବେ। ଓଡ଼ିଶାର ଚାଷୀଙ୍କୁ ସଶକ୍ତ କରିବାରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ଏକ ପ୍ରମୁଖ ମାଇଲଖୁଣ୍ଟ ପାଲଟିଛି ବୋଲି କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଚୌହାନ ସୋମବାର କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଗସ୍ତ କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଡାଲିଜାତୀୟ ଫସଲ ଆତ୍ମନିର୍ଭରତା ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନର ଏକତ୍ରୀକରଣ ରଣନୀତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇଥିଲେ। ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରମନ୍ତ୍ରୀ କହିଲେ, ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଚାଷୀଙ୍କ ଜୀବନକୁ ଯଥେଷ୍ଟ ପରିବର୍ତ୍ତନ କରିବ। ପ୍ରାକୃତିକ କୃଷି ମାଧ୍ୟମରେ ଓଡ଼ିଶା ପନିପରିବା ଚାଷରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବାକୁ ନିଶ୍ଚିତ କରିବା ପାଇଁ ସେ ଆବଶ୍ୟକ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ଅନୁକୂଳ ଜଳବାୟୁ ପାଇଁ ଡାଲିର ବୃହତ୍ ପରିମାଣର ଉତ୍ପାଦନକୁ ମନ୍ତ୍ରୀ ଉତ୍ସାହିତ କରିଥିଲେ। ସେ ଚାଷୀମାନଙ୍କୁ ବିଷାକ୍ତ ରାସାୟନିକ ପଦାର୍ଥରୁ ଦୂରେଇ ଯାଇ ପଶୁପାଳନ, ମତ୍ସ୍ୟପାଳନ ଏବଂ କୁକୁଡ଼ା ପାଳନ ସମେତ ପ୍ରାକୃତିକ ଓ ସମନ୍ୱିତ କୃଷି ପଦ୍ଧତି ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇଥିଲେ।



ଏନ୍‌ଆର୍‌ଆର୍‌ଆଇଠାରେ ଆୟୋଜିତ ବୈଠକକୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଉଦ୍‌ଘାଟନ କରୁଛନ୍ତି।

କୃଷି ଗବେଷଣା ଏବଂ ଶିକ୍ଷା ବିଭାଗ ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡକ୍ଟର ଏମ.ଏଲ. ଜାଟ (ଭର୍ଚୁଆଲରେ), ଡକ୍ଟର ଦେବେଶ ଚତୁର୍ବେଦୀ, କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ଅତିରିକ୍ତ ସଚିବ (ଭର୍ଚୁଆଲରେ) ଯୋଗଦେଇଥିଲେ। ସେହିପରି ଭାରତ ସରକାରଙ୍କ ଯୁଗ୍ମ ସଚିବ (ଫସଲ) ଏଫ୍. ଦେବୋରା ଇନିଥା, ପରିଷଦର ଫସଲ ବିଜ୍ଞାନ ସଂଭାଗର ଉପମହାନିର୍ଦ୍ଦେଶକ ଡକ୍ଟର ଡି. କେ. ଯାଦବ, ପ୍ରାକୃତିକ ସମ୍ପଦ ପରିଚାଳନା ସଂଭାଗର ଉପମହାନିର୍ଦ୍ଦେଶକ ଡ. ଏ.କେ. ନାୟକ, ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏନ୍.ପି. ଦୀକ୍ଷିତ, ବୈଜ୍ଞାନିକ, ରାଜ୍ୟ ସରକାରଙ୍କ ଅଧିକାରୀ, ବହୁ ଚାଷୀ ଓ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର ଧନ୍ୟବାଦ ଦେଇଥିଲେ।

# ନାରାୟଣ ନାଟ୍ୟ ମହୋତ୍ସବ

## 'ଦାରିଦ୍ର୍ୟ ମୋଚନ', 'ଏକ ନଷ୍ଟ ନାଟକ'ର ନାଟ୍ୟକାର ମଞ୍ଚସ୍ଥ

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)

ସୃଜନୀ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା ନାରାୟଣ ନାଟ୍ୟ ମହୋତ୍ସବ ସୋମବାର ଥିଲା ୩ୟ ସନ୍ଧ୍ୟା। ଏହି ଅବସରରେ ନାଟକ 'ଦାରିଦ୍ର୍ୟ ମୋଚନ'କୁ ସୃଜନୀର କଳାକାରମାନେ ପରିବେଷଣ କରିଥିଲେ। ନାଟକରେ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଯାହାର ଭରସା, ତାହାର ଭୟଭ୍ରାନ୍ତି କ'ଣ ପାଇଁ? ସୁଦାମଙ୍କ ଦାରିଦ୍ର୍ୟ ଦୂର କରିବାକୁ ଶ୍ରୀକୃଷ୍ଣ ଦୁଃଖ ଦେବା ସହ ତାଙ୍କ ପରିବାରକୁ ଯେଉଁ ଆଶିର୍ବା ଦେଇଥିଲେ ତା'ର ପଟାନ୍ତର ନାହିଁ। ଶ୍ରୀକୃଷ୍ଣ ଓ ସୁଦାମାଙ୍କ ସ୍ନେହ, ଆବେଗ, ବନ୍ଧୁତ୍ୱ ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଥିଲା। ଡ. ବନବିହାରୀ ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ନାରାୟଣ ଚନ୍ଦ୍ର ରାୟ ମହାପାତ୍ର ରଚନା କରିଥିଲେ।

ପରେ ବାଲେଶ୍ୱରର ସ୍ରଷ୍ଟା ଅନୁଷ୍ଠାନର କଳାକାରମାନେ 'ଏକ ନଷ୍ଟ ନାଟକ' ପରିବେଷଣ କରିଥିଲେ। ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ହେମେନ୍ଦ୍ର ମହାପାତ୍ର। ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ନାଟ୍ୟ ମହୋତ୍ସବକୁ ଦର୍ଶକମାନେ ପ୍ରଶଂସା କରିଥିଲେ। ଅତିଥି ଭାବେ ନାଟ୍ୟକାର ମିହିର ମେହେର, ବିନାୟକ ମିଶ୍ର, ଅଭିନାଶ ଦଣ୍ଡପାଟ, ଶୁଭକାନ୍ତ ପାଢ଼ୀ, ଅଭିବକ୍ତା ସୂର୍ଯ୍ୟନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ। ସୃଜନୀ ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରଶନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ, ପ୍ରଜ୍ଞା ରଥ, ରାଜଲକ୍ଷ୍ମୀ ଏବଂ ସଭ୍ୟ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ ଉପସ୍ଥିତ ଥିଲେ।



ସୃଜନୀର କଳାକାରମାନେ ନାଟକ 'ଦାରିଦ୍ର୍ୟ ମୋଚନ' ପରିବେଷଣ କରୁଛନ୍ତି।

# ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ 'ସୋଆ ଯୁବ ସାହିତ୍ୟ ପୁରସ୍କାର'

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)



ଓଡ଼ିଶାର ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀ ଚଳିତବର୍ଷ 'ସୋଆ ଯୁବ ସାହିତ୍ୟ ପୁରସ୍କାର' ପାଇବେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଅବସରରେ ସୂର୍ଯ୍ୟସ୍ନାତଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ବର୍ଷା ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ସୂର୍ଯ୍ୟସ୍ନାତଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ପାଇଁ ସେ ଏହି ପୁରସ୍କାର ପାଇବେ। ଏହି ସଂକଳନରେ ୧୨ଟି ଗଳ୍ପ ରହିଛି, ଯେଉଁଥିରେ ଲେଖକ ମଣିଷର ମନସ୍ତତ୍ତ୍ୱ ଏବଂ ସମସାମୟିକ ଅନୁଭୂତିର ନିଚ୍ଛକ ପରିପ୍ରକାଶ କରିଛନ୍ତି। ସେ ବର୍ତ୍ତମାନ ପଞ୍ଜାବସ୍ଥିତ ଆଇଆଇଟି ରୋପାରର ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ୧୯୯୧ରେ ଜନ୍ମିତ ସୂର୍ଯ୍ୟସ୍ନାତଙ୍କ ୭ଟି କବିତା ସଂକଳନ ଓ ଗୋଟିଏ କ୍ଷୁଦ୍ରଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ବିଶିଷ୍ଟ ହିନ୍ଦୀ କବି ତଥା ସାହିତ୍ୟିକ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡ଼ିଆ ଅନୁବାଦ କରିଛନ୍ତି। ୨୦୧୭ରେ ସୂର୍ଯ୍ୟସ୍ନାତ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବାବେଳେ ହାଇଦ୍ରାବାଦସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍ସାଗୋ' ଏବଂ 'ପ୍ଲେ ଅଫ୍ ଶିବା' ପାଇଁ ନାଟକର ସଂଳାପ ଲେଖିଛନ୍ତି। ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' ଓ 'ଖିଡ଼କୀୟାଁ' ନିମନ୍ତେ ସଂଳାପ ରଚନା କରିଛନ୍ତି। କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ସୃଜନାତ୍ମକ କ୍ଷେତ୍ରରେ ଲେଖୁଥିବା ଯୁବପିଢ଼ିଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ସୂର୍ଯ୍ୟସ୍ନାତଙ୍କ ଅବଦାନ ଲାଗି ତାଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି। ଏହି ଅବସରରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ରୌପ୍ୟ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯିବ।

# ଗଣଶିକ୍ଷା ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ଶିକ୍ଷକଙ୍କୁ ଅଣ ଶିକ୍ଷାଦାନରେ ନିୟୋଜନ ପ୍ରସଙ୍ଗ

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ନିୟୋଜନ କରାଯାଉଥିବାରୁ ଏହାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିପାଇଁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ କମିଶନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲା। ରାଜ୍ୟରେ ଶିକ୍ଷାଦାନ ପ୍ରକ୍ରିୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଞ୍ଚମ ଶ୍ରେଣୀ ପିଲା ଅକ୍ଷର ଚିହ୍ନି ପାରୁ ନାହାନ୍ତି। ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ରହିଛି। କେତେକ ସ୍ଥାନରେ ଜଣେ ଲେଖାଏ ଶିକ୍ଷକରେ ସ୍କୁଲ ଚାଲୁଛି। ଏ ପରିସ୍ଥିତିରେ ରାଜ୍ୟ ସରକାର ପ୍ରତ୍ୟେକ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜିତ କରୁଛନ୍ତି। ସେମାନେ ଶିକ୍ଷାଦାନ କାର୍ଯ୍ୟ ବ୍ୟତୀତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା, ପୁସ୍ତକ ଏବଂ ପୋଷାକ ବଣ୍ଟନ, ଭୋଟର ପରିଚୟପତ୍ର ସଂଶୋଧନ, ବିଭିନ୍ନ ସର୍ଭେ, ଚାରାରୋପଣ, ସଚେତନତା ରାଲିଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ହେଉଛନ୍ତି। ଏହାଦ୍ୱାରା ପିଲାଙ୍କ ଶିକ୍ଷା ଗ୍ରହଣ ଘୋର ପ୍ରଭାବିତ ହୋଇଥିବାରୁ ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହାର ତଥ୍ୟଗତ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବାକୁ କହିଛନ୍ତି ।

# ଆଇସିୟୁରୁ ୱାର୍ଡକୁ ଆସିଲେ ଅଭିଜିତ୍ ମଜୁମ୍‌ଦାର

ଭୁବନେଶ୍ୱର, ୧୦।୧୧(ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସୁଛି। ସୋମବାର ତାଙ୍କୁ ଆଇସିୟୁରୁ ମେଡିସିନ୍ ୱାର୍ଡ (E-6 ଆଇସୋଲେଶନ୍ ରୁମ୍)କୁ ସ୍ଥାନାନ୍ତର କରାଯାଇଛି। ଅଭିଜିତ୍‌ଙ୍କ ଭାଇଟାଲ୍ସ ଏବେ ସ୍ଥିର ରହିଛି। ତେଣୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ବାହାର କରାଯାଇଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଜିତ୍ ଉଚ୍ଚ ରକ୍ତଚାପ, ହାଇପୋଥାଇରଏଡ୍‌ଜିମ୍, କ୍ରନିକ୍ ଲିଭର, ରକ୍ତପ୍ରବାହ ସଂକ୍ରମଣ ଆଦି ବହୁବିଧ ରୋଗରେ ଆକ୍ରାନ୍ତ ହୋଇ ସେପ୍ଟେମ୍ବର ୪ରେ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ସେ କୋମାଟୋଜ୍ ଅବସ୍ଥାରେ ଭେଣ୍ଟିଲେଟର ସପୋର୍ଟରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। କିଛିଦିନ କୋମାରେ ରହିବା ପରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିଲା। ସେପ୍ଟେମ୍ବର ୨୫ରେ ତାଙ୍କୁ ଆଇସିୟୁରୁ ମେଡିସିନ୍ ୱାର୍ଡ(E-୬ ଆଇସୋଲେଶନ୍ ରୁମ୍, ବେଡ୍ ନଂ.୨୯)କୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୪୮ ଘଣ୍ଟାରୁ ଅଧିକ ସମୟ ପାଇଁ ଭେଣ୍ଟିଲେଟର ସପୋର୍ଟ ବାହାରେ ରହିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଅକ୍ଟୋବର ୧୧ରେ ପୁଣିଥରେ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଅଭିଜିତ୍ ଆଇସିୟୁରେ ଚିକିତ୍ସିତ ହେଉଥିବାବେଳେ ସୋମବାର ତାଙ୍କୁ ଆଉଥରେ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ଦିଆଯାଇଛି।

# ୧୨ରୁ ପ୍ରଥମ ଚଳଚ୍ଚିତ୍ର ସଂରକ୍ଷଣ କର୍ମଶାଳା

■ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, ଯୋଗଦେବେ ଅଭିନେତ୍ରୀ ୱାହିଦା ରେହମାନ୍

■୧୩ ଓ ୧୭ରେ ଚଳଚ୍ଚିତ୍ର 'ମାୟା ମିରିଗ'ର ଫ୍ରି ପ୍ରଦର୍ଶନ

ଭୁବନେଶ୍ୱର,୧୦।୧୧ (ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୧୨ରୁ ୧୯ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳାଭୂମିଠାରେ ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହେବ। ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଅଭିଲେଖାଗାର ଫେଡେରେଶନ୍ (ଏଫ୍‌ଆଇଏଫ୍) ଓ ରାଜ୍ୟ ସରକାରଙ୍କ ସହଯୋଗରେ ହେବାକୁ ଥିବା ଏହି କର୍ମଶାଳାରେ ପୁରୁଣା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକୁ ସଂରକ୍ଷଣ କରିବା ଏବଂ ଏନେଇ ସଚେତନତା ସୃଷ୍ଟି ଉପରେ ବ୍ୟାପକ ପଦକ୍ଷେପ ପାଇଁ ପ୍ରୟାସ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ। ବର୍ଷିଆନ ବଲିଉଡ୍ ଅଭିନେତ୍ରୀ ୱାହିଦା ରେହମାନ୍‌ଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। କିମ୍ବଦନ୍ତୀ ଅଭିନେତା ଅମିତାଭ ବଚ୍ଚନ ମଧ୍ୟ ଭିଡିଓ କନ୍‌ଫରେନ୍ସରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଶିବେନ୍ଦ୍ର ସିଂହ ଡୁଙ୍ଗରପୁର ସୂଚନା ଦେଇଛନ୍ତି। ଓଡ଼ିଆ ସିନେମାର ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରି କହିଲେ, ଓଡ଼ିଶାର ସମୃଦ୍ଧ ଚଳଚ୍ଚିତ୍ର ଐତିହ୍ୟ ବିଷୟରେ ବହୁତ କମ୍ ଲୋକ ଜାଣନ୍ତି। ରାଜ୍ୟରେ ବର୍ତ୍ତମାନ ଚଳଚ୍ଚିତ୍ର ସଂରକ୍ଷଣ ପାଇଁ କୌଣସି ନୀତି କିମ୍ବା ଢାଞ୍ଚାର ଅଭାବ ରହିଛି। ଏ କ୍ଷେତ୍ରରେ ଏହି କର୍ମଶାଳା ଗୁରୁତ୍ୱ ବହନ କରିବ। ବିଶେଷକରି ଓଡ଼ିଆ ଚଳଚ୍ଚିତ୍ର ପାଇଁ ଏକ ଅଭିଲେଖାଗାର ସୃଷ୍ଟି କରିବା ଉପରେ ଧ୍ୟାନ ଦେବ ଏବଂ ରାଜ୍ୟର ସିନେମା ଐତିହ୍ୟର ପ୍ରଚାର ଏବଂ ସଂରକ୍ଷଣ ପାଇଁ ସ୍ପଷ୍ଟ ନୀତି ଏବଂ ନିୟମାବଳୀର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବ। ପଦକ୍ଷେପ ସ୍ୱରୂପ ୧୩ ତାରିଖ ସନ୍ଧ୍ୟାରେ କେଶରୀ ଟକିଜ୍‌ରେ ପୁନରୁଦ୍ଧାର ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ମାୟା ମିରିଗ'ର ଫ୍ରି ଗ୍ରାଣ୍ଡ୍ ପିମିୟର ଶୋ' ଏବଂ ୧୩ ତାରିଖ ଅପରାହ୍ନ ଓ ୧୭ ତାରିଖ ସନ୍ଧ୍ୟାରେ ଫ୍ରି ସ୍କ୍ରିନିଂ କରାଯିବ ବୋଲି ଶିବେନ୍ଦ୍ର କହିଛନ୍ତି।



ଖବରଦାତା ସମ୍ମିଳନୀରେ ଶିବେନ୍ଦ୍ର ସିଂହ ଡୁଙ୍ଗରପୁର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ- ବିକାଶ ନାୟକ)

# ବର୍ଷବ୍ୟାପୀ ପାଳନ ହେବ ରବି ରାୟ ଜନ୍ମ ଶତବାର୍ଷିକୀ

## ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବ୍ୟାପକ କାର୍ଯ୍ୟକ୍ରମ ହେବ

ଭୁବନେଶ୍ୱର,୧୦।୧୧ (ସୌମ୍ୟରଞ୍ଜନ ରାଉତ)

ଲୋକସଭାର ପୂର୍ବତନ ବାଚସ୍ପତି ଦିବଙ୍ଗତ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ବର୍ଷବ୍ୟାପୀ ପାଳନ ହେବ। ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି ପକ୍ଷରୁ ଆସନ୍ତା ୨୬ ତାରିଖରୁ ୨୦୨୬ ମସିହା ନଭେମ୍ବର ୨୬ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ପ୍ରଫେସର ଆନନ୍ଦ କୁମାରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସମିତି ଓ କ୍ରିଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମିତି ଗଠନ କରାଯାଇଛି। ରବି ରାୟ ନୈତିକ ରାଜନୀତି ଓ ସମାଜବାଦ ଆନ୍ଦୋଳନର ଅଦମ୍ୟ ସିପାହୀ, ଉଚ୍ଚକୋଟୀର ସାଂସଦ, ଦୁର୍ନୀତିମୁକ୍ତ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭା ବାଚସ୍ପତି ଥିଲେ। ଆଦର୍ଶ ଜନନେତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ଜୀବନ୍ତ ଉଦାହରଣ ଭାବେ ସେ ସମଗ୍ର ଦେଶରେ ପରିଚିତ ଥିଲେ। ତାଙ୍କ ଆଦର୍ଶ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପାଥେୟ କରି ନଭେମ୍ବର ୨୫ରେ ଭାରତରେ ଗଣତନ୍ତ୍ରର ଭବିଷ୍ୟତ ବିଷୟରେ ରାଷ୍ଟ୍ରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ୨୬ ତାରିଖରୁ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ରବି ରାୟ ଜନ୍ମ ଶତବାର୍ଷିକ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ହାଇଦ୍ରାବାଦ ମାନବାଧିକାର କର୍ମୀ ପ୍ରଫେସର ଜି ହରଗୋପାଲ୍। ଏହି ଅବସରରେ ଦୁଇଦିନିଆ ରାଷ୍ଟ୍ରୀୟ ଆଲୋଚନାଚକ୍ର ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦିବଙ୍ଗତ ରବିରାୟଙ୍କ ଅବଦାନକୁ ମନେ ପକେଇବା ସହ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଶପଥ ନିଅନ୍ତୁ ବୋଲି ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ସମ୍ପାଦକ ଡ. ବିଶ୍ୱଜିତ୍, ଆବାହକ ପ୍ରଫୁଲ୍ଲ ସାମନ୍ତରା, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରମୋଦ



@ ସୁନନ୍ଦା



@ ଶୁଭମ୍



@ ସିଦ୍ଧାର୍ଥ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାସେ ପରେ ମୁଖ୍ୟ ଅଭିଯୁକ୍ତ ଶିବା ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ପୂର୍ବରୁ ବାପ, ପୁଅ ସମେତ ୪ଜଣ ଗିରଫ ହୋଇଥିଲେ
- ଜିମ୍‌ରେ ହୋଇଥିଲା ଧମକ ଦିଆନିଆ


ଶିବା

ଭୁବନେଶ୍ୱର,୧୦।୧୧(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ପ୍ରାୟ ମାସେ ପରେ ଦାଦାପୁଅ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ସଦାଶିବ ପ୍ରଧାନ ଓରଫ ଶିବାଙ୍କୁ ସୋମବାର ଗିରଫ କରିଛି। ଶିବା ପୋଲିସକୁ ଚକ୍‌ମା ଦେଇ କଟକ, ନିଆଳି, ଅଡ଼ଶପୁର, ବନମାଳିପୁର ଆଦିରେ ଘୂରି ବୁଲୁଥିଲେ। ପୋଲିସ ତାଙ୍କୁ ପିଛା କରି ପଞ୍ଚପାଳ-ବାଲିଅନ୍ତା ରାସ୍ତାରୁ ଧରିଥିଲା। ଅଭିଯୁକ୍ତ ଶିବାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଓ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ତେବେ ଶିବା ବନ୍ଧୁକ କେଉଁଠୁ ଆଣିଲେ, ତାହା ଜାଣିବାକୁ ପ୍ରୟାସ ଚାଲିଥିବା ଏସିପି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ବିବାଦ ଲାଗି ରହୁଥିଲା। ଏପରି କି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲୁ ରହିଛି। ମୃତ୍ୟୁ ପୂର୍ବରୁ ଜେଜେ ମା' ବିଳାସିନୀ ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ଅକ୍ଟୋବର ୧୩ ସକାଳ ୯ଟା ବେଳେ ବାଇକ୍ ଯୋଗେ ଏମ୍ସକୁ ଡ୍ୟୁଟି ଲାଗି ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କ ଉପରକୁ ଶିବା ଗୁଳିମାଡ଼ କରି ହତ୍ୟା କରିଥିଲେ। ସୁଧାଂଶୁଙ୍କ ସାନ ଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ମାମଲା (ନଂ.୭୩୮/୨୦୨୫) ରୁଜୁ କରିଥିଲା। ତେବେ ଶିବା ଓ ସୁଧାଂଶୁ ସ୍ଥାନୀୟ ଅଞ୍ଚଳର ଏକ ଜିମ୍‌କୁ ଯାଉଥିବାବେଳେ ସେଠାରେ ପାରିବାରିକ ବିବାଦକୁ ନେଇ ଧମକ ଦିଆନିଆ ହେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

### ବାଲି ବସ୍ତା ରଖି ଗୁଳିଚାଳନା ଅଭ୍ୟାସ କରୁଥିଲେ

ଅଭିଯୁକ୍ତ ଶିବାଙ୍କ ପାଖରୁ ଏକ ମୋବାଇଲ୍ ଜବତ ହୋଇଥିବାବେଳେ ସେଥିରୁ ଏକ ସାଙ୍ଘାତିକ ଭିଡିଓ ମିଳିଛି, ଯାହା ପୋଲିସକୁ ଚକିତ କରିଦେଇଛି। ଶିବା ୬ ମାସ ପୂର୍ବରୁ ସୁଧାଂଶୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ବନ୍ଧୁକ ଧରି ଗୁଳିଚାଳନା ଅଭ୍ୟାସ କରୁଥିଲେ। ଘରେ ବାଲିବସ୍ତା ଥୋଇ ଲକ୍ଷ୍ୟ ସାଧନା ପାଇଁ ବନ୍ଧୁକ ଚଳାଉଥିଲେ। ଏହାକୁ ବଡ଼ଭାଇ ଛବି ମୋବାଇଲରେ ଶୁଟିଂ କରିଥିଲେ। ତେବେ ଏହି ଭିଡିଓ ଥିବା ମୋବାଇଲକୁ ପୋଲିସ ଶିବାଙ୍କଠାରୁ ଜବତ କରିଛି। ଏହି ଭିଡିଓକୁ ବଳିଷ୍ଠ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନା କରାଯିବ ବୋଲି ଏସିପି ପ୍ରଧାନ କହିଛନ୍ତି।

# ଏଜି ଛକରେ କାର୍ ଚଢ଼ାଇ ସ୍କୁଟି ଚାଳକଙ୍କୁ ମାରିଦେଲେ

**ଅଭିଯୁକ୍ତ ଚାଳକ ଗିରଫ, କାର୍ ଜବତ**


ଅଭିଯୁକ୍ତ ଚାଳକ ଓ ଜବତ କାର୍।

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ ରାଉତ)

ଏଜି ଛକ ନିକଟରେ ସୋମବାର ସକାଳେ ଏକ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ସାଲିଆ ହି ଶ୍ରୀରାମନଗରର ଦିଲୀପ ସାହୁ। କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇଶିଆଣିର ଲାଲ୍ ଦେବାଶିଷ ସହଦେଓ (୬୨)। ଦିଲୀପଙ୍କୁ କାର୍ ଧକ୍କା ଦେବା ପରେ ଦେବାଶିଷ ନ ଅଟକି ତାଙ୍କ ଉପରେ କାର୍ ମଡ଼ାଇ ଫେରାର ହୋଇଯାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍ (ଓଡି୦୨-ଏଏସ୍-୯୬୪୮)କୁ ଜବତ କରିଛି। ଅଭିଯୁକ୍ତ ଦେବାଶିଷଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଦିଲୀପଙ୍କ ପୁଅ ଶୁଭ୍ରାଂଶୁ ଶେଖରଙ୍କ ଏତଲାକ୍ରମେ ପୋଲିସ କ୍ୟାପିଟାଲ ଥାନା ବିଏନ୍ଏସ୍ ଦଫା ୨୮୧, ୧୦୬(୧)ରେ ଏକ ମାମଲା (ନଂ.୭୧୫/୨୦୨୫) ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଦିଲୀପ ସ୍କୁଟି ନେଇ ୟୁନିଟ-୧ ପରିବା ମାର୍କେଟକୁ ଯାଉଥିଲେ। ସେ ରାଜମହଲ୍ ପାର୍ଶ୍ୱରୁ ରାଜପଥ ଦେଇ ଯାଉଥିଲେ। ସେହି ସମୟରେ ଏଜି ଛକରେ ଟ୍ରାଫିକ୍ ଅଟକା ଯାଇଥିଲା। ଦେବାଶିଷ ପଛପାର୍ଶ୍ୱରୁ ଅତି ବିପଜ୍ଜନକ ଭାବେ କାର୍ ଚଲାଇ ଆସି ଦିଲୀପଙ୍କୁ ଧକ୍କା ଦେଇଥିଲେ। ଦିଲୀପ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ଦେବାଶିଷ ତାଙ୍କ ଉପରେ କାର୍ ଚଢ଼ାଇ ଦେଇ ଏଜିଛକର ବାମପାର୍ଶ୍ୱ ଦେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଦିଲୀପଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଘଟଣାସ୍ଥଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୋଲିସ ଘଟଣାସ୍ଥଳ ଆଖପାଖର ସିସିଟିଭି ଫୁଟେଜକୁ ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା କାର୍ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଅଭିଯୁକ୍ତ ଚାଳକ ଦେବାଶିଷଙ୍କୁ ଚକେଇଶିଆଣିସ୍ଥିତ ତାଙ୍କ ଘରୁ କାବୁ କରିଥିଲା।

# ତେଲଙ୍ଗାନାରେ ଓଡ଼ିଆ ଶ୍ରମିକ ମୃତ, ହତ୍ୟା ଅଭିଯୋଗ

ଝାରସୁଗୁଡ଼ା/ବ୍ରଜରାଜନଗର ୧୦।୧୧
(ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)


ସୂରଜ କୁମ୍ଭାର

ତେଲଙ୍ଗାନାର ଏକ ଇଟାଭାଟିରେ କାମ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କର ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ତେଲେନପାଲି ଗ୍ରାମ ସ୍କୁଲପଡ଼ାର ସୂରଜ କୁମ୍ଭାର(୪୫)। ସୋମବାର ପୂର୍ବାହ୍ନରେ ମୃତଦେହ ଆମ୍ବୁଲାନ୍ସରେ ଆସି ସ୍କୁଲପଡ଼ାରେ ପହଞ୍ଚିଛି। ତେଲଙ୍ଗାନାରୁ ଉକ୍ତ ଆମ୍ବୁଲାନ୍ସରେ ସ୍କୁଲପଡ଼ାର ୨ ଜଣ ଶ୍ରମିକ ଆସିଛନ୍ତି। ସୂରଜଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିବା ସହ ମୃତଦେହକୁ ଆମ୍ବୁଲାନ୍ସରୁ ଓହ୍ଲାଇ ଦେଇ ନ ଥିଲେ। ବ୍ରଜରାଜନଗର ପୋଲିସ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଆମ୍ବୁଲାନ୍ସରୁ ନେଇ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ବ୍ରଜରାଜନଗର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ସୂରଜ ୮ ଦିନ ତଳେ ସ୍କୁଲପଡ଼ାର କେତେଜଣ ଯୁବକଙ୍କ ସହିତ ତେଲଙ୍ଗାନା ଯାଇ ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। ଇଟାଭାଟି ମାଲିକ ସୂରଜଙ୍କ ସମେତ ଅନ୍ୟ ଶ୍ରମିକଙ୍କୁ ଗୋଟିଏ ରୁମ୍‌ରେ ରଖିଥିଲେ। ଏଥିସହ ରବିବାର ସୂରଜ ଓ ତାଙ୍କ ସାଙ୍ଗମାନଙ୍କୁ ଶୀତ ପାଇଁ କମ୍ବଳ କିଣିବାକୁ ୧୫୦୦ ଟଙ୍କା ଲେଖାଏ ଦେଇଥିଲେ। ଏହି ଟଙ୍କାରେ ସୂରଜ ମଦ କିଣି ପିଇବା ପରେ ରୁମ୍‌ରେ ଶୋଇପଡିଥିଲେ। ଅପରପକ୍ଷେ ଅନ୍ୟ ଶ୍ରମିକମାନେ ଇଟା ତିଆରି କରିବା ପାଇଁ ଭାଟିକୁ ଯାଇଥିଲେ। ସେଠାରେ ମାଲିକ ପଚାରିବାରୁ ସୂରଜ ରୁମ୍‌ରେ ଶୋଇଥିବା ଅନ୍ୟ ଶ୍ରମିକ କହିଥିଲେ। ଫଳରେ ମାଲିକ ରୁମ୍‌ରେ ପହଞ୍ଚି ସୂରଜଙ୍କୁ ଡାକିଥିଲେ ମଧ୍ୟ ସେ ଉଠି ନ ଥିଲେ। ସେ ମରିଯାଇଥିବା ଜାଣିପାରି ଅନ୍ୟ ଶ୍ରମିକଙ୍କୁ ଡାକିଥିଲେ। ପରେ ଏକ ଆମ୍ବୁଲାନ୍ସ ଡାକି ମୃତଦେହ ରଖି ତାଙ୍କ ଗ୍ରାମକୁ ପଠାଇଥିଲେ। ଏଥିସହ ଆମ୍ବୁଲାନ୍ସରେ ୨ ଜଣ ଶ୍ରମିକଙ୍କୁ ପଠାଇଥିଲେ। ଏହି ଘଟଣା ସମ୍ପର୍କରେ ଶ୍ରମିକଦ୍ୱୟ ପୋଲିସକୁ ଜଣାଇଥିଲେ। ପରେ ବ୍ରଜରାଜନଗର ପୋଲିସ ଘଟଣା ସମ୍ପର୍କରେ ଫୋନ୍‌ରେ ଇଟାଭାଟି ମାଲିକଙ୍କୁ ପଚାରିବାରୁ ସେ ସମାନ କଥା କହିଥିଲେ। ହେଲେ ମୃତକଙ୍କ ପରିବାର ସଦସ୍ୟ ହତ୍ୟା ଅଭିଯୋଗ କରିଥିବାରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଯାଇଛି। ଅପରପକ୍ଷେ ତେଲଙ୍ଗାନାରୁ ଆସିଥିବା ଆମ୍ବୁଲାନ୍ସକୁ ବ୍ରଜରାଜନଗର ଥାନାରେ ରଖାଯାଇଛି।

## ଘରେ ପଶି ବୃଦ୍ଧାଙ୍କ ତଣ୍ଟିଚିପି ହତ୍ୟା

ଝାରସୁଗୁଡ଼ା/ଲଖନପୁର, ୧୦।୧୧
(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ଅତାବିରା ଗ୍ରାମର ସାହୁପଡ଼ାରେ ସୋମବାର ଅପରାହ୍ନରେ ତଣ୍ଟିଚିପି ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି। ମୃତା ହେଲେ ଲୋପାମୁଦ୍ରା ସାହୁ। ଖବରପାଇ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ରେଙ୍ଗାଲି ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଲୋପାମୁଦ୍ରାଙ୍କ ପରିବାର ସଦସ୍ୟ କୌଣସି କାମରେ ବାହାରକୁ ଯାଇଥିଲେ। ଲୋପାମୁଦ୍ରା ଘରେ ଏକୁଟିଆ ଥିଲେ। ଏହି ସୁଯୋଗରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ତାଙ୍କୁ ହତ୍ୟା କରିବା ପରେ ସୁନାଚେନ୍ ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଏନେଇ ଏସ୍‌ପି କହିଛନ୍ତି, ବୃଦ୍ଧାଙ୍କ ବେକରେ ଚିହ୍ନ ରହିଛି। କେହି ଦୁର୍ବୃତ୍ତ ବୃଦ୍ଧାଙ୍କ ତଣ୍ଟିଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ଲାଏ ଡିଟେକ୍ସନ ଟେଷ୍ଟ ଆବେଦନର ଶୁଣାଣି ହୋଇନି

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ବ୍ରହ୍ମପୁର,୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍‌ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ହୋଇଥିବା ଆବେଦନର ଶୁଣାଣି ସୋମବାର ହୋଇପାରି ନାହିଁ। ତଦନ୍ତକାରୀ ଅଧିକାରୀ କୌଣସି କାରଣବଶତଃ କୋର୍ଟରେ ହାଜର ହୋଇ ନ ଥିବାରୁ ଶୁଣାଣି ହୋଇପାରିନି ବୋଲି ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। କୋର୍ଟଙ୍କ ଅନୁମତି ପରେ ଅଭିଯୁକ୍ତଦ୍ୱୟଙ୍କ ଭୁବନେଶ୍ୱର ଷ୍ଟେଟ ଫରେନ୍‌ସିକ୍ ଲାବ୍‌ରେ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି।

ସିଲିକନ ଟେକ୍‌ର ମୁଖ୍ୟ ସୁରେଶ ଓ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ଶଙ୍କରଙ୍କୁ ମୁହାଁମୁହିଁ ଜେରା କରିବା ପରେ କ୍ରାଇମବ୍ରାଞ୍ଚ ଉଭୟଙ୍କୁ ଗୋଟିଏ ଦିନରେ ଅର୍ଥାତ୍ ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲା। ପରେ ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦ ଦାସଙ୍କୁ ରିମାଣ୍ଡରେ ନେଇ ଜେରା କରିବା ପରେ ଗତ ୮ତାରିଖରେ କୋର୍ଟ ହାଜର କରିଥିଲା। ଶଙ୍କରଙ୍କୁ ଜେରା ବେଳେ ଅନେକ ତଥ୍ୟ ମିଳିଥିବା ସୂଚନା ମିଳିଛି। ତେବେ ଶଙ୍କର ସତ କହିଥିଲେ ନା ନାହିଁ, ତାହା ଏବେ ସନ୍ଦେହ ଘେରରେ। ସେପଟେ ସୁରେଶ ଓ ଶଙ୍କରଙ୍କ ଭିତରେ କ'ଣ ଡିଲ୍ ହୋଇଥିଲା ତାହା ଜଣାପଡ଼ିନାହିଁ। ଏହି ୨ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହେଲେ ସତ ଜଣାପଡିବ ବୋଲି ଆଶା କରାଯାଉଛି। ଅନେକ ଆପରାଧିକ ମାମଲା ସହ ପୂର୍ବରୁ ମଧ୍ୟ ନିଯୁକ୍ତି ଠକେଇ ଏବଂ ଜାଲ ସାର୍ଟିଫିକେଟ ନେଇ ହୋଇଥିବା ମାମଲାରେ ଶଙ୍କର ସମ୍ପୃକ୍ତ ରହିଛନ୍ତି। ସାଧାରଣ ପରିବାରରୁ ଆସିଥିବା ଶଙ୍କରଙ୍କ ପାଖରେ ଏବେ ଅଚଳାଚଳ ସମ୍ପତ୍ତି ରହିଛି। ଉକ୍ତ ସମ୍ପତ୍ତି କେଉଁ ଉପାୟରେ ଆସିଛି ଏବଂ ଶଙ୍କର ଚଳାଉଥିବା ର୍ୟାକେଟକୁ କିଏ ପ୍ରୋତ୍ସାହନ ଦେଉଛନ୍ତି କ୍ରାଇମବ୍ରାଞ୍ଚ ତାହାର ତଦନ୍ତ ଜାରି ରଖିଛି । ଶଙ୍କର ଗିରଫ ହେବା ପରେ ପୋଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ପଛରେ ହଜାରେ କୋଟିର ଡିଲ୍ ହୋଇଥିବା ଗଣମାଧ୍ୟମ ଆଗରେ କହିଥିଲେ। ସେହି ହଜାରେ କୋଟି ସମ୍ପର୍କରେ କ୍ରାଇମବ୍ରାଞ୍ଚ ବିଭିନ୍ନ ପ୍ରଶ୍ନ କରିଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ଜଣାପଡିଛି। ହଜାରେ କୋଟି ଡିଲ୍‌ର ସତ ଜାଣିବା ପାଇଁ ତାଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯାଉଥିବା ଆଲୋଚନା ହେଉଛି।

**ରାଜ୍ୟ ଖବର**

## ତୀର୍ଥଯାତ୍ରାରେ ଯାଇଥିବା ଯାତ୍ରୀ ନିଖୋଜ

କେନ୍ଦୁଝର,୧୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ବିମଳା ପଞ୍ଚାୟତ ଟାଙ୍ଗିରି ଗ୍ରାମରୁ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥ କରିବାକୁ ଯାଇଥିବା ଜଣେ ଯାତ୍ରୀ ସାରନାଥଠାରେ ନିଖୋଜ ହେବା ଚର୍ଚ୍ଚାର ବିଷୟ ହୋଇଛି। ନିଖୋଜଙ୍କ ନାମ ଜଗନ୍ନାଥ ନାୟକ। ସେ ତାଙ୍କ ପତ୍ନୀଙ୍କ ସହିତ କେନ୍ଦୁଝରରୁ ଗତ ୬ ତାରିଖ ଦିନ ଏକ ସ୍ୱତନ୍ତ୍ର ବସ୍ ଯୋଗେ ବାଲେଶ୍ୱର ଓ ସେଠାରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଅଭିମୁଖେ ବାହାରିଥିଲେ। ସାରନାଥଠାରେ ରବିବାର ରାତିରେ ରହିଥିବା ବେଳେ ସେଠାରୁ ନିଖୋଜ ହୋଇଥିବା ନେଇ ସୂଚନା ମିଳିଛି। ସେ ତାଙ୍କ ସ୍ତ୍ରୀଙ୍କୁ ୨ ଶହ ଟଙ୍କା ମାଗି ରହୁଥିବା ସ୍ଥାନରୁ ବାହାରକୁ ଯାଇ ଫେରି ନ ଥିଲେ। ତେବେ ନିଖୋଜଙ୍କୁ ଛାଡି ଅନ୍ୟ ଯାତ୍ରୀଙ୍କୁ ଧରି ସ୍ପେଶାଲ ଟ୍ରେନ୍ ସୋମବାର ଅଯୋଧ୍ୟାକୁ ଯାଇଥିଲା। ଏ ନେଇ ଜିଲା ସଂସ୍କୃତି ଅଧିକାରୀ ରମେଶ କୁମାର ନାୟକ କହିଛନ୍ତି, ତାଙ୍କୁ ଖୋଜିବା ପାଇଁ ସେଠାରେ ୨ ଜଣ କର୍ମଚାରୀ ରହିଛନ୍ତି। ଜିଲାରୁ ସମୁଦାୟ ୧୪୦ ଜଣ ବରିଷ୍ଠ ନାଗରିକ ଯାଇଥିବା ବେଳେ ୫ଟି ଜିଲାର ମୋଟ ୭୭୫ ଜଣ ସ୍ୱତନ୍ତ୍ର ଟ୍ରେନ୍‌ରେ ଭ୍ରମଣରେ ଯାଇଛନ୍ତି।

# କେଉଁ ଦିନ କେଉଁ ବିଭାଗର ଆଲୋଚନା

**ଶୀତ ଅଧିବେଶନ**



ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

ବିଧାନସଭାର ଶୀତ ଅଧିବେଶନ ୨୭ ନଭେମ୍ବରରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ହେବାକୁ ରହିଥିବାବେଳେ କେଉଁ ଦିନ କେଉଁ ବିଭାଗର ଆଲୋଚନା ହେବ ସେନେଇ ବିଧାନସଭା ପକ୍ଷରୁ ବିବରଣୀ ଜାରି ହୋଇଛି। ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ପକ୍ଷରୁ ଜାରି ବିବରଣୀ ଅନୁଯାୟୀ, ଡିସେମ୍ବର ମାସର ସବୁ ସୋମବାର ଯଥାକ୍ରମେ ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସଂସଦୀୟ ବ୍ୟାପାର ବିଭାଗର ଆଲୋଚନା ହେବାକୁ ରହିଛି। ସେହିପରି ମଙ୍ଗଳବାର ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗ୍ରାମ୍ୟ ଉନ୍ନୟନ, ସରକାରୀ ଉଦ୍ୟୋଗ, ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟବୀମା, ବୁଧବାରରେ ଯଥାକ୍ରମେ କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ସମବାୟ, ଶକ୍ତି, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ, ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଆଲୋଚନା ରହିଛି। ଅନୁରୂପ ଭାବେ ଗୁରୁବାରଗୁଡ଼ିକରେ ଜଳସମ୍ପଦ, ରାଜସ୍ୱ ଓ ବିପର୍ଯ୍ୟୟ, ଇସ୍ପାତ ଓ ଖଣି, ଯୋଜନା ଓ ସଂଯୋଜନା, ବାଣିଜ୍ୟ, ସୂଚନା ଓ ଲୋକସମ୍ପର୍କ, ପରିବହନ ବିଭାଗର ରହିଥିବାବେଳେ ଶୁକ୍ରବାରଗୁଡ଼ିକରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଶିଳ୍ପ, ଅନୁସୂଚିତ ଜାତି ଓ ଜନଜାତି, କ୍ରୀଡ଼ା ଓ ଯୁବକଲ୍ୟାଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଆଲୋଚନା ରହିଥିବାବେଳେ ସବୁ ଶନିବାର ଯଥାକ୍ରମେ ମହିଳା ଓ ଶିଶୁ କଲ୍ୟାଣ, ନିର୍ମାଣ, ପର୍ଯ୍ୟଟନ, ଅବକାରୀ, ମିଶନଶକ୍ତି ଓ ଆଇନ ବିଭାଗର ରହିଛି। ଏଥିପାଇଁ ବିଧାୟକମାନଙ୍କଠାରୁ ପ୍ରଶ୍ନ ଗ୍ରହଣର ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। କେଉଁ ତାରିଖ ସୁଦ୍ଧା ବିଧାୟକମାନେ ପ୍ରଶ୍ନ ଦେଇପାରିବେ ଏବଂ ଉତ୍ତର ପାଇବେ ସେନେଇ ବିଧାନସଭା ପକ୍ଷରୁ ଅବଗତ କରାଯାଇଛି। ନଭେମ୍ବର ୧୨ରୁ ପ୍ରଶ୍ନ ଗ୍ରହଣର ତାରିଖ ଆରମ୍ଭ ହେଉଥିବାବେଳେ ଡିସେମ୍ବର ୧୬ ଶେଷ ତାରିଖ ବିଭିନ୍ନ ବିଭାଗର ଉତ୍ତର ପାଇଁ ରଖାଯାଇଛି।

# ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ପି

**ଥାନାରେ ନାବାଳକଙ୍କୁ ମାଡ଼ ଅଭିଯୋଗ ଘଟଣା**

**ଅତିରିକ୍ତ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

ଭଦ୍ରକ/ତିହିଡ଼ି,୧୦।୧୧
(ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ପୀରହାଟ ଥାନାରେ ଏକ ମୋବାଇଲ ଚୋରି ମାମଲାରେ ଜଣେ ନାବାଳକଙ୍କୁ ପୋଲିସର ମାଡ଼ ମାରିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଏହିଘଟଣାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ଅସ୍ୱୀକାର କରିଛନ୍ତି। ନାବାଳକ ଏବଂ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ନାବାଳକଙ୍କୁ ଯେମିତି ପଚାରିବା କଥା ପୋଲିସ ସେମିତି ପଚରାଉଚରା କରିଥିଲା। କିନ୍ତୁ କେତେଜଣ ଲୋକଙ୍କ ପ୍ରରୋଚନାରେ ପଡ଼ି ପୋଲିସ ମାଡ଼ ମାରିଥିବା ନେଇ ମିଥ୍ୟା ଅଭିଯୋଗ ହୋଇଛି। ଯଦି ଏଥିରେ ସତ୍ୟତା ଥିବ, ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ରାତିରେ ଏସ୍‌ପି କହିଛନ୍ତି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପ୍ରକାଶ ଯେ, ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଏକ ମୋବାଇଲ ଚୋରି ଘଟଣାକୁ ନେଇ ଶରତ ମାଝୀଙ୍କ ପରିବାର ସହ ଅନ୍ୟ ଏକ ପରିବାରର ବିବାଦ ଉପୁଜିଥିଲା। ଅପରପକ୍ଷର ଜଣେ ମହିଳା ଗତ ମାସ ୨୭ ତାରିଖରେ ଶରତଙ୍କ ନାବାଳକ ପୁଅ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୋଲିସ ଜଣାଇଥିଲା। ଶରତ, ତାଙ୍କ ନାବାଳକ ପୁଅ ଏବଂ ଅପରପକ୍ଷ ଥାନାରେ ପହଞ୍ଚିଥିଲେ। ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ମୋବାଇଲ ଚୋରି କରି ନ ଥିବା ନାବାଳକ ଜଣକ କହିବା ପରେ ଥାନାର ଜଣେ ଏସ୍‌ଆଇ ତାଙ୍କୁ ବାହାରକୁ ଟାଣି ନେଇ ଥାନା ବାହାରେ ଏକ ଅନ୍ଧାରୁଆ ସ୍ଥାନରେ ମାଡ଼ ମାରିଥିଲେ ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ରାତି ୧୦ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିବା ପରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ସମେତ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନାର ସିସିଟିଭି ଫୁଟେଜ ଆଧାରରେ ପୋଲିସର ମାଡ଼ ଘଟଣାର ସତ୍ୟାସତ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଥିଲେ।

# ରାଜ୍ୟରେ ଅଛନ୍ତି ୮୦ ମାଓବାଦୀ

**୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶାକୁ ମାଓବାଦୀମୁକ୍ତ କରିବାକୁ କସରତ**

- ୧୦ ମାସରେ ୧୯ ଏନ୍‌କାଉଣ୍ଟର, ୭ ଗିରଫ, ୧୧ଜଣଙ୍କ ଆତ୍ମସମର୍ପଣ
- କେକେବିଏନ୍ ମାଓ ଡିଭିଜନକୁ ଅଧିକ ଫୋକସ୍

ଭୁବନେଶ୍ୱର,୧୦।୧୧(ସତ୍ୟଜିତ ରାଉତ)

ଦେଶର କେତେକ ରାଜ୍ୟରେ ମାଓବାଦୀଙ୍କ ହିଂସାକାଣ୍ଡ ଚିନ୍ତାର କାରଣ ପାଲଟିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ସୁଦ୍ଧା ସବୁ ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ଟାର୍ଗେଟ୍ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜୋରଦାର କୋମ୍ବିଂ ଅପରେଶନ କରାଯାଇ ବହୁ ସଂଖ୍ୟାରେ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଉଛି। ଏପରିକି କିଛି ମାସ ତଳେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ଗଣସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାକୁ ଧାର୍ଯ୍ୟ ତାରିଖ ସୁଦ୍ଧା ମାଓବାଦୀମୁକ୍ତ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି। ଓଡ଼ିଶାରେ ଏବେ ମୋଟ କେତେ ମାଓବାଦୀ ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟାରେ ଅଣଓଡ଼ିଆ ଏବଂ ମାଓବାଦୀମାନେ ବିଶେଷକରି କେଉଁ ଡିଭିଜନରେ ଅଧିକ ଚଳପ୍ରଚଳ କରୁଛନ୍ତି, ପୋଲିସ ଏହାର ବିବରଣୀ ପ୍ରସ୍ତୁତ କରି ସବୁ ମାଓବାଦୀ ଡିଭିଜନ୍‌କୁ ମୂଳପୋଛ କରିବାକୁ ଅଭିଯାନ ଆରମ୍ଭ କରିଛି।

ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ୯ ଜିଲା ମାଓବାଦୀ ପ୍ରଭାବିତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଉକ୍ତ ଜିଲାଗୁଡ଼ିକ ହେଲା କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ବୌଦ୍ଧ। ଛତିଶଗଡ଼ ସୀମାକୁ ଲାଗି ଥିବା ଜିଲାଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯାଉଛି। ତେବେ ୪ ମାଓବାଦୀ ଡିଭିଜନ୍ ଓଡ଼ିଶା ମଧ୍ୟରେ ଆସୁଥିବାବେଳେ ସେଗୁଡ଼ିକ ହେଲା ଡିଜିଏନ (ଧମତ୍ରୀ-ଗରିଆବନ୍ଦ-ନୂଆପଡ଼ା), କେକେବିଏନ୍ (କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼), ବିଜିଏନ (ବଂଶଧାରା-ଘୁମୁସର-ନାଗାବଳୀ) ଓ ବିବିଏମ (ବଲାଙ୍ଗୀର-ବରଗଡ଼-ମହାସମନ୍ଦ)। ଏଗୁଡ଼ିକ ମଧ୍ୟରୁ ଧମତ୍ରୀ, ଗରିଆବନ୍ଦ ଓ ମହାସମନ୍ଦ ଛତିଶଗଡ଼ରେ ଆସୁଛି। ତଥ୍ୟ ଅନୁଯାୟୀ, ଏବେ ଓଡ଼ିଶାରେ ମୋଟ ୮୦ ମାଓବାଦୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୪ଜଣ ଓଡ଼ିଶାର। ୨୦୨୫ ଜାନୁଆରୀରୁ ଏଯାଏ ରାଜ୍ୟରେ ୧୯ ଜଣ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ଓଡ଼ିଶା ପୋଲିସ ଏବଂ ରାଜ୍ୟର ସୀମାନ୍ତରେ ଛତିଶଗଡ଼-ଓଡ଼ିଶା ପୋଲିସ ମିଳିତ ଅପରେଶନରେ ଏସବୁ ମାଓବାଦୀଙ୍କୁ ନିହତ କରାଯାଇଛି। ୭ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୧ଜଣ ମାଓବାଦୀ ବନ୍ଧୁକ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରେ ଥିବା ମାଓବାଦୀଙ୍କ ପାଇଁ ସୁନ୍ଦରଗଡ଼ ଜିଲାରେ ବିପଦ ଘନେଇଛି। କିଛିମାସ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଓଡ଼ିଶା ସୀମାରେ ପଶି ସୁନ୍ଦରଗଡରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିନେଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରଣ୍ଡା ଜଙ୍ଗଲକୁ ଲାଗି ଓଡ଼ିଶା ସୀମା ସୁନ୍ଦରଗଡ଼ ଜିଲାରେ ୩ଟି ସିଆର୍‌ପିଏଫ୍(ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ) କ୍ୟାମ୍ପ ସ୍ଥାପନା କରାଯାଇଛି। ଗତମାସରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ସ୍ପେଶାଲ ଜୋନାଲ କମିଟିର ୫ ଜଣ, ୨ଜଣ ମିଲିଟାରି ପ୍ଲାଟୁନ୍ କମାଣ୍ଡର ଏବଂ ୨ଜଣ ଡିଭିଜନାଲ କମିଟି ସଦସ୍ୟଙ୍କ ସୂଚନା ଦେବା ପାଇଁ ପୁରସ୍କାର ରାଶି ଘୋଷଣା ସହ ପୋଷ୍ଟର ଜାରି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଓଡ଼ିଶାର। ତେବେ ଆଗାମୀ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେଉଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ଆଣ୍ଟି ନକ୍ସଲ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ରାଜ୍ୟର କନ୍ଧମାଳ ଓ ଏହାର ପଡ଼ୋଶୀ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ବିଏସ୍‌ଏଫ୍ (ସୀମା ସୁରକ୍ଷା ବଳ) ଓ ସିଆର୍‌ପିଏଫ୍ ସହଯୋଗରେ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଉଛି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ୍ ନମ୍ବର (୯୪୩୭୬୪୩୮୩୯) ମଧ୍ୟ ଜାରି କରାଯାଇଛି। ତେବେ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଏଡିଜି ପଣ୍ଡା କହିଛନ୍ତି।

# ଅପ୍‌ଡେଟ୍ ହେଉନି ରିକ୍ରୁ୍ୟଟ୍‌ମେଣ୍ଟ ପୋର୍ଟାଲ

**ଖାଲି ପଦବୀର ସଦ୍ୟତମ ସ୍ଥିତି ଲୋଡ଼ିଲେ ସରକାର**

ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

ବିଭାଗୀୟ ଅଧିକାରୀମାନେ ରିକ୍ରୁ୍ୟଟ୍‌ମେଣ୍ଟ ପୋର୍ଟାଲ ଅପ୍‌ଡେଟ୍ କରୁ ନାହାନ୍ତି। ଫଳରେ କେଉଁ ବିଭାଗରେ କେତେ ଖାଲି ପଦବୀ ରହିଲା ଏବଂ କେତେ ପଦବୀକୁ ମଞ୍ଜୁର ସରକାର ଦେବେ ସେନେଇ ସମସ୍ୟାରେ ପଡୁଛନ୍ତି। ଏଭଳି ବ୍ୟତିକ୍ରମକୁ ନେଇ ସାଧାରଣ ପ୍ରଶାସନ ବିଭାଗ ଅସନ୍ତୋଷ ବ୍ୟକ୍ତ କରିଛି। ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ପଦବୀର ସଦ୍ୟତମ ସ୍ଥିତି ଜଣାଇବାକୁ ସବୁ ବିଭାଗକୁ ନିର୍ଦ୍ଦେଶନାମା ଜାରି ହୋଇଛି। ନଭେମ୍ବର ୬ରେ ସାଧାରଣ ପ୍ରଶାସନ ବିଭାଗ ଅନୁସଚିବ ଜୟସିଂହ କିଷାନ ସରକାରଙ୍କ ନିର୍ଦ୍ଦେଶକ୍ରମେ ସବୁ ବିଭାଗର କ୍ଷେତ୍ରୀୟ(ନୋଡାଲ) ଅଧିକାରୀଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ରିକ୍ରୁ୍ୟଟ୍‌ମେଣ୍ଟ ୱେବ୍ ପୋର୍ଟାଲ ନିୟମିତ ଭାବେ ଅପ୍‌ଡେଟ୍ ହେଉନାହିଁ। ତେଣୁ ବିଭାଗର ଖାଲି ପଦର ସ୍ଥିତାବସ୍ଥା ଜାଣି ହେଉନାହିଁ। ଶେଷଥର ପାଇଁ ବିଭାଗ ପକ୍ଷରୁ କେତେ ଖାଲି ପଦ ପୂରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ କେତେ ପଦକୁ ମଞ୍ଜୁର ମିଳିଥିଲା ତା'ର ସଦ୍ୟତମ ତଥ୍ୟ ଦେବାକୁ ସେ ୪୧ଟି ବିଭାଗର ନୋଡାଲ ଅଧିକାରୀଙ୍କୁ ପତ୍ରରେ ଦର୍ଶାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରିଷ୍ଣୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅପଗ୍ରେଡ୍ ହେବ ସମ୍ବଲପୁର ଡିଭିଜନରେ ବିଦ୍ୟୁତୀକରଣ ପ୍ରଣାଳୀ

**ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)**



ପୂର୍ବତଟ ରେଳପଥ ଏହାର ଟ୍ରାକ୍ସନ ପାୱାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି, ଯାହାଦ୍ୱାରା ସିଙ୍ଗାପୁର ରୋଡ-ଟିଟିଲାଗଡ଼ ସେକ୍ସନରେ ବିଦ୍ୟମାନ ୧X୨୫ କେଭି ଓଭରହେଡ ବିଦ୍ୟୁତୀକରଣ (ଓଏଚ୍ଇ) ସିଷ୍ଟମକୁ ଉନ୍ନତ ୨X୨୫ କେଭି ସିଷ୍ଟମରେ ଅପଗ୍ରେଡେଶନ କରାଯିବ, ଯେଉଁଥିରେ ସମ୍ବଲପୁର ଡିଭିଜନର ଟିଟିଲାଗଡ଼-ବଡ଼ମାଲ ଏବଂ ଟିଟିଲାଗଡ଼-ମୁରିବାହାଲ ଟ୍ରିପଲ ଲାଇନ ସେକ୍ସନ ରହିଛି । ଏହି ପ୍ରକଳ୍ପ ୧୫୩ ରୁଟ୍ କିଲୋମିଟର ଏବଂ ୫୭୫ ଟ୍ରାକ କିଲୋମିଟରକୁ ଅନ୍ତର୍ଭୁକ୍ତ କରି ୪୬୫.୪୭ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ପ୍ରସ୍ତାବିତ ହୋଇଛି। ଏହି କାର୍ଯ୍ୟ ଭାରତୀୟ ରେଳପଥରେ ବୈଦ୍ୟୁତିକ ଟ୍ରାକ୍ସନ ସିଷ୍ଟମକୁ ଉନ୍ନତ କରିବା ପାଇଁ ଏହା ରେଲୱେ ବୋର୍ଡ ପଦକ୍ଷେପର ଏକ ପ୍ରମୁଖ ଅଂଶ, ଯାହା ପାଇଁ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତୀକରଣ ହୋଇଥିବା ରୁଟ୍‌ର କ୍ଷମତା ବୃଦ୍ଧି କରିବା ପାଇଁ ଦେଶବ୍ୟାପୀ ପ୍ରାୟ ୧୨,୦୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି। ୨X୨୫ କେଭି ଟ୍ରାକ୍ସନ ସିଷ୍ଟମ ଏକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବିଦ୍ୟୁତୀକରଣ ବିନ୍ୟାସ, ଯାହା ୫୦କେଭିରେ ଶକ୍ତି ପରିବହନ କରେ ଏବଂ ନିୟମିତ ବ୍ୟବଧାନରେ ସ୍ଥାପିତ ଅଟୋଟ୍ରାନ୍ସଫର୍ମର ମାଧ୍ୟମରେ ଟ୍ରେନଗୁଡ଼ିକୁ ୨୫କେଭି ପ୍ରଦାନ କରେ। ଏହା ସ୍ଥିର ଭୋଲଟେଜ ସୁନିଶ୍ଚିତ କରିବା ସହିତ ବିଦ୍ୟୁତ କ୍ଷତିକୁ କମ୍ କରେ ଏବଂ ବୈଦ୍ୟୁତିକ ଲୋକୋମୋଟିଭର ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ କରେ। ଅପଗ୍ରେଡ ସିଷ୍ଟମ ସେମି-ହାଇ-ସ୍ପିଡ ଯାତ୍ରୀବାହୀ ଟ୍ରେନ ଏବଂ ଅତ୍ୟଧିକ ଲୋଡ ହୋଇଥିବା ମାଲବାହୀ ଟ୍ରେନଗୁଡ଼ିକର ନିର୍ବିଘ୍ନ କାର୍ଯ୍ୟକୁ ସକ୍ଷମ କରିବ, ନିର୍ଭରଯୋଗ୍ୟତା, ଉନ୍ନତ ପରିବହନ କ୍ଷମତା ଏବଂ ହ୍ରାସିତ ରକ୍ଷଣାବେକ୍ଷଣ ଆବଶ୍ୟକତା ସୁନିଶ୍ଚିତ କରିବ। ସିଙ୍ଗାପୁର ରୋଡ-ଟିଟିଲାଗଡ଼ କରିଡର ପୂର୍ବତଟ ରେଳପଥ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ମାର୍ଗ, ଯାହା ଖଣିଜ ପଦାର୍ଥ, କୋଇଲା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ସହଜ କରିଥାଏ। ୨X-୨୫କେଭି ସିଷ୍ଟମ ଗ୍ରହଣ କରିବା ଦ୍ୱାରା ସେକ୍ସନର ପରିବହନ ଶକ୍ତି ବୃଦ୍ଧି ହେବ, ଭୋଲଟେଜ ନିୟନ୍ତ୍ରଣରେ ଉନ୍ନତି ଆସିବ ଏବଂ ଯାତ୍ରୀ ଏବଂ ମାଲ୍ ପରିବହନ କାର୍ଯ୍ୟରେ ଭବିଷ୍ୟତର ଅଭିବୃଦ୍ଧିକୁ ସମଯୋଚିତ କରାଯିବ।

# ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ତ୍ରୈମାସିକ ଆର୍ଥିକ ଫଳାଫଳ

**ଭୁବନେଶ୍ୱର,୧୦।୧୧**

ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ ପକ୍ଷରୁ ୨ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୮୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ୧୯.୪%ର ଏକ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି। ଏହି ତ୍ରୈମାସିକ ପାଇଁ ଇବିଆଇଟିଡିଏ ୮୯.୩ କୋଟି ଟଙ୍କା ରହିଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୧୭.୪% ଅଧିକ ରହିଛି। ୨ୟ ତ୍ରୈମାସିକରେ ବ୍ୟାଙ୍କର ଲାଭ ୧୧.୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ଅବଧିରେ ବ୍ୟାଙ୍କର ଆନୁଆଲାଇଜ୍ଡ ଗ୍ରସ୍ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ(ଜିଏମଭି) ୪୫୬୦ ବିଲିୟନ ଟଙ୍କାରେ ପହଞ୍ଚିଛି। ଏସମ୍ପର୍କରେ ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି ଯେ, ଆମର ନିରନ୍ତର ଅଭିବୃଦ୍ଧି ଆମର ଡିଜିଟାଲ-ପ୍ରଥମ ମଡେଲର ଶକ୍ତି ଏବଂ ଆମ ଉପରେ ଗ୍ରାହକମାନେ ଦେଖାଇଥିବା ଗଭୀର ବିଶ୍ୱାସକୁ ପ୍ରତିଫଳନ କରୁଛି।

# ଖିମ୍‌ଜୀ ଗ୍ରୁପର ୨୪ ଜଣ କଲେ ରକ୍ତଦାନ

**ଭୁବନେଶ୍ୱର,୧୦।୧୧ (ଅନୁରାଧା ମହାରଣା)**




ଖିମଜୀ ଗ୍ରୁପ ଓ ଭାରତୀୟ ରେଡକ୍ରସ ସୋସାଇଟି (ଆଇଆରସିଏସ) ର ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏନ୍‌ଏସ୍‌ଆଇସି ସୌଧରେ ଥିବା ଖିମଜୀ ଗ୍ରୁପ କର୍ପୋରେଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖିମଜୀ ଗ୍ରୁପର ୨୪ଜଣ କର୍ମଚାରୀଙ୍କ ସହିତ ଏନ୍‌ଏସ୍‌ଆଇସି ପରିସରରୁ ୧୦ଜଣ ରକ୍ତଦାନ କରିଥିଲେ। ଏହି ଶିବିରକୁ ଖିମ୍‌ଜୀ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ମିତେଶ ଖିମ୍‌ଜୀ ଏବଂ ଆଇଆର୍‌ଏସ୍ ମେଡିକାଲ ଅଫିସର ଡା. ରଘୁନାଥ ବେହେରା, ରେଡକ୍ରସ୍ ପ୍ରତିନିଧି ଗୁଲ୍‌ଶନ କୁମାର ଦାଶ, ଓଡ଼ିଶା ରକ୍ତ ସଞ୍ଚାର ମହାସଂଘ ସଂଯୋଜକ ପ୍ରମୁଖ ଏହି ଶିବିର ଉଦଘାଟନ କରିଥିଲେ। ଏହି ଅବସରରେ ମିତେଶ ଖିମଜୀ କହିଥିଲେ, 'ରକ୍ତ ହେଉଛି ଲାଲ୍ ସୁନା ଏବଂ ଏହାର ମୂଲ୍ୟ ଜରୁରୀ ପରିସ୍ଥିତିରେ କେତେ ମୂଲ୍ୟବାନ ତାହା ଜଣାପଡିଥାଏ। ପ୍ରତ୍ୟେକ ରକ୍ତ ବୁନ୍ଦା ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ। ଜଣେ ବ୍ୟକ୍ତି ସମାଜ ପ୍ରତି ନିଜର ଅନ୍ୟତମ ଉଲ୍ଲେଖନୀୟ ଅବଦାନ ଭାବରେ ରକ୍ତଦାନ କରିପାରିବେ। ଖିମ୍‌ଜୀରେ ଆମେ ବିଶ୍ୱାସ ରଖୁଛୁ ଯେ, ପ୍ରତ୍ୟେକ ୟୁନିଟ୍ ରକ୍ତର ତିନିଟି ମୂଲ୍ୟବାନ ଜୀବନ ବଞ୍ଚାଇବାର ଶକ୍ତି ରହିଛି। ଏହି ପ୍ରୟାସ ଅନୁକମ୍ପା, ଯତ୍ନ ଏବଂ ପିଢି ପରେ ପିଢି ଆମ ଉପରେ ବିଶ୍ୱାସ ରଖିଆସୁଥିବା ସମାଜ ପ୍ରତି ପ୍ରତିଦାନ ରଖିବା ନିମନ୍ତେ ଆମର ଦୀର୍ଘସ୍ଥାୟୀ ମୂଲ୍ୟବୋଧର ଏକ ବାସ୍ତବ ପ୍ରତିଫଳନ ହୋଇଛି।




ଧ-୭୬୮୭୩


# ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସମ୍ପର୍କ




**ଭୁବନେଶ୍ୱର,୧୦।୧୧**

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ କମ୍ପାନୀ ବଞ୍ଜାରୀ, କୁଡାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଘରେ ଉତ୍ପାଦିତ ଜୈବିକ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ପ୍ରଦାନ କରାଯାଇଛି। ମହିଳା ଏବଂ ଅଙ୍ଗନୱାଡିକର୍ମୀଙ୍କୁ ଏହା ବଣ୍ଟନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ।

# କାର୍ବନ ନିର୍ଗମନ ହ୍ରାସକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଗୁରୁତ୍ୱ

**ଭୁବନେଶ୍ୱର,୧୦।୧୧**

AM/NS INDIA

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ଏହାର ସଷ୍ଟେନେବିଲିଟି ରିପୋର୍ଟ ପ୍ରକାଶ କରିଛି, ଯାହା ଡିକାର୍ବୋନାଇଜେଶନ, ସର୍କୁଲାରିଟି ଏବଂ ଗୋଷ୍ଠୀମାନଙ୍କ ସଶକ୍ତୀକରଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ମାପଯୋଗ୍ୟ ଅଗ୍ରଗତିକୁ ସୂଚିତ କରିଛି। ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ (ଜିଆର୍‌ଆଇ) ୨୦୨୧, ୟୁରୋପିଆନ ସଷ୍ଟେନେବିଲିଟି ରିପୋର୍ଟିଂ ଷ୍ଟାଣ୍ଡାର୍ଡସ (ଇଏସ୍‌ଆର୍‌ଏସ), ଇଣ୍ଟିଗ୍ରେଟେଡ ରିପୋର୍ଟିଂ (ଆଇଆର) ଏବଂ ବ୍ୟବସାୟିକ ଦାୟିତ୍ୱ ଏବଂ ସଷ୍ଟେନେବିଲିଟି ରିପୋର୍ଟିଂ (ବିଆର୍‌ଏସଆର) ଭଳି ବିଶ୍ୱ ମାନକ ସହିତ ସମନ୍ୱୟ ରକ୍ଷା କରି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ସର୍କୁଲାରିଟିକୁ ଗ୍ରହଣ କରିବା ପାଇଁ ଏଏମ୍‌ଏନ୍‌ଏସ ଇଣ୍ଡିଆର ପ୍ରୟାସ ସମ୍ପର୍କରେ ଏହି ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଓମେନ କହିଛନ୍ତି, ସ୍ଥାୟିତ୍ୱ ଆମର ବ୍ୟବସାୟ ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ନବସୃଜନକୁ ପ୍ରୋତ୍ସାହନ, ଜାତୀୟ ଜଳବାୟୁ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରେ ଯୋଗଦାନ ଏବଂ ଆମର କର୍ମଚାରୀ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କ କଲ୍ୟାଣ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରୁଛି।


# Classified Everyday
0674-2580101, 9692975378



## REAL ESTATE

### SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D-06

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। –7008634668 ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D-10




The massage felt totally professional! & comfortable at all times- 7978109255. D-211



## BUSINESS

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 9437260818. D-2542

## LOST

I, Sudhansu Sekhar Mohapatra, S/o.- Narasingh Mohapatra, have lost my sale deed (No.- 1280, dtd.- 28.05.2007, Mouza- Lahanga, Khata No.- 518/28, Plot No. 168, Area- Ac.0.225decimal, purchased from Kanchanbala Mishra) in-between Godipada chhaka on 10.11.2025 evening when I go to marketing. In spite of all my efforts I could not trace it out. D-2543

## AFFIDAVIT

I, Raja Kishore Muduli, S/o.- Late Fakir Muduli, Resident of Plot No.- 672/4048/4739, Ekamra Villa, IRC Village, P.O.- IRC Village, P.S.- Nayapalli, Bhubaneswar, PIN-751015, Odisha declare by this affidavit No.- 70/3.11.25, dtd.- 3.11.25 that now onwards I shall be known as RAJAKISHOR MUDULI for all future purposes. D-2534

By virtue of an affidavit sworn, I, FARHA AHMED , D/o.- AHMED HUSSAIN, At/P.O.- Jatani, PIN- 752050, Dist.- Khurdha, State- Odisha declare that I have changed my name from Farha Ahmed to Anwesha Puri, W/o.- Avisekha Puri. Henceforth, I known as Anwesha puri for all purposes. D-2535

I, Manju Kumari Nayak, W/o.- Late Dambarudhara Naik, Resident of At/P.O.- Jhadabhumi, P.S.- Jagannathprasad, Dist.- Ganjam, Odisha , PIN- 761120 declared that I have changed my son's name from Sai Prasad Nayak to Om Sai Prasad Naik. Henceforth, he shall be known as Om Sai Prasad Naik for all purposes. D-2538

By virtue of an affidavit sworn before the Executive Magistrate, Sambalpur, No.- 3233, Dtd.- 10.11.25, I, KAILASH NAG, S/o.- Udaya Nag, R/o. At- Ward No.- 12, Kamlibazar, P.O./P.S.- Khetrajpur, Dist.- Sambalpur, PIN- 768003, Odisha declare that I have changed my name from Kalakara Nag to Kailash Nag. Henceforth, I shall be known as Kailash Nag for all purposes.
Kailash Nag
D-2536

By virtue of an affidavit sworn before Executive Magistrate, Chhendipada, Vide No.- 1242, dated- 07.11.2025, I, Manoj Naik, Resident of Village- Sundarapal, P.O.- Nuapada, P.O.- Rengali, Dist.- Angul, PIN- 759124(Odisha) declare that I have changed my name from Palabh Naik to Manoj Naik. Henceforth, I shall be known as Manoj Naik for all purposes.
Manoj Naik.
D-2537

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Ph.D. AWARDED TO MS KULUMINA DASH



Ms. Kulumina Dash has been awarded Ph.D. degree in Public Health from KIIT University, Bhubaneswar for her research work "Assessment and Comparison of Cognitive Functions between Children Aged 6-8 Years Residing in Low and High Ambient Particulate Air Polluted Areas in Odisha." supervised by Dr. Pratap Jena, her study was examined by Prof. Dr. Jugal Kishore, Director-Professor at VMMC & Safdarjung Hospital, New Delhi. She expressed heartfelt gratitude to Dr. Jena, mentor Dr. Jigyansa Pattanaik, Dr. Sita Kantha Dash, Dr. Ramya, appreciate son Manbendra for timely support. She is the wife of Dr. Narendra Satapathy and daughter in law of Late Mr. Bhimasen Satapathy and Mrs Nalini Satapathy of Jajpur. Daughter of Er. Rama Chandra Dash and late Mrs Ashalata Dash, Cuttack. D-2540

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୌରାଙ୍ଗ ଦେବ ଦାସ**
ଅବସରପ୍ରାପ୍ତ ଓ.ଏଫ୍.ଏସ୍. ପ୍ରଶାସନିକ ଅଧିକାରୀ
ବଳରାମପୁର, ତଳସାହି, କୁଜଙ୍ଗ,ଜଗତ୍‌ସିଂହପୁର
ଆବିର୍ଭାବ- ୨୧.୦୨.୧୯୫୮
ତିରୋଧାନ- ୧୫.୧୧.୨୦୨୨
(କୃଷ୍ଣ ପକ୍ଷ ସପ୍ତମୀ ତିଥି)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥାଆନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।
ଶୋକସନ୍ତପ୍ତ- ପତ୍ନୀ ସରୋଜିନୀ, ପୁତ୍ର ରାଜେଶ, ରାକେଶ, କନ୍ୟା ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୨୫୪୧

**ସପ୍ରେମ ଅଶ୍ରୁଳ ସାଇ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମାଧବୀ ଭଞ୍ଜ**
ଓଡ଼ଗାଁ, ଜିଲ୍ଲା- ନୟାଗଡ଼
ଆବିର୍ଭାବ: ୦୨ ଜାନୁୟାରୀ ୧୯୭୦
ତିରୋଧାନ: ୦୧ ନଭେମ୍ବର ୨୦୨୫
ସାଇରାମ ଭଗବାନ ଅମର ଆତ୍ମାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ, ତାଙ୍କ ଆତ୍ମା ହେଉ ଆନନ୍ଦମୟ। ଆମେ ରହିବୁ ସେହି ସ୍ନେହ, ସ୍ମୃତି, ପ୍ରେମ ଆଶୀର୍ବାଦ ସହିତ ସଦା। ସ୍ୱାମୀ- ପ୍ରସନ୍ନ ଭଞ୍ଜ, ପୁଅ, ପୁତୁରା, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ପରିବାରବର୍ଗ।
ସୌଜନ୍ୟ- ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୂହିକ ସେବା କେନ୍ଦ୍ର, ଓଡ଼ଗାଁ କର୍ମକର୍ତ୍ତା, ସଦସ୍ୟା ଓ ସଦସ୍ୟବୃନ୍ଦ।
ଧ-୨୫୩୩

## LEGAL NOTICE

In the Court of the Judge, Family Court, Balangir

C.P. (Mat) No.- 14 of 2021/ I.A. No.- 02/2021
Smt. Meera Mishra @ Dash ....Petitioner
Versus
Sri. Dadhibaban Dash ....Respondent

Summon Under Order 5 Rule 20 of C.P.C.

To,
The Respondent, Sri Dadhibaban Dash, S/o- Late Bipin Bihari Dash, resident of Talipara, Bargarh Town, P.O./P.S. & Dist.- Bargarh.

Whereas, the petitioner has filed a Petition under Section 13(1)(a) and 1(b) of the Hindu Marriage Act against you in this court and whereas, you are avoiding to receive the summons issued by this Court.

Hence you are directed to appear before this Court on the 11th day of Dec. 2025 at 10.30 A.M. otherwise the case be heard and decided on merit in your absence.

Giving under my hand and seal of this Court this the 28th day of Oct. 2025.

Sd./- Judge, Family Court, Balangir
D-2004

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଖର୍ଚ୍ଚ ନ ହେଉ ଦ୍ୱନ୍ଦ୍ୱର କାରଣ

**ଅନେକ ସମୟରେ ବିଭିନ୍ନ ଖର୍ଚ୍ଚ ନେଇ ପରସ୍ପରକୁ ଲୁଚାଇଥାଆନ୍ତି ପତ୍ନୀପତି। ଏହା ପରିବାର ନିମନ୍ତେ ଆବଶ୍ୟକ ହେଲେ ବି ଏଥିପାଇଁ ବେଳେବେଳେ ସୃଷ୍ଟିହୁଏ ଦ୍ୱନ୍ଦ୍ୱ ଓ ଅବିଶ୍ୱାସ, ଯାହା ସମ୍ପର୍କ ଭାଙ୍ଗିବାର କାରଣ ବି ହୁଏ। ଯଦି ଆର୍ଥିକ ବ୍ୟାପାରରେ ସ୍ୱଚ୍ଛତା ଥାଏ, ପରସ୍ପର ସହ ବୁଝାମଣା ରହେ, ତେବେ ସମ୍ପର୍କର ସମ୍ପତ୍ତି ବଢ଼ି ବଢ଼ି ଚାଲେ...**



ଦାମ୍ପତ୍ୟକୁ ହସଖୁସିରେ ଆଗେଇନେବା ପାଇଁ ଅର୍ଥର ଆବଶ୍ୟକତା ଅଛି। ହେଲେ ଅନେକ ସମୟରେ ପରସ୍ପରକୁ ଲୁଚାଇ ବିଭିନ୍ନ ପ୍ରକାର ଖର୍ଚ୍ଚ କରନ୍ତି ସ୍ତ୍ରୀସ୍ୱାମୀ। ବେଳେବେଳେ ଏଇ ଅର୍ଥ ବି ଅନର୍ଥର କାରଣ ହୋଇପାରେ। ସମ୍ପର୍କରେ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ କି ସନ୍ଦେହ ସୃଷ୍ଟିହେବ ନାହିଁ ସେଥିପାଇଁ ପରସ୍ପର ମଧ୍ୟରେ ଖୋଲା ଆଲୋଚନା ବି ଦରକାର। ଏହି ପରିସ୍ଥିତିରେ ଭୁଲ୍ ବୁଝାମଣା ହେବା ପୂର୍ବରୁ ନିଜ ଦୃଷ୍ଟିକୋଣ ବଦଳାଇବା ଜରୁରୀ। କାରଣ ସକାରାତ୍ମକ ମନୋଭାବରେ ପରସ୍ପରକୁ ଲୁଚାଇ କରାଯାଉଥିବା ଖର୍ଚ୍ଚ ସମ୍ପର୍କ ମଜଭୁତ କରିଥାଏ।

**ଖର୍ଚ୍ଚ କରିବାର କାରଣ**

ପାର୍ଟନରଙ୍କୁ ଲୁଚାଇ ଅନେକ ସମୟରେ ପଇସା ଖର୍ଚ୍ଚ କରିବାକୁ ହୁଏ। ସେଭଳି ହୁଏତ ପରିସ୍ଥିତି ଆସିପାରେ ଯେ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଏ। ଏଇ ଯେମିତି କୌଣସି ସ୍ଥାନକୁ ବୁଲିବାକୁ ଯାଇଛନ୍ତି ସେଠାରେ କିଛି ଜିନିଷ କିଣି ଆଣିଲେ ଅବା ଘରକୁ କେହି ସମ୍ପର୍କୀୟ ଆସିଛନ୍ତି ସେ ସମୟରେ ତାଙ୍କୁ ଜରୁରୀ ମନେକରି କିଛି ଅର୍ଥ ଦେଇଛନ୍ତି। ଏମିତିଭାବେ ଖର୍ଚ୍ଚ କରିବା ନେଇ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଇପାରେ। ହେଲେ ଏନେଇ ପରେ କଥାବାର୍ତ୍ତା ହୋଇପାରିବେ ଓ ଖର୍ଚ୍ଚ ସମ୍ପର୍କରେ ସବୁ ଜଣାଇପାରିବେ। କିନ୍ତୁ ପରସ୍ପରକୁ ନ ଜଣାଇ ଯଦି କିଛି ଖର୍ଚ୍ଚ କରୁଥାନ୍ତି, ତେବେ ଏଥିପାଇଁ ଅନେକ ସମୟରେ ସନ୍ଦେହ ସୃଷ୍ଟି ହୋଇପାରେ, ଯେଉଁଥିପାଇଁ ସମ୍ପର୍କ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

**କେତେବେଳେ ଧୋକା**

କ'ଣ ଖର୍ଚ୍ଚ କରୁଛନ୍ତି ଅବା କାହାକୁ ଦେଉଛନ୍ତି, ସେନେଇ ସାଥୀଙ୍କୁ କିଛି ଲୁଚାନ୍ତୁ ନାହିଁ। ଯଦି କୌଣସି ସମୟରେ ସଙ୍ଗେ ସଙ୍ଗେ ଜଣାଇ ପାରିନାହାନ୍ତି ତେବେ ସୁଯୋଗ ପାଇଲେ ନିଶ୍ଚୟ ଜଣାନ୍ତୁ। ହେଲେ ସବୁ ସମୟରେ ପାର୍ଟନରଙ୍କ ପାଖରୁ ଲୁଚାଇ ଖର୍ଚ୍ଚ କରିବାକୁ ହୁଏତ ଧୋକା କୁହାଯାଇପାରେ। ସମ୍ପର୍କରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ପରସ୍ପର ଉପରେ ଭରସା ରହି ନ ଥାଏ। ତେଣୁ ପରସ୍ପର ବୁଝାମଣା ରଖି ଟଙ୍କା ଖର୍ଚ୍ଚ କରନ୍ତୁ। ଆଉ ଯେକୌଣସି ବଡ଼ ଖର୍ଚ୍ଚ କଲେ ପାର୍ଟନରଙ୍କୁ ନିଶ୍ଚୟ ଜଣାନ୍ତୁ।

**ସକାରାତ୍ମକ ପ୍ରଭାବ**

ବେଳେବେଳେ ପରସ୍ପରକୁ ନ ଜଣାଇ ହୋଇଥିବା ଖର୍ଚ୍ଚ ସମ୍ପର୍କକୁ ଦୃଢ଼ କରିଥାଏ। ମନେକର ଆପଣ ଯଦି ପାର୍ଟନରଙ୍କ ପାଇଁ ତାଙ୍କର କିଛି ଜରୁରୀ ସାମଗ୍ରୀ ତାଙ୍କୁ ନ ଜଣାଇ କିଣି ଦେଉଛନ୍ତି ତେବେ ତାହା ତାଙ୍କୁ ଖୁସି ଦେଇପାରେ। ଠିକ୍ ଏହିପରି ପାର୍ଟନରଙ୍କ ସମ୍ପର୍କୀୟଙ୍କ ପାଇଁ ଯଦି ସେଭଳି କିଛି ଖର୍ଚ୍ଚ କରୁଛନ୍ତି ଆଉ ସେସମ୍ପର୍କରେ ପୂର୍ବରୁ କିଛି କହିନାହାନ୍ତି ତାହା ବି ଖୁସି ଦେଇଥାଏ। ହେଲେ ଏଭଳି ସ୍ଥିତିରେ ହୋଇଥିବା ଖର୍ଚ୍ଚ ପର ମୁହୂର୍ତ୍ତରେ ଜଣାନ୍ତୁ। ଏହା ବ୍ୟତୀତ ଯଦି କୌଣସି ଋଣ ନେଉଛନ୍ତି ତେବେ ମଧ୍ୟ ଜଣାନ୍ତୁ। ଏସବୁ କଥା ଲୁଚାଇବା ଫଳରେ ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ ଓ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇପାରେ।





ଜଣା ପଡ଼ିଯାଇଥାଏ।

**ସଚେତନତା ବି ଜରୁରୀ**

ଖର୍ଚ୍ଚ କରିବା ନେଇ ସଚ୍ଚୋଟଭାବରେ ପରସ୍ପରକୁ ଜଣାନ୍ତୁ। ହୁଏତ କୌଣସି ସମୟରେ ଆପଣ ଖର୍ଚ୍ଚ ନେଇ କହି ନ ଥିବେ, କିନ୍ତୁ ପରେ ଜଣାଇଲେ ସେଭଳି କିଛି ଭିନ୍ନ ଭାବ ନ ଥିବ। ତେଣୁ ପୂର୍ବରୁ ନ ଜଣାଇ ଯାହା ବି ଖର୍ଚ୍ଚ କରିଛନ୍ତି ସେସମ୍ପର୍କରେ ଜଣାନ୍ତୁ। ଯଦି ଠିକ୍ ଭାବରେ ଖର୍ଚ୍ଚ କରିଛନ୍ତି ତେବେ ଆପଣଙ୍କୁ ସମର୍ଥନ କରିବେ।

ହଁ, ସବୁଠୁ ବଡ଼ କଥା ହେଉଛି ଆପଣ କେତେ ଖର୍ଚ୍ଚ କରିପାରିବେ ସେନେଇ ପାର୍ଟନରଙ୍କ କ୍ଷମତା ବିଷୟରେ ଜାଣନ୍ତୁ। ଉଭୟ ଏକାଠି ହୋଇ ସବୁ ପ୍ରକାର ଖର୍ଚ୍ଚ ନିମନ୍ତେ କେତେ ବଜେଟ ବାହାର କରିପାରିବେ ସେନେଇ ଚିନ୍ତା କରନ୍ତୁ। ଲୁଚାଇ ଯଦି କୌଣସି ପ୍ରକାର ବ୍ୟାଙ୍କ ଆକାଉଣ୍ଟ ଅବା କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି ତେବେ ନିଶ୍ଚୟ

## ଏମାନେ କ'ଣ କରନ୍ତି

### ସ୍ୱାଧୀନଭାବେ ଖର୍ଚ୍ଚ କରେ



ଆମର ପରସ୍ପର ଉପରେ ବିଶ୍ୱାସ ଅଛି। ତେଣୁ ଖର୍ଚ୍ଚ କରିବା ପାଇଁ ସେମିତି ସବୁବେଳେ ପଚାରିବାକୁ ପଡ଼ି ନ ଥାଏ କି ଲୁଚାଇବାକୁ ବି ପଡ଼ି ନ ଥାଏ। ଯଦି କିଛି ଆବଶ୍ୟକ ଅଛି, ତା'ହେଲେ ସ୍ୱାଧୀନଭାବେ ଖର୍ଚ୍ଚକରେ ଓ ଜିନିଷ କିଣେ କିମ୍ବା ଅନ୍ୟ କାହାକୁ କିଛି ଟଙ୍କା ବି ଦେଇଥାଏ। ହେଲେ ସବୁ କଥା ଜଣାଇବାକୁ ସମୟ ନ ଥାଏ। ସେଥିପାଇଁ ତ ସେ ମତେ ଆର୍ଥିକ ସ୍ୱାଧୀନତା ଦେଇଛନ୍ତି। ତା'ଛଡ଼ା ମୁଁ କିଛି ଅନାବଶ୍ୟକ ଖର୍ଚ୍ଚ ବି କରେନାହିଁ। ତେଣୁ ଏନେଇ ଆମ ଭିତରେ କୌଣସି ପ୍ରକାର ଭୁଲ୍ ବୁଝାମଣା ହୋଇ ନ ଥାଏ।

*– ମମତା ଜେନା,* ଗୃହିଣୀ, ବଡ଼ଗଡ଼, ଭୁବନେଶ୍ୱର

### ବିଶ୍ୱାସ ଅଛି



ଯେତେବେଳେ ଯାହା ଇଚ୍ଛା ଖର୍ଚ୍ଚକରେ। ସେଥିପାଇଁ ସେ କେବେ ମତେ ପ୍ରଶ୍ନ କରନ୍ତି ନାହିଁ କି ମୋର ଦରମାକୁ ନେଇ କେବେ ହିସାବ ମଧ୍ୟ ମାଗନ୍ତି ନାହିଁ। ତାଙ୍କର ବିଶ୍ୱାସ ଅଛି ଯେ ମୁଁ କୌଣସି ପ୍ରକାର ଭୁଲ୍ ଖର୍ଚ୍ଚ କରିବି ନାହିଁ। ଠିକ୍ ସେମିତି ମୋର ମଧ୍ୟ ତାଙ୍କ ଉପରେ ବିଶ୍ୱାସ ରହିଛି। କିନ୍ତୁ ଘରର କୌଣସି ବଡ଼ ଖର୍ଚ୍ଚ ସମୟରେ ଆମେ ପରସ୍ପର ଆଲୋଚନା କରୁ ଓ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ନେଇ ଉଭୟେ ଚେଷ୍ଟା କରୁ। କିନ୍ତୁ ଏନେଇ କେବେହେଲେ ଆମ ମଧ୍ୟରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇନାହିଁ।

*– ମହାଶ୍ୱେତା ତ୍ରିପାଠୀ,* କର୍ମଜୀବୀ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର





# ଟିଭି ପାଖରେ ରଖନ୍ତୁ ନାହିଁ

**ପରିବାର ସହ ଏକାଠି ସମୟ କଟାଇବା ସହ ମନୋରଞ୍ଜନର ମାଧ୍ୟମ ଭାବରେ ପ୍ରାୟ ସମସ୍ତଙ୍କ ଘରେ ରହିଥାଏ ଟିଭି। ହେଲେ ଅଜାଣତରେ ବେଳେବେଳେ ଆମେ ଟିଭି ପାଖରେ ଏଭଳି କିଛି ଜିନିଷ ରଖିଦେଇଥାଉ, ଯାହା ଖରାପ ପ୍ରଭାବ ପକାଇଥାଏ। ତେଣୁ ଟିଭି ପାଖରେ କେଉଁ ସବୁ ଜିନିଷ ରଖିବେ ନାହିଁ ଜାଣିରଖନ୍ତୁ।**



➔ଟିଭି ପାଖରେ ପାଣି ବୋତଲ କିମ୍ବା କୌଣସି ତରଳ ପଦାର୍ଥ ଅଥବା ଫୁଲଦାନୀ ରଖନ୍ତୁ ନାହିଁ। ଟିଭି ସ୍କ୍ରିନ୍ ଓ ଏହା ପଛପଟରେ ଥିବା ସର୍କିଟ୍ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାଏ। ଭୁଲ୍‌ରେ ବି ଏଥିରେ ପାଣି ପଡ଼ିଗଲେ ଟିଭିର ମଦରବୋର୍ଡ ଖରାପ ହୋଇଯାଇଥାଏ।

➔ମୋବାଇଲ ଚାର୍ଜର, ସେଟ୍‌-ଟପ୍‌-ବକ୍ସ, ସ୍ପିକର, ଇଲେକ୍ଟ୍ରିକ୍ ଖେଳନା ଆଦି ଟିଭି ପାଖରେ ରଖନ୍ତୁ ନାହିଁ। ଏହିସବୁ ଗ୍ୟାଜେଟ୍‌ରୁ ବାହାରୁଥିବା ଇଲେକ୍ଟ୍ରିକ୍ ସିଗ୍‌ନାଲ ଟିଭିର ଏଲ୍‌ଇଡି କିମ୍ବା ଏଲ୍‌ସିଡିକୁ ଖରାପ କରିଦେଇଥାଏ। ଟିଭିକୁ ସମ୍ପୂର୍ଣ୍ଣଭାବେ ଅଲଗାକରି ସଂଯୁକ୍ତ କରନ୍ତୁ। ସମସ୍ତ ବୈଦୁତିକ ଡିଭାଇସ୍ ଦୂରେଇ ରଖନ୍ତୁ।

➔ଏୟାର ଫ୍ରେଶନର କିମ୍ବା ପରଫ୍ୟୁମ ମଧ୍ୟ ଟିଭି ପାଖରେ ରଖନ୍ତୁ ନାହିଁ କି ସ୍ପ୍ରେ କରନ୍ତୁ ନାହିଁ। ଏଥିରେ ଥିବା କେମିକାଲ ସବୁ ଟିଭି ସ୍କ୍ରିନ୍ କିମ୍ବା ଭେଣ୍ଟିଲେଶନ ସ୍ଲଟ୍‌ରେ ଜମିଯାଏ। ଫଳରେ କିଛିଦିନ ପରେ ଟିଭିରେ ମଇଳା ଜମି ରଙ୍ଗ ଖରାପ ହୋଇଯାଏ।

➔ଉତ୍ସବ ସମୟରେ ଘର ସଜାଉଥିଲେ ଟିଭି ପାଖରେ କୌଣସି ଦୀପ କିମ୍ବା ମହମବତି ଲଗାନ୍ତୁ ନାହିଁ। ଏହାର ଉତ୍ତାପ ପ୍ରଭାବରେ ଟିଭି ସ୍କ୍ରିନ୍‌ରେ ମାଇକ୍ରୋ କ୍ରାକ୍ ଆସିପାରେ। ଉତ୍ତାପ ଅଧିକ ହେଲେ ଟିଭି ପୋଡ଼ିଯିବାର ମଧ୍ୟ ଆଶଙ୍କା ରହିଥାଏ।

➔ଟିଭି ପାଖରେ କୌଣସି ଚୁମ୍ବକୀୟ ପଦାର୍ଥ ରହିଲେ ତାହା ଟିଭି ସ୍କ୍ରିନ୍‌ର ପିକ୍ସେଲକୁ ଖରାପ କରିଥାଏ। ଫଳରେ ରଙ୍ଗ ଖରାପ ହୋଇଥାଏ ଓ ସ୍କ୍ରିନ୍ ଉପରେ ଦାଗ ପଡ଼ିଯାଏ।

# ଶୀତରେ ପ୍ୟାକିଂ



**ଶୀତଦିନେ କୌଣସି ସ୍ଥାନକୁ ଯିବାର ଥିଲେ ସେଥିନିମନ୍ତେ କିଭଳି ପ୍ରସ୍ତୁତ ହେବେ ଜାଣନ୍ତୁ।**

❖ବାହାରକୁ ଯିବାର ଥିଲେ ପ୍ରଥମେ ନିଜର କ'ଣ ସବୁ ଆବଶ୍ୟକତା ରହିଛି ସେନେଇ ଏକ ତାଲିକା କରନ୍ତୁ। ଯଦି ସାଙ୍ଗରେ ଅନ୍ୟ କେହି ଯାଉଥାନ୍ତି ତେବେ ସେମାନଙ୍କର କ'ଣ ଦରକାର ସେସବୁର ତାଲିକା ବି କରନ୍ତୁ।

❖ଏଭଳି ଜିନିଷ ପ୍ୟାକିଂ କରନ୍ତୁ ଯେପରି ସେସବୁ ଷ୍ଟାଇଲିଶ୍ ହେବା ସହ ନେବା ସହଜ ହୋଇପାରିବ।

❖ କେବଳ ଆବଶ୍ୟକ ଜିନିଷ ହିଁ ନିଅନ୍ତୁ। ଫଳରେ ଓଭର ପ୍ୟାକିଂ ହେବ ନାହିଁ। ଯେଉଁ ସ୍ଥାନକୁ ଯାଉଛନ୍ତି ସେଠାକାର ଜଳବାୟୁ ଅନୁସାରେ କେଉଁ ସାମଗ୍ରୀ ଜରୁରୀ ସେସମ୍ପର୍କରେ ଜାଣନ୍ତୁ।

❖ ଲୁକ୍ ବଦଳାଇବା ପାଇଁ ଅଧିକ ପୋଷାକ ନେବା ବଦଳରେ ମଲ୍‌ଟି ଫଙ୍କସନାଲ ଗାର୍ମେଣ୍ଟ ପ୍ୟାକ୍ କରନ୍ତୁ।

❖ସୁପର ଷ୍ଟାଇଲିଶ୍ ଦେଖାଯିବା ପାଇଁ ଟ୍ରେଣ୍ଡି ଫ୍ୟାଶନେବଲ ଆସେସରିଜ୍ ଯେମିତିକି କ୍ୟାପ୍, ଜ୍ୟାକେଟ୍, ମଫଲର ଇତ୍ୟାଦି ନିଅନ୍ତୁ।

❖ସବୁ ପ୍ୟାକିଂ ସରିବା ପରେ ପୁଣି ଥରେ ଶେଷକୁ ଯାଞ୍ଚ କରାଇନିଅନ୍ତୁ।

ଖାଦ୍ୟରୁଚି

# ସୁଜି କେକ୍

**ଆବଶ୍ୟକ ସାମଗ୍ରୀ–**

ସୁଜି– ଦେଢ଼ କପ୍, ଚିନି– ଅଧାକପ୍, ତେଲ କିମ୍ବା ଘିଅ– ଅଧା କପ୍, କ୍ଷୀର– ଦେଢ଼ କପ୍, ବେକିଂ ପାଉଡର– ୧ ଚାମଚ, ଆବଶ୍ୟକ ଅନୁସାରେ ପାଣି ଲୁଣ ଓ ଗୁଜୁରାତି।

**ପ୍ରସ୍ତୁତି ପ୍ରଣାଳୀ:–**

ପ୍ରଥମେ ସୁଜିକୁ ଗ୍ରାଇଣ୍ଡିଂକରି ରଖନ୍ତୁ। ଚିନିକୁ ମଧ୍ୟ ଗ୍ରାଇଣ୍ଡିଂ କରି ଏଥିରେ ମିଶାନ୍ତୁ। ଏବେ ଘିଅ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏଥିରେ ବେକିଂ ସୋଡ଼ା, ଲୁଣ, କ୍ଷୀର ଲୁଣ ଓ ଗୁଜୁରାତିକୁ ଏଥିରେ ପକାଇ ଭଲଭାବେ ଗୋଳାନ୍ତୁ। ମିଶ୍ରଣକୁ ଅଧିକ ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖିଦିଅନ୍ତୁ। ଏହାପରେ ମିଶ୍ରଣକୁ କେକ୍ ପାଇଁ ଥିବା ପାତ୍ରରେ ଢାଳି ସେଥିରେ କାଜୁବାଦାମ ପକାଇ ସଜାନ୍ତୁ। ଓଭାନ୍ ବଦଳରେ ଏହି କେକ୍‌କୁ ପ୍ରେସର କୁକରରେ କରିବାକୁ ଚାହୁଁଥିଲେ ପ୍ରଥମେ ପ୍ରେସର କୁକର ଗରମକରି ସେଥିରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦ ମିନିଟ୍ ପରେ ପ୍ରେସର କୁକର ଗରମ ହେବା ପରେ କେକ୍ ପାତ୍ରକୁ ରଖି ବନ୍ଦ କରିଦିଅନ୍ତୁ। ତେବେ ବନ୍ଦ କରିବା ପୂର୍ବରୁ କୁକରର ହୁଇସଲ୍ ବାହାରକରି ରଖନ୍ତୁ। ଅଧଘଣ୍ଟା ପରେ କୁକରର ଢାଙ୍କୁଣୀ ବାହାରକରି ଦେଖନ୍ତୁ, ଯଦି କେକ୍ ହୋଇ ଯାଇଥାଏ ତେବେ ତାହାକୁ ଥଣ୍ଡା କରିବା ପରେ ବାହାର କରନ୍ତୁ।



ସୌନ୍ଦର୍ଯ୍ୟ

# ହେୟାର କେୟାର

**କେଶ ଝଡ଼ିବା ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଯାଇଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**



❖କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।

❖ ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂରହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆ ତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶ ମୂଳରେ ଲଗାନ୍ତୁ। ସପ୍ତାହକୁ ୨ ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



❖କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋଭେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।

❖କେଶ ଯଦି ବହୁତ ଝଡୁଥାଏ ତେବେ କେମିକାଲ ଥିବା ପ୍ରଡକ୍ଟ ବେଶି ବ୍ୟବହାର କରନ୍ତୁ ନାହିଁ। ଏହା ସହ କେଶକୁ ଧୂଳି ଓ ପ୍ରଦୂଷଣରୁ ରକ୍ଷାକରନ୍ତୁ। ନିୟମିତ କେଶରେ ତେଲ ମାଲିସ କରନ୍ତୁ।

## ଅଠା ଛଡ଼ାଇବେ କେମିତି

➔ବେଳେବେଳେ କୌଣସି ଜିନିଷରେ ଫେବିକ୍ୱିକ୍ ଲଗାଇବା ସମୟରେ ତାହା ହାତରେ ଲାଗିଯାଇଥାଏ, ଯାହା ଛଡ଼ାଇବା କଷ୍ଟକର ହୋଇଥାଏ। ତେବେ ଏହି ଅଠା ଲାଗିଥିବା ସ୍ଥାନରେ କିଛି ଲୁଣ ଲଗାଇ ରଗଡ଼ନ୍ତୁ, କିଛି ସମୟ ପରେ ଛାଡ଼ିଯିବ।

➔ଫେବିକ୍ୱିକ୍ ଲାଗି ଆଙ୍ଗୁଠି ଲାଖିଯାଇଥିଲେ ସେହି ସ୍ଥାନରେ କିଛି ନେଲ୍ ରିମୁଭର ଲଗାଇ ୫ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ପୋଛି ଦିଅନ୍ତୁ।

➔ତ୍ୱଚାର କୌଣସି ସ୍ଥାନରେ ଏହା ଲାଗିଥିଲେ ସେହି ସ୍ଥାନରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ଘଷି ଛଡ଼ାଇ ଦିଅନ୍ତୁ। ଏହା ବ୍ୟତୀତ ସାବୁନ ଲଗାଇ ଉଷୁମପାଣିରେ ଧୋଇଦିଅନ୍ତୁ। ସହଜରେ ଛାଡ଼ିଯିବ।

➔ବେକିଂ ସୋଡ଼ା ଓ ଭିନେଗାର ସହ ଲିକୁଇଡ୍ ଡିସ୍ ୱାଶ୍ ମିଶାଇ ରୋଷେଇଘରର ସ୍ଲାବ୍‌କୁ ସଫା କରନ୍ତୁ।

# ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି

## ଜୁନିୟର ମହିଳା ହକି ବିଶ୍ୱକପ୍

ନୂଆଦିଲ୍ଲୀ, ୧୦।୧୧

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ଏଥର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହା ମଧ୍ୟରେ ୧୮ ଖେଳାଳି ଓ ୨ ଅଲଟରନେଟ୍ସ ସାମିଲ। ଜ୍ୟୋତି ସିଂ ଅଧିନାୟିକାଭାବେ ଅପରିବର୍ତ୍ତିତ ରହିଛନ୍ତି। ତୁଷାର ଖାଣ୍ଡକର ମୁଖ୍ୟ କୋଚ୍ ରହିଛନ୍ତି। ଭାରତ ପୁଲ୍ 'ସି'ରେ ଜର୍ମାନୀ, ଆୟର୍ଲାଣ୍ଡ ଓ ନାମ୍ବିୟା ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ନାମ୍ବିୟା ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ୩ରେ ଜର୍ମାନୀ ଏବଂ ୫ ତାରିଖରେ ଆୟର୍ଲାଣ୍ଡକୁ ଭେଟିବ। ପ୍ରତି ପୁଲ୍‌ର ଶୀର୍ଷ ଦଳଗୁଡ଼ିକ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହା ଡିସେମ୍ବର ୭ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର କହିଛନ୍ତି ଯେ, ଦଳ ଚୟନ ଏବଂ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ। ହକିରେ ଶୃଙ୍ଖଳା ରକ୍ଷା କରାଯିବା ନୀତିରେ ମୁଁ ବିଶ୍ୱାସ କରେ। ଦଳ ଗଠନ ସମୟରେ ମୁଁ ଏହାକୁ ଲକ୍ଷ୍ୟରେ ରଖିଛି। ଟ୍ରେନିଂ ସମୟରେ ରକ୍ଷଣଭାଗ ଏବଂ ବିପକ୍ଷ ଦଳର ସ୍କୋରିଂ ଅଞ୍ଚଳ ନିକଟରେ ଫିନିସିଂ ଉପରେ ଆମେ କଠିନ ପରିଶ୍ରମ କରିଛୁ। ଗତ କିଛି ମାସ ମଧ୍ୟରେ ଆମ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ଲକ୍ଷ୍ୟ।

**ଭାରତୀୟ ଦଳ:** ଗୋଲକିପର୍ସ: ନିଧି, ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ। ଡିଫେଣ୍ଡର୍ସ: ମନୀଷା, ଲାଲଥାନଲୁଆଲାଙ୍ଗି, ସାକ୍ଷୀ ଶୁକ୍ଳା, ପୂଜା ସାହୁ, ନନ୍ଦିନୀ। ମିଡ୍‌ଫିଲ୍ଡର୍ସ: ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ, ଖଇଦେମ ଶିଲେଇମା ଚାନୁ, ବିନିମା ଧନ। ଫରୱାର୍ଡ୍ସ: ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ, ହିନା ବାନୋ, ସୁଖବୀର କୌର। ଅଲ୍‌ଟରନେଟ ପ୍ଲେୟର୍ସ: ପ୍ରିୟଙ୍କା ଯାଦବ, ପାର୍ବତୀ ଟପ୍ପୋ।


ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ



ପୂଜା ସାହୁ



ସୁନେଲିତା ଟପ୍ପୋ

# ଓଡ଼ିଶା ସମ୍ମୁଖରେ ୩୪୫ ବିଜୟ ଲକ୍ଷ୍ୟ

## ରଣ୍‌ଜୀ ଟ୍ରଫି

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ନାଗପୁରରେ ଚାଲିଥିବା ରଣ୍‌ଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ବିଦର୍ଭ ଭ୍ରମଣକାରୀ ଓଡ଼ିଶା ସମ୍ମୁଖରେ ୩୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସୋମବାର ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୪ ରନ ସଂଗ୍ରହ କରିଛି। ଅର୍ଥାତ୍ ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ମଙ୍ଗଳବାର ଅନ୍ତିମ ଦିବସରେ ଓଡ଼ିଶା ବିଜୟ ପାଇଁ ଆଉ ୩୦୧ ରନ ଆବଶ୍ୟକ କରୁଛି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଓଡ଼ିଶା ଦଳର ପ୍ରଦର୍ଶନ ଦୃଷ୍ଟିରୁ ଏହା କଷ୍ଟସାଧ୍ୟ ମନେ ହେଉଥିଲେ ହେଁ ଅସମ୍ଭବ ନୁହେଁ। ଅନ୍ତିମ ଦିବସରେ ସେସନ ଭିତ୍ତିରେ କିଭଳି ଖେଳିବାକୁ ହେବ ସେଥିନେଇ ଟିମ୍ ମ୍ୟାନେଜମେଣ୍ଟଙ୍କୁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଟାର୍ଗେଟ ଚେଜ୍ କରି ନ ପାରିଲେ ମଧ୍ୟ ଓଡ଼ିଶା ଯଦି ଦିନସାରା ଖେଳିପାରିବ ତେବେ ମ୍ୟାଚକୁ ଡ୍ର ରଖି ୧ ପଏଣ୍ଟ ପାଇପାରିବ। ଅପରାଜିତ ଥିବା ଦୁଇ ଓପନର ସ୍ୱସ୍ତିକ ସାମଲ (୨୫ ରନ) ଓ ଗୌରବ ଚୌଧୁରୀ (୧୭)ଙ୍କୁ ବଡ଼ ପାର୍ଟନରଶିପ୍ ଗଢ଼ିବାକୁ ହେବ। ପ୍ରଥମ ଇନିଂସରେ ବିଦର୍ଭ ୨୮୬ ରନ କରିଥିବାବେଳେ ଓଡ଼ିଶା ୧୬୦ ରନରେ ଅଲ୍‌ଆଉଟ ହୋଇଛି। ବିଦର୍ଭ ଏହାର ଦ୍ୱିତୀୟ ଇନିଂସକୁ ୨୧୮/୨ରେ ଘୋଷଣା କରିଛି।

### ବିଦର୍ଭ ଇନିଂସ ଅଗ୍ରଣୀ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୨/୬ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୩୮ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ପୂର୍ବଦିନ ଅପରାଜିତ ରହିଥିବା ସମ୍ବିତ ବରାଳ ୨୯ରନ କରିଥିବାବେଳେ ଅନ୍ୟ କୌଣସି ଶେଷଭାଗ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ପକ୍ଷରୁ ଗୌରବ ଫର୍ଦେ ୪ଟି, ପାର୍ଥ ରେଖାଦେ ୩ଟି ଏବଂ ନଚିକେତ ଭୁତେ, ପ୍ରଫୁଲ୍ଲ ହିଙ୍ଗେ ଓ ଯଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିସହ ବିଦର୍ଭ ପ୍ରଥମ ଇନିଂସରେ ୧୨୬ ରନରେ ଅଗ୍ରଣୀଲାଭ କରିଥିଲା।

### ଅମନ ଓ ଧ୍ରୁବଙ୍କ ଶତକ

ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଅଥର୍ବ ତାଇଦେ ମାତ୍ର ୧୬ ରନରେ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ଅମନ ମୋଖାଦେ ଓ ଧ୍ରୁବ ଶୋରେ ଶତକ ହାସଲ କରିବା ସହ ଦ୍ୱିତୀୟ ଉଇକେଟରେ ୧୯୯ ରନର ଭାଗୀଦାରି ଗଢ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଧ୍ରୁବ ୧୦୧ ରନକରି ଆଉଟ ହୋଇଥିବାବେଳେ ଅମନ ୧୦୧ ରନରେ ଅପରାଜିତ ରହିଥିବାବେଳେ ଅଧିନାୟକ ଅକ୍ଷୟ ୱାଦକର ଇନିଂସ ଘୋଷଣା କରିଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୬୦/ଅଲଆଉଟ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଫର୍ଦେ-୪/୨୮, ପାର୍ଥ ରେଖାଦେ-୩/୩୧, ନଚିକେତ ଭୁତେ-୧/୩୨, ପ୍ରଫୁଲ୍ଲ ହିଙ୍ଗେ-୧/୩୭, ଯଶ କଦମ-୧/୨୬)। ବିଦର୍ଭ ଦ୍ୱିତୀୟ ଇନିଂସ: ୨୧୮/୨/ଘୋଷଣା (ଅକ୍ଷୟ ମୋଖାଦେ-୧୦୧*, ଧ୍ରୁବ ଶୋରେ-୧୦୧, ବାଦଲ ବିଶ୍ୱାଳ-୨/୮୩)। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୪/୦।

# କ୍ୟାରମ, ଚେସ୍, ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ଭଲ ପ୍ରଦର୍ଶନ



ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ମିଟ୍ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ମିଟ୍ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ଇପିଏଫ୍‌ଓ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ଆନୁକୂଲ୍ୟରେ ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ଟୁର୍ନାମେଣ୍ଟ ସୋମବାର ବିଜୁ ପଟ୍ଟନାୟକ ବହୁମୁଖି ଇନ୍‌ଡୋର ହଲ୍‌ରେ ଉଦ୍‌ଯାପିତ ହୋଇଛି। ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, କ୍ୟାରମ ଓ ଚେସ୍ ଆଦି ୪ କ୍ରୀଡ଼ାର ସର୍ବଭାରତୀୟ ଯୋଗ୍ୟତା ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବାଞ୍ଚଳ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରିଜିଓନାଲ ପିଏଫ୍ କମିଶନର-୧ ବିଜୟ କୁମାର ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଇପିଏଫ୍‌ଓର ଅନ୍ୟ ସିନିୟର ଅଫିସରମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପିଏଫ୍ କମିଶନର-୧ ରାଜର୍ଷି ଚକ୍‌ମା ଓଡ଼ିଶା ରିଜିଓନାଲ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ବିବରଣୀ ପାଠ କରିଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରନଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧିକାଂଶ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଥିଲେ। ମହିଳା ଚେସ୍‌ରେ ଅଲକା ସିହ୍ନା, କ୍ୟାରମ ସିଙ୍ଗଲ୍ସରେ ଆଶାଲତା ସାହାଣି, କ୍ୟାରମ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ରଥ, ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସରେ ଆଶାଲତା ସାହାଣୀ, ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ଟ୍ରଫି ହାସଲ ସହ ସର୍ବଭାରତୀୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ପୁଣେରେ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବ। ଅନ୍ୟ ଅତିଥିଙ୍କ ମଧ୍ୟରେ ରିଜିଓନାଲ ପିଏଫ୍ କମିଶନର ସୁର୍ଜିତ କୁମାର, ଦାଶରଥି ନାଗ ଓ ଆବେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରିଜିଓନାଲ ପିଏଫ୍ କମିଶନର-୨ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଉଦ୍‌ଯାପନୀ ଉତ୍ସବକୁ ସଂଯୋଜନା କରିଥିଲେ।

# ଆବୁଧାବିରେ ହୋଇପାରେ ଆଇପିଏଲ ମିନି ଅକ୍ସନ

**ନୂଆଦିଲ୍ଲୀ, ୧୦।୧୧:** ଆଗାମୀ ଆଇପିଏଲ ଲାଗି ଆସନ୍ତା ଡିସେମ୍ବର ତୃତୀୟ ସପ୍ତାହରେ ଆବୁଧାବିଠାରେ ମିନି ଅକ୍ସନ ହୋଇପାରେ। ଏହି ଇଭେଣ୍ଟ ଲାଗି ବିସିସିଆଇ ପକ୍ଷରୁ ଡିସେମ୍ବର ୧୫ ଓ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏଥିପୂର୍ବରୁ ଗତ ଦୁଇ ବର୍ଷ ହେଲା ମିନି ଅକ୍ସନ ବିଦେଶରେ ଆୟୋଜିତ ହେଉଛି। ଚଳିତବର୍ଷ ସୌଦି ଆରବର ଜେଦ୍ଦାଠାରେ ହୋଇଥିଲା। ଆସନ୍ତା ୧୫ ତାରିଖ ସୁଦ୍ଧା ଆଇପିଏଲ୍‌ର ସମସ୍ତ ୧୦ ଫ୍ରାଞ୍ଚାଇଜ ସେମାନଙ୍କର ରିଟେନଶନ ତାଲିକା ପ୍ରକାଶ କରିବେ। ତେବେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ମଧ୍ୟରେ ସଞ୍ଜୁ ସାମସନଙ୍କୁ ନେଇ ଚାଲିଥିବା ଟ୍ରେଡ୍ ଏବେ ଶେଷ ପର୍ଯ୍ୟାୟରେ ଅଛି। ଖୁବଶୀଘ୍ର ଏ ସମ୍ପର୍କରେ ଘୋଷଣା ହୋଇପାରେ। ସାମସନ ସିଏସ୍‌କେରେ ଯୋଗ ଦେବାକୁ ଥିବାବେଳେ ତାଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଦୁଇଟି ସିଜନ ଲାଗି ରାଜସ୍ଥାନ ପାଇଁ ଖେଳିବେ।

# ରିଚା ଘୋଷଙ୍କ ନାମରେ ହେବ ଷ୍ଟାଡିୟମ

**କୋଲକାତା, ୧୦।୧୧:** ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ରିଚା ଘୋଷଙ୍କ ନାମରେ ଷ୍ଟାଡିୟମ ନିର୍ମାଣ କରାଯିବ। ରାଜ୍ୟ ସରକାର ସିଲିଗୁଡ଼ିରେ ଏହି ଷ୍ଟାଡିୟମ ନିର୍ମାଣ କରିବେ ଏବଂ ଷ୍ଟାଡିୟମର ନାମ ରିଚା କ୍ରିକେଟ୍ ଷ୍ଟାଡିୟମ ରଖାଯିବ। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଘୋଷଣା କରିଛନ୍ତି। ଉତ୍ତର ବେଙ୍ଗଲସ୍ଥିତ ସିଲିଗୁଡ଼ିରେ ୨୨ ବର୍ଷୀୟା ରିଚାଙ୍କ ଘର।

'ଚାନ୍ଦମନି ଟି ଇଷ୍ଟେଟରେ ୨୭ ଏକର ଜମିରେ ରିଚା କ୍ରିକେଟ ଷ୍ଟାଡିୟମ୍ ନିର୍ମାଣ କରାଯିବ। ରିଚାଙ୍କୁ ସମ୍ମାନିତ କରିବାର ଏହା ଏକ ଉପାୟ। ରିଚା ବେଙ୍ଗଲର ଚମକୁ ଥିବା କ୍ରୀଡ଼ା ପ୍ରତିଭା ଓ ସେ ଉତ୍ତର ବେଙ୍ଗଲରୁ ଆସୁଥିବା ଅନେକ ଯୁବା କ୍ରିକେଟର୍ସଙ୍କୁ ପ୍ରେରଣା ଦେଇଛନ୍ତି' ବୋଲି ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି।

# କିଟ୍ ଓ କିସ୍‌ରେ ୩୨ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି


ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ଗହଣରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ଏହାର କ୍ରୀଡ଼ା ବିଭାଗରେ ୩୨ ଜଣ ପୂର୍ବତନ ଖେଳାଳି ଓ ଏନଆଇଏସ୍ ପ୍ରମାଣିକୃତ କୋଚ୍‌ଙ୍କୁ ନିଯୁକ୍ତି ଦେଇଛି। ଏମାନଙ୍କ ମଧ୍ୟରେ ଅଲିମ୍ପିଆନ ରାହୁଲ ବାନାର୍ଜୀ (ଆର୍ଚେରୀ ମୁଖ୍ୟ କୋଚ୍), ଆର୍ଚେରୀ କୋଚ୍ ସି.ଏସ. ଲାଗୁରି, ଜାତୀୟ ସ୍ତରର ୨୩ ବର୍ଷରୁ କମ୍ କ୍ରିକେଟ ଖେଳାଳି କୁନି ବଦ୍ରା, ଚେସ୍ ଖେଳାଳି ଉମା ଦଳପତି, ରଗ୍‌ବୀ ଖେଳାଳି ମକରନ୍ଦ ପ୍ରଧାନ, ଖୋ ଖୋ ତାରକା ଜଗନ୍ନାଥ ମାଝି ଓ ହକି ଖେଳାଳି ସରିତା ଏକ୍କା ପ୍ରମୁଖ ଅନ୍ତର୍ଭୁକ୍ତ। ନିଯୁକ୍ତି ପାଇଥିବା ଅନ୍ୟ କ୍ରୀଡ଼ାବିତ୍‌ମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାରତ ଓ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ପୂର୍ବରୁ କିଟ୍ ଓ କିସ୍ କ୍ରୀଡ଼ା ବିଭାଗରେ ୩୦୫ ସକ୍ରିୟ କର୍ମଚାରୀ ରହିଥିଲେ। ଏହି ୩୨ ଜଣଙ୍କ ସାମିଲ ପରେ ଏହା ୩୩୭କୁ ବୃଦ୍ଧି ପାଇଛି। କିଟ୍ ଓ କିସ୍ ପରିସରରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମୀ ବୃଦ୍ଧି ପାଉଥିବାରୁ ଅଭିଜ୍ଞ ଖେଳାଳି/କୋଚ୍‌ମାନେ ନିଯୁକ୍ତି ପାଇବାଦ୍ୱାରା ଆଥଲେଟ୍‌ମାନେ ପେସାଦାର ମାର୍ଗଦର୍ଶନ ପାଇପାରିବେ। ନୂଆକରି ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅଚ୍ୟୁତ ସେମାନଙ୍କୁ ଅଭିନନ୍ଦନ ଜଣାଇବାସହ କ୍ରୀଡ଼ାବିତଙ୍କୁ କିଟ୍ ଓ କିସ୍ ସର୍ବଦା ଖେଳ ଜୀବନ ପରେ ମଧ୍ୟ ସମର୍ଥନ ଦେଇ ଆସିଛି ବୋଲି ପ୍ରକାଶ କରିଛନ୍ତି।

# ସ୍ପୋର୍ଟ୍ସ ସିଟିରେ ପରିଣତ ହେବ ଜେଏଲ୍‌ଏନ୍ ଷ୍ଟାଡିୟମ

ନୂଆଦିଲ୍ଲୀ, ୧୦।୧୧(ପି.ଟି.)

ଆଇକନିକ ଜବାହର ଲାଲ ନେହେରୁ ଷ୍ଟାଡିୟମକୁ ହଟାଯାଇ ଏକ ସ୍ପୋର୍ଟ୍ସ ସିଟି ନିର୍ମାଣ କରାଯିବ। ଏଥିରେ ସମସ୍ତ ମୁଖ୍ୟ କ୍ରୀଡ଼ା ଇଭେଣ୍ଟ ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ସହିତ ଆଥଲେଟ୍‌ଙ୍କ ଲାଗି ଲଜିଂ ବ୍ୟବସ୍ଥା କରାଯିବ। ଏ ନେଇ କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ସୋମବାର ଜଣାପଡ଼ିଛି। ୧୦୨ ଏକର ଅଞ୍ଚଳରେ ରହିଥିବା ପୂରା ଷ୍ଟାଡିୟମକୁ ପୁନଃ ନିର୍ମାଣ କରାଯିବ।

# ଦକ୍ଷିଣ ଆଫ୍ରିକା ଦଳରେ ଯୋଗଦେଲେ ବଭୁମା

କୋଲକାତା, ୧୦।୧୧ (ପି.ଟି.)

ଇଡେନଗାର୍ଡେନ୍ସଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ସୋମବାର ସକାଳେ ଶେଷ ଖେଳାଳି ଭାବେ ତାଙ୍କ ଦଳ ସହିତ ଯୋଗଦେଇଛନ୍ତି। ବଭୁମା ବେଙ୍ଗାଲୁରୁରେ ତାଙ୍କ ଦେଶର 'ଏ' ଦଳ ସହିତ ଭାରତ 'ଏ' ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ ଖେଳୁଥିଲେ। ଦକ୍ଷିଣ ଆଫ୍ରିକା ଦଳର ପ୍ରଥମ ବ୍ୟାଚ ଏଠାରେ ରବିବାର ସକାଳେ ଆସି ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ମୁଖ୍ୟ କୋଚ୍ ସୁକ୍ରି କୋନାର୍ଡଙ୍କ ସମେତ ଦୁଇ ପେସ୍ ବୋଲର କାଗିସୋ ରାବାଡା ଓ ମାର୍କୋ ଜାନସେନ ଅନ୍ୟତମ। ଏମାନେ ପାକିସ୍ତାନ ବିପକ୍ଷ ହ୍ୱାଇଟ ବଲ୍ ସିରିଜ ଖେଳୁଥିଲେ। ବଭୁମା ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ନ ଥିଲେ। ତେବେ ବେଙ୍ଗାଲୁରୁଠାରେ ଭାରତ 'ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟରେ ସେ ଖେଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ପାକିସ୍ତାନ ହକିରେ ବିବାଦ

# ଢାକା ଯିବାକୁ ମନାକଲେ ମୁଖ୍ୟ କୋଚ୍

କରାଚୀ, ୧୦।୧୧ (ପି.ଟି.)

ପାକିସ୍ତାନ ହକିରେ ବିବାଦ ଦେଖାଦେଇଛି। ପୁରୁଷ ହକି କୋଚ୍ ତାହିର ଜମାନ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜ ଲାଗି ଢାକା ନ ଯିବା ଲାଗି ରୋକ୍‌ଠୋକ୍ ମନାକରି ଦେଇଛନ୍ତି। ଖେଳାଳି ଚୟନ କ୍ଷେତ୍ରରେ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ର ହସ୍ତକ୍ଷେପକୁ ନାପସନ୍ଦ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ଦଳ ଅନ୍ୟତମ ସେଲିବ୍ରିଟି ତଥା ପୂର୍ବତନ ଅଲିମ୍ପିଆନଙ୍କୁ ସାଥିରେ ନ ନେଇ ରବିବାର ଟୁର୍ନାମେଣ୍ଟ ଅଭିମୁଖେ ଗସ୍ତ କରିଛନ୍ତି। ପାକିସ୍ତାନ ହକି ଦଳରେ ଶେଷ ମୁହୂର୍ତ୍ତରେ ଜଣେ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ତାହିରଙ୍କ ଦ୍ୱାରା ଏହା ଗୃହୀତ ହୋଇ ନ ଥିଲା। ପାକିସ୍ତାନ ହକି ମହାସଂଘ ସମ୍ପାଦକ ରାଣା ମୁଜାହିଦ କହିଛନ୍ତି, ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାର ସମାଧାନ ଖୁବ୍‌ଶୀଘ୍ର ହେବ। ତାହିରଙ୍କ କହିବାର କଥା ହେଲା, ଇସ୍‌ଲାମାବାଦରେ ଆୟୋଜିତ ତାଲିମ ଶିବିରକୁ ରାଣା ୱାହିଦ ଓ ହମାଦ ଅଞ୍ଜୁମ ନାମକ ଖେଳାଳି ବିଳମ୍ବରେ ଆସିଥିବାରୁ ଖେଳାଳିଙ୍କୁ ଜାତୀୟ ଦଳରେ ସ୍ଥାନ ଦିଆଯିବା ଉଚିତ ନୁହେଁ। ରାଣା କହିଛନ୍ତି, ତାହିର ଶେଷ ମୁହୂର୍ତ୍ତରେ ଦଳ ସହିତ ଢାକା ନ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ପାକିସ୍ତାନକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ସୁଯୋଗ ଦେବା ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ତରଫରୁ ଢାକାରେ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜର ଆୟୋଜନ କରାଯାଇଛି। ଅଗଷ୍ଟ-ସେପ୍ଟେମ୍ବରରେ ଭାରତରେ ଅନୁଷ୍ଠିତ ଏସିଆ କପ ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଥିଲା।

# ଏଆଇପିଏନ୍‌ବିଓଏର ଜୋନାଲ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ



ଉଦ୍‌ଯାପନୀରେ ଉପସ୍ଥିତ କର୍ମକର୍ତ୍ତା।

ଭୁବନେଶ୍ୱର, ୧୦।୧୧(ଅନାଦି କର)

ବାଲେଶ୍ୱରସ୍ଥିତ ଏଫ୍‌ଏମ୍ ୟୁନିଭର୍ସିଟି ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇପିଏନ୍‌ବିଓଏ)ର ଓଡ଼ିଶା ଜୋନର ଷଷ୍ଠ ଜୋନାଲ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୫ଟି ସର୍କଲର କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ୟାଙ୍କର ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସର୍କଲର ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, କଟକ ସର୍କଲର ମୁଖ୍ୟ ସୁଜିତ ନେଗି, ବାଲେଶ୍ୱର ସର୍କଲର ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ ଓ ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ ବୈରୀଗଞ୍ଜନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇପିଏନ୍‌ବିଓଏର ସାଧାରଣ ସମ୍ପାଦକ ତଥା ଏଆଇବିଓସିର ରାଜ୍ୟ ସଭାପତି ବୈଲୋଚନ ସାହୁଙ୍କ ସମେତ ସମସ୍ତ ୫ଟି ସର୍କଲର ସମ୍ପାଦକ, ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ହର୍ଷିତ୍, ନିମିଶା, ସୌମ୍ୟଜିତଙ୍କୁ ଏକାଧିକ ଟାଇଟଲ

## ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ସବ୍‌ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଉଦ୍‌ଯାପିତ ହୋଇଛି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଥିବା ବେଳେ ଏହି ବୟସ ବର୍ଗର ବାଳିକା ବିଭାଗରେ ନିମିଶା ଓଝାଙ୍କୁ ଦ୍ୱିମୁକୁଟ ମିଳିଛି। କଟକର ହର୍ଷିତ ସମ୍ବଲପୁରର ଅୟଙ୍କ କୁମାର ସାହୁଙ୍କୁ ସିଙ୍ଗଲ୍ସ ଫାଇନାଲରେ ୨୧-୧୧, ୧୬-୨୧ ଓ ୨୧-୧୬ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଠିକ୍ ସେହିପରି ଡବଲ୍ସ ବିଭାଗରେ ହର୍ଷିତ ନିଜ ସାଥୀ ଖେଳାଳି ଅୟଙ୍କ କୁମାର ସାହୁ କୋରାପୁଟ-ବଲାଙ୍ଗୀର ଯୋଡ଼ି ନିତେଶ ପଟ୍ଟନାୟକ ଏବଂ ସାଇ ଚନ୍ଦନ ମହାନ୍ତି ଯୋଡ଼ିଙ୍କୁ ୨୩-୨୫, ୨୧-୧୬ ଓ ୨୧-୧୩ରେ ହରାଇଛନ୍ତି। ମିକ୍ସଡ୍ ଡବଲ୍ସ ବିଭାଗରେ ମଧ୍ୟ ଆଦ୍ୟାଶା ମହନ୍ତଙ୍କୁ ସାଥୀ କରି ହର୍ଷିତ ସମ୍ବଲପୁର-ନୂଆପଡ଼ା ଯୋଡ଼ି ଅୟଙ୍କ ସାହୁ ଓ ମୁସ୍କାନ ପଣ୍ଡାଙ୍କୁ ୨୧-୧୫, ୧୮-୨୧, ୨୧-୧୬ ସେଟରେ ହରାଇ ୩ ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ସିଙ୍ଗିଲ୍ସରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ନିଜ ଜିଲାର ବାପୁନ ରାଉତଙ୍କୁ ୨୧-୧୩, ୨୧-୧୭ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସୌମ୍ୟଜିତ ଭଦ୍ରକର ଜେସିକା ସାହୁଙ୍କୁ ସାଥୀ କରି କଟକ ଓ ସୁନ୍ଦରଗଡ଼ ଯୋଡି ଅଂଶୁମାନ ସିଂ ଓ ଅଂଶିକା ବିରୋଙ୍କୁ ୨୧-୧୮, ୨୧-୧୪ରେ ହରାଇଛନ୍ତି। ଖୋର୍ଦ୍ଧା ଖେଳାଳି ନିମିଶା ଓଝା ୧୫ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକ ଖେଳାଳି ସ୍ୱାତୀ ନାୟକଙ୍କୁ ୨୧-୧୬, ୧୮-୨୧ ଓ ୨୧-୧୫ ରେ ପରାସ୍ତ କରିଛନ୍ତ। ବାଳିକା ଫାଇନାଲରେ ମଧ୍ୟ ନିମିଶା ଓ ସ୍ୱାତୀ ନାୟକ ଯୋଡ଼ି ଭଦ୍ରକ ଓ ଯାଜପୁର ଯୋଡ଼ି ବୁଡୁପୁ ଲକ୍ଷ୍ମୀ ରେଖ୍ଣୀ ଓ ରିତିକା ଦାଶଙ୍କୁ ୨୧-୪ ଓ ୨୧-୯ରେ ହରାଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ୨୧-୧୭, ୧୮-୨୧ ଓ ୨୧-୮ରେ ପରାସ୍ତ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ଖୋର୍ଦ୍ଧା-ସମ୍ବଲପୁର ଯୋଡ଼ି ବାପୁନ ରାଉତ ଓ ଜୟକୃଷ୍ଣ ଗର୍ଡିଆ ଖୋର୍ଦ୍ଧା-ଢେଙ୍କାନାଳ ଯୋଡ଼ି ସୌମ୍ୟଜିତ ସାହୁ ଓ ବିଭୁଦତ୍ତ ବିଶ୍ୱାଳଙ୍କୁ ୨୧-୧୮, ୨୨-୨୦ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସମ୍ପାଦକ ନଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ ଓ ଅଜିତ ମହାନ୍ତି, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଶିଭମ୍ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଶୁଭମ୍ ନାୟକ, ମୁଖ୍ୟ ରେଫରି ରୀତା ଦାଶ, ସଂଯୋଜକ ଜୟ ପ୍ରକାଶ ଜେନା ଓ ତାରାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନରେ ପୁରସ୍କାର ଲାଭ କରିଥିବା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ